# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୦/୨୦୨୬ (୧୬ ପୃଷ୍ଠା) | Bhubaneswar, Tuesday, February 10/2026 | Page 16 | ₹ 7.00

୫୨ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 78 | ମୂଲ୍ୟ ₹୭/-









ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓୟୁଏଟି ଫାର୍ମର ସୂର୍ଯ୍ୟମୁଖୀ କିଆରିରେ ସୋମବାର କାର୍ଯ୍ୟରତ ଦୁଇ ମହିଳା । **(ଫଟୋ: ବିକାଶ ନାୟକ)**

# ଡିଜିଟାଲ ଠକେଇ: ଏସ୍‌ଓପି ପ୍ରସ୍ତୁତ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ

## ୫୪,୦୦୦ କୋଟିର ଡିଜିଟାଲ ଫ୍ରଡ୍ ସମ୍ପୂର୍ଣ୍ଣ ଡକାୟତି: ସୁପ୍ରିମକୋର୍ଟ

ଦେଶରେ ଅନ୍‌ଲାଇନ୍ ଠକେଇ ଓ ଡିଜିଟାଲ ଆରେଷ୍ଟ ମାମଲା ବଢ଼ିଚାଲିଥିବାବେଳେ ସୋମବାର ସୁପ୍ରିମକୋର୍ଟ ଏହା ଉପରେ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ତଥ୍ୟାନୁଯାୟୀ ୨୦୨୧ରୁ ୨୦୨୫ ମସିହା ମଧ୍ୟରେ ୫୪,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଡିଜିଟାଲ ଠକେଇ ହୋଇଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏହାକୁ ଅନେକ ଛୋଟ ରାଜ୍ୟର ବଜେଟଠାରୁ ଅଧିକ ବୋଲି ଦର୍ଶାଇବା ସହ ସମ୍ପୂର୍ଣ୍ଣ 'ଲୁଟ୍ ବା ଡକାୟତି' ଭାବେ ଅଭିହିତ କରିଛନ୍ତି। ଏଭଳି ଠକେଇ ରୋକିବା ବ୍ୟାଙ୍କଗୁଡ଼ିକର ଦାୟିତ୍ୱ। ଗ୍ରାହକମାନେ ଯେପରି ସାଇବର ଠକଙ୍କ ଶିକାର ନ ହେବେ ସେଥିଲାଗି କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବଂ ଟେଲିକମ୍ୟୁନିକେଶନ୍ସ ବିଭାଗ ସହ ବିଚାରବିମର୍ଶ କରି ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ପ୍ରସ୍ତୁତ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ନୂଆଦିଲ୍ଲୀ,୯।୨(ପି.ଟି./ଲାଇଭ୍ ଲ)

ବିଜ୍ଞାନ ଓ ପ୍ରଯୁକ୍ତିଗତ ଅଗ୍ରଗତିର ସୁଫଳ ସାଙ୍ଗକୁ ଦେଶରେ ଏହାର ନକାରାତ୍ମକ ଦିଗ ମଧ୍ୟ ଦେଖିବାକୁ ମିଳୁଛି। ମୋବାଇଲକୁ ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ଆସୁଛି। ତାକୁ ନିର୍ଦ୍ଧାରିତ ସ୍ଥାନରେ ପୁଟ୍ କରିବା ପରେ ଆଖିପିଛୁଳାକେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ସଫା ହୋଇଯାଉଛି। ବିଶେଷକରି କୋଭିଡ୍-୧୯ ପରବର୍ତ୍ତୀ ସମୟରେ ଏଭଳି ଅଭିଯୋଗ ବଢ଼ିଚାଲିଛି। ଗତ ୪ ବର୍ଷ ମଧ୍ୟରେ ଭାରତୀୟମାନେ ଡିଜିଟାଲ ଫ୍ରଡ୍‌ର ଶିକାର ହୋଇ ୫୪,୦୦୦ କୋଟିରୁ ଅଧିକ ଟଙ୍କା ହରାଇସାରିଲେଣି, ଯାହାକୁ ନେଇ ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜୟମାଲା ବାଗ୍‌ଚୀ ☞ ପୃଷ୍ଠା-୨

ଆଜିର ସମ୍ପାଦକୀୟ | ଆଇସକ୍ରିମ୍ ଖାଇଲେ





ବଜେଟ ଅଧିବେଶନ ଚାଲିଥିବାବେଳେ ସୋମବାର ପାର୍ଲାମେଣ୍ଟ ପରିସରରେ ସମାଜବାଦୀ ପାର୍ଟି ଏମ୍‌ପି ଅଖିଳେଶ ଯାଦବ, ଡିମ୍ପଲ ଯାଦବ, ଧର୍ମେନ୍ଦ୍ର ଯାଦବ ଓ ଅନ୍ୟମାନେ ଉପସ୍ଥିତ ରହିଛନ୍ତି।

# ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି

**ଲୋକ ସଭା ଦିନକ ପାଇଁ ମୁଲତବୀ**

**ରାଜ୍ୟ ସଭାରେ ବିରୋଧୀଙ୍କ କକ୍ଷତ୍ୟାଗ**

ନୂଆଦିଲ୍ଲୀ,୯।୨(ପି.ଟି.)

ପାର୍ଲାମେଣ୍ଟରେ ଗତ ୩ ତାରିଖରୁ କ୍ରମାଗତ ଭାବେ ଅଚଳାବସ୍ଥା ଜାରି ରହିଛି। ସୋମବାର ଲୋକ ସଭାରେ କେନ୍ଦ୍ର ବଜେଟ ଉପରେ ଆଲୋଚନା ଆରମ୍ଭ ପୂର୍ବରୁ କହିବାକୁ ଦେବା ଲାଗି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦାବି କରିବାରୁ ଏହାକୁ ନେଇ ସରକାରୀ ଏବଂ ବିରୋଧୀ ସଦସ୍ୟମାନେ ମୁହାଁମୁହିଁ ହୋଇଥିଲେ। ଫଳରେ ନିମ୍ନ ସଦନକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଲୋକ ସଭା ଘଟଣାକୁ ନେଇ ରାଜ୍ୟ ସଭାରେ ହଟ୍ଟଗୋଳ ସୃଷ୍ଟି ହେବା ସହ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଛନ୍ତି। ଲୋକ ସଭାରେ ରାହୁଲଙ୍କୁ କହିବାକୁ ସୁଯୋଗ ଦିଆ ନ ଯିବା, ମହିଳା ଏମ୍‌ପିମାନେ ଆକ୍ରମଣ କରିବା ଅଭିଯୋଗ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହକୁ ନ ଆସିବା ଆଦି ପ୍ରସଙ୍ଗ ଉଠାଇ ବିରୋଧୀ ହଟ୍ଟଗୋଳ କରିଥିଲେ। ମଧ୍ୟାହ୍ନ ୧୨ଟାରେ ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ ହେବାମାତ୍ରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ। ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଆଲୋଚନା ପାଇଁ ଖାର୍ଗେଙ୍କୁ ଅନୁମତି ଦେଇଥିଲେ ମଧ୍ୟ ଅନ୍ୟ ଗୃହରେ କ'ଣ ଘଟିଲା, ତାହା ଉପରେ ନ କହିବାକୁ କହିଥିଲେ। ଖାର୍ଗେ କହିଥିଲେ, ସମ୍ବିଧାନ ସମ୍ପର୍କିତ ପ୍ରସଙ୍ଗ ଉଠାଇବାକୁ ଚାହେଁ, ପାର୍ଲମେଣ୍ଟ ରାଜ୍ୟ ସଭା ଓ ଲୋକ ସଭାକୁ ନେଇ ଗଠିତ ଏବଂ ସମ୍ବିଧାନ ଉଭୟ ଗୃହକୁ ସ୍ୱୀକୃତି ଦେଇଛି। ଉପଯୁକ୍ତ ପଦ୍ଧତି ଓ ନିୟମଦ୍ୱାରା ଏହାକୁ ଚଳାଇବା ପାଇଁ ଖାର୍ଗେ କହିବା ସହ ନିମ୍ନ ସଦନର ବିରୋଧୀ ଦଳ ନେତାଙ୍କୁ କହିବାକୁ ଅନୁମତି ନ ଦେବା ପ୍ରସଙ୍ଗ ଉଠାଇଥିଲେ। ଲୋକ ସଭା କଥାକୁ ରେକର୍ଡକୁ ନିଆଯିବ ନାହିଁ କହି ଅଧ୍ୟକ୍ଷ ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରିବାରୁ ଖାର୍ଗେ ଓ ଅନ୍ୟ ବିରୋଧୀ ନେତାମାନେ ଛିଡ଼ାହୋଇ କହିବାକୁ ଅନୁମତି ଦେବା ଲାଗି ଦାବି କରିଥିଲେ। ଅନୁମତି ନ ମିଳିବାରୁ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

ପାର୍ଲାମେଣ୍ଟ ଚାଲିଥିବାବେଳେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଗୃହ ବାହାରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ତଥ୍ୟ ଦେଇଥିବାରୁ ଡିଏମ୍‌କେ ସାଂସଦ ତିରୁଚି ଶିବା ସୋମବାର ତାଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ ଦାଖଲ କରିଛନ୍ତି। ତେବେ ଗୃହରେ ଗୋୟଲ ଏ ସମ୍ପର୍କରେ ବିବୃତି ରଖିସାରିଛନ୍ତି ବୋଲି ଅଧ୍ୟକ୍ଷ ରାଧାକ୍ରିଷ୍ଣନ କହିବା ସହ ଉକ୍ତ ପ୍ରସଙ୍ଗକୁ ପରେ ଦେଖିବେ ବୋଲି କହିଥିଲେ।

# ଏସ୍‌ଆଇଆର୍‌ରେ ବାଧା ଚଳିବ ନାହିଁ

**ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ କୌଣସି ରାଜ୍ୟ ବାଧା ସୃଷ୍ଟିକଲେ ତାକୁ ବରଦାସ୍ତ କରାଯିବ ନାହିଁ। ଏହାକୁ ସବୁ ରାଜ୍ୟର ସରକାର ଭଲ ଭାବେ ବୁଝିବା ଦରକାର ବୋଲି ସୋମବାର ସୁପ୍ରିମକୋର୍ଟ କଡ଼ା ସନ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗରେ ଚାଲିଥିବା ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜକରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ଦାଖଲ ଜବାବ ଉପରେ ଶୁଣାଣିବେଳେ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।**

**ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ଚେତାବନୀ**





ନୂଆଦିଲ୍ଲୀ,୯।୨(ପି.ଟି.)

୨୦୨୫ ବିହାର ନିର୍ବାଚନ ପୂର୍ବରୁ ସେଠାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଶେଷ ହୋଇଥିବାବେଳେ ସମ୍ପ୍ରତି ପଶ୍ଚିମବଙ୍ଗ ସମେତ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ଏହି ପ୍ରକ୍ରିୟା ଜାରି ରହିଛି। ବିଧାନସଭା ନିର୍ବାଚନକୁ କିଛିମାସ ବାକି ଥିବାବେଳେ ନିର୍ବାଚନ କମିଶନ (ଇସି) କେନ୍ଦ୍ରରେ କ୍ଷମତାସୀନ ଭାଜପାର ହାତବାରିସି ସାଜି ପଶ୍ଚିମବଙ୍ଗର ସଂଖ୍ୟାଲଘୁ ଭୋଟରଙ୍କୁ ତାଲିକାରୁ ହଟାଇବା ପାଇଁ ଉଦ୍ୟମ ଚଳାଇଥିବା ମମତା ଅଭିଯୋଗ ଆଣିଛନ୍ତି। ଏପରି କି ଅଦ୍ୟାବଧି ଏସ୍‌ଆଇଆର୍‌ଜନିତ କାର୍ଯ୍ୟଚାପ ଓ ଭୋଟର ତାଲିକାରୁ ନାମ କଟିଯିବା ଭୟରେ ୧୫୦ରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଥିବା ମମତା ନିଜ ପିଟିଶନରେ ଦର୍ଶାଇଛନ୍ତି। ଫେବୃଆରୀ ୪ରେ ମମତା ବ୍ୟକ୍ତିଗତ ଭାବେ ସୁପ୍ରିମକୋର୍ଟରେ ଉପସ୍ଥିତ ରହି ଇସି ଏବଂ କେନ୍ଦ୍ରର ଏନ୍‌ଡିଏ ସରକାର ବିରୋଧରେ ଯୁକ୍ତି ବାଢ଼ିଥିଲେ। ଏଥିସହ ରାଜ୍ୟରେ ଅନେକ ହଜାର କ୍ଷୁଦ୍ର ପର୍ଯ୍ୟବେକ୍ଷକ ମୁତୟନ ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ। ମମତାଙ୍କ ଏଭଳି ଯୁକ୍ତି ଉପସ୍ଥାପନକୁ ସୁପ୍ରିମକୋର୍ଟ ନାପସନ୍ଦ କରିଛନ୍ତି। ଇସି ନିଜ ପଦକ୍ଷେପକୁ ଯଥାର୍ଥ ଦର୍ଶାଇବା ସହ ଅନୁରୋଧ ସତ୍ତ୍ୱେ ରାଜ୍ୟ ସରକାର ପୂର୍ଣ୍ଣ ସହଯୋଗ କରୁ ନ ଥିବା ନେଇ ଜବାବୀ ପିଟିଶନରେ ଦର୍ଶାଇଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତ ଅଧ୍ୟକ୍ଷତା କରୁଥିବା ତଥା ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଇସିଙ୍କ ପକ୍ଷରୁ ଦାଖଲ ଜବାବ ଉପରେ ସୋମବାର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯାହାକିଛି ସ୍ପଷ୍ଟୀକରଣ ଆବଶ୍ୟକ ଆମେ ଜାରି କରିବୁ। କିନ୍ତୁ ଏସ୍‌ଆଇଆର୍ ପ୍ରକ୍ରିୟାରେ ବାଧାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଏହାକୁ ସବୁ ରାଜ୍ୟର ସରକାରମାନେ ବୁଝିବା ଦରକାର। ସିଜେଆଇ କହିଥିଲେ, ବର୍ତ୍ତମାନ ପଶ୍ଚିମବଙ୍ଗରେ ୮,୫୦୦ ଅଫିସରଙ୍କୁ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ କରାଯାଇଛି। ପୂର୍ବରୁ ଏହା କରାଯାଇଥିଲେ ଉଚିତ ହୋଇଥାନ୍ତା। ୮,୦୦୦ରୁ ଊର୍ଦ୍ଧ୍ୱ ଗ୍ରୁପ୍ ବି ଅଫିସରଙ୍କ ନାମ ପଠାଇବାରେ ଏତେ ବିଳମ୍ବ କାହିଁକି କରାଗଲା ବୋଲି ସିଜେଆଇ ପ୍ରଶ୍ନ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପ୍ରକ୍ରିୟା ଅବଧି ପାଇଁ ପୂର୍ବ ନିର୍ଦ୍ଧାରିତ ସମୟସୀମାକୁ ସପ୍ତାହେ ଅର୍ଥାତ୍ ଫେବୃଆରୀ ୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

## ୩୭ ବର୍ଷର ପରମ୍ପରା ଭାଙ୍ଗିଲେ ଖାମ୍‌ନେଇ


ଆୟାତୋଲା ଖାମ୍‌ନେଇ

ତେହରାନ୍,୯।୨

ଆରବସାଗରରେ ଆମେରିକା ନୌସେନାର ଉପସ୍ଥିତି ଏବଂ ଟ୍ରମ୍ପ ପ୍ରଶାସନର ବାରମ୍ବାର ଆକ୍ରମଣ ଧମକକୁ ନେଇ ଇରାନ ବାତାବରଣ ଏବେ ଉତ୍ତେଜନାପୂର୍ଣ୍ଣ ରହିଛି। କାରଣ ଇରାନ ତାହାର ୟୁରାନିୟମ୍ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ରୋକ୍‌ଠୋକ୍ କହିବା ପରେ ଆମେରିକା ଯେକୌଣସି ମୁହୂର୍ତ୍ତରେ ବଡ଼ ପଦକ୍ଷେପ ନେଇପାରେ ବୋଲି କୁହାଯାଉଛି। ଏହାମଧ୍ୟରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲା ଖାମ୍‌ନେଇ ଦୀର୍ଘ ୩୭ ବର୍ଷର ପରମ୍ପରା ଭାଙ୍ଗିଛନ୍ତି। ପ୍ରତିବର୍ଷ ଫେବୃଆରୀ ୮ରେ ଇରାନରେ ଖାମ୍‌ନେଇ ବାୟୁସେନା କମାଣ୍ଡରମାନଙ୍କୁ ଭେଟିବା ସହିତ ଏହି ବିଭାଗର ରଣନୀତିକୁ ନେଇ ଆଲୋଚନା କରିଆସୁଥିଲେ। କିନ୍ତୁ ଚଳିତବର୍ଷ ଏହି ପରମ୍ପରା ଭାଙ୍ଗିଛି। କାରଣ ଖାମ୍‌ନେଇ ବର୍ତ୍ତମାନ ବାହାରକୁ ଆସୁନାହାନ୍ତି। ଆମେରିକା ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଖାମ୍‌ନେଇ ଚଳିତ ବର୍ଷ ବାୟୁସେନାର ବାର୍ଷିକ କାର୍ଯ୍ୟକ୍ରମକୁ ଆସିନାହାନ୍ତି। ତାଙ୍କ ବଦଳରେ ଏହି କାର୍ଯ୍ୟକ୍ରମରେ ସ୍ଥଳସେନା ମୁଖ୍ୟ ବାୟୁସେନା ଅଧିକାରୀମାନଙ୍କ ସହ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ୧୮୭୯ରୁ ପ୍ରତିବର୍ଷ ଫେବୃଆରୀ ୮ରେ ଇରାନର ବାୟୁସେନାର ଏହି କାର୍ଯ୍ୟକ୍ରମ ହୋଇଆସୁଥିଲା। ଏପରିକି କରୋନା କାଳରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଖାମ୍‌ନେଇ ଯୋଗ ଦେଇଥିଲେ।

## ଗାଡ଼ି ଚଢ଼ାଇଦେଲେ ଗୁଟ୍‌ଖା କମ୍ପାନୀ ମାଲିକଙ୍କ ପୁଅ, ୬ ଆହତ

କାନପୁର,୯।୨

ଗୁଟ୍‌ଖା ଏବଂ ପାନ ମସଲା ପ୍ରସ୍ତୁତକାରୀ ବଂଶୀଧର ଗ୍ରୁପ କମ୍ପାନୀ ପୂର୍ବରୁ ବହୁବାର ଆୟକର ଏବଂ ଜିଏସ୍‌ଟି ଫାଙ୍କି ଥିଲାବେଳେ ଏବେ ଏହି ଗ୍ରୁପ୍‌ର ମାଲିକ କେ.କେ. ମିଶ୍ରାଙ୍କ ପୁଅ ଶିବମ୍ ରାସ୍ତାରେ ଲୋକଙ୍କ ଉପରେ ଗାଡି ଚଢ଼ାଇ ଗୁରୁତର ଆହତ କରିଥିବା ବିଷୟ ସାମ୍ନାକୁ ଆସିଛି। ପୋଲିସ ଦେଇଥିବା ସୂଚନା ଅନୁସାରେ ରବିବାର କାନପୁରର ଭିଆଇପି ରୋଡ୍‌ସ୍ଥିତ ରେଭ୍-୩ ମଲ୍ ନିକଟରେ ଶିବମ୍ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଲାମ୍ବୋର୍ଗିନି କାର୍ ଚଳାଇ ଦ୍ରୁତ ଗତିରେ ଯାଉଥିବା ବେଳେ ଲୋକଙ୍କ ଉପରେ ଚଢ଼ାଇ ଦେଇଥିଲେ। ଏହି ଘଟଣାରେ ୬ ଜଣ ଗୁରୁତର ଆହତ ହୋଇଥିଲେ। ପୋଲିସ ଆହତମାନଙ୍କୁ ହସ୍ପିଟାଲ ପହଞ୍ଚାଇବା ସହିତ ଶିବମ୍‌ଙ୍କ ଗାଡ଼ିକୁ ଜବତ କରିଛି। ଶିବମ୍ ଗାଡ଼ି ଚଳାଇବା ସମୟରେ ମଦ୍ୟପାନ କରିଥିଲେ ବୋଲି ଅନେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି।

## ଜିମ୍ମି ଲାଇଙ୍କୁ ୨୦ ବର୍ଷ ଜେଲ

**ଜାତୀୟ ସୁରକ୍ଷା ମାମଲା**

ହଂକଂ,୯।୨

ଚାଇନାର ତୀବ୍ର ସମାଲୋଚକ ଭାବେ ଜଣାଶୁଣା ହଂକଂର ପୂର୍ବତନ ମିଡିଆ ଟାଇକୁନ୍ ଜିମ୍ମି ଲାଇଙ୍କୁ ଜାତୀୟ ସୁରକ୍ଷା ମାମଲାରେ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଚାଇନା ଦ୍ୱାରା ଲାଗୁ ହୋଇଥିବା ଜାତୀୟ ସୁରକ୍ଷା ଆଇନ ଅଧୀନରେ ବର୍ତ୍ତମାନ ସୁଦ୍ଧା ଏହା ଦୀର୍ଘତମ ଦଣ୍ଡବିଧାନ। ଦେଶର ସୁରକ୍ଷାକୁ ବିପଦରେ ପକାଇବା ପାଇଁ ବିଦେଶୀ ଶକ୍ତି ସହ ମଧୁଚନ୍ଦ୍ରିକା ନିମନ୍ତେ ଅନ୍ୟମାନଙ୍କ ସହ ମିଶି ଷଡ଼ଯନ୍ତ୍ର ଚଳାଇଥିବା ଅଭିଯୋଗରେ ୭୮ ବର୍ଷୀୟ ଲାଇଙ୍କୁ ଗତ ଡିସେମ୍ବରରେ ଦୋଷୀସାବ୍ୟସ୍ତ କରାଯାଇଥିଲା। ଏଥିସହିତ ସେ ଦେଶଦ୍ରୋହ ଲେଖା ପ୍ରକାଶ କରିବାକୁ ଷଡ଼ଯନ୍ତ୍ର ଚଳାଇଥିଲେ। ଏହି ଅପରାଧ ପାଇଁ ସର୍ବାଧିକ ଦଣ୍ଡ ହେଉଛି ଆଜୀବନ କାରାଦଣ୍ଡ। ସହଅଭିଯୁକ୍ତ ଥିବା ଲାଇଙ୍କ ଆପଲ୍ ଡାଏରି ଖବରକାଗଜର ୬ ଜଣ ପୂର୍ବତନ କର୍ମଚାରୀ, ୨ ଜଣ ଆକ୍ଟିଭିଷ୍ଟଙ୍କୁ ୬ ବର୍ଷ ୩ ମାସରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇଛି। ଦଣ୍ଡ ଶୁଣାଣି ପାଇଁ କୋର୍ଟରେ ପହଞ୍ଚିବା ସମୟରେ ଲାଇ ସମର୍ଥକମାନଙ୍କୁ ହାତ ହଲାଉଥିବା ଦେଖାଯାଇଥିଲା। ତେବେ କୋର୍ଟରୁମ୍ ଛାଡ଼ିବା ସମୟରେ ସେ ଖୁବ୍ ଗମ୍ଭୀର ଦେଖାଯାଉଥିଲେ। ଏହି ସମୟରେ ସର୍ବସାଧାରଣ ଗ୍ୟାଲେରିରେ କେତେଜଣ କାନ୍ଦୁଥିବା ଦେଖାଯାଇଥିଲା। ରାୟ ଉପରେ ଅପିଲ୍ କରିବେ କି ବୋଲି ପ୍ରଶ୍ନ ହେବାରୁ ଲାଇଙ୍କ ଓକିଲ ରବର୍ଟ ପାଙ୍ଗ୍ କିଛି ମନ୍ତବ୍ୟ ଦେଇ ନ ଥିଲେ।


ଜିମ୍ମି ଲାଇ

## ପ୍ରଯୁକ୍ତିର ଦାସ ହୁଅନାହିଁ

**ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ**

ନୂଆଦିଲ୍ଲୀ,୯।୨(ପି.ଟି.)

ପ୍ରଯୁକ୍ତିବିଦ୍ୟା ତୁମମାନଙ୍କୁ ଏହାର ଦାସ କରିବାକୁ ଦିଅନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାର୍ଗଦର୍ଶନ ଏବଂ ମୂଲ୍ୟବୋଧ ବଢ଼ାଇବା ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ। ଶିକ୍ଷଣ ପାଇଁ ଏହା ଉପଯୁକ୍ତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବାର୍ଷିକ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ୯ମ ସଂସ୍କରଣର ଦ୍ୱିତୀୟ ଭାଗରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମୋବାଇଲ ଫୋନ୍ କେତେକ ପିଲାଙ୍କ ମାଲିକ ବନିଯାଇଛି। ସେମାନେ ମୋବାଇଲ୍ ଫୋନ୍ ଏବଂ ଟେଲିଭିଜନ ସ୍କ୍ରିନ୍ ବିନା ଖାଦ୍ୟ ଖାଇପାରୁନାହାନ୍ତି। କମ୍ପ୍ୟୁଟର ହେଉ କି ମୋବାଇଲ୍ ଫୋନ୍, ନୂଆ ପ୍ରଯୁକ୍ତିକୁ ନେଇ ପ୍ରତ୍ୟେକ ଯୁଗ ଚିନ୍ତାର ସମ୍ମୁଖୀନ ହୋଇଛି। ତେବେ ଭୟ ଅନାବଶ୍ୟକ। ପ୍ରଯୁକ୍ତି ମାନବଜାତିର ମାଲିକ ନ ହେଉ। ପ୍ରଯୁକ୍ତି ଯେପରି ତୁମମାନଙ୍କୁ ଏହାର ଦାସ କରି ନ ଦିଏ, ସେଥିପାଇଁ ଦୃଢ଼ ସଂକଳ୍ପ ନେବାକୁ ହେବ ବୋଲି କୋଏମ୍ବାଟୁର, ରାୟପୁର, ଗୁଆହାଟୀ ଏବଂ ଗୁଜରାଟରୁ ଆସିଥିବା ପିଲାମାନଙ୍କ ସହ ଆଲୋଚନାବେଳେ ମୋଦି କହିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା ଭଳି ନୂଆ ପ୍ରଯୁକ୍ତିକୁ ନେଇ ଭୟ କରିବାର କିଛି ନାହିଁ। ତେବେ ସେଗୁଡ଼ିକୁ ନିଜର ଦକ୍ଷତା ବିକାଶ ପାଇଁ ବ୍ୟବହାର କରିବାକୁ ହେବ। ପ୍ରଯୁକ୍ତିକୁ ବୁଝିବା ସହ ନିଜର ଦକ୍ଷତା ବଢ଼ାଇବା ଏବଂ ଏହାର ସାମର୍ଥ୍ୟକୁ କାମରେ ଲଗାଇ ବିନା ଭୟରେ ପ୍ରଗତି ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ପୂର୍ବବର୍ଷର ପ୍ରଶ୍ନପତ୍ରଗୁଡ଼ିକ ଉପରେ ଅଭ୍ୟାସ କରିବା ଏବଂ ପରୀକ୍ଷାରେ ଭଲ ପ୍ରଦର୍ଶନ ଲାଗି ପୂର୍ବ ରାତିରେ ଭଲ ନିଦ ଯିବାକୁ ସେ ଛାତ୍ରୀଛାତ୍ରଙ୍କୁ କହିଛନ୍ତି। ସେହିପରି ମାତାପିତା ନିଜ ପିଲାଙ୍କୁ ଅନ୍ୟମାନଙ୍କ ସହ ତୁଳନା ନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ନାଗା, କୁକି ସମ୍ପ୍ରଦାୟ ମଧ୍ୟରେ ପୁଣି ହିଂସା

ଇମ୍ଫାଲ,୯।୨

ମଣିପୁରରେ ଜାତିଆଣ ହିଂସା ଥମିବା ନାଁ ଧରୁନାହିଁ। ସୋମବାର ଉଖରୁଲ ଜିଲାରେ ନାଗା ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ହିଂସା ଘଟି ବହୁ ଘର ଜଳିଯିବା ସହିତ ଏକାଧିକ ଲୋକ ଆହତ ହୋଇଛନ୍ତି। ରବିବାର ମଧ୍ୟରାତ୍ରରେ ଲିଟାନ୍ ସର୍କିଗାଙ୍ଗ ଗ୍ରାମରେ କୌଣସି କାରଣକୁ ନେଇ ଉଭୟ ସମ୍ପ୍ରଦାୟର ଲୋକେ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ବହୁ ଘର ଏବଂ ଯାନରେ ନିଆଁ ଲଗାଇ ଦେଇଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିବାରୁ ବ୍ୟାପକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା। ହିଂସାର କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ପ୍ରଶାସନିକ ସ୍ତରରେ ଉଭୟ ପକ୍ଷର ଲୋକଙ୍କୁ ଶାନ୍ତ କରାଇବା ଲାଗି ଉଦ୍ୟମ ଜାରି ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ହିମନ୍ତଙ୍କ ବିରୋଧରେ ଏତଲା ଦେଲେ ଓୱାଇସି

ହାଇଦ୍ରାବାଦ,୯।୨


ଅସାଦୁଦ୍ଦିନ ଓୱାଇସି

ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବିରୋଧରେ ସୋମବାର ଏତଲା ଦାଏର କରିଛନ୍ତି। ହିମନ୍ତ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଭିଡିଓକୁ ନେଇ ଓୱାଇସି ନିନ୍ଦା କରିବା ସହିତ ତାଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିକରି ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ହିମନ୍ତଙ୍କ ଭିଡିଓ ସମାଜରେ ହିଂସା ଏବଂ ବିଭ୍ରାନ୍ତ ସୃଷ୍ଟି କରି ଶାନ୍ତି ଭଙ୍ଗ କରିବା ସହିତ ସାମ୍ପ୍ରଦାୟିକ ଭେଦଭାବ ଆଣିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ହିମନ୍ତ ଦୁଇ ଜଣ ମୁସଲମାନ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଏକ ବନ୍ଧୁକ ଦେଖାଇବା ସହିତ ଏଥିରେ 'ପଏଣ୍ଟ-ବ୍ଲାଙ୍କ୍ ଶଟ୍' ବୋଲି ଉଲ୍ଲେଖ କରି ଏହାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପ୍ରଥମେ ଏହି ଭିଡିଓଟି ଭାଜପାର X ଆକାଉଣ୍ଟରେ ପୋଷ୍ଟ କରାଯାଇଥିଲା। କିନ୍ତୁ ପରେ ପରେ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯିବା ପରେ ଭିଡିଓଟିକୁ ହଟାଇ ଦିଆଯାଇଥିଲା। ଜଣେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ମାନସିକତାକୁ ଓୱାଇସି ତୀବ୍ର ନିନ୍ଦା କରିବା ସହିତ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦାବି କରିଛନ୍ତି।

## ସେଚେଲସ୍‌କୁ ଭାରତର ୧୭୫ ନିୟୁତ ଡଲାର ସହାୟତା

ନୂଆଦିଲ୍ଲୀ,୯।୨

ସେଚେଲସ୍‌କୁ ୧୭୫ ନିୟୁତ ଡଲାର ଅର୍ଥ ସହାୟତା ଯୋଗାଇ ଦେବାକୁ ଭାରତ ସରକାର ସୋମବାର ଘୋଷଣା କରିଛନ୍ତି। ଆଫ୍ରିକାର ଦକ୍ଷିଣ ପୂର୍ବ ଉପକୂଳରେ ଅବସ୍ଥିତ ଏହି ଦ୍ୱୀପପୁଞ୍ଜ ରାଷ୍ଟ୍ରର ବିକାଶମୂଳକ କାର୍ଯ୍ୟ ପାଇଁ ଏହି ରାଶି ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ସମ୍ପ୍ରତି ସେଚେଲସ୍ ରାଷ୍ଟ୍ରପତି ପାଟ୍ରିକ୍ ହରମିନ୍ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଭାରତ ମହାସାଗରରେ ଅବସ୍ଥିତ ଏହି ରାଷ୍ଟ୍ର ସହିତ ଭାରତର କେବଳ ସାମୁଦ୍ରିକ ସମ୍ପର୍କ ନୁହେଁ, ଐତିହ୍ୟ ଏବଂ ପରମ୍ପରାଗତ ସମ୍ପର୍କ ମଧ୍ୟ ରହିଛି। ସେହି ଦୃଷ୍ଟିରୁ ଏହାର ସାମାଜିକ ବିକାଶ ଏବଂ ଉନ୍ନୟନ ପାଇଁ ଭାରତ ପକ୍ଷରୁ ଉପରୋକ୍ତ ପରିମାଣର ଅର୍ଥ ସହାୟତା ଯୋଗାଇ ଦିଆଯାଇଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି।


ସେଚେଲସ୍ ରାଷ୍ଟ୍ରପତି ପାଟ୍ରିକ୍ ହରମିନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଉଭୟ ରାଷ୍ଟ୍ର ମଧ୍ୟରେ ଦସ୍ତାବିଜ୍ ହସ୍ତାନ୍ତର ହେଉଛି।

## ଶରଦ ପାୱାର ହସ୍ପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ,୯।୨

ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ସୋମବାର ତାଙ୍କୁ ପୁଣେର ରୁବି ହଲ୍ କ୍ଲିନିକ୍‌ରେ ଭର୍ତ୍ତି କରାଯାଇଛି। ବାରାମତୀସ୍ଥିତ ବାସଭବନରେ ଥିବାବେଳେ କାଶ ହେବା ସହ ସେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା କହିଥିଲେ। ଫଳରେ ୮୫ ବର୍ଷୀୟ ବିରୋଧୀ ଦଳ ନେତାଙ୍କୁ ହସ୍ପିଟାଲକୁ ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ପାୱାରଙ୍କ ଗଳାରେ ସଂକ୍ରମଣ ହୋଇଥିବା ତାଙ୍କର ଜଣେ ଘନିଷ୍ଠ ଗଣମାଧ୍ୟମକୁ କହିଛନ୍ତି। କ୍ଲିନିକ୍‌ର ଏକ ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଥିବା ମୁଖ୍ୟ ହୃଦ୍‌ରୋଗ ବିଶେଷଜ୍ଞ ଡା. ପର୍ଭେଜ ଗ୍ରାଣ୍ଟ କହିଛନ୍ତି।

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୦/୨୦୨୬ | Bhubaneswar,Tuesday, February 10/2026 | ପୃଷ୍ଠା-୧




ବ୍ରିଟେନ୍ ରାଜା କିଙ୍ଗ୍ ଚାର୍ଲ୍ସ ୩ୟ ସୋମବାର ରୟାଲ ଟ୍ରେନ୍‌ରେ ଲାଙ୍କାଶାୟାରଠାରେ ପହଞ୍ଚିବା ପରେ ଶୁଭଚିନ୍ତକମାନେ ତାଙ୍କୁ ଅଭିବାଦନ ଜଣାଉଛନ୍ତି।

## ୟୁପିଆଇ ଜରିଆରେ ଇପିଏଫ୍ ଟଙ୍କା ଉଠାଇହେବ

**ନୂଆଦିଲ୍ଲୀ,୯।୨(ପି.ଟି.)**

କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ)ର ସଦସ୍ୟମାନେ ଏଣିକି ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଜରିଆରେ ସେମାନଙ୍କ କର୍ମଚାରୀ ଭବିଷ୍ୟ ନିଧି(ଇପିଏଫ୍) ଅର୍ଥ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇପାରିବେ। ଏଥିପାଇଁ ଏହାର ଏକ ନୂଆ ମୋବାଇଲ୍ ଆପ୍ଲିକେଶନ ବ୍ୟବହାର କରିବାକୁ ହେବ। ଉକ୍ତ ଆପ୍ ଆଗାମୀ ଏପ୍ରିଲରେ ଶୁଭାରମ୍ଭ ହେବାକୁ ଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଶ୍ରମ ମନ୍ତ୍ରଣାଳୟ ଏହି ପ୍ରକଳ୍ପ ଉପରେ କାର୍ଯ୍ୟ କରୁଛି, ଯେଉଁଠି ଇପିଏଫ୍‌ର ଏକ ନିର୍ଦ୍ଦିଷ୍ଟ ଭାଗ ସ୍ଥଗିତ ରହିବାକୁ ଥିବାବେଳେ ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ବ୍ୟବହାର କରି ଭବିଷ୍ୟ ନିଧି ପାଣ୍ଠିର ପ୍ରମୁଖ ଭାଗ ଉଠାଣ କରାଯାଇପାରିବ। ଇପିଏଫ୍‌ଓ ଖୁବ୍‌ଶୀଘ୍ର ନୂଆ ମୋବାଇଲ ଫୋନ୍ ଆପ୍ଲିକେଶନ ଲଞ୍ଚ୍ କରିବାକୁ ଯାଉଛି। ଏହାଦ୍ୱାରା ଇପିଏଫ୍‌ଓ ସଦସ୍ୟ ୟୁପିଆଇ ବ୍ୟବହାର ☞ପୃଷ୍ଠା-୨




## ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବେ ବିରୋଧୀ

**ନୂଆଦିଲ୍ଲୀ,୯।୨(ପି.ଟି.)**

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକ ସଭାରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ବାଚସ୍ପତି ଓମ୍ ବିର୍ଲା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବିପକ୍ଷର ଅନ୍ୟ ସଦସ୍ୟମାନଙ୍କୁ ଗୃହରେ କହିବାକୁ ଅନୁମତି ଦେଇ ନ ଥିବା ଅଭିଯୋଗ ହୋଇଥିଲା। ଏଥିସହିତ ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ବିରୋଧୀ ଦଳର ୮ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରିଥିଲେ। ଏଥିପାଇଁ ବାଚସ୍ପତିଙ୍କୁ ବହିଷ୍କାର କରିବା ନିମନ୍ତେ ବିରୋଧୀ ଦଳଗୁଡ଼ିକ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବିଚାର କରୁଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ସମ୍ବିଧାନର ଅନୁଚ୍ଛେଦ ୯୪-ସି ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ନୋଟିସ୍ ଦିଆଯିବ। ଉକ୍ତ ନୋଟିସରେ ୧୦୩ ବିରୋଧୀ ଦଳ ଏମ୍‌ପି ସ୍ୱାକ୍ଷର କରିସାରିଛନ୍ତି। ତେବେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧିକ ଗୁରୁତ୍ୱ ଦେଉଥିବାବେଳେ ମାଲୱା ରାଣୀ ଅହଲ୍ୟାବାଈ ହୋଲକରଙ୍କୁ ଅପମାନ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିବାକୁ ସମାଜବାଦୀ ପାର୍ଟି ଚାହୁଁଛି।

ଗୃହରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ଅନୁମତି ଦେଇ ନ ଥିବାରୁ ଏବଂ କଂଗ୍ରେସର ମହିଳା ଏମ୍‌ପିମାନଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ତଥା ୮ ବିରୋଧୀ ଦଳ ଏମ୍‌ପିଙ୍କୁ ନିଲମ୍ବନ କରିବାକୁ ନେଇ ବାଚସ୍ପତିଙ୍କୁ ବହିଷ୍କାର କରିବା ନିମନ୍ତେ ପ୍ରସ୍ତାବ ଆଣିବାକୁ ନୋଟିସ ଦିଆଯିବ। ଖୁବ୍‌ଶୀଘ୍ର ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଅଣାଯିବାକୁ ଥିବାବେଳେ ନୋଟିସ କେବେ ଦିଆଯିବ, ସେନେଇ ମଙ୍ଗଳବାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।



ଓମ୍ ବିର୍ଲା

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ସପ୍ତାହରେ ଗୃହରେ ଭାରତ-ଚାଇନା ପ୍ରସଙ୍ଗ ଉପରେ ଆଲୋଚନା ଚାହିଁବାରୁ ତାଙ୍କୁ ଏଥିପାଇଁ ଅନୁମତି ଦିଆଯାଇ ନ ଥିଲା। ସେବେଠାରୁ ଗୃହକାର୍ଯ୍ୟ ଠିକ୍ ଭାବେ ଚାଲିପାରୁ ନାହିଁ। ରାହୁଲ ଓ ଅନ୍ୟମାନେ ସୋମବାର ଅପରାହ୍ନରେ ବାଚସ୍ପତିଙ୍କୁ ଭେଟି ଅଚଳାବସ୍ଥା ଦୂର ପାଇଁ ସମାଧାନ ସୂତ୍ର ବାହାର କରିବା ଉପରେ ଆଲୋଚନା କରିଛନ୍ତି। ସୋମବାର ଗୃହ ଦିନକ ପାଇଁ ମୁଲତବୀ ରହିବାରୁ ରାହୁଲଙ୍କ ସମେତ ଟିଏମ୍‌ସିର ଅଭିଷେକ ବାନାର୍ଜୀ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ଏବଂ ଡିଏମ୍‌କେ ସଦସ୍ୟ ଟି.ଆର୍. ବାଲୁ ☞ପୃଷ୍ଠା-୨

# ୨ୟ ପ୍ରେମିକଙ୍କ ତଣ୍ଟି କାଟିଲେ ପ୍ରଥମ ପ୍ରେମିକ

**ଭୁବନେଶ୍ୱର,୯।୨(ତ୍ରିନାଥ ମହାନ୍ତି)**

### ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ରାଜଧାନୀରେ ହତ୍ୟା

- ପ୍ରେମିକାଙ୍କୁ ଚକୋଲେଟ୍ ଦେବାକୁ ଆସି ଫସିଗଲେ ଦ୍ୱିତୀୟ ପ୍ରେମିକ
- ଯୁବତୀଙ୍କ ସହ ଲିଭ୍ ଇନ୍‌ରେ ରହୁଥିଲେ ପ୍ରଥମ ପ୍ରେମିକ
- ମାମଲାରେ ଜଡ଼ିତ କାର ନେବାବେଳେ ବ୍ରିଜ୍ ତଳକୁ ଓଲଟିପଡ଼ିଲା

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ପ୍ରେମ ସପ୍ତାହରେ ରାଜଧାନୀରେ ଘଟିଛି ହତ୍ୟାକାଣ୍ଡ। ପ୍ରେମିକାଙ୍କ ସହ ଦ୍ୱିତୀୟ ପ୍ରେମିକଙ୍କୁ ଦେଖି ପ୍ରଥମ ପ୍ରେମିକ ଉତ୍ତେଜିତ ହୋଇ ଧାରୁଆ ଛୁରିରେ ଦ୍ୱିତୀୟ ପ୍ରେମିକଙ୍କ ତଣ୍ଟିକାଟି ହତ୍ୟା କରିଛନ୍ତି। ଏଭଳି ଘଟଣା ରବିବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରି ବିହାର ଫ୍ଲାଟ୍ ନଂ-୩୦୯ରେ ଘଟିଛି। ମୃତ ପ୍ରେମିକ ହେଲେ ବ୍ରହ୍ମଗିରି ହାସିନାପୁରର ସତ୍ୟବ୍ରତ ପ୍ରଧାନ(୨୮)। ମୃତ ସତ୍ୟବ୍ରତଙ୍କ ଭାଇ ରାଜେଶ କୁମାର ପ୍ରଧାନ ଚନ୍ଦ୍ରଶେଖରପୁର ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ-୧୨୪/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ସତ୍ୟବ୍ରତଙ୍କ ପ୍ରେମିକାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୋମବାର ସକାଳୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହତ୍ୟାକାରୀ ପ୍ରଥମ ପ୍ରେମିକ ଦୀନବନ୍ଧୁ ନାୟକ ଏବଂ ପ୍ରେମିକା ରହୁଥିବା ଘରୁ ଏକାଧିକ ରକ୍ତ ନମୁନା ସଂଗ୍ରହ କରିବା ସହ ଛୁରି ଜବତ କରି ଘରକୁ ପୋଲିସ ସିଲ୍ କରିଛି। ଫେରାର ଥିବା ଦୀନବନ୍ଧୁଙ୍କୁ ଗିରଫ କରିବା ପାଇଁ ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି।

ପୋଲିସ ସୂଚନା ଅନୁସାରେ, ଦୀନବନ୍ଧୁ ଏବଂ ତାଙ୍କ ପ୍ରେମିକା ସୁମିତ୍ରା(ଛଦ୍ମନାମ)ଙ୍କ ଘର ଜଗତ୍‌ସିଂହପୁର ଏରସମା ଅଞ୍ଚଳରେ। ଉଭୟଙ୍କ ମଧ୍ୟରେ ସ୍କୁଲ ସମୟରୁ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ସୁମିତ୍ରା ଭୁବନେଶ୍ୱରକୁ ପାର୍ଲରର କାମ ଶିଖିବା ପାଇଁ ଆସିବା ପରେ ଦୀନବନ୍ଧୁ ମଧ୍ୟ ଭୁବନେଶ୍ୱର ଆସି ଇଭେଣ୍ଟ କାମ କରୁଥିଲେ। ଉଭୟେ ନୀଳାଦ୍ରିବିହାର ସେକ୍ଟର-୨ରେ ଘର ଭଡ଼ା ନେଇ ୮ ମାସ ହେବ ସ୍ୱାମୀସ୍ତ୍ରୀ ପରିଚୟ ଦେଇ ଲିଭ୍-ଇନ୍‌ରେ ରହୁଥିଲେ ବୋଲି ଘର ମାଲିକ ସୁଧାଂଶୁ କୁମାର ସାହୁ କହିଛନ୍ତି। ଦୀନବନ୍ଧୁ ଯେଉଁଠି ଇଭେଣ୍ଟ କାମ କରୁଥିଲେ, ସେଠାରେ ସୁମିତ୍ରା ପାର୍ଲରର କାମ କରୁଥିଲେ। ହେଲେ ସୁମିତ୍ରା ରାଜଧାନୀରେ ଏକ ଘର ସହ କାର ଧରି ବୁଲିବା ପାଇଁ ଚାହୁଁଥିଲେ। କିଛିମାସ ତଳେ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଟ୍ୟାକ୍ସି ଡ୍ରାଇଭର ସତ୍ୟବ୍ରତଙ୍କ ସହ ପରିଚିତ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ସୁମିତ୍ରା ଜଣଙ୍କ ସହ ଲିଭ୍ ଇନ୍‌ରେ ରହୁଥିବାବେଳେ ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କ ସହ ବୁଲାବୁଲି କରୁଥିଲେ। ଏପରିକି ଉଭୟ ହୋଟେଲରେ ରହିବା ସହ ପାର୍କ, ମଲ୍ ମଧ୍ୟ ବୁଲୁଥିଲେ।



ମୃତ ସତ୍ୟବ୍ରତ ପ୍ରଧାନ।

ଦୀନବନ୍ଧୁଙ୍କ ସନ୍ଦେହ ହେବାରୁ ସେ ସୁମିତ୍ରାଙ୍କୁ ଏନେଇ ପଚାରିଥିଲେ। ହେଲେ ସତ୍ୟବ୍ରତ ଜଣେ ଭଲ ବନ୍ଧୁ ବୋଲି କହି ସୁମିତ୍ରା କଥା ଏଡ଼ାଇ ଦେଉଥିଲେ। ରବିବାର ରାତିରେ ସବୁକିଛି ଧରାପଡ଼ି ଯାଇଥିଲା। ଦୀନବନ୍ଧୁ ଇଭେଣ୍ଟ କାମରେ ବାହାରକୁ ଯାଇଥିବାବେଳେ ସୁମିତ୍ରା ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କୁ ଚକୋଲେଟ୍ ଡେ' ପାଳନ ପାଇଁ ଘରକୁ ଡାକିଥିଲେ। ସତ୍ୟବ୍ରତ ଚକୋଲେଟ୍ ଏବଂ ଗୋଲାପ ଧରି ପ୍ରେମିକା ସୁମିତ୍ରା ରହୁଥିବା ନୀଳାଦ୍ରି ବିହାର ସେକ୍ଟର-୨ସ୍ଥିତ ଭଡ଼ାଘରକୁ ଆସିଥିଲେ। ସେଠାରେ ଚକୋଲେଟ୍ ଡେ ପାଳିବା ସହ ମଦ୍ୟପାନ କରିଥିଲେ। ରାତି ପ୍ରାୟ ୧୨:୩୦ରେ ଦୀନବନ୍ଧୁ ଘରକୁ ଫେରିଥିଲେ। ସେ ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କୁ ଦେଖି ଉତ୍ତେଜିତ ହୋଇଯାଇଥିଲେ। ସେଠାରେ ୩ ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଦୀନବନ୍ଧୁ ରୋଷେଇଘରୁ ☞ପୃଷ୍ଠା-୨

## ପାର୍ଲାମେଣ୍ଟକୁ ବୋମା ଧମକ

### ବିସ୍ଫୋରଣ ଆଶଙ୍କାରେ ଦିଲ୍ଲୀର ୧୫ ସ୍କୁଲ୍‌କୁ ଖାଲି କରାଗଲା

**ନୂଆଦିଲ୍ଲୀ,୯।୨**

ପାର୍ଲାମେଣ୍ଟ ସମେତ ଜାତୀୟ ରାଜଧାନୀର ଅନ୍ୟୂନ ୧୫ଟି ସ୍କୁଲକୁ ବୋମାରେ ଉଡ଼ାଇଦେବାକୁ ସୋମବାର ଇମେଲ୍ ଯୋଗେ ଧମକ ମିଳିଛି। ଫଳରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବଢ଼ାଇ ଦିଆଯାଇଥିବା ଦିଲ୍ଲୀ ଅଗ୍ନିଶମ ସେବା (ଡିଏଫ୍‌ଏସ୍) ପକ୍ଷରୁ କୁହାଯାଇଛି। ସୋମବାର ସକାଳେ ସହରର ବିଭିନ୍ନ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରୁ ଜରୁରୀ କଲ୍ ମିଳିଥିଲା। ଫଳରେ ଉକ୍ତ ଅଞ୍ଚଳକୁ ଦମକଳ ଗାଡ଼ି ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ପଠାଯାଇଥିଲା ବୋଲି ଡିଏଫ୍‌ଏସ୍ କହିଛି। ସେଥିରୁ ୮ଟି ଧମକ ମିଥ୍ୟା ବୋଲି ଜଣାପଡ଼ିଥିଲା। ଅନ୍ୟ ସ୍କୁଲଗୁଡ଼ିକରେ ତଲାସି ଜାରି ରହିଛି।

ଧମକପୂର୍ଣ୍ଣ ବାର୍ତ୍ତାର ଏକ ସ୍କ୍ରିନସଟ୍ ସୋସିଆଲ ମିଡିଆରେ ଘୂରିବୁଲୁଛି, ଯେଉଁଥିରେ ଲେଖାଅଛି, 'ଦିଲ୍ଲୀ ଖଲିସ୍ତାନ ପାଲଟିବ। ଅଫଜଲ ଗୁରୁଙ୍କ ସ୍ମୃତିରେ'। ଫେବୃଆରୀ ୧୩ ଅପରାହ୍ନ ୧ଟା ୧୧ ମିନିଟ୍ ସମୟରେ ପାର୍ଲାମେଣ୍ଟରେ ବିସ୍ଫୋରଣ ହେବ ବୋଲି ଉକ୍ତ ମେଲ୍‌ରେ ଧମକ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୦୧ ଡିସେମ୍ବର ୧୩ରେ ଭାରତର ପାର୍ଲାମେଣ୍ଟ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଜୈଶ-ଇ-ମହମ୍ମଦର ୫ ଆତଙ୍କବାଦୀଙ୍କ ଆକ୍ରମଣରେ ଦିଲ୍ଲୀ ପୋଲିସର ୬ ଜଣ ଯବାନ, ୨ ଜଣ ଅର୍ଦ୍ଧସାମରିକ ଯବାନ ଏବଂ ଜଣେ ମାଳୀ ନିହତ ହୋଇଥିଲେ। ସୁରକ୍ଷା ବଳ ଗୁଳିରେ ସମସ୍ତ ୫ ଜଣ ଆତଙ୍କବାଦୀ ନିପାତ ହୋଇଥିଲେ। ପାକିସ୍ତାନରୁ ଲଷ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ ଏହି ଆକ୍ରମଣକୁ ଚଳାଉଥିଲେ ☞ପୃଷ୍ଠା-୨

# ଦୟାନଦୀକୁ ପ୍ରଦୂଷଣମୁକ୍ତ କର

**ଭୁବନେଶ୍ୱର,୯।୨(ରବିନାରାୟଣ ଜେନା)**

- କେବଳ ଶୂନ୍ୟ ବର୍ଜ୍ୟ ଜଳ ଛାଡ଼ିବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ
- ମୃତକଙ୍କ ପରିବାରକୁ ଦିଅ ଅନୁକମ୍ପାମୂଳକ ସହାୟତା

କଣାସ ବ୍ଲକରେ ୨୦୨୫ ଜାନୁଆରୀ ହଇଜାରେ ମୃତ୍ୟୁ ହୋଇଥିବା ୭ଜଣଙ୍କ ସହିତ ଶତାଧିକ ଆକ୍ରାନ୍ତଙ୍କୁ ନେଇ ଓଡ଼ିଶା ମାନବିକ ଅଧିକାର ଆୟୋଗ(ଓଏଚ୍‌ଆର୍‌ସି)ଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ରାୟ ଅନୁଯାୟୀ,କଣାସ ଦେଇ ପ୍ରବାହିତ ହେଉଥିବା ଦୟା ନଦୀକୁ ପ୍ରଦୂଷଣମୁକ୍ତ କରିବା ସହିତ ଏଥିରେ ପଶୁଥିବା ସହର ଜଳ ଯେଭଳି ବର୍ଜ୍ୟମୁକ୍ତ ରହିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ରାଜ୍ୟ ଓଏଚ୍‌ଆର୍‌ସିଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଏହାସହିତ ଦୟା ଏବଂ ଗଙ୍ଗୁଆ ନାଳ ଯେପରି ସବୁବେଳେ ବ୍ୟବହାର ଉପଯୋଗୀ ରହିବ ସେଥିପ୍ରତି ଜିଲା ପ୍ରଶାସନ ସହିତ ୩ ବିଭାଗ ସଜାଗ ରହିବାପାଇଁ ଆୟୋଗଙ୍କ ପକ୍ଷରୁ କୁହାଯାଇଛି।

କଣାସ ବ୍ଲକରେ ୨୦୨୫ ଜାନୁଆରୀରେ ହୋଇଥିବା ହଇଜା ଏବଂ ଏଥିଜନିତ ମୃତ୍ୟୁକୁ ନେଇ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ କରିଥିବା ମାମଲାର ଶୁଣାଣି କରି ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଏସ୍. ପୂଜାରୀ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଓ ଜଳସମ୍ପଦ ବିଭାଗ ସହିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପୁରୀ ଜିଲା ପ୍ରଶାସନକୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ଦ୍ଦେଶନାମା ଅନୁଯାୟୀ, ମାର୍ଚ୍ଚ ୨୦୨୬ ସୁଦ୍ଧା କଣାସ ବ୍ଲକ ଅଞ୍ଚଳରେ ଯେଭଳି ପ୍ରତ୍ୟେକ ପରିବାର ନିକଟରେ ପାଇପ ଯୋଗେ ପାନୀୟଜଳ ପହଞ୍ଚିବ ସେଥିପ୍ରତି ପଞ୍ଚାୟତିରାଜ ବିଭାଗ ସୁନିଶ୍ଚିତ କରିବ। ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦୟା ଓ ଗଙ୍ଗୁଆରେ ଯେଭଳି ବର୍ଜ୍ୟଜଳ ନ ପଶିବ ସେଥିପ୍ରତି ଗୁରୁତ୍ୱ ଦେବ। ଏପରି କି ସ୍ୱତନ୍ତ୍ର ବିଶୋଧନ ପ୍ଲାଣ୍ଟ ଜରିଆରେ ବର୍ଜ୍ୟଜଳ ବିଶୋଧନ କରି ଦୟା ଏବଂ ଗଙ୍ଗୁଆକୁ ଛଡ଼ାଯିବ। ବିଶେଷକରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମିତ ଭାବେ ଏହାର ତଦାରଖ କରିବ। ପ୍ରଦୂଷଣ ବୋର୍ଡ ପକ୍ଷରୁ ତଦାରଖ ପ୍ରକ୍ରିୟା ଠିକ୍ ହେଉଛି କି ନାହିଁ ଏହାକୁ ପଞ୍ଚାୟତିରାଜ ବିଭାଗ ଠିକଣା ଭାବେ ଯାଞ୍ଚ କରିବ। ଜିଲା ପ୍ରଶାସନ ମଧ୍ୟ ଏଥିପ୍ରତି ସଚେତନ ରହିବ। ଜାନୁଆରୀ ୫ରୁ ୮ସପ୍ତାହ ମଧ୍ୟରେ ତିନି ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଭାବେ ଏହାର ଅନୁଧ୍ୟାନ କରି ଆୟୋଗଙ୍କ ନିକଟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି।

ନିର୍ଦ୍ଦେଶନାମା ଅନୁଯାୟୀ, କଣାସ ବ୍ଲକର ମୃତକ ସଚଳା ସାହୁ, ସପନି ବେହେରା, ଜହ୍ନି ବେହେରା ଏବଂ ଗୁରେଇ ସେଠୀଙ୍କ ପରିବାରର ନିକଟ ସମ୍ପର୍କୀୟଙ୍କୁ ୪ଲକ୍ଷ ଟଙ୍କା ଲେଖାଏ ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବ। ଏହାସହିତ ଶରଥ ପ୍ରଧାନ, ମାଗି ଦଳେଇ ଏବଂ ଭାରତ ଭୋଇଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଟଙ୍କାକୁ ସମ୍ପୃକ୍ତ ୭ଜଣ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଜାତୀୟକରଣ ବ୍ୟାଙ୍କ ଖାତାରେ ସ୍ଥାୟୀ ଜମା କରାଯିବ। ଉକ୍ତ ଜମା ଟଙ୍କାର ☞ପୃଷ୍ଠା-୨

## ଆଇସକ୍ରିମ୍ ଖାଇ ୧୮ ପିଲା ଅସୁସ୍ଥ

**ବାଙ୍କୀ,୯।୨(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ କୁମୁସର ଗ୍ରାମରେ ସୋମବାର ଅଷ୍ଟପ୍ରହରୀ ନାମଯଜ୍ଞ ଚାଲିଥିବାବେଳେ ଆଇସକ୍ରିମ୍ ଖାଇ ୧୮ ଜଣ ପିଲା ଅସୁସ୍ଥ ହୋଇଛନ୍ତି। ଏପରି କି ଆଇସକ୍ରିମ୍ ଖାଇ କେତେଜଣ ବ୍ୟକ୍ତି ମଧ୍ୟ ଅସୁସ୍ଥ ଅନୁଭବ କରିଛନ୍ତି। ଅସୁସ୍ଥ ପିଲାମାନଙ୍କୁ ସଙ୍ଗେ ସଙ୍ଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଚିକିତ୍ସା କରାଯିବା ପରେ ଘରକୁ ପଠାଇ ଦିଆଯାଇଛି। ଘଟଣାସ୍ଥଳରେ ବାଙ୍କୀ ପୋଲିସ ପହଞ୍ଚି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଆଇସକ୍ରିମ୍ ବିକାଳିଙ୍କୁ ଅଟକ ରଖିଛି। ଆଇସକ୍ରିମ୍‌ର ମାନ ଯାଞ୍ଚ ପରେ ଘଟଣାର ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନାନୁସାରେ, ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଚାଲୁଥିବାବେଳେ ବଡ଼ଠାରୁ ଆରମ୍ଭ କରି ଛୋଟ ପିଲା ସମସ୍ତେ ☞ପୃଷ୍ଠା-୨




## ଚନ୍ଦ୍ରୟାନ-୪ ମିଶନ ପାଇଁ ଚନ୍ଦ୍ରରେ ସ୍ଥାନ ଚିହ୍ନଟ




**ବେଙ୍ଗାଲୁରୁ,୯।୨(ପି.ଟି.)**

ଭାରତର ଚନ୍ଦ୍ରୟାନ-୪ ମିଶନକୁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ଦେଇସାରିଛନ୍ତି। ଏହି ମିଶନକୁ ୨୦୨୬ରେ କାର୍ଯ୍ୟକାରୀ କରିବା ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ଅଭିଯାନ ଜାରି ରଖିଛି। ୨୦୨୮ରେ ହେବାକୁ ଥିବା ଏହି ମିଶନ ପାଇଁ ଇସ୍ରୋ ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ ସ୍ଥାନ ନିରୂପଣ କରିଛନ୍ତି। ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନର ଅବତରଣ ପାଇଁ ସ୍ଥାନ ନିରୂପଣ ହୋଇସାରିଛି ବୋଲି ଇସ୍ରୋ ପକ୍ଷରୁ ସୋମବାର ସୂଚନାଦିଆଯାଇଛି। ଇସ୍ରୋ ବୈଜ୍ଞାନିକମାନଙ୍କ ସୂଚନା ଅନୁସାରେ ଚନ୍ଦ୍ରର ଦକ୍ଷିଣ ମେରୁରେ 'ମୋନ୍ସ ମୋଟନ(ଏମ୍‌ଏମ୍)' ନାମରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ରହିଛି। ଚନ୍ଦ୍ରୟାନ ଅବତରଣ ପାଇଁ ଏହି ଅଞ୍ଚଳର ଏମ୍‌ଏମ୍-୧, ଏମ୍‌ଏମ୍-୩, ଏମ୍‌ଏମ୍-୪ ଏବଂ ଏମ୍‌ଏମ୍-୫ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପୁଷ୍ପ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୫୦ ଆମ୍ବୁଲାନ୍ସର ଶୁଭାରମ୍ଭ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍ ଗେଟ୍ ନଂ- ୩, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଜଗନ୍ନାଥ କଥାମୃତ, ସ୍ଥାନ: ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ, ଜୟଦେବ ବିହାର, ସମୟ: ସନ୍ଧ୍ୟା ୬ଟା।

**କଟକ**
- ୭୪ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିଅନସିପ ୨୦୨୬ର ତୃତୀୟ ଦିବସ, ସ୍ଥାନ: ବକ୍ସି ବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ସକାଳ ୮ଟା ୩୦।
- ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୯ତମ ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ, ସ୍ଥାନ: ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ଚତୁର୍ଦ୍ଦଶ ଶିଶିର ମେଳାର ଷଷ୍ଠ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ପଞ୍ଚମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ବରିଷ୍ଠ ନାଗରିକଙ୍କ ପାଇଁ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- କଂଗ୍ରେସ ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ପୁରୀ ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦।
- ପାଞ୍ଜି ସମୀକରଣ ବୈଠକ, ସ୍ଥାନ: ଶ୍ରୀମନ୍ଦିର କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଜନଗଣନା ସମ୍ପର୍କିତ ବୈଠକ, ସ୍ଥାନ: ସର୍କିଟ ହାଉସ, ସମୟ: ଅପରାହ୍ନ ୧ଟା।
- ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଉଦ୍‌ଘାଟନ, ସ୍ଥାନ: ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ମିତଲ ପରିବାର ଜଟଣୀ ପକ୍ଷରୁ ଏକ ସାମ୍ ବାଲାଜୀ ଏବଂ ବାବା ଶ୍ୟାମ କେ ନାମ କାର୍ଯ୍ୟକ୍ରମ, ସ୍ଥାନ: ମହାବୀର ମିତଲ ନିବାସ, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଇଣ୍ଟରନେଟ୍ ଡେ' ପାଳନ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସମ୍ମିଳନୀ କକ୍ଷ, ଆଇଟିଆଇ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସ, ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୁଳୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ଗୋଲ୍ଲାପଥ କଲୋନି, ରୂପସା, ସମୟ: ସନ୍ଧ୍ୟା ୬ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ମେଡିକେୟାର ଡାଇଗ୍ନୋଷ୍ଟିକ୍, ମିର୍ଜାପୋଖରୀ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ବିଂଶଗତ ସମାଜସେବୀ ରାଧାଶ୍ୟାମ ବେହେରାଙ୍କ ସ୍ମୃତିସଭା, ସ୍ଥାନ: ଚାନ୍ଦବାଲି ବରିଷ୍ଠ ନାଗରିକ ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ଶାସ୍ତ୍ରୀନଗର ପ୍ରିମିୟର ଲିଗ୍ ସର୍ଟ ବାଉଣ୍ଡରି କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଯୋଡ଼ା, ସମୟ: ସନ୍ଧ୍ୟା ୫ ଟା ୩୦।

**ମୟୂରଭଞ୍ଜ**
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା
- ଜନଗଣନା ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ ମୁର୍ଗାବଡି ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଜିଲା ସ୍ୱାସ୍ଥ୍ୟ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ,ସ୍ଥାନ: ସର୍କିଟ ହାଉସ, ସମୟ: ମଧ୍ୟାହ୍ନ ୧୨ଟା।
- ଉପମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ, ସ୍ଥାନ: ସର୍କିଟ ହାଉସ, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ ଆସିକା, ସମୟ: ପୂର୍ବାହ୍ନ ୧୧ ଟା।
- ସଦର ଏସ୍‌ଡିପିଓ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟନ, ସ୍ଥାନ: କନିସି ହାଟ, ସମୟ: ମଧ୍ୟାହ୍ନ ୧୨ ଟା ୩୦।

**କନ୍ଧମାଳ**
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦାରିଙ୍ଗବାଡ଼ି ଗସ୍ତ, ସ୍ଥାନ: ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଦର୍ଶନ, ସମୟ: ପୂର୍ବାହ୍ନ ୧୦ ଟା।

**ଢେଙ୍କାନାଳ**
- ନ୍ୟାଶନାଲ ଡି-ୱର୍ମିଙ୍ଗ୍ ଡେ', ସ୍ଥାନ:ଢେଙ୍କାନାଳ ଅଁଳାବେରେଣୀ ଆଲୁଅଝରଣ ଆଶ୍ରମ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।

**ଜଗତ୍‌ସିଂହପୁର**
- ଶିବରାତ୍ରି ଉପଲକ୍ଷେ ମହାକାଳେଶ୍ୱର ମହାଯଜ୍ଞ କାର୍ଯ୍ୟକ୍ରମ, ସ୍ଥାନ: ମହାକାଳେଶ୍ୱର ମନ୍ଦିର, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ମା' ତାରିଣୀଙ୍କ ୧୮ ତମ ଜନ୍ମୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନୂଆବଜାର, ମନ୍ଦିର ପରିସର, ପାରାଦୀପ, ସମୟ: ସକାଳ ୮ଟା।
- ଆର.କେ. ହୀରାଲାଲ ଯାଦୁକର ସଂସ୍ଥା ପକ୍ଷରୁ ମ୍ୟାଜିକ ଶୋ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ବାୟାବାବା କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ଜମ୍ବୁ ଦ୍ୱୀପ କ୍ରିକେଟ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ କପର ଫାଇନାଲ ମ୍ୟାଚ, ସ୍ଥାନ: ଶଙ୍ଖପଦା, ବିଜୟନଗର, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।
- ଯୁବ ଓଡ଼ିଶା ପକ୍ଷରୁ ଗରଦପୁର ଯୁବ ମହୋତ୍ସବ, ସ୍ୱଦେଶୀ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ତହସିଲ ପଡିଆ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ମହାଦେବ ମନ୍ଦିର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଧର୍ମଶାଳା ବ୍ଲକ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଡିଗ୍ରୀ କଲେଜ୍ ପରିସର, ସମୟ: ସକାଳ ୮ଟା୩୦।
- ଏମଡିଏ ପ୍ରୋଗ୍ରାମ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ରସୁଲପୁର ବ୍ଲକର କୁଣ୍ଡପାଟଣା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଯଯାତି ଜିଲା ମହୋତ୍ସବର ସବକମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଭୈମୀ ଏକାଦଶୀ ମେଳାର ୧୩ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୨ୟ ଦିବସ, ସ୍ଥାନ: ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୦ଟା।
- ସିରିୟସ ଜୋନ୍ ନୟାଗଡ଼ ପକ୍ଷରୁ ନାଟକ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ବିଦ୍ରୋହ ନିଜ ବିରୁଦ୍ଧରେ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ଜିଲା ବିଜେଡ଼ି ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ ଓ ପ୍ରତିବାଦ ସଭା, ସ୍ଥାନ: ରାୟଗଡ଼ା ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିଠାରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୦ଟା।
- ସେଫର ଇଣ୍ଟରନେଟ ଡେ, ସ୍ଥାନ: ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ମିଳିତ ସଂଗ୍ରାମୀ ମଞ୍ଚ ପକ୍ଷରୁ ଦୁଇଟି ନିର୍ବାଚନ ମଣ୍ଡଳୀରେ ୧୨ ଘଣ୍ଟିଆ ବନ୍ଦ, ସ୍ଥାନ: ଉମରକୋଟ ଓ ଝରିଗାଁ ନିର୍ବାଚନ ମଣ୍ଡଳୀ, ସମୟ: ସକାଳ ୬ରୁ ସନ୍ଧ୍ୟା ୬।
- ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ବିଞ୍ଜିଗୁଡ଼ାସ୍ଥିତ ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

**କୋରାପୁଟ**
- ଆଇସିଡିଏସ୍ ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ରଜତ ଜୟନ୍ତୀ ଉଦ୍‌ଘାଟନ, ସ୍ଥାନ: ମହାବିଦ୍ୟାଳୟ ପରିସର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସ୍ୱାସ୍ଥ୍ୟ ମିଶନ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ଦକ୍ଷତା ବିକାଶ ବିଭାଗ ପକ୍ଷରୁ ନିଯୁକ୍ତି ମେଳା, ସ୍ଥାନ: ମାଲକାନଗିରି ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଦରଦାମ ନିୟନ୍ତ୍ରଣ ଓ ମୂଲ୍ୟ ନିର୍ଦ୍ଧାରଣ ସମ୍ବନ୍ଧୀୟ ବୈଠକ, ସ୍ଥାନ: ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସମ୍ବଲପୁର**
- ହୀରାକୁଦ କ୍ରୀଡ଼ାସଂଘ ପକ୍ଷରୁ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ସ୍ଥାନ : ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ : ଅପରାହ୍ନ ୩ଟା।
- ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ : ଫାଟକ ସ୍ଥିତ ବିଦ୍ୟାଳୟ ପରିସର, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ସାର୍ବଜନୀନ ବାତଜ୍ୱର ଔଷଧ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ଅଖିଳ ଭାରତୀୟ ସାହିତ୍ୟ ଅନୁଷ୍ଠାନର ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସମୟ: ସନ୍ଧ୍ୟା ୬ଟା।
- ଆର୍‌ଏସ୍‌ପି ପ୍ରାୟୋଜିତ ପୁସ୍ତକ ମହୋତ୍ସବର ୮ମ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଓକିଲ ସଂଘର ଶୋଭାଯାତ୍ରା, ସ୍ଥାନ: ଥାନାଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡୁମେରପାଲି ରାସ୍ତାରେ ନୂତନ ସେତୁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ:ଅମ୍ବାପାଲି ଛକ, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

**କଳାହାଣ୍ଡି**
- ପିଡ଼ି ଆଇଟିଡିଏର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ ଫୁଟ୍‌ବଲ ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ଛାତ୍ର କ୍ରୀଡ଼ାବାସ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କର୍ଲାମୁଣ୍ଡା ପଞ୍ଚାୟତ ସମିତି ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଜଳ ଅର୍ପଣ ଦିବସ, ସ୍ଥାନ: ଖୁଣ୍ଟବନ୍ଧ, ବୌଦ୍ଧ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୃମି ନାଶକ ଦିବସ ପାଳନ, ସ୍ଥାନ: ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ଜାତୀୟ କୃମିନାଶକ ଦିବସ, ସ୍ଥାନ: ନବୋଦୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ:ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ବାନରସେନା ମଞ୍ଚର ବାର୍ଷିକ ସାଧାରଣ ବୈଠକ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।
- ଯାଦବ ସମାଜର ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ର ବନ୍ଧୁ ଓ ପରିଜନଙ୍କ ସହ ଦୂରଯାତ୍ରା କରି ଖୁସି ମନେଇବେ। ପାରସ୍ପରିକ ଆଲୋଚନା କ୍ରମରେ ଘରର କେତେକ କାମକୁ ସମ୍ପନ୍ନ କରିବା ସକାଶେ ଚିନ୍ତା କରିପାରନ୍ତି। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତାଦିରେ ସଫଳତା ପାଇବେ। ସାହିତ୍ୟାଲୋଚନା, ବିବାଦରେ ମଧ୍ୟସ୍ଥତା, ଋଣ ପରିଶୋଧରେ ସଫଳତା ହାସଲ କରିବେ।

**ବୃଷ**
ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରେ ସରକାରୀ ସ୍ତରରୁ ସହାୟତା ପାଇବେ। ପାରିବାରିକ ସ୍ତରରେ ଗୁରୁବର୍ଗଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ଲାଭକରି ନୂତନ କାମରେ ହାତଦେବେ। ପ୍ରଶାସନିକ ସ୍ତରରେ ଅଥବା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କୃତ୍ତିକା ନକ୍ଷତ୍ର ମତଭେଦ କାରଣରୁ ଅଶାନ୍ତି ଲାଗିରହିବ।

**ମିଥୁନ**
କର୍ମାରମ୍ଭରେ କିମ୍ବା ଆନୁଷ୍ଠାନିକ କାମରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଯାନବାହନରେ ସତର୍କ ନ ହେଲେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବ୍ୟାହତକରିବ। ପୁନର୍ବସୁ ପାରିବାରିକ ସ୍ତରରେ ସମସ୍ୟା ଓ ପ୍ରତିବନ୍ଧକକୁ ଯଥାସାଧ୍ୟ ପ୍ରତିହତ କରିପାରିବେ । ଦୀର୍ଘଦିନରୁ ଛିନ୍ନ ହୋଇଯାଇଥିବା ଭ୍ରାତୃସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ**
କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସାଙ୍ଗକୁ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ ଉଚ୍ଚବର୍ଗଙ୍କ ପୃଷ୍ଠପୋଷକତାରୁ କାର୍ଯ୍ୟସିଦ୍ଧର ଆଶା ରହିଛି । ଗୁପ୍ତ ଶତ୍ରୁଙ୍କ ସକ୍ରିୟତା ବୃଦ୍ଧି ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ଋଣ ପରିଶୋଧର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି।

**ସିଂହ**
ବନ୍ଧୁଙ୍କ ସହାୟତାରେ ପାରିବାରିକ ଆବଶ୍ୟକତା ପୂରଣ କରିବେ। ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
ଆଜିର ସଭାସମିତିରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ପାରିବାରିକ କ୍ଷେତ୍ରରେ ସମସ୍ୟା ଯୋଗୁ ମାନସିକ ସ୍ତରରେ ଅଶାନ୍ତି ମନକୁ ବିଚଳିତ କରିବ। ପରୋକ୍ଷ ଶତ୍ରୁତା ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବ। ହସ୍ତା ନକ୍ଷତ୍ର ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହସଜ୍ଜାରେ ମନୋନିବେଶ କରିପାରନ୍ତି।

**ତୁଳା**
ପାରିବାରିକ ଜୀବନରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୁତପୂର୍ବ ସଫଳତା ହାସଲକରି ଋଣମୁକ୍ତ ହେବେ। ସ୍ୱାତୀ ନକ୍ଷତ୍ର କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ରହିଲେ ସମସ୍ୟା ଆସିପାରେ। ଆପୋସ ଆଲୋଚନା ଦ୍ୱାରା ବନ୍ଧୁଙ୍କ ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ଆଜିର ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂରହୋଇଯିବ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ଈର୍ଷାପରାୟଣ ପାଖଲୋକ ଅପପ୍ରଚାର କରିପାରନ୍ତି । ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବ।

**ଧନୁ**
ଆଜି ବୃଥା ତର୍କ ଓ ବିବାଦ କାରଣରୁ କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ବିଗିଡିଯିବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ। ମୂଳା ନକ୍ଷତ୍ର ଆଜିର ଦିନଚର୍ଯ୍ୟାରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**
ଆଜି ଧନିଷ୍ଠା ନକ୍ଷତ୍ର ସକାଶେ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ଲାଗିରହିବ। ପରିସ୍ଥିତିବଶତଃ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ବନ୍ଧୁଙ୍କ ଆକ୍ଷେପୋକ୍ତିରେ ଧୈର୍ଯ୍ୟହରା ନ ହୋଇ କାମ କରିଚାଲିଲେ ଉପକୃତ ହେବେ। ବନ୍ଧୁମାନଙ୍କ ହତାଦର ଓ ଦୁର୍ବ୍ୟବହାରରୁ ଅଶାନ୍ତ ରହିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ମତାନ୍ତରଜନିତ କେତେକ ସମସ୍ୟାର ସମ୍ମୁଖୀନ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ବ୍ୟବସାୟ, ବନ୍ଧୁସମ୍ପର୍କ, ଆଲୋଚନା, କ୍ରୟବିକ୍ରୟ କ୍ଷେତ୍ରରେ ସନ୍ତୋଷଜନକ ଫଳପାଇବେ। ଶତଭିଷା ନକ୍ଷତ୍ର ଆଗାମୀ ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମୀନ**
ଅନ୍ୟମାନଙ୍କୁ ଆପଣାର କରିବା ସକାଶେ ବିଭିନ୍ନ ଉପାୟ ଅବଲମ୍ବନକରି କୃତକାର୍ଯ୍ୟ ହେବେ। ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ।

ଆଜି ଫେବୃଆରୀ ୧୦ ତାରିଖ, ଫାଲ୍‌ଗୁନ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ମଙ୍ଗଳବାର। ରାଶି ନକ୍ଷତ୍ର-ସକାଳ ଘ.୦୭।୫୫ ମି. ଗତେ ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୯।୧୧ ଗତେ ଘ.୧୦।୫୩ ମଧ୍ୟେ, ଘ.୦୧।୦୮ ଗତେ ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୦ ଗତେ ଘ.୦୪।୧୫ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଡିଜିଟାଲ ଠକେଇ...

ଏବଂ ଏନ୍.ଭି. ନଞ୍ଜରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ଆବେଦନର ଶୁଣାଣି କରି କହିଛନ୍ତି, ଡିଜିଟାଲ ଆରେଷ୍ଟ ସ୍କାମ୍ ଏକ ଆତଙ୍କ। ଏପରି ସାଇବର ଠକେଇ ରୋକିବା ପାଇଁ ବ୍ୟାଙ୍କଗୁଡ଼ିକ ତତ୍ପରତା ସହ କାର୍ଯ୍ୟ କରିବା ଜରୁରୀ ହୋଇପଡ଼ିଛି। ଯେତେବେଳେ ଗ୍ରାହକଙ୍କ ଆକାଉଣ୍ଟରେ ଟଙ୍କା ନେଣଦେଣ ଉପରେ କୌଣସି ଅସ୍ୱାଭାବିକ, ବଡ଼ କାରବାର ହେଉଛି ; ସେତେବେଳେ ବ୍ୟାଙ୍କଗୁଡ଼ିକ ଉତ୍ତରଦାୟୀ ଭୂମିକା ତୁଲାଇ ଗ୍ରାହକଙ୍କୁ ତତ୍କାଳ ସତର୍କ କରାଇବେ। ଜଣେ ଅବସରପ୍ରାପ୍ତ କର୍ମଚାରୀ ସାଧାରଣତଃ ୧୦,୦୦୦ କିମ୍ବା ୨୦,୦୦୦ ଟଙ୍କା ଉଠାଇଥାନ୍ତି। ଏହି ସ୍ଥଳେ ତାଙ୍କ ଆକାଉଣ୍ଟରୁ ଯଦି ବଡ଼ ଆମାଉଣ୍ଟ ଉଠିବା ମାତ୍ରେ ସମ୍ପୃକ୍ତ ଗ୍ରାହକଙ୍କ ନିକଟକୁ ଆଲର୍ଟ ମେସେଜ ଯିବା ଜରୁରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

କେବଳ ଏତିକି ନୁହେଁ, ରିଜର୍ଭ ବ୍ୟାଙ୍କ, ଟେଲିକମ୍ୟୁନିକେଶନ୍ ବିଭାଗ ଓ ଅନ୍ୟ ପକ୍ଷମାନଙ୍କୁ ମିଳିତ ଭାବେ ବୈଠକ କରି ଡିଜିଟାଲ ଆରେଷ୍ଟର ଶିକାର ହେଉଥିବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାରା ଦେଶରେ ଯେପରି କାର୍ଯ୍ୟକାରୀ ହୋଇପାରିବ, ସେଭଳି ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ପ୍ରସ୍ତୁତ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ୪ ସପ୍ତାହ ପରେ ଏହି ପ୍ରସଙ୍ଗରେ ପୁନର୍ବାର ଶୁଣାଣି ପାଇଁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅବଧାନକୁ କୁଣ୍ଡା ଦେଇ ପାଠ ପଢ଼ିବା।**

ଅବଧାନ ଅର୍ଥ ଗୁରୁ ହୋଇଥିବା ବେଳେ ତାଙ୍କଠାରୁ ଶିକ୍ଷା ଗ୍ରହଣ କରିଥିବା ହେତୁ ଦକ୍ଷିଣା ବା ପାଉଣା ଦେବାକୁ ପଡ଼ିଥାଏ, ଯାହାକି ଶାସ୍ତ୍ରୋକ୍ତ ଧର୍ମ ବୋଲି ଜଣାଯାଇଥାଏ। ତାଙ୍କୁ ଦକ୍ଷିଣା ନ ଦେଲେ ତାଙ୍କ ଦ୍ୱାରା ଦିଆଯାଇଥିବା ଶିକ୍ଷା ବା ପାଠ କାର୍ଯ୍ୟକାରୀ ହୋଇ ନ ଥାଏ ଏବଂ ପାଠରୁ ଜାତ ବୁଦ୍ଧିର ଉତ୍କୃଷ୍ଟତା ରହି ନ ଥାଏ। ପାଠ ପଢ଼ି ନିର୍ବୁଦ୍ଧିଆ ରହୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଇଁଘେରାକୁ ବାଇଗଣ ପୋଡ଼ିବା।**

ମାଘ ମାସ ଅଗ୍ନି ପୂର୍ଣ୍ଣିମା ଉପଲକ୍ଷେ ପାଳିତ ହେଉଥିବା ଉତ୍ସବରେ ଲୋକେ ଅଗ୍ନିରେ ବାଇଗଣ ପୋଡ଼ିଥାନ୍ତି। ଏହା ଏକ ଲୋକ ପରମ୍ପରା। ପ୍ରକୃତ ଅର୍ଥରେ ଏହାର ଲକ୍ଷ୍ୟ ବା ଉଦ୍ଦେଶ୍ୟ କିଛି ନାହିଁ। ଅନିଶ୍ଚିତ ପଥରେ ଯାଉ ଯାଉ ଯାହା ମିଳିବାର ମିଳିଯାଉ, ନଚେତ୍ ନ ମିଳୁ ବା ଅନ୍ୟ ଅର୍ଥରେ ପ୍ରାପ୍ତିର ନିଶ୍ଚିତତା ନ ଥାଇ କୌଣସି କାମରେ ହାତ ଦେବା ଅର୍ଥରେ ଏଭଳି ଉକ୍ତି ବା ରୂଢ଼ି ପ୍ରୟୋଗ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଓଡ଼ିଶାରେ ୧୬ମାସରେ ୨୨୨ କୋଟିର ଡିଜିଟାଲ ଠକେଇ

ଭୁବନେଶ୍ୱର,୯।୨(ରବିନାରାୟଣ ଜେନା)

ରାଜ୍ୟରେ ଗତ ୧୬ମାସ ମଧ୍ୟରେ ୬୯ଟି ଡିଜିଟାଲ ଆରେଷ୍ଟ ଏବଂ ୩୪୮୬ଟି ସାଇବର କ୍ରାଇମ ଘଟଣା ଘଟିଛି। ଏହି ସାଇବର ମାମଲାରେ ୭୨୭ଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ସେଥିମଧ୍ୟରୁ ୧୦୪ଟି କେସ୍‌ରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି ବୋଲି ଗୃହ ବିଭାଗ ଡିସେମ୍ବରରେ ବିଧାନସଭାକୁ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାଯାଇଛି। ବିଭାଗର ତଥ୍ୟ ଅନୁଯାୟୀ, ଏହିସବୁ ମାମଲାରେ ସର୍ବମୋଟ ୨୨୨କୋଟି ୯ଲକ୍ଷ ୭୮ହଜାର ଟଙ୍କାର ଠକେଇ ହୋଇଛି। ସେଥିମଧ୍ୟରୁ ୬୧ଲକ୍ଷ ୩୬ହଜାର ୩୮୧ଟଙ୍କା ଠକେଇରେ ଶିକାର ହୋଇଥିବା ପୀଡ଼ିତଙ୍କୁ ଫେରସ୍ତ କରାଯାଇଛି।

## ୟୁପିଆଇ ଜରିଆରେ...

କରି ଇପିଏଫ୍ ଅର୍ଥ ଉଠାଇବା ସହ ପାସ୍‌ବୁକ୍ ବାଲାନ୍ସ ଆଦି ଅନ୍ୟାନ୍ୟ ସେବା ଉପଲବ୍ଧ କରିପାରିବେ। ସମ୍ପ୍ରତି କର୍ମଚାରୀମାନେ ସେମାନଙ୍କ ଇପିଏଫ୍ ଆକାଉଣ୍ଟ ସମ୍ପର୍କରେ ଜାଣିବା ଏବଂ ସେବା ଉପଲବ୍ଧ କରିବା ପାଇଁ ସାର୍ବଜନିକ ଆକାଉଣ୍ଟ ନମ୍ବର (ୟୁଏଏନ୍) ପୋର୍ଟାଲ କିମ୍ବା ଉମଙ୍ଗ ଆପ୍ ବ୍ୟବହାର କରୁଛନ୍ତି। ଉକ୍ତ ସେବା ଉଭୟ ପ୍ଲାଟ୍‌ଫର୍ମରେ ଉପଲବ୍ଧ ରହିବାକୁ ଥିବାବେଳେ ନୂଆ ଆପ୍ ଏହି ସେବାକୁ ଅଧିକ ଉନ୍ନତ କରିବ। ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ଯୋଗ୍ୟ ଇପିଏଫ୍ ବାଲାନ୍ସ ସେଥିରେ ଦେଖିହେବ। କାରବାର ସମ୍ପୂର୍ଣ୍ଣ କରିବାକୁ ସଦସ୍ୟ ନିଜର ଲିଙ୍କ୍ ହୋଇଥିବା ୟୁପିଆଇ ପିନ୍ ବ୍ୟବହାର କରିବେ।

## ବାଚସ୍ପତିଙ୍କ ବିରୋଧରେ...

ବାଚସ୍ପତିଙ୍କୁ ଭେଟି ଅଚଳାବସ୍ଥା ଦୂର ପାଇଁ ଆଲୋଚନା କରିଥିଲେ। ଗୃହରେ ବିରୋଧୀ କାହିଁକି ହଟ୍ଟଗୋଳ କରୁଛନ୍ତି, ତାହାକୁ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ନେତାମାନେ ଆଲୋଚନା କରିଥିଲେ। କହିବାକୁ ଅନୁମତି ଦେଲେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ରାହୁଲ କହିଥିଲେ। ତେବେ ବିର୍ଲା ବିରୋଧୀ ଦଳ ନେତାମାନଙ୍କୁ ଚୂଡ଼ାନ୍ତ ନିଷ୍ପତ୍ତି ନ ଶୁଣାଇ ସରକାରଙ୍କ ସହ ଆଲୋଚନା ପରେ ଜଣାଇବେ ବୋଲି କହିଥିଲେ।

ବାଚସ୍ପତିଙ୍କୁ ଭେଟିବା ପରେ ରାହୁଲ କହିଛନ୍ତି, ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହକୁ ଆସିଲେ ନାହିଁ। ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରଓ୍ୱଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ପ୍ରଧାନମନ୍ତ୍ରୀ ଭୟଭୀତ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଗତ ଗୁରୁବାର ବିରୋଧୀ ଏମ୍‌ପିମାନଙ୍କଠାରୁ ପ୍ରଧାନମନ୍ତ୍ରୀଙ୍କ ପ୍ରତି ବିପଦ ଥିବା ଅଭିଯୋଗରେ ସାହସ ଥିଲେ ଏତଲା ଦାଏର କରିବାକୁ ରାହୁଲ ଆହ୍ୱାନ ଦେଇଛନ୍ତି। ବିରୋଧୀ ଆଲୋଚନା ପାଇଁ ଆଗ୍ରହୀ ଥିବାବେଳେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିର କୃଷକଙ୍କ ଉପରେ ପ୍ରଭାବ ଆଦି କାରଣରୁ ସରକାର ବଜେଟ ଉପରେ ଆଲୋଚନା କରିବାକୁ ଭୟ କରୁଥିବା ସେ ଅଭିଯୋଗ କରିଛନ୍ତି।

ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ଅନୁଷ୍ଠିତ ବିରୋଧୀ ଦଳ ନେତାମାନଙ୍କ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଟିଏମ୍‌ସି, ବାମଦଳ, ଡିଏମ୍‌କେ, ସମାଜବାଦୀ ପାର୍ଟି, ଆର୍‌ଜେଡି, ଶିବସେନା (ୟୁବିଟି), ଏନ୍‌ସିପି(ଏସ୍‌ପି) ଏବଂ ଆର୍‌ଏସ୍‌ପି ନେତାମାନେ ଯୋଗ ଦେଇଥିଲେ। ଯଦି ଅନାସ୍ଥା ପ୍ରସ୍ତାବ ଆସେ, ତେବେ ପଦବୀରେ ଥିବା ବାଚସ୍ପତିଙ୍କ ବିରୋଧରେ ଏହା ଚତୁର୍ଥ ଅନାସ୍ଥା ପ୍ରସ୍ତାବ ହେବ। ପୂର୍ବରୁ ବାଚସ୍ପତି ଜି.ଭି. ମାଭାଲାଙ୍କର, ହୁକୁମ ସିଂ ଏବଂ ବଳରାମ ଜାଖରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା।

## ୨ୟ ପ୍ରେମିକଙ୍କ...

ଏକ ଧାରୁଆ ଛୁରି ଆଣି ସତ୍ୟବ୍ରତଙ୍କ ତଣ୍ଟି କାଟି ଦେଇଥିଲେ। ବେକରୁ ପ୍ରବଳ ମାତ୍ରାରେ ରକ୍ତସ୍ରାବ ହେଉଥିବାବେଳେ ସତ୍ୟବ୍ରତ ବେକକୁ ଧରି ଦୌଡ଼ି ଦୌଡ଼ି କାର୍ ରଖିଥିବା ଶୈଳଶ୍ରୀବିହାର ମଙ୍ଗଳା ମନ୍ଦିର ନିକଟକୁ ଆସିଥିଲେ। ହେଲେ କାର ଭିତରକୁ ପଶି ନ ପାରି ବାହାରେ ଅଚେତ ହୋଇ ପଡ଼ିଯାଇଥିଲେ। ଏହାପରେ ପ୍ରେମିକା ସୁମିତ୍ରା ଏବଂ ଦୀନବନ୍ଧୁ ଆସି ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସରେ ସତ୍ୟବ୍ରତଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସତ୍ୟବ୍ରତ ଚଲାଉଥିବା ଗାଡ଼ିର ମାଲିକଙ୍କୁ ସୁମିତ୍ରା ସବୁ କିଛି କହିଥିଲେ। ଗାଡ଼ି ହତ୍ୟା ମାମଲାରେ ନ ଫଂସିବା ପାଇଁ ମାଲିକ ଭୋରରୁ ଜଣେ ଡ୍ରାଇଭର ଠିକ୍ କରି ଡବଲ ଚାବିରେ ଶୈଳଶ୍ରୀବିହାର ନିକଟରୁ ଆଣିଥିଲେ। କିନ୍ତୁ ଡ୍ରାଇଭର ଅତ୍ୟଧିକ ନିଶାଗ୍ରସ୍ତ ଥିବାରୁ ଶିଶୁଭବନ ଓଭରବ୍ରିଜ୍ ଉପରେ ଦୁର୍ଘଟଣା ଘଟାଇଥିଲେ। କାର୍ ବ୍ରିଜ୍ ଡିଭାଇଡରରେ ପିଟି ହୋଇ ଅନ୍ୟପଟରେ ବାଡ଼ ଭାଙ୍ଗି ତଳକୁ ପଡ଼ି ଯାଇଥିଲା। ବସ୍ତିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘର ଉପରେ କାର୍ ପଡ଼ି ଯାଇଥିଲା। କ୍ୟାପିଟାଲ ଥାନା ପୋଲିସ ସକାଳୁ ଏକ କ୍ରେନ୍ ସାହାଯ୍ୟରେ ଗାଡି ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ଆଇସକ୍ରିମ୍ ଖାଇ...

ହସଖୁସିରେ ବୁଲୁଥିଲେ। ଏହି ସମୟରେ ନିକଟରେ ବିକ୍ରି ହେଉଥିବା ଆଇସକ୍ରିମ୍ କିଣି ପିଲା ଏବଂ ବଡ଼ ମାନେ ଖାଇଥିଲେ। ତେବେ ଆଇସକ୍ରିମ୍ ଖାଇବାର କିଛି ସମୟ ପରେ ୧୮ଜଣ ପିଲା ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କ ମୁଣ୍ଡ ବୁଲାଇବା ସହ ଜିଭ ଲାଲ୍ ପଡ଼ି ପାଟିରୁ ଲାଳ ବୋହିଥିଲା। ସେମାନଙ୍କୁ ତୁରନ୍ତ ବାଙ୍କୀ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଜରୁରିକାଳୀନ ଚିକିତ୍ସା ପରେ ପିଲାମାନେ ସୁସ୍ଥ ଅନୁଭବ କରିବାରୁ ସେମାନଙ୍କୁ ପରିବାର ଲୋକଙ୍କ ସହ ଘରକୁ ପଠାଇ ଦିଆଯାଇଥିଲା। ପିଲାମାନେ ଆଇସକ୍ରିମ୍ କଣ୍ଟାକ୍ଟ ଆଲର୍ଜିକ(ରଟଙ୍ଗ)ରେ ଆକ୍ରାନ୍ତ ହୋଇଥିଲେ ବୋଲି ଡାକ୍ତର ପଦ୍ମଲୋଚନ ପଣ୍ଡା କହିଛନ୍ତି। ଅପରପକ୍ଷରେ ଆଇସକ୍ରିମ୍ ପ୍ରସ୍ତୁତିରେ ବ୍ୟତିକ୍ରମ ଥିବା ହେତୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ଅପମିଶ୍ରଣ କରୁଥିବା ଏବଂ ଅତି ନିମ୍ନ ମାନର ଆଇସକ୍ରିମ୍ ତିଆରି କରୁଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି ବୋଲି କୁହାଯାଇଛି। ଏଭଳି ଘଟଣା ଘଟାଇ ଥିବା ଆଇସକ୍ରିମ୍ ବ୍ୟବସାୟୀଙ୍କ ଉପରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ଦୟାନଦୀକୁ...

ସୁଧ ବାବଦ ଅର୍ଥକୁ ସେମାନଙ୍କ ପରିବାରକୁ ପ୍ରଦାନ କରାଯିବ। ଏହି ସମସ୍ତ ପ୍ରକ୍ରିୟା ନିର୍ଦ୍ଦେଶନାମା ୩ମାସ ମଧ୍ୟରେ ଶେଷ ହେବା ଆବଶ୍ୟକ। ଏହାସହିତ ଉକ୍ତ ସ୍ଥାୟୀ ଜମା ଅର୍ଥ ୩ବର୍ଷ ପୂର୍ବରୁ ଯେପରି ଉଠାଇ ନ ହେବ ସେଥିପ୍ରତି ସର୍ତ୍ତ ରଖିବାକୁ ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଆବେଦନକାରୀ ରମାରଞ୍ଜନ କହିଛନ୍ତି, ୨୦୨୫ ଜାନୁଆରୀରେ କଣାସ ବ୍ଲକର ୧୨୬ଟି ଗ୍ରାମର ଲୋକେ ଦୟା ପାଣି ବ୍ୟବହାର କରି ଆକ୍ରାନ୍ତ ହୋଇଥିଲେ। ୭ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଉଥିଲେ ହେଁ ଏହି ସଂଖ୍ୟା ଅଧିକ ଥିଲା। ଏହାସହିତ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦୟା ଯୋଗୁ ୧୧ଟି ଜିଲାର ପ୍ରାୟ ୭୦ଜଣଙ୍କ ହଇଜାରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ସମୟରେ ତତ୍ପରତା ପ୍ରକାଶ ପାଇଥିଲା।

## ଚନ୍ଦ୍ରୟାନ-୪ ମିଶନ...

ଆଦି ୪ଟି ସ୍ଥାନକୁ ଚିହ୍ନଟ କରାଯାଇଥିଲାବେଳେ ସେଗୁଡିକ ମଧ୍ୟରୁ ଏମ୍‌ଏମ୍-୪ ହିଁ ଚନ୍ଦ୍ରୟାନ-୪ ଲାଗି ସବୁଠୁ ପ୍ରକୃଷ୍ଟ ବୋଲି ସେମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଇସ୍ରୋର ପୂର୍ବ ଚନ୍ଦ୍ରୟାନ ଅଭିଯାନ ତୁଳନାରେ ଚନ୍ଦ୍ରୟାନ-୪ ଅପେକ୍ଷାକୃତ ଜଟିଳ ରହିବ। କାରଣ ଏହି ଅଭିଯାନରେ ଚନ୍ଦ୍ରୟାନକୁ ଚନ୍ଦ୍ରପୃଷ୍ଠରେ ଅବତରଣ କରାଇବା ପରେ ଆବଶ୍ୟକ ଗବେଷଣା ଶେଷକରି ଏହାକୁ ପୁଣି ପୃଥିବୀ ପୃଷ୍ଠକୁ ଫେରାଇ ଅଣାଯିବା ଲକ୍ଷ୍ୟ ରଖାଯାଇଛି।

## ପାର୍ଲାମେଣ୍ଟକୁ...

ବୋଲି ଭାରତୀୟ କର୍ତ୍ତୃପକ୍ଷ ଅଭିଯୋଗ କରିଥିଲେ। ଏହାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଥିଲା। ସେହିପରି ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ କାର୍ ବୋମା ବିସ୍ଫୋରଣ ଘଟି ୧୫ ଜଣଙ୍କ ମୃତ୍ୟୁ ହେବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣା ମନରୁ ଲିଭି ନ ଥିଲା ବେଳେ ପୁନର୍ବାର ପାର୍ଲାମେଣ୍ଟ ସମେତ ବିଭିନ୍ନ ସ୍କୁଲକୁ ବୋମା ଧମକ ମିଳିଥିବାରୁ ଦିଲ୍ଲୀ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ପାର୍ଲାମେଣ୍ଟ ଭବନ ବ୍ୟତୀତ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଲୋରେଟୋ କନ୍‌ଭେଣ୍ଟ ସ୍କୁଲ୍, ଦକ୍ଷିଣ ଦିଲ୍ଲୀ ଶ୍ରୀନିବାସପୁରୀର କେମ୍ବ୍ରିଜ୍ ସ୍କୁଲ୍, ରୋହିଣୀ ଅଞ୍ଚଳରେ ଥିବା ଭେଙ୍କଟେଶ୍ୱର ସ୍କୁଲ ଏବଂ ସିଏମ୍ ସ୍କୁଲ୍ ଓ ବାଲ୍ ଭାରତୀୟ ସ୍କୁଲ, ଦକ୍ଷିଣ ଦିଲ୍ଲୀ ନ୍ୟୁ ଫ୍ରେଣ୍ଡସ କଲୋନିର କେମ୍ବ୍ରିଜ୍ ସ୍କୁଲ, ଦକ୍ଷିଣ ଦିଲ୍ଲୀ ସାଦିକ୍ ନଗରର ଦି ଇଣ୍ଡିଆନ ସ୍କୁଲ୍ ଏବଂ ଡିଟିଏ ସ୍କୁଲକୁ ବୋମା ଧମକ ମିଳିଛି। ସେଠାରେ ବୋମା ଚିହ୍ନଟ ଏବଂ ନିଷ୍କ୍ରିୟକାରୀ ଟିମ୍, ଡଗ୍ ସ୍କ୍ୱାଡ୍ ପହଞ୍ଚି ଖାନତଲାସି ଚଳାଇବା ସହ ସ୍କୁଲଗୁଡ଼ିକୁ ଖାଲି କରିଦିଆଯାଇଥିଲା। ଇମେଲ୍‌ଗୁଡ଼ିକ କେଉଁଠୁ ଆସିଥିଲା, ତାହା ଜାଣିବା ପାଇଁ ସାଇବର ଟିମ୍‌କୁ ନିୟୋଜିତ କରାଯିବା ସହ ରାଜଧାନୀର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ତେବେ କୌଣସି ସ୍କୁଲ୍‌ରୁ କୌଣସି ସନ୍ଦିଗ୍ଧ ମିଳି ନ ଥିବା ଅଧିକାରୀମାନେ କହିଛନ୍ତି।

# ଅଙ୍ଗପଡ଼ା ପାହାଡ଼ରେ ଲାଗିଥିବା ନିଆଁ ଲିଭାଇଲେ

## ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ଜଙ୍ଗଲ ନିଆଁ ନିବାରଣ ସମ୍ପର୍କିତ ସାଇକେଲ ଯାତ୍ରା ଉଦ୍‌ଯାପିତ

**ଅନୁଗୋଳ,୯।୨ (ଜ୍ୟୋତିରଞ୍ଜନ ସାହୁ)**

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ଅନୁଗୋଳ ସାଥୀ ପରିବାର ପକ୍ଷରୁ ଗତ ୫ ତାରିଖରୁ ପୁରୁଣାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଥିବା ଜଙ୍ଗଲ ନିଆଁ ନିବାରଣ ସମ୍ପର୍କିତ ପରିବେଶ ସଚେତନତାମୂଳକ ସାଇକେଲ ଶୋଭାଯାତ୍ରା ୫ ଦିନ ପରେ ସୋମବାର ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି ଯାତ୍ରାରେ ସାଥୀ ପରିବାର ସଦସ୍ୟମାନେ ପ୍ରାୟ ୪୨ଟି ଗାଁ ପରିକ୍ରମା କରି ଗ୍ରାମବାସୀ, ଯୁବ, ଛାତ୍ରସମାଜ ନିକଟରେ ପରିବେଶ ସୁରକ୍ଷା ସନ୍ଦେଶ ପହଞ୍ଚାଇଥିଲେ। ଏହି ଅବସରରେ ଅଙ୍ଗପଡ଼ା ପାହାଡ଼ରେ ଲାଗିଥିବା ନିଆଁକୁ ମଧ୍ୟ ସାଇକେଲ ଯାତ୍ରାରେ ସାମିଲ ହୋଇଥିବା ସଦସ୍ୟମାନେ ଲିଭାଇଥିଲେ। ଅନୁଗୋଳ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସଦସ୍ୟମାନେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

ଏହି ସଚେତନତା ସାଇକେଲ ଯାତ୍ରା ଅନୁଭୂତି ସମ୍ପର୍କରେ ସଦସ୍ୟମାନେ କହିଛନ୍ତି, ଗାଁଗୁଡ଼ିକରେ ସେମାନେ ପହଞ୍ଚିବା ପରେ ସ୍ଥାନୀୟ ମହିଳାମାନେ ସମସ୍ତଙ୍କୁ ପାଛୋଟି ନେବା ସହ ସ୍ୱାଗତ କରିଥିଲେ। ଯୁବବର୍ଗ ବିଶେଷ ଆଗ୍ରହ ଦେଖାଇ ଗାଁରେ ସଚେତନତା କାର୍ଯ୍ୟରେ ସହଭାଗୀ ହୋଇଥିଲେ। କେତେକ ସ୍ଥାନରେ ପକ୍କା ରାସ୍ତା ନ ଥିବାରୁ ସଦସ୍ୟମାନେ ମାଟି ଓ ପଥର ରାସ୍ତା ଦେଇ ସାଇକେଲ ଚଲାଇ ଦୁର୍ଗମ ଅଞ୍ଚଳରେ ପହଞ୍ଚି ସଚେତନତା ସୃଷ୍ଟି କରିଥିଲେ। ଯାତ୍ରାର ଦ୍ୱିତୀୟ ଦିନରେ ଜଙ୍ଗଲାଞ୍ଚଳ ଦେଇ ଗଲାବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ତଥାପି ସତର୍କତା ଅବଲମ୍ବନ କରି ସେମାନେ ଯାତ୍ରା ସହ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଥିଲେ। ଜଙ୍ଗଲ ନିଆଁର ଭୟାବହ ପ୍ରଭାବ ଓ ମାନବୀୟ ଅବହେଳା କିପରି ପରିବେଶକୁ କ୍ଷତିଗ୍ରସ୍ତ କରୁଛି, ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉପରେ ଜୋର୍ ଦିଆଯାଇଥିଲା। ଅଙ୍ଗପଡ଼ା ପାହାଡ଼ରେ ନିଆଁ ଲାଗିଥିବା ବେଳେ ସାଥୀ ପରିବାରର ସଦସ୍ୟମାନେ ନିଜେ ଆଗକୁ ଆସି ନିଆଁ ଲିଭାଇ ପରିବେଶ ପ୍ରତି ସମର୍ପଣର ଉଦାହରଣ ସୃଷ୍ଟି କରିଥିଲେ। ଏଥିସହ ସଦସ୍ୟମାନେ ଚାଷୀମାନଙ୍କୁ ଜୈବିକ କୃଷି ପ୍ରଣାଳୀ ଅନୁସରଣ କରିବାକୁ ପରାମର୍ଶ ଦେଇ ରାସାୟନିକ ସାର ଓ କୀଟନାଶକର କୁପ୍ରଭାବ ବିଷୟରେ ଜଣାଇଥିଲେ। ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ଚାରାରୋପଣ ବୃଦ୍ଧି ଓ ବାୟୁ, ଜଳ ପ୍ରଦୂଷଣ ରୋକିବାକୁ ବୁଝାଇଥିଲେ। ପରିବେଶ ସୁରକ୍ଷା ସମ୍ପର୍କିତ ଏପରି ସଚେତନତା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆୟୋଜକମାନଙ୍କ ପକ୍ଷରୁ କୁହାଯାଇଛି।



୫ ଦିନିଆ ସଚେତନତା ସାଇକେଲ ଯାତ୍ରା ଶେଷ କରି ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଥିବା ସାଥୀ ପରିବାରର ସଦସ୍ୟମାନେ।

ଏହି ସଚେତନତା କାର୍ଯ୍ୟକ୍ରମରେ ସାଥୀ ପରିବାର ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ, ସଭାପତି ସିଦ୍ଧାର୍ଥ ପ୍ରଧାନ, ସୁବ୍ରତ ପ୍ରଧାନ, ସଦସ୍ୟ ସଭାପତି ସିଦ୍ଧାର୍ଥ ପ୍ରଧାନ, ପିଣ୍ଟୁ ବେହେରା, ସୌମ୍ୟରଞ୍ଜନ ଥମ୍ୱ, ଗୁରୁଦେବ ସାହୁ, ବିଜୟ କୁମାର ଜେନା, ପପୁନ ସାହୁ, ଯୁବ ସାମାଜିକ କର୍ମୀ ସୁବ୍ରତ କୁମାର ସାହୁ, ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ବିନୋଦ ମାଝୀ ଓ ଦିବ୍ୟରଞ୍ଜନ ସାହୁ, ସୁମନ୍ତ ସାହୁ, ସେକେଣ୍ଡ ଯୁଥ୍ ଲାଇଟ ଆସୋସିଏଶନର ଶିପୁନ ସାହୁ, ସୁନୀଲ ଦଳବେହେରା ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପରିବାରର ଅନୁଗୋଳ ଜିଲା ସଦସ୍ୟମାନେ ଉପସ୍ଥିତ ଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ସାମାଜିକ କର୍ମୀ ପର୍ଶୁରାମ ଦାସ ସ୍ୱାଗତଯୋଗ୍ୟ ବୋଲି କହିବା ସହ ବାୟୁ ଓ ଜଳ ପ୍ରଦୂଷଣ ରୋକିବାରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ସାମାଜିକ କର୍ମୀ ବ୍ରହ୍ମଜ୍ୟୋତି ମିଶ୍ର ଉପସ୍ଥିତ ଥିଲେ।

# ଇଣ୍ଡିଆନ ଆଇଡଲ୍ -୧୬ ଫାଇନାଲରେ ନୀଳଗିରି ଝିଅ ଜ୍ୟୋତିର୍ମୟୀ

**ନୀଳଗିରି, ୯।୨ (ପ୍ରଶାନ୍ତ ବିଶ୍ୱାଳ)**

ସୋନି ଟିଭି ରିଆଲିଟି ଶୋ 'ଇଣ୍ଡିଆନ ଆଇଡଲ୍ -୧୬'ର ଫାଇନାଲ ରାଉଣ୍ଡରେ ପହଞ୍ଚିଛନ୍ତି ନୀଳଗିରି ମାଟିର ସୁନାଝିଅ ଜ୍ୟୋତିର୍ମୟୀ ନାୟକ। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜଡିଦା ପଞ୍ଚାୟତ ବାଉଁଶନାଳ ଗ୍ରାମର ଚକ୍ରଧର ନାୟକ ଓ ଗୌରୀମଣି ନାୟକଙ୍କ ଏକମାତ୍ର ଝିଅ ଜ୍ୟୋତିର୍ମୟୀ ପିଲାଟିବେଳୁ ସଙ୍ଗୀତ ପ୍ରତି ରୁଚିରଖିଥିଲେ। ଜ୍ୟୋତିର୍ମୟୀ ଓଡ଼ିଆରେ ୧ହଜାରରୁ ଊର୍ଦ୍ଧ୍ୱ ଗୀତ ଗାଇଥିବା ବେଳେ କର୍କଟ ରୋଗରେ ପୀଡିତ ରୋଗୀଙ୍କ ପାଇଁ ମ୍ୟୁଜିକ ଥେରାପି ମାଧ୍ୟମରେ ଗୀତ ଗାଇ ଆନନ୍ଦପ୍ରଦାନ କରିଥାନ୍ତି। ଚଳିତ ଇଣ୍ଡିଆନ ଆଇଡଲ୍ -୧୬ରେ ଲଗାତାର ପ୍ରଭାବଶାଳୀ ପ୍ରଦର୍ଶନ କରି ବିଚାରକଙ୍କ ପ୍ରଥମପସନ୍ଦ ହୋଇପାରିଛନ୍ତି। ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅନୁରକ୍ତ ଜ୍ୟୋତିର୍ମୟୀ ଅନ୍ୟ ପ୍ରତିଯୋଗୀ କଣ୍ଠଶିଳ୍ପୀଙ୍କ ତୁଳନାରେ ଚମତ୍କାର ପ୍ରଦର୍ଶନ କରି ସର୍ବାଗ୍ରେ ରହିଥିବା ବେଳେ ଫାଇନାଲରେ ବିଜୟମୁକୁଟ ପିନ୍ଧି ରାଜ୍ୟ, ଜିଲା ଏବଂ ଜନ୍ମମାଟି ନୀଳଗିରି ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ହଜାର ହଜାର ରାଜ୍ୟ ତଥା ନୀଳଗିରିବାସୀ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ମଙ୍ଗଳକାମନା କରି ଅଖଣ୍ଡ ଦୀପଦାନ କରିଥିବା ପରିବାରବର୍ଗ ସୂଚନା ଦେଇଛନ୍ତି।


କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ।

# ଲୁହାରଡ୍, କୁରାଢ଼ି ଧରି ମୋବାଇଲ ଟାୱାର ଉପରେ ଯୁବକ

### ଉଦ୍ଧାର କରିବାକୁ ପୋଲିସ, ଅଗ୍ନିଶମ ବିଭାଗ ନାକେଦମ୍

**ତେନ୍ତୁଳିଖୁଣ୍ଟି, ୯।୨ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ତଗାପାଲି ଗ୍ରାମରେ ଥିବା ଏକ ମୋବାଇଲ ଟାୱାର ଉପରକୁ ସ୍ଥାନୀୟ ଯୁବକ ଭୁକ୍ତା ଯାନୀ ସୋମବାର ସକାଳ ପ୍ରାୟ ୧୦ଟାରେ ଚଢ଼ି ଯାଇଥିଲେ। ଏହା ଦେଖିବା ପରେ ସ୍ଥାନୀୟ ଲୋକେ ଖାତିଗୁଡ଼ା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ। ସେମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଭୁକ୍ତାଙ୍କୁ ଉଦ୍ଧାର କରିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା ଭୁକ୍ତାଙ୍କୁ ତଳକୁ ଅଣାଯାଇ ପାରି ନ ଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଗତବର୍ଷ ଭୁକ୍ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ବସିଥିବା ପରିବାର ଲୋକେ କହିଛନ୍ତି। ନିଜେ ଜଙ୍ଗଲକୁ ଯାଇ କାଠ ସଂଗ୍ରହ କରି ବିକାବିକି କରି ପରିବାର ଚଳାଉଥିଲେ। କିନ୍ତୁ ସୋମବାର ହାତରେ ଲୁହାରଡ୍, କୁରାଢ଼ି ଧରି ଗ୍ରାମରେ ଥିବା ମୋବାଇଲ ଟାୱାର ଉପରକୁ ଚଢ଼ି ଯାଇଥିଲେ। ଓହ୍ଲାଇବା ପାଇଁ ଯେତେ ଅନୁରୋଧ କଲେ ମଧ୍ୟ ସେ ଶୁଣୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଖାତିଗୁଡ଼ା ପୋଲିସ ପୂଜାରୀଗୁଡ଼ା ଅଗ୍ନିଶମ ବିଭାଗ ଦିନତମାମ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ଭୁକ୍ତା ପୂରା ଉପରକୁ ଚଢ଼ି ଯାଇଥିବାରୁ ଡେଇଁ ପଡ଼ିଲେ ଜୀବନ ପ୍ରତି ବିପଦ ରହିଛି। ତେଣୁ ବାଧ୍ୟ ହୋଇ ତଳେ ଜଗିଛୁ ବୋଲି ଥାନାଧିକାରୀ ବୀରେନ୍ଦ୍ର ବାଗ ପ୍ରକାଶ କରିଛନ୍ତି।

# ୯୪% ଅଭିଯୋଗର ସମାଧାନ ସରିଛି

### ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

**ଭୁବନେଶ୍ୱର, ୯।୨ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ୧୭ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୟୁନିଟ୍ -୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୋହନ ଚରଣ ମାଝୀଙ୍କ ସମେତ ୫ ଜଣ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣି ସମାଧାନ ଦିଗରେ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିର ୧୬ତମ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅଭିଯୋଗର ସମାଧାନ କରାଯାଇଛି, ଯାହା ଶତକଡ଼ା ୯୪% ହେବ। ବାକି ଥିବା ଅଭିଯୋଗ ଗୁଡିକ ପ୍ରକ୍ରିୟା ଭିତରେ ରହିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଅଭିଯୋଗ ଶୁଣାଣି ତାଙ୍କ ସରକାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଚଳିତ ନୂଆ ବର୍ଷରେ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ଲାଗି ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସଚିବାଳୟଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତା'ର ସମାଧାନ ଦିଗରେ ଯତ୍ନବାନ ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲାସ୍ତରରେ ଏହାର ସୁଫଳ ପରିଲକ୍ଷିତ ହେଉଛି। ଏବେ ଜିଲାପାଳ ଓ ଏସ୍‌ପିମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆରମ୍ଭରୁ ୩୨ ଜଣ ଦିବ୍ୟାଙ୍ଗଙ୍କୁ ଭେଟିଥିଲେ। ସେମାନଙ୍କ ମଧ୍ୟରୁ ଜଟିଳ ରୋଗରେ ପୀଡିତ ଭଦ୍ରକ ଜିଲାର ବ୍ରଜକିଶୋର ବନ୍ଧାଙ୍କୁ ୧ ଲକ୍ଷ, ଯାଜପୁର ଜିଲା କାର୍ତ୍ତିକ ସିଂଙ୍କୁ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରିଥିଲେ। ଏଥିସହିତ ଚିକିତ୍ସା ଆବଶ୍ୟକ କରୁଥିବା ଅନ୍ୟ ଅଭିଯୋଗକାରୀଙ୍କ ଦରଖାସ୍ତ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟଣାଗଡରୁ ଆସିଥିବା କିଡ୍‌ନୀ ଓ ସ୍ନାୟୁଗତ ରୋଗରେ ପୀଡ଼ିତା ତିଳୋତ୍ତମା ପାଣ୍ଡେଙ୍କ ଯିବା ଆସିବା ଖର୍ଚ୍ଚ ସହିତ ଚିକିତ୍ସା ସୁବିଧା ଦେବା ଲାଗି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମନ୍ତ୍ରୀ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଭୁବନେଶ୍ୱର ୟୁନିଟ୍ ୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କଠାରୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି।

# ଧର୍ମଘଟ ଦିନ ମଧ୍ୟାହ୍ନଭୋଜନ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୯।୨ (ସୁଚିସ୍ମିତା ସାହୁ)**

ଆସନ୍ତା ୧୨ ତାରିଖରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମକରଣ ପରିବର୍ତ୍ତନକୁ ବିରୋଧ କରିବା ସହ ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍ ବାତିଲ ଆଦି କେତେକ ଦାବିରେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ। ଏହି ଧର୍ମଘଟକୁ ଓଡ଼ିଶାର ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାମାନେ ସମର୍ଥନ କରିଛନ୍ତି। ତେଣୁ ଧର୍ମଘଟ ଦିନ ବିଦ୍ୟାଳୟରେ ପାଚିକା ଓ ସହାୟିକାମାନେ ଅନୁପସ୍ଥିତ ରହିବାର ଆଶଙ୍କା ରହିଛି। ତେଣୁ କୌଣସି ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନରୁ ବଞ୍ଚିତ କରାଯିବ ନାହିଁ। ଧର୍ମଘଟକୁ ଦୃଷ୍ଟିରେ ରଖି ମଧ୍ୟାହ୍ନ ଭୋଜନର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ (ପ୍ରଧାନମନ୍ତ୍ରୀ ପୋଷଣ) ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଧ୍ୟାହ୍ନ ଭୋଜନ ପାଇଁ ଜିଲା ଶିକ୍ଷା ଅଧିକାରୀମାନେ ସ୍ଥାନୀୟସ୍ତରରେ ବିକଳ୍ପ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି।

## ଆଇନ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଗୁଳିକଲେ ସହପାଠୀ




# ମହାପ୍ରସାଦକୁ ପୁଣି ଅବମାନନା

**ପୁରୀ, ୯।୨ (ଅଜିତ୍ କୁମାର ମହାନ୍ତି)**

ପୁଣି ମହାପ୍ରସାଦକୁ ଅବମାନନା। କେଉଁ ଉପାନ୍ତ ଅଞ୍ଚଳରେ ନୁହେଁ, ଖୋଦ୍ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରସାଦକୁ ଅବମାନନା କରାଯାଇଛି। କିଛି ବ୍ୟକ୍ତି ଡାଇନିଂ ଟେବୁଲରେ ଚପଲ ପିନ୍ଧି ବସି ମହାପ୍ରଭୁଙ୍କ ମହାପ୍ରସାଦ ସେବନର ଭିଡିଓ ଭାଇରାଲ୍ ହୋଇଛି। ଏପରି ଦୃଶ୍ୟ ଭାଇରାଲ ହେବା ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ସୂଚନାଥାଉକି, ପୁରୀର ଏକ ହୋଟେଲରେ ବଙ୍ଗୀୟ ଯାତ୍ରୀ ଡାଇନିଂ ଟେବୁଲରେ ବସି ମହାପ୍ରସାଦ ସେବନ କରୁଥିବା ଘଟଣା ଜଗନ୍ନାଥପ୍ରେମୀଙ୍କୁ ଘୋର ଆଘାତ ଦେଇଛି। କେବଳ ଡାଇନିଂ ଟେବୁଲ୍‌ରେ ବସି ମହାପ୍ରସାଦ ସେବନ ନୁହେଁ, ବରଂ ଚପଲ ପିନ୍ଧି ଏହାକୁ ସେବନ କରିବାକୁ ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ମହାପ୍ରଭୁଙ୍କ ମହାପ୍ରସାଦ କାଣିଚାଏ ପ୍ରାପ୍ତ ହେଲେ ଆତ୍ମତୃପ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ମହାପ୍ରସାଦ ସେବନ ସମୟରେ ଖାଲିପାଦରେ ତଳେ ବସି ଏହାକୁ ସେବନ କରିବାର ପରମ୍ପରା ମଧ୍ୟ ରହିଛି। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରିବା ଦ୍ୱାରା ଅଶେଷ ପୁଣ୍ୟ ମିଳେ। କିନ୍ତୁ ମହାପ୍ରସାଦକୁ ଏଭଳି ଅସମ୍ମାନ କରିବା ଆଦୌ ଉଚିତ ନୁହେଁ ବୋଲି ଜଗନ୍ନାଥପ୍ରେମୀ କହିଛନ୍ତି। ତେବେ ଯେଉଁ ହୋଟେଲରେ ବଙ୍ଗୀୟ ଯାତ୍ରୀ ମହାପ୍ରସାଦକୁ ଅସମ୍ମାନ କରିଛନ୍ତି ସେହି ହୋଟେଲର କର୍ମଚାରୀମାନେ ସେହି ସମୟରେ କ'ଣ କରୁଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି। ମହାପ୍ରସାଦକୁ ସମ୍ମାନ ଦେଇ କିଭଳି ସେବନ କରିବା କଥା ସେ ନେଇ ହୋଟେଲ ପକ୍ଷରୁ ଯାତ୍ରୀମାନଙ୍କୁ ସଚେତନ କରାଗଲେ ଏଭଳି ଘଟଣା ବାରମ୍ବାର ଘଟନ୍ତା ନାହିଁ ବୋଲି ସେବାୟତମାନେ ମତ ରଖିଛନ୍ତି। ଏଣୁ ସମସ୍ତ ହୋଟେଲିୟର ଏ ଦିଗରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

10001/34/2526

ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ

୩୦ ଜାନୁଆରୀ - ୧୩ ଫେବୃଆରୀ ୨୦୨୬

'ଭେଦଭାବ ସମାପ୍ତ କରି ସମ୍ମାନର ସହ ବଞ୍ଚିବା'

- ଏହି ଅଭିଯାନରେ ଆଶା ଓ ସ୍ୱାସ୍ଥ୍ୟକର୍ମୀ ନିଜ ନିଜ ଅଞ୍ଚଳରେ କୁଷ୍ଠରୋଗ ବିଷୟରେ ସଚେତନ କରିବେ
- ବଧିରା/ତମ୍ବାଳିଆ ଛଉ, ତେଲିଆ/ ଚିକ୍କଣ/ପାଉଁସିଆ ଚର୍ମ, ହାତ/ ପାଦ ବଧିରା କିମ୍ବା ଦୁର୍ବଳ ହେବା, ମୁହଁ ଏବଂ କାନରେ ଗୁଳି ବାହାରିବା ଆଦି କୁଷ୍ଠର ଲକ୍ଷଣ ହୋଇପାରେ
- କୁଷ୍ଠରୋଗର ଚିହ୍ନଟ, ଚିକିତ୍ସା ଏବଂ ପୁନଃକ୍ଷମ ଅସ୍ତ୍ରୋପଚାର ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ
- ପୁନଃକ୍ଷମ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କୁ ସରକାରଙ୍କ ତରଫରୁ ୧୨,୦୦୦ ଟଙ୍କା ପାରିଶ୍ରମିକ ଭରଣା ତଥା ଗସ୍ତ ଖର୍ଚ୍ଚ ବାବଦକୁ ୧,୫୦୦ଟଙ୍କା ଦିଆଯାଉଛି

କୁଷ୍ଠ ରୋଗର ଲକ୍ଷଣ



ଇଷତ୍ ସଫା / ତମ୍ବାଳିଆ ବଧିରା ଛଉ
କାନରେ ଗୁଳି ଗୁଳି ବାହାରିବା
ହାତ / ପାଦ ବଧିରା ଲାଗିବା/ଦୁର୍ବଳ ଲାଗିବା
ଆଙ୍ଗୁଳି ବଙ୍କା ହେବା କିମ୍ବା ଝୁଲି ପଡିବା
ପାଦରେ ବଧିରା ଘା' ହେବା
ଆଖି ପତା ବନ୍ଦ ନହେବା
ମୁହଁର ଚମ ତେଲିଆ/ ମୋଟା ଦେଖାଯିବା

କୁଷ୍ଠରୋଗର ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/25-26/0017

"ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା



# ଆଇସ୍କ୍ରିମ୍ ଖାଇଲେ

କଟକ ଜିଲା ବାଙ୍କୀ ତହସିଲ ଅନ୍ତର୍ଗତ କୁମୁସର ଗାଁରେ ୯ ଫେବୃଆରୀରେ ଅନୁଷ୍ଠିତ ଏକ ଅଷ୍ଟପ୍ରହରୀ କାର୍ଯ୍ୟକ୍ରମରେ ଆଇସ୍କ୍ରିମ ଖାଇ ୧୮ ଜଣ ପିଲା ଅସୁସ୍ଥ ହୋଇଥିବା ଘଟଣା ପଦାକୁ ଆସିଛି। ସେମାନେ ଏହାକୁ ଖାଇବାର କିଛି ସମୟ ପରେ ପାଟି ଫୁଲିଯିବା ସହ ଅସୁସ୍ଥତା ଅନୁଭବ କରିଥିଲେ। ପିଲାମାନଙ୍କୁ ନିକଟସ୍ଥ ଡାକ୍ତରଖାନା ନିଆଯାଇଥିବା ବେଳେ ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇଛନ୍ତି। ଗ୍ରାମବାସୀ ଆଇସ୍କ୍ରିମ ବିକାଳିଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ। ଅନେକ ସମୟରେ ଏହିଭଳି ଘଟଣା ଘଟୁଥିଲେ ମଧ୍ୟ ତାହାକୁ ରୋକାଯାଇପାରୁ ନାହିଁ। ବିକାଳି ଯେତେ ମାତ୍ରାରେ ଦୋଷୀ ତତୋଽଧିକ ଅପରାଧୀ ହେଉଛନ୍ତି ଖାଉଟି ବଜାରରେ ଅଜଣା ଥିବା ଆଇସ୍କ୍ରିମ୍ ପ୍ରସ୍ତୁତ କରୁଥିବା ସଂସ୍ଥାର ମାଲିକ। ଶୀତ ସରିବା ପରେ ଗରମ ଆରମ୍ଭ ହେବା ମାତ୍ରେ ଆଇସ୍କ୍ରିମ୍‌ର ଚାହିଦା ବଢ଼ିଥାଏ। ପିଲାଙ୍କ ପାଇଁ ଏହା ଆକର୍ଷଣୀୟ ହୋଇଥିବାରୁ କମ୍ ଦାମରେ ତାହାକୁ ଯୋଗାଇ ଦେବା ଲାଗି ଅନାମଧେୟ ଆଇସ୍କ୍ରିମ୍ ପ୍ରସ୍ତୁତକାରୀ ସଂସ୍ଥା ଲାଗି ପଡ଼ିଥାଆନ୍ତି। ଅଧିକାଂଶ କାରଖାନା କର୍ତ୍ତୃପକ୍ଷ ଅସ୍ୱାସ୍ଥ୍ୟକର ପରିବେଶରେ ଆଇସ୍କ୍ରିମ୍ ପ୍ରସ୍ତୁତ ବେଳେ ସିଧା ପାଇପ୍ ଜଳକୁ ବ୍ୟବହାର ସହ ତାହାକୁ ସ୍ୱାଦିଷ୍ଟ କରିବା ଲାଗି ଖାଦ୍ୟ ଅନୁପଯୋଗୀ ରାସାୟନିକ ଦ୍ରବ୍ୟ ବ୍ୟବହାର କରୁଥିବା ଖବର ଶୁଣିବାକୁ ମିଳେ। ବୁଲା ବିକାଳିଙ୍କ ବାକ୍ସ ଓ ବିକିବା ସ୍ଥାନର ସ୍ୱଚ୍ଛତା ମଧ୍ୟ ପ୍ରଶ୍ନବାଚୀରେ ଥାଏ। ଫଳରେ ଅପମିଶ୍ରିତ ଆଇସ୍କ୍ରିମ ଖାଇବା ଦ୍ୱାରା ଛାଡ଼ାବାନ୍ତି ଯାଏ କଥା ଯାଏ। ଏହା ବିଶେଷକରି ଗ୍ରାମାଞ୍ଚଳରେ ଅଧିକ ମାତ୍ରାରେ ଦେଖାଯାଏ। ସ୍କୁଲ ଅଞ୍ଚଳ, ଗାଁ ଭିତରେ ବୁଲି ଆଇସ୍କ୍ରିମ ବିକୁଥିବା ବିକାଳି ପାଖରେ ପିଲାଙ୍କ ଭିଡ଼ ଜମିଥାଏ। କେହି ତାହାର ଗୁଣବତ୍ତାକୁ ପରଖି ନ ଥାଆନ୍ତି। ସେତକ କରିବାର ସୁଯୋଗ ମଧ୍ୟ ନ ଥାଏ। ପିଲାମାନଙ୍କ ପାଟିକୁ ସୁଆଦ ଲାଗିଲେ ମାତାପିତା ଓ ଅଭିଭାବକ ଖୁସ୍। ଏଭଳି ସ୍ଥିତିର ଫାଇଦା ନେବା ପାଇଁ ଆଇସ୍କ୍ରିମ କମ୍ପାନୀଗୁଡ଼ିକ ବିକାଳିଙ୍କୁ ମାଧ୍ୟମ କରିଥାଆନ୍ତି।

**ଅଭିଯୋଗ ମଧ୍ୟ ଆସିଥାଏ ଯେ, କେବଳ ରାସ୍ତାକଡ଼ ଦୋକାନ ବା ଠେଲାଗାଡ଼ିରେ ବିକ୍ରି ସାମଗ୍ରୀ ନୁହେଁ, କେତେକ ବଡ଼ ହୋଟେଲରେ ଫ୍ରିଜ୍‌ରେ ଦୀର୍ଘସମୟ ରଖାଯାଇଥିବା ସାମଗ୍ରୀକୁ ରନ୍ଧନ ପ୍ରକ୍ରିୟାରେ ସ୍ୱାଦିଷ୍ଟ କରାଯାଇ ଲୋକଙ୍କୁ ପରଷା ଯାଇଥାଏ। ସହଜରେ ଆମେ ଫୁଡ୍ ଇନ୍ସପେକ୍ଟରଙ୍କୁ ଦୋଷ ଦେଇଥାଉ। କିନ୍ତୁ ଘରୁ ସଚେତନତା ଆରମ୍ଭ କରିବା କଥା, ଯାହାକୁ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ପିଲାଙ୍କୁ ବାରମ୍ବାର ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝାଇବା ଦରକାର। ଯଦି ତାହା ହୁଏ, ତେବେ ପିଲାମାନେ ମୂଳରୁ ସଜାଗ ହେବାର ସୁଯୋଗ ପାଇବେ।**

କେବଳ ଆଇସ୍କ୍ରିମ୍ ନୁହେଁ, ଗୁପଚୁପ୍, ଦହିବରା, ଚାଟ୍‌ଠାରୁ ଆରମ୍ଭ କରି ରାସ୍ତାକଡ଼ରେ ମିଳୁଥିବା ଆଖୁରସ ଓ ତରଭୁଜ ରସ ମଧ୍ୟ ଅପମିଶ୍ରିତ ହେଉଥିବା ଘଟଣା ସମୟ ବ୍ୟବଧାନରେ ବାରମ୍ବାର ଶୁଣିବାକୁ ମିଳେ। କେବଳ ଆର୍ଥିକ ଦୁର୍ବଳ ବର୍ଗର ବ୍ୟକ୍ତିମାନେ ରାସ୍ତାକଡ଼ ଖାଦ୍ୟ ପସନ୍ଦ କରନ୍ତି ତାହା ନୁହେଁ, ଘରେ ବିଶୁଦ୍ଧ ପାନୀୟ ଜଳ ପ୍ରତି ଅତ୍ୟନ୍ତ ସତର୍କ ଥିବା ଥିଲାବାଲା ଲୋକ ମଧ୍ୟ ପାଟି ଲାଳସାରେ ଅପମିଶ୍ରିତ ଖାଦ୍ୟ ଖାଇ ଅସୁସ୍ଥ ହୋଇଥାଆନ୍ତି। ପିଲା ବା ଅନେକ ଲୋକ ଅସୁସ୍ଥ ହୋଇ ଡାକ୍ତରଖାନାରେ ପଡ଼ିଲେ ସ୍ୱାସ୍ଥ୍ୟ ବିଭାଗ ବିଶେଷକରି ଖାଦ୍ୟ ଯାଞ୍ଚକାରୀ ଅଧିକାରୀ ବା କର୍ମଚାରୀ ତତ୍ପର ହୋଇଉଠନ୍ତି। ତତ୍କ୍ଷଣାତ୍ କିଛି ବିକାଳି ବା ରାସ୍ତାକଡ଼ ଦୋକାନୀଙ୍କ ଉପରେ ଲୋକଦେଖାଣିଆ ଚଢ଼ାଉ କରି ଦାୟିତ୍ୱ ଶେଷ କରିଦେଇଥାଆନ୍ତି। ଗଣମାଧ୍ୟମ କିମ୍ବା ସଚେତନ ଲୋକଙ୍କ ଦୃଷ୍ଟିରେ କାର୍ଯ୍ୟ ପ୍ରତି ସଙ୍କୋଟ ଦେଖାଇ ହେଉଥିବା କିଛି ଫୁଡ୍ ଇନ୍ସପେକ୍ଟର ବଡ଼ ମେଳା କିମ୍ବା ଅଧିକ ଲୋକ ହାଉଯାଉ ହେଉଥିବା ଅଞ୍ଚଳରେ କାଁଭାଁ ଯାଞ୍ଚ କରି ଜରିମାନା କରିଥାଆନ୍ତି। ଅସଲ ଅସ୍ୱାଭାବିକତା ପ୍ରତିନିୟତ ହେଉଥିଲେ ମଧ୍ୟ କ୍ରମାଗତ ଯାଞ୍ଚ କରାଯାଉ ନ ଥିବାରୁ ଅନେକ ବିକାଳି ଫୁଲାଫାଙ୍କିଆ ଅପମିଶ୍ରଣ କାମରେ ଲାଗିଥାଆନ୍ତି। ବ୍ରାଣ୍ଡ୍ ନ ଥିବାରୁ ପ୍ରକୃତ ଦୋଷୀଙ୍କୁ ଧରିବା ମଧ୍ୟ କଷ୍ଟକର। ତଥାପି ବାରମ୍ବାର କାର୍ଯ୍ୟାନୁଷ୍ଠାନ ହେଉଥିଲେ ଅପମିଶ୍ରଣକାରୀଙ୍କ ଭିତରେ ଗୋଟେ ଭୟ ପଶନ୍ତା।

କୁହାଯାଉଛି ଜନସଂଖ୍ୟାବହୁଳ ଭାରତବର୍ଷରେ ଯେଉଁ ଜାଗାରେ ଖାଦ୍ୟ ପସରାଟିଏ ମେଲାଇ ଦେଲେ ତାହା ବିକ୍ରି ହୋଇଯିବା ସହଜ। କ୍ୱଚିତ ବ୍ୟକ୍ତି ଖାଦ୍ୟକୁ ପରଖି ଭୋଜନ ବା ସେବନ କରିଥାଆନ୍ତି। ନ ହେଲେ ଅଧିକାଂଶ ଯେଉଁଠି ଦେଖିବେ ଟାଉଟାଉ କରି ଖାଇବାରେ ବ୍ୟସ୍ତ। ଘରେ ସ୍ୱାସ୍ଥ୍ୟକର ଖାଦ୍ୟ ଥିଲେ ମଧ୍ୟ ବଜାର ଖାଇବାର ମଜା ଘରେ ମିଳେ ନାହିଁ। ଅଭିଯୋଗ ମଧ୍ୟ ଆସିଥାଏ ଯେ, କେବଳ ରାସ୍ତାକଡ଼ ଦୋକାନ ବା ଠେଲାଗାଡ଼ିରେ ବିକ୍ରି ସାମଗ୍ରୀ ନୁହେଁ, କେତେକ ବଡ଼ ହୋଟେଲରେ ଫ୍ରିଜ୍‌ରେ ଦୀର୍ଘସମୟ ରଖାଯାଇଥିବା ସାମଗ୍ରୀକୁ ରନ୍ଧନ ପ୍ରକ୍ରିୟାରେ ସ୍ୱାଦିଷ୍ଟ କରାଯାଇ ଲୋକଙ୍କୁ ପରଷାଯାଇଥାଏ। ସହଜରେ ଆମେ ଫୁଡ୍ ଇନ୍ସପେକ୍ଟରଙ୍କୁ ଦୋଷ ଦେଇଥାଉ। କିନ୍ତୁ ଘରୁ ସଚେତନତା ଆରମ୍ଭ କରିବା କଥା, ଯାହାକୁ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ପିଲାଙ୍କୁ ବାରମ୍ବାର ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝାଇବା ଦରକାର। ଯଦି ତାହା ହୁଏ, ତେବେ ପିଲାମାନେ ମୂଳରୁ ସଜାଗ ହେବାର ସୁଯୋଗ ପାଇବେ।

# ଗମ୍ଭୀର ସ୍ଥିତିରେ ବାୟୁ ପ୍ରଦୂଷଣ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସାମ୍ପ୍ରତି ବାୟୁ ପ୍ରଦୂଷଣ ଏକ ଜଟିଳ, ବୈଶ୍ୱିକ ଜରୁରିକାଳୀନ ପରିସ୍ଥିତି ପାଲଟିଛି। ଭାରତ ପରିପ୍ରେକ୍ଷୀରେ ଏହା ସ୍ୱାସ୍ଥ୍ୟ ନିମନ୍ତେ ପରିବେଶୀୟ ବିପଦ ଭାବରେ ଉଭା ହୋଇଛି। ନିକଟରେ ସୁଇଜରଲାଣ୍ଡର ଡାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ୍ ବୈଠକରେ ଅଂଶଗ୍ରହଣ କରି ପୂର୍ବତନ ଆଇଏମ୍ଏଫ୍ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ବ୍ୟକ୍ତ କରିଥିଲେ ଯେ ବାୟୁ ପ୍ରଦୂଷଣ ଭାରତ ପାଇଁ ଏକ ବଡ଼ ଆର୍ଥିକ ଚ୍ୟାଲେଞ୍ଜ, ଯାହା ଦେଶ ଉପରେ ଲାଗୁ ହେଉଥିବା ବୈଶ୍ୱିକ ଶୁଳ୍କକୁ ମଧ୍ୟ ଅତିକ୍ରମ କରେ। ଏହା ବାର୍ଷିକ ୧୭ ଲକ୍ଷ ମୃତ୍ୟୁ (ମୋଟ ମୃତ୍ୟୁର ୧୮%) ନିମନ୍ତେ ଦାୟୀ ଏବଂ ଭାରତକୁ ୩୩୯ ବିଲିୟନ ଡଲାର ବା ଏହାର ଜିଡିପିର ୯.୫% କ୍ଷତି ପହଞ୍ଚାଏ, ଯାହା ଜୀବନ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ନକାରାତ୍ମକ ଭାବେ ପ୍ରଭାବିତ କରେ। ସ୍ୱାସ୍ଥ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଆମେରିକାର ଲାନ୍‌ସେଟ କାଉଣ୍ଟଡାଉନରେ ସଦ୍ୟତମ ୨୦୨୫ ରିପୋର୍ଟ ପ୍ରକାଶ କରିଛି ଯେ ପ୍ରଦୂଷଣ ହେଉଛି ଭାରତରେ ଏକ ଗମ୍ଭୀର ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟ। ଚିନ୍ତାଜନକ ଭାବରେ, ଭାରତରେ ବାୟୁ ପ୍ରଦୂଷଣଜନିତ ମୃତ୍ୟୁ ସଂଖ୍ୟା ୨୦୨୨ରେ ୧୭ ଲକ୍ଷରୁ ଅଧିକରେ ପହଞ୍ଚିଥିଲା, ଯାହା ୨୦୧୦ ତୁଳନାରେ ୩୮% ବୃଦ୍ଧିକୁ ସୂଚିତ୍ କରେ।

ପ୍ରତିବର୍ଷ ତମାଖୁ ସେବନ ତୁଳନାରେ ପ୍ରଦୂଷଣ ଯୋଗୁ ଅଧିକ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟୁଛି। ସୁଇଜରଲାଣ୍ଡର ଆଇକ୍ୟୁଏଆର୍ ସଂସ୍ଥା ଦ୍ୱାରା ପ୍ରସ୍ତୁତ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୪ ଅନୁଯାୟୀ, ଭାରତ ଅତ୍ୟନ୍ତ ଖରାପ ବାୟୁ ଗୁଣବତ୍ତା ଦୃଷ୍ଟିରୁ ବିଶ୍ୱରେ ୨୦୨୩ର ତୃତୀୟ ସ୍ଥାନରୁ ନିମ୍ନଗାମୀ ହୋଇ ପଞ୍ଚମ ସ୍ଥାନରେ ପହଞ୍ଚିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ମାନଦଣ୍ଡ ତୁଳନାରେ ପିଏମ୍ ୨.୫ (ପ୍ରଦୂଷଣକାରୀ ସୂକ୍ଷ୍ମ କଣିକା) ପରିମାଣ ବହୁ ଉଚ୍ଚ ସ୍ତରରେ ରହିଛି। ଭାରତରେ ୨୦୨୪ ର ବାର୍ଷିକ ହାରାହାରି ପିଏମ୍ ୨.୫ ମାତ୍ରା ପ୍ରାୟ ଘନମିଟରରେ ୫୦.୬ ମାଇକ୍ରୋଗ୍ରାମ ଥିଲା, ଯାହା ଡବ୍ଲ୍ୟୁଏଚଓ଼ ଦ୍ୱାରା ସୁପାରିସ ହୋଇଥିବା ସୀମା ୫ ମାଇକ୍ରୋଗ୍ରାମ୍‌ର ପ୍ରାୟ ଦଶ ଗୁଣରୁ ଅଧିକ। ଏପରି ବିପଦପୂର୍ଣ୍ଣ ମାତ୍ରାର ଦୀର୍ଘକାଳୀନ ସଂସ୍ପର୍ଶରେ ଆସିବା ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଛି। ବାସ୍ତବରେ ବିଶ୍ୱର ସର୍ବାଧିକ ୨୦ଟି ପ୍ରଦୂଷିତ ସହର ମଧ୍ୟରୁ ୧୩ଟି ଭାରତରେ ଅବସ୍ଥିତ ଏବଂ ଦିଲ୍ଲୀ ନିରନ୍ତର ଭାବରେ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ସହରର କୁଖ୍ୟାତି ଅର୍ଜନ କରିଛି। ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୩ ଅନୁଯାୟୀ, ବିଶ୍ୱର ୧୦୦ଟି ପ୍ରଦୂଷିତ ସହର ମଧ୍ୟରୁ ୮୩ଟି ଭାରତରେ ଅବସ୍ଥିତ। ଏସବୁ ତଥ୍ୟ ସୂଚିତ୍ କରୁଛି ଯେ ପ୍ରଦୂଷଣଜନିତ



ସମସ୍ୟା କ୍ରମେ ଅଧିକ ଗମ୍ଭୀର ହୋଇ ଉଭୟ ଜନସମାଜ ଏବଂ ପରିବେଶକୁ ରୋଗାକ୍ରାନ୍ତ କରୁଛି।

ଡବ୍ଲ୍ୟୁଏଚ୍ଓ ତଥ୍ୟ ଦର୍ଶାଉଛି ଯେ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ବିଶ୍ୱରେ ହୃଦ୍‌ରୋଗ ଏବଂ ଶ୍ୱାସକ୍ରିୟାଜନିତ ରୋଗରେ ପ୍ରାୟ ୭୦ ଲକ୍ଷ ଅକାଳ ମୃତ୍ୟୁ ହେଉଛି। ଅନ୍ତର୍ଜାତୀୟ ଅଧ୍ୟୟନ (ଯଥା, ଲାନସେଟ ପ୍ଲାନେଟାରି ହେଲ୍‌ଥ) ସୂଚିତ୍ କରେ ଯେ କୌଣସି ଭାରତୀୟ ସହର ଡବ୍ଲ୍ୟୁଏଚଓ଼ର ବାୟୁ ଗୁଣବତ୍ତା ମାନଦଣ୍ଡ ପୂରଣ କରେ ନାହିଁ, ଅର୍ଥାତ୍ ପ୍ରାୟତଃ ସମଗ୍ର ଜନସଂଖ୍ୟା ସାରା ବର୍ଷ କଣିକା ପଦାର୍ଥର କ୍ଷତିକାରକ ସ୍ତରର ସମ୍ମୁଖୀନ ହୁଏ। ଏପରି ପ୍ରଦୂଷଣକାରୀ ପଦାର୍ଥସବୁର ଦୀର୍ଘକାଳୀନ ସଂସ୍ପର୍ଶରେ ଆସିବା ଶ୍ୱାସକ୍ରିୟା ସଂକ୍ରମଣ, ହୃଦ୍‌ରୋଗ, ମସ୍ତିଷ୍କ ଷ୍ଟ୍ରୋକ୍ ଏବଂ ମୃତ୍ୟୁ ହାର ବୃଦ୍ଧି ସହ ଜଡିତ। ନେଚର୍ ପତ୍ରିକାରେ ପ୍ରକାଶିତ ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ ନିର୍ଗମନର ଗଭୀର ହ୍ରାସ ବିନା ବୃଦ୍ଧି ପାଉଥିବା କଣିକା ପ୍ରଦୂଷଣ ସ୍ୱାସ୍ଥ୍ୟ ବୋଝକୁ ଆହୁରି ଖରାପ ସ୍ତରକୁ ନେବ ଏବଂ ବିଶେଷକରି ଜଳବାୟୁ ପରିବର୍ତ୍ତନର ବର୍ଦ୍ଧିତ ଚାପ ପରିପ୍ରେକ୍ଷୀରେ ଆର୍ଥିକ ପ୍ରଗତିକୁ ବାଧାପ୍ରାପ୍ତ କରିବ। ଆମ ଦେଶରେ ଅଣ-ହାସଲକାରୀ ସହରାଞ୍ଚଳମାନ (ମୁଖ୍ୟତଃ ପିଏମ୍ ୨.୫ ଏବଂ ପିଏମ୍ ୧୦ ପରିମାଣକୁ ନେଇ) ଚିହ୍ନଟ ହୋଇଛନ୍ତି, ଯାହା ଲଗାତର ୫ ବର୍ଷ ଧରି ଜାତୀୟ ଚତୁଃପାର୍ଶ୍ୱ (ଆମ୍ବିଏଣ୍ଟ) ବାୟୁ ଗୁଣବତ୍ତା ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଶର ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶରେ ୧୩୧ଟି ଏପରି ସହର ଚିହ୍ନଟ କରିଛି। ଓଡ଼ିଶାର ୭ଟି ସହର- ଭୁବନେଶ୍ୱର, କଟକ, ବାଲେଶ୍ୱର, କଳିଙ୍ଗନଗର, ତାଳଚେର, ଅନୁଗୋଳ ଏବଂ ରାଉରକେଲା ଏହି ସୂଚୀରେ ଅନ୍ତର୍ଭୁକ୍ତ। ଚଳିତ ଶୀତଋତୁରେ ଏସବୁ ସହରର ବାୟୁ ଗୁଣବତ୍ତା ସୂଚକ (ଏକ୍ୟୁଆଇ) ୩୦୦-୪୦୦ (ଅତି ନିମ୍ନମାନର) ସ୍ତରରେ ରହିଥିବା ବେଳେ ରାଜଧାନୀ ଦିଲ୍ଲୀର ପ୍ରଦୂଷଣ ସ୍ତରକୁ ମଧ୍ୟ ଅତିକ୍ରମ କରିଛି।

କ୍ରମାଗତ ଯାନବାହନ ସଂଖ୍ୟା ବୃଦ୍ଧି ପାଇବା, ଡିଜେଲ ଯାନର ଅତ୍ୟଧିକ ବ୍ୟବହାର ସହିତ ଟ୍ରାଫିକ୍ ଭିଡ଼ ଏବଂ ଅଧିକ ପ୍ରଦୂଷଣ ସୃଷ୍ଟିକାରୀ ପୁରୁଣା ଯାନସବୁର ଚଳାଚଳ ହେଉଛି ଏକ ମୁଖ୍ୟ ସମସ୍ୟା। କେବଳ ଭୁବନେଶ୍ୱରରେ ୨୦୨୪-୨୦୨୫ ସୁଦ୍ଧା ମୋଟ ୧୪ ଲକ୍ଷରୁ ଅଧିକ ପଞ୍ଜୀକୃତ ଯାନବାହନ ରେକର୍ଡ ହୋଇଛି ଏବଂ ପ୍ରତି ମାସ ନୂତନ ଭାବେ ୧୨,୦୦୦ ଗାଡ଼ିର ପଞ୍ଜୀକରଣ ହେଉଛି। କଳକାରଖାନା, ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, ତୈଳ ବିଶୋଧନାଗାର, ଇଟାଭାଟି ଇତ୍ୟାଦି ବହୁଳ ଭାବେ ପ୍ରଦୂଷଣ ସୃଷ୍ଟି କରନ୍ତି। କୋଇଲା ଆଧାରିତ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ହେଉଛନ୍ତି ସଲଫର୍ ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, ଅଙ୍ଗାରକାମ୍ଳ, କଣିକା ପଦାର୍ଥ ପ୍ରଭୃତିର ପ୍ରମୁଖ ଉତ୍ସ। ଦେଶର ଅନେକ ଶିଳ୍ପ ଏବେ ମଧ୍ୟ ପୁରୁଣା, ପ୍ରଦୂଷଣକାରୀ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଛନ୍ତି। ବଡ଼ ବଡ଼ ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା, ବିକାଶ କାର୍ଯ୍ୟରେ ରାସ୍ତା ଖୋଳାଯିବା, ବାଲି, ଗୋଡ଼ି, ମାଟି ପରି ନିର୍ମାଣ ସାମଗ୍ରୀ ଖୋଲା ପଡ଼ିରହିବା ଏବଂ ଏହା ଉପରେ ନିରନ୍ତର ଗାଡ଼ି ଚଳାଚଳ କରିବା ଦ୍ୱାରା ଧୂଳିକଣା ସୃଷ୍ଟି ହୁଏ। ପୌରାଞ୍ଚଳର କଠିନ ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକର ଖୋଲା ନିଷ୍କାସନ ଏବଂ ପୋଡ଼ାଯିବା ଦ୍ୱାରା ଡାଇଅକ୍ସିନ ଏବଂ ଫ୍ୟୁରାନ ଭଳି ବିଷାକ୍ତ ଗ୍ୟାସ ନିର୍ଗତ ହୁଏ। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବସ୍ତିରେ ସାଧାରଣତଃ ରୋଷେଇ ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ କାଠ, କୋଇଲା, ଗୋବର ଏବଂ କିରୋସିନ ଜାଳିବାରୁ ପ୍ରଦୂଷଣ ସୃଷ୍ଟି ହୁଏ। କୃଷି କ୍ଷେତ୍ରରେ ରାସାୟନିକ ସାର ଏବଂ କୀଟନାଶକ ବ୍ୟବହାରରୁ ଆମୋନିଆ ପରି କ୍ଷତିକାରକ ପଦାର୍ଥ ଏବଂ ଫସଲ ଅମଳ ପରେ, ବିଶେଷକରି ପଞ୍ଜାବ, ହରିୟାଣା ଏବଂ ଉତ୍ତର ପ୍ରଦେଶରେ ନଡ଼ା ପୋଡ଼ାରୁ କଣିକା ପଦାର୍ଥ ନିର୍ଗତ ହୋଇ ପ୍ରଦୂଷଣରେ ବୃଦ୍ଧି ଘଟାଏ। ଶୀତ ଋତୁରେ ନିମ୍ନ ତାପମାତ୍ରା ଓ ବାୟୁ ପ୍ରବାହ ନ ଥିବା କାରଣରୁ ଏସବୁ ବାୟୁମଣ୍ଡଳର ନିମ୍ନ ସ୍ତରରେ ଜମିରହି ପ୍ରଦୂଷଣରେ ବୃଦ୍ଧି ଘଟାନ୍ତି। ଦ୍ରୁତ ସହରୀକରଣ ଏବଂ ଜନସଂଖ୍ୟା ବୃଦ୍ଧି ଏସବୁ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରୁଛି।

ଜୀବାଶ୍ମ ଇନ୍ଧନ ବ୍ୟବହାରରେ ହ୍ରାସ ଘଟାଇ, ସ୍ୱଚ୍ଛ ଶକ୍ତି ଉତ୍ସକୁ ପ୍ରାଧାନ୍ୟ ଦେଇ, ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣି ଏବଂ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରି ବାୟୁ ପ୍ରଦୂଷଣକୁ ରୋକାଯାଇ ପାରିବ। ଅନ୍ୟ ପ୍ରମୁଖ କାର୍ଯ୍ୟଗୁଡ଼ିକ ମଧ୍ୟରେ ସାର୍ବଜନୀନ ପରିବହନକୁ ପ୍ରାଧାନ୍ୟ; କାର୍ପୁଲିଂ, ସାଇକେଲର ବ୍ୟବହାର ଏବଂ ଚାଲିବାକୁ ଗୁରୁତ୍ୱ, ବିଦ୍ୟୁତ୍ ସଂରକ୍ଷଣ, ଖୋଲାରେ ଅଳିଆ ଜାଳିବାକୁ ଏଡ଼ାଇବା ଏବଂ ବାୟୁ ବିଶୁଦ୍ଧକରଣ ନିମନ୍ତେ ସବୁଜିମାର ବ୍ୟାପକ ବୃଦ୍ଧି ଅନ୍ତର୍ଭୁକ୍ତ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୂର୍ବ ନିର୍ଦ୍ଦେଶାନୁଯାୟୀ ପ୍ରତ୍ୟେକ ସହରାଞ୍ଚଳ ନିମନ୍ତେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଏଥିରେ ନାଗରିକଙ୍କର ସମ୍ପୃକ୍ତି ଦ୍ୱାରା ଏକ ସୁରକ୍ଷିତ ପରିବେଶରେ ଜୀବନଯାପନ ସମ୍ଭବପର ହେବ। ଏଥିନିମନ୍ତେ ଶିଳ୍ପ ଓ କର୍ପୋରେଟ କ୍ଷେତ୍ରର ସହଭାଗିତା ଏକାନ୍ତ କାମ୍ୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ:୯୪୩୭୦୭୬୧୦୦**

# ଡିଜିଟାଲ ଗଣମାଧ୍ୟମ ଓ ଶିଶୁ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ନିକଟରେ ବିଶ୍ୱର ପ୍ରଥମ ଦେଶ ରୂପେ ଅଷ୍ଟ୍ରେଲିଆ ଆଇନ କରିଛି ୧୬ ବର୍ଷରୁ କମ୍ ବୟସ୍କ ପିଲାଙ୍କ ପାଇଁ ୧୦ ବଡ଼ ବଡ଼ ଡିଜିଟାଲ ଗଣମାଧ୍ୟମକୁ ନିଷିଦ୍ଧ କରିବାକୁ। ସେଗୁଡ଼ିକରେ ଅନ୍ତର୍ଭୁକ୍ତ ହେଲେ ଟିକ୍‌ଟିକ୍, ଏକ୍ସ, ୟୁଟ୍ୟୁବ୍, ରେଡ୍‌ଡିଟ୍, ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍, କିକ୍ ଏବଂ ଟୁଇଚ୍ ଇତ୍ୟାଦି। ଏହାକୁ ପରିବେଷଣ କରୁଥିବା ସଂସ୍ଥାଗୁଡ଼ିକ ତାହା ଯଥାଶୀଘ୍ର ପାଳନ ନ କଲେ ସେମାନଙ୍କ ଉପରେ ୪୯.୫ ନିୟୁତ ଅଷ୍ଟ୍ରେଲୀୟ ଡିଲାର ଜରିମାନା ଲାଗୁହେବ ବୋଲି ସେଥିରେ ସୂଚନା ପ୍ରଦାନ କରାଯାଇଛି। କେତେକ ମହଲରେ ସମାଲୋଚନା କରାଗଲେ ବି ବହୁ ମାତାପିତା, ଶିକ୍ଷକ ଏବଂ ଶିଶୁ ସ୍ୱାସ୍ଥ୍ୟ ସହ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଏହାକୁ ସ୍ୱାଗତ କରିଛନ୍ତି। ସେମାନଙ୍କ ମତରେ ଏହା ଶିଶୁଙ୍କ ମାନସିକ ତଥା ଦୈହିକ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ପାଇଁ ଏକାନ୍ତ ଜରୁରୀ। ଡେନ୍‌ମାର୍କ, ମାଲେସିଆ, ଆମେରିକାର କେତେକ ରାଜ୍ୟ ଖୁବ୍‌ଶୀଘ୍ର ଏଭଳି ପଦକ୍ଷେପ ନେବେ ବୋଲି ଘୋଷଣା କରିସାରିଲେଣି।

ଅଷ୍ଟ୍ରେଲିଆର ଏହି ଆଇନ ପ୍ରଣୟନ ମୂଳରେ ରହିଛି ସେଠାରେ ଅନୁଷ୍ଠିତ ଏକ ସର୍ବେକ୍ଷଣ। ତହିଁରୁ ଜଣାପଡ଼ିଛି ଯେ ସେ ଦେଶର ପ୍ରତି ୧୦ ଜଣରୁ ୭ ଜଣ ୧୦ ବର୍ଷରୁ ୧୫ ବର୍ଷ ବୟସ୍କ ପିଲାମାନେ ଡିଜିଟାଲ ଗଣମାଧ୍ୟମର ପରିବେଷିତ ଅନେକ ବିଷୟବସ୍ତୁର ନକାରାତ୍ମକ ପ୍ରଭାବରେ ଗଭୀର ଭାବେ ପ୍ରଭାବିତ। ଅତଏବ ତାଙ୍କଠାରେ ପ୍ରକାଶ ପାଉଛି ନାନାଦି ନକାରାତ୍ମକ ଚିନ୍ତାଧାରା, କ୍ଷୁଧାହୀନତା, ଅନିଦ୍ରା, ମାନସିକ ଚାପ ତଥା ଆତ୍ମହତ୍ୟା ପ୍ରବଣତା ଇତ୍ୟାଦି।

ଜାଗତିକ ସ୍ତରରେ ଅନୁଷ୍ଠିତ ଆକଳନ ଅନୁସାରେ ପ୍ରାୟ ୮/୧୦ ବର୍ଷ ବୟସରୁ ଶିଶୁମାନେ ସ୍ମାର୍ଟଫୋନ୍ ବ୍ୟବହାରକରି ବିବିଧ ଡିଜିଟାଲ ଗଣମାଧ୍ୟମ ପ୍ରତି ଆକୃଷ୍ଟ ହେବାକୁ ଆରମ୍ଭ କରୁଥିବାର ଦେଖାଯାଉଛି। ଏ ପ୍ରବୃତ୍ତି ତାଙ୍କଠାରେ ରହିଯାଉଛି ଜୀବନବ୍ୟାପୀ। ତାହା ସେମାନଙ୍କ ସ୍ମୃତିଶକ୍ତି ତଥା ସୃଜନଶୀଳଯୁକ୍ତ ଚିନ୍ତାଶକ୍ତିକୁ ପ୍ରତିହତ କରୁଛି ବୋଲି ଜଣାପଡ଼ିଛି ସିଙ୍ଗାପୁର ମ୍ୟାନେଜମେଣ୍ଟ ୟୁନିଭର୍ସିଟିର ଏକ ଅଧ୍ୟୟନରୁ। ଏଥି ଅନୁଯାୟୀ ଯେଉଁଦିନ ସେମାନେ ଅଧିକ ସମୟ ଧରି ସ୍ମାର୍ଟଫୋନ୍ ତଥା ଡିଜିଟାଲ ସାମାଜିକ ଗଣମାଧ୍ୟମ ସହ ବ୍ୟସ୍ତ ରହନ୍ତି ସେଦିନ ସେମାନଙ୍କ ମନର ଅବସ୍ଥା ଏତେ ଅସ୍ଥିର ରହେ ଯେ ସେମାନେ ନିଜ ଲୋକଙ୍କ ନାଁ ମଧ୍ୟ ଭୁଲିଯାଆନ୍ତି ଏବଂ ଉଚିତ ନିଷ୍ପତ୍ତି ନେବାକୁ ଅକ୍ଷମ ହୋଇପଡ଼ନ୍ତି।

ଅନ୍ୟପକ୍ଷରେ ଆମେରିକାର ପ୍ରତି ୧୦ ଜଣରେ ୮ ଜଣ ଲୋକ ମୁଣ୍ଡ ତଳେ ସ୍ମାର୍ଟଫୋନ୍ ରଖି ଶୁଅନ୍ତି। ରାତିକ ମଧ୍ୟରେ ସେମାନେ ତାହା ୪/୫ ଥର ଦେଖନ୍ତି ବୋଲି ଜଣାପଡ଼ିଛି। ସେଠାରେ ଡାଟା ବିଶ୍ଳେଷଣକାରୀ ସଂସ୍ଥା ୟୁ ଗଭ୍‌ର ସର୍ବେକ୍ଷଣରୁ। ଆମ ଦେଶରେ ମଧ୍ୟ ବହୁ ଲୋକ ଏପରି କରନ୍ତି। ଫଳରେ ମାନସିକ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୁଏ। ଶିଶୁମାନଙ୍କ କ୍ଷେତ୍ରରେ ଏହା ସର୍ବାଧିକ।

ଚେନ୍ନାଇସ୍ଥିତ ଶ୍ରୀରାମଚନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ଏଜୁକେଶନ ଆଣ୍ଡ ରିସର୍ଚ୍ଚ ଏବଂ ରେନ୍‌ବୋ ଚିଲ୍‌ଡ୍ରେନ୍ସ ହସ୍ପିଟାଲର ଏକ ମିଳିତ ଅଧ୍ୟୟନ ଅନୁସାରେ ଆମ ଦେଶର ପ୍ରାୟ ୩୯.୬ ଶତାଂଶ



ଶିଶୁ କୌଣସି ନା କୌଣସି ପ୍ରକାର ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସେମାନଙ୍କ ମଧ୍ୟରୁ ପ୍ରତି ୫ଜଣରେ ୨ ଜଣଙ୍କ କ୍ଷେତ୍ରରେ ଏହାର କାରଣ ହେଲା ସ୍ମାର୍ଟଫୋନ୍ ବ୍ୟବହାର କରି ଡିଜିଟାଲ ଗଣମାଧ୍ୟମରେ ପ୍ରସାରିତ କାର୍ଯ୍ୟକ୍ରମମାନ ଦେଖିବା। ଏହା ତାଙ୍କଠାରେ ହର୍‌ମୋହନ ଅସନ୍ତୁଳନ, ଶରୀରର ଅଭିବୃଦ୍ଧି ବାଧାପ୍ରାପ୍ତ ହେବା, ଶିକ୍ଷା ପ୍ରତି ଧ୍ୟାନ ନ ଦେବା ଏବଂ ସ୍ମୃତିଶକ୍ତି ହ୍ରାସପାଇବା ଆଦିର କାରଣ ହୋଇପାରେ। ସେଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ସେମାନଙ୍କ ଲାଗି ଅତିବେଶିରେ ଦିନକୁ ୧ ଘଣ୍ଟାରୁ ଅଧିକ ତାହା ନ ଦେଖିବା ଲାଗି ନିର୍ଦ୍ଦେଶ ଦେଇଛି। ପୁନଶ୍ଚ ସେମାନେ ଦେଖୁଥିବା କାର୍ଯ୍ୟକ୍ରମଗୁଡ଼ିକ ସକାରାତ୍ମକ ହେବା ଉଚିତ ବୋଲି ସେଥିରେ ସୂଚିତ କରାଯାଇଛି।

ବିବିଧ ଡିଜିଟାଲ ଗଣମାଧ୍ୟମ ସହ ଅତ୍ୟନ୍ତ ସମ୍ପୃକ୍ତ ହୋଇପଡ଼ିଥିବା ଲୋକେ ଦିନକୁ ହାରାହାରି ୧୧୦ଥର ପର୍ଯ୍ୟନ୍ତ ସ୍ମାର୍ଟଫୋନ୍ ବ୍ୟବହାର କରିଥାଆନ୍ତି ଏବଂ ସେମାନଙ୍କ ମାନସିକ ବ୍ୟବସ୍ଥା ଉପରେ ଏହାର ସୁଦୂରପ୍ରସାରୀ କୁପ୍ରଭାବ ଥିବାର ମତ ଦିଅନ୍ତି ନଟିଂହାମ୍ ଟ୍ରେଣ୍ଟ ବିଶ୍ୱବିଦ୍ୟାଳୟର ଗବେଷକଗଣ। ଅନ୍ୟପକ୍ଷରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ମନସ୍ତତ୍ତ୍ୱବିତ୍ ପ୍ରଫେସର ଅନ୍ନା ଲେମ୍ବକେଙ୍କ ମତରେ ସ୍ମାର୍ଟଫୋନ୍ ଏବଂ ଡିଜିଟାଲ ଗଣମାଧ୍ୟମ ମସ୍ତିଷ୍କରେ ନିଶାକାରୀ ଔଷଧ ଏବଂ ମଦ ଭଳି ଖୁସି ଅନୁଭୂତି ପ୍ରଦାନକାରୀ ପରିପଥକୁ ସକ୍ରିୟକରେ। ଅତଏବ ଏହା ସେଗୁଡ଼ିକ ପରି ଅଭ୍ୟାସକାରୀ। ସେଥିପାଇଁ ଏଥିରୁ ମୁକ୍ତହେବାକୁ ଚାହିଁଲେ ଅନୁରୂପ 'ପ୍ରତ୍ୟାହୃତ ପ୍ରତିକ୍ରିୟା' ପ୍ରକଟିତ ହୁଏ।

ଶିଶୁମାନେ ଏହାଦ୍ୱାରା ଅଧିକ ମାତ୍ରାରେ ପ୍ରଭାବିତ ହୁଅନ୍ତି। ଥରେ ଅଭ୍ୟାସଗତ ହୋଇଗଲେ ତାହା ତାଙ୍କର ନିଶାରେ ପରିଣତ ହୋଇଯାଏ। ବିବିଧ ଡିଜିଟାଲ ଗଣମାଧ୍ୟମରେ ପ୍ରସାରିତ କାହାଣୀ ବା ଖେଳମାନ ତାଙ୍କ ମନକୁ ସମ୍ପୂର୍ଣ୍ଣ ରୂପେ ଗ୍ରାସିବାକୁ ଲାଗେ। ଏଣୁ ସେମାନଙ୍କର ସ୍ୱାଧୀନ ତଥା ସକାରାତ୍ମକ ଚିନ୍ତା କରିବାର ଅବକାଶ ରହେନାହିଁ।

ଅଷ୍ଟ୍ରେଲିଆ ଦ୍ୱାରା ଶିଶୁଙ୍କ ପାଇଁ ନିଷିଦ୍ଧ ୧୦ଟିକୁ ଛାଡ଼ିଦେଲେ ଆହୁରି ଅନେକ ଡିଜିଟାଲ ଗଣମାଧ୍ୟମ ରହିଛି। ସେଗୁଡିକର ଅନ୍ତର୍ଭୁକ୍ତ ହେଲା ହ୍ୱାଟ୍ସଆପ୍, ୟୁଟ୍ୟୁବ୍‌କିଡ୍ସ୍, ମେସେଞ୍ଜର ଇତ୍ୟାଦି। ଏମାନଙ୍କ ଉପରେ ସେପରି କଟକଣା ନ ଲାଗିବାର କାରଣ ହେଲା ସେ ଦେଶର ଇ-ସେଫ୍‌ଟି କମିଶନଙ୍କ ମତରେ ତାହା ମୁଖ୍ୟତଃ ସମ୍ବାଦ ଓ ଖେଳ ପରିବେଷଣ ପାଇଁ ଉଦ୍ଦିଷ୍ଟ। ତଥାପି ଏଗୁଡିକର କାର୍ଯ୍ୟକ୍ରମ ମଧ୍ୟ ସମୟକୁ ସମୟ ମୂଲ୍ୟାୟନ କରାଯିବ।

ତେବେ ପ୍ରଶ୍ନ ଉଠୁଛି, ଶିଶୁମାନଙ୍କ ପାଇଁ ନିଷେଧ ହୋଇଥିବା ଏହି ଡିଜିଟାଲ ଗଣମାଧ୍ୟମ ବ୍ୟବହାରକାରୀଙ୍କ ବୟସ ଜାଣିବେ କିପରି ? କମ୍ପାନୀଗୁଡ଼ିକ ଏଥିପାଇଁ ବୟସ ପରିମାପକ ପ୍ରଯୁକ୍ତିବିଦ୍ୟାର ସହାୟତା ନେଇପାରିବେ ବୋଲି ମନେକରାଯାଏ। ପୁନଶ୍ଚ ଏଥିପାଇଁ ବ୍ୟବହାରକାରୀଙ୍କୁ ତାଙ୍କ ବୟସର ପ୍ରମାଣ ମଧ୍ୟ ଦେବାକୁ ପଡ଼ିବ। ଶେଷରେ ଏକଥା ମଧ୍ୟ କୁହାଯାଇପାରେ ଯେ ଅଷ୍ଟ୍ରେଲିଆକୁ ଅନୁସରଣକରି ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସେହିଭଳି ପଦକ୍ଷେପ ନେଲେ ଡିଜିଟାଲ ଗଣମାଧ୍ୟମଗୁଡିକ ନକାରାତ୍ମକ କାର୍ଯ୍ୟକ୍ରମ ପ୍ରସାରକରିବା ଲାଗି ନିରୁତ୍ସାହିତ ହେବେ।

**ମୋ: ୯୯୩୭୩୦୧୪୬୦**

## ଏଇ ଭାରତରେ

ନିଷ୍ଠା ଓ ପ୍ରତିବଦ୍ଧତା ସଫଳତା ଆଣେ, ଯାହା ପ୍ରମାଣ କରିପାରିଛନ୍ତି ଉତ୍ତରାଖଣ୍ଡର ସୁଶାନ୍ତ ୟୁନିଆଲ ଏବଂ ତାଙ୍କ ଭାଇ। ଦୁଇ ଭାଇ ସବୁଠୁ ବଡ଼ ଛତୁ ଉତ୍ପାଦନ ଫାର୍ମ କରିବା ସହ ବର୍ଷକୁ ୨୫ ଲକ୍ଷ ଟଙ୍କା କାରବାର କରୁଛନ୍ତି। ଦିନକୁ ଏହି ଫାର୍ମରୁ ୧୦୦ କେ.ଜି. ଛତୁ ଉତ୍ପାଦନ ହେଉଛି । ବିଶେଷକରି ଓୟେଷ୍ଟର କିସମର ଛତୁ ଚାଷ କରାଯାଉଛି। ସୁଶାନ୍ତ ଗଣମାଧ୍ୟମର ଛାତ୍ର ଥିବା ସମୟରେ ଛତୁ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ । ପରେ ସେ ଏକ ଘରୋଇ କମ୍ପାନୀରେ ଚାକିରି କରି ୨୦୧୭ରେ ତାହାକୁ ଛାଡ଼ି ଘରକୁ ଫେରି ଆସି ଛତୁ ଚାଷ ଆରମ୍ଭ କରିଥିଲେ। ତାଙ୍କ ଭାଇ ମଧ୍ୟ ସହଯୋଗ କରିବାକୁ ଆଗକୁ ଆସିଥିଲେ ଏବଂ ୨୦୧୯ରେ ଦୁହେଁ ଗଡ଼ୱାଲରେ ଛତୁ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ପ୍ରଥମେ ସେମାନେ ୧ରୁ ୨କେଜି ଛତୁ ଉତ୍ପାଦନ କରୁଥିବାବେଳେ ଏବେ ତାହା ଦୈନିକ ୧୦୦ କେଜିରେ ପହଞ୍ଚି ଗଲାଣି। ପ୍ରତ୍ୟକ୍ଷ ଭାବେ ସେମାନେ ୮ ଜଣ ଲୋକଙ୍କୁ ନିଯୁକ୍ତ କରିଥିବାବେଳେ ପରୋକ୍ଷ ଭାବେ ୧୫-୨୦ ଜଣଙ୍କୁ ରୋଜଗାର ଦେଇପାରୁଛନ୍ତି। କେବଳ ଏତିକି ନୁହେଁ, ତାଙ୍କଠାରୁ ୧୦୦ରୁ ଅଧିକ ଲୋକ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୦ ଫେବୃଆରୀ ୧୯୭୭

- ଜମ୍ମୁଠାରେ ହିନ୍ଦୁସ୍ଥାନ ଲିଭର ଲିମିଟେଡ ପକ୍ଷରୁ ୨ କୋଟି ଟଙ୍କା ଖର୍ଚ୍ଚରେ ଏକ କୃତ୍ରିମ ବିଶୋଧକ କାରଖାନା ସ୍ଥାପନ କରାଯାଇଛି।
- ଦିଲ୍ଲୀର ଜଣୈକ ବିଶିଷ୍ଟ ଜନନେତା କିଶୋରଲାଲ କଂଗ୍ରେସ ଦଳ ଛାଡ଼ି ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି।

## ଚିରନ୍ତନୀ

ଜଗତେ ଜାଗିଛି ଜୀବନ ଖେଳ
ଦେଖଲୋ ନାରୀ
କେତେକାଳ ହୀନ ବେପାରେ ଥିବୁ
ନୟନ ଠାରି ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 4 | | 2 | | |
| 3 | 7 | | | | | | | |
| 5 | | | | 3 | | 8 | | 9 |
| | | | | 7 | | | 9 | 3 |
| | | | 3 | 1 | | | 5 | 2 |
| 9 | | | | | 2 | | | 4 |
| | 1 | 5 | | 8 | | | | 6 |
| | 2 | | | 9 | 1 | 4 | 7 | |
| | 9 | 7 | | | 6 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 9 | 7 | 1 | 4 | 3 | 8 | 5 |
| 4 | 1 | 3 | 2 | 8 | 5 | 7 | 9 | 6 |
| 7 | 8 | 5 | 6 | 9 | 3 | 4 | 2 | 1 |
| 6 | 2 | 7 | 3 | 5 | 1 | 9 | 4 | 8 |
| 5 | 4 | 8 | 9 | 7 | 6 | 2 | 1 | 3 |
| 3 | 9 | 1 | 8 | 4 | 2 | 6 | 5 | 7 |
| 1 | 7 | 6 | 4 | 2 | 8 | 5 | 3 | 9 |
| 9 | 5 | 2 | 1 | 3 | 7 | 8 | 6 | 4 |
| 8 | 3 | 4 | 5 | 6 | 9 | 1 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏସ୍ଆଇଆର୍ ଓ ବିରୋଧୀ ଦଳ

ମହାଶୟ,

କଂଗ୍ରେସ, ତୃଣମୂଳ କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ଏବଂ ଦ୍ରାବିଡ଼ ମୁନେତ୍ର କାଝାଗମ୍ (ଡିମ୍‌କେ) ଭଳି ରାଜନୈତିକ ଦଳର ନେତାମାନେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ତୀବ୍ର ବିରୋଧ କରୁଛନ୍ତି। ଏହି ଦଳଗୁଡିକ ପୂର୍ବରୁ ବିହାରରେ ଭୋଟର ତାଲିକାର ଏସ୍ଆଇଆର୍‌କୁ ତୀବ୍ର ବିରୋଧ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟରେ କୌଣସି ଆଶ୍ୱସ୍ତି ପାଇ ନ ଥିଲେ। ଦୁର୍ଭାଗ୍ୟ କଥା ଯେ, ଦେଶର ସବୁଠାରୁ ପୁରୁଣା ଦଳର କିଛି ମୁଖପାତ୍ର ଏସ୍ଆଇଆର୍‌ର ସାମ୍ବିଧାନିକ ଏବଂ ଆଇନଗତ ବ୍ୟବସ୍ଥା ବିଷୟରେ ଅଜ୍ଞ। ନିର୍ବାଚନ କମିଶନକୁ ସମ୍ବିଧାନ ଏବଂ ସଂସଦ ଦ୍ୱାରା ନିର୍ଦ୍ଦେଶିତ ଏହାର କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ। କୌଣସି ଧମକ କିମ୍ବା ଅଭିଯୋଗ ଦ୍ୱାରା ଭୟଭୀତ ହେବା ଉଚିତ ନୁହେଁ।

**-ଦେବଜିତ୍ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାଜପାରେ ମିଶିଲେ କୃଷ୍ଣପ୍ରସାଦ, ବିରିଡ଼ି ବ୍ଲକ ଅଧ୍ୟକ୍ଷା

ଭୁବନେଶ୍ୱର,୯।୨(ସୁନିତ୍ ମିଶ୍ର)



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୃଷ୍ଣପ୍ରସାଦ ଓ ବିରିଡ଼ି ବ୍ଲକ ଅଧ୍ୟକ୍ଷା ଦଳରେ ସାମିଲ ହୋଇଛନ୍ତି।

ପ୍ରତ୍ୟହ ତୃଣମୂଳସ୍ତରରୁ ବିଜେଡି ନେତା ଓ କର୍ମୀ ଭାଜପାରେ ସାମିଲ ହେବାରେ ଲାଗିଛନ୍ତି। ବିଜେଡିରେ ଥାଇ କ୍ଷମତା ଉପଭୋଗ କରୁଥିବା ବିଭିନ୍ନ ଜିଲା ଅନ୍ତର୍ଗତ କେତେକ ବ୍ଲକର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ ଏବେ ନିଜ ଆସନ ସୁରକ୍ଷିତ ରଖିବା ପାଇଁ ଭାଜପା ସରକାର ଆଡ଼କୁ ମୁହାଁଇବାରେ ଲାଗିଲେଣି। ଏହିକ୍ରମରେ ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ ଶତାଧିକ କର୍ମୀଙ୍କୁ ସାଙ୍ଗରେ ନେଇ ସୋମବାର ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। କିଛିଦିନ ହେଲା ସରୋଜିନୀ ବିରୋଧରେ ଅନାସ୍ଥା ଆସିବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନରେ ସରୋଜିନୀ ବିଜେଡି ସମର୍ଥନରେ କୃଷ୍ଣପ୍ରସାଦ ବ୍ଲକର ସଭାପତି ହୋଇଥିଲେ। ହେଲେ କେତେଜଣ ସମିତି ସଭ୍ୟ ବିଜେଡି ଛାଡ଼ି ଭାଜପା ସମର୍ଥନକୁ ଚାଲିଯିବା ପରେ ଅନାସ୍ଥା ବିଷୟ ସ୍ଥାନୀୟ ସରକାରୀ ଦଳ ପକ୍ଷରୁ ଜୋରଦାର କରାଯାଇଥିଲା। ଏହାପରେ ଭିତରେ ଭିତରେ କୁଆଡ଼େ ସରୋଜିନୀ ନିଜ ପଦକୁ ସୁରକ୍ଷିତ ରଖିବା ଲାଗି ଭାଜପାରେ ମିଶିବାକୁ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଲା, ଯେଉଁକଥା ଜାଣି ରବିବାର ସରୋଜିନୀ ତରେଇଙ୍କୁ ବିଜେଡି ନିଲମ୍ବନ କରିଥିଲା। ଏହାର ଦିନକ ପରେ ସରୋଜିନୀ ଭାଜପାରେ ସାମିଲ ହୋଇଛନ୍ତି। କିଛିଦିନ ହେବ ଆଉ ଗୋଟିଏ କଥା ମଧ୍ୟ ଲକ୍ଷ୍ୟ କରାଯାଉଛି,

- ବ୍ରହ୍ମଗିରି ରାଜନୀତି ନେଇ ଉପାସନା-ସଞ୍ଜୟ ମୁହାଁମୁହିଁ
- ଗଲା ପଞ୍ଚାୟତ ନିର୍ବାଚନ ପୂର୍ବରୁ ମିଶିଥିଲେ, ଏବେ ଚାଲିଗଲେ
- ଭାଜପାକୁ ଯାଉଥିବା ନେତାଙ୍କୁ ଦିନକ ଆଗରୁ ନିଲମ୍ବିତ କରୁଛି ବିଜେଡି

ବିଜେଡି ଛାଡୁଥିବା ନେତାମାନେ ଅନ୍ୟ ଦଳକୁ ଯିବାର ଦିନକ ପୂର୍ବରୁ ପୁରୁଣା ଦଳ ସେମାନଙ୍କୁ ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ନିଲମ୍ବନ କରୁଛି। ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମାସ ଆଗରୁ ସରୋଜିନୀଙ୍କ ସ୍ୱାମୀ ବିଜୟ ତରେଇ ବିଜେଡିରେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ କଂଗ୍ରେସର ଜଣେ ଆଗଧାଡ଼ିର କୃଷ୍ଣପ୍ରସାଦ ବ୍ଲକ ନେତା ଥିଲେ। ହେଲେ ପୂର୍ବତନ ବିଧାୟକ ଲଳାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ମୃତ୍ୟୁ ପରେ ବିଜୟ ତରେଇ ବିଜେଡିରେ ଯୋଗଦେଇଥିଲେ। ତେବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସମସ୍ତ ନୂଆ ସଦସ୍ୟଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଜଗତସିଂହପୁର ଜିଲାର ବିରିଡ଼ି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଭାଜପାରେ ଏହି ମିଶ୍ରଣ ପର୍ବ ପରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏବଂ ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ମୁହାଁମୁହିଁ ହୋଇଛନ୍ତି। ଉପାସନା ନାଁ ନ ନେଇ ବିଜେଡି ଏବଂ ସଞ୍ଜୟଙ୍କୁ ଟାର୍ଗେଟ କରି କହିଛନ୍ତି, ଭାଜପା ସାଇକ୍ଲୋନ୍ ଭଳି ଆଗେଇ ଯାଉଛି, ଆଉ ଅଟକିବ ନାହିଁ। ବିଜେଡିରେ ନିଲମ୍ବନ ଓ ବହିଷ୍କାର ଯେଉଁଭଳି ଚାଲିଛି ଆଗକୁ ତାଙ୍କ ଦଳରେ ଆଉ ୩ ଜଣ ଥିବେ, ଜଣେ ତାମିଲନାଡୁରୁ ଆସିଛନ୍ତି, ଆଉ ଜଣେ ଉପକୂଳିଆ ଏବଂ ତାଙ୍କ ଦଳର ମୁଖିଆ। ଗାନ୍ଧିଜୀଙ୍କ ୩ ମାଙ୍କଡ଼ ଉପାଖ୍ୟାନ କଥା କହିଲେ। ସେହି ୩ ମାଙ୍କଡ଼ ଦେଖାଉଥିଲେ, ସେମାନେ ଖରାପ ଦେଖୁନାହାନ୍ତି, କହୁନାହାନ୍ତି ଏବଂ ଖରାପ ଶୁଣୁନାହାନ୍ତି। ହେଲେ ବିଜେଡିରେ ସେମାନେ ରାଜ୍ୟର ଭଲ ଦେଖିବେନି, ଶୁଣିବେନି ଏବଂ କହିବେନି ଧାରାରେ ଚାଲିଛନ୍ତି। ବିଜେଡିରେ ଯେମିତି ମିଶ୍ରଣ ପର୍ବ ଚାଲିଛି, ସେପରି ନିଲମ୍ବନ ପ୍ରକ୍ରିୟା ଚାଲିଥିବ ବୋଲି ସେ କହିଛନ୍ତି। ସଞ୍ଜୟ ଦାସବର୍ମା ଗଣମାଧ୍ୟମକୁ କହିଛନ୍ତି, ବିଜେଡି କେବେ ଲିଙ୍ଗଭିତ୍ତିକ ବିଶ୍ୱାସ କରେ ନାହିଁ। ସେଠାକାର ଜନପ୍ରତିନିଧି ପ୍ରଥମେ ବ୍ରହ୍ମଗିରିବାସୀଙ୍କ ଆକାଂକ୍ଷା ପୂରଣ କରନ୍ତୁ। ଆଗକୁ ନିର୍ବାଚନ ଆସୁଛି ସେ ନିଜର ଲୋକପ୍ରିୟତା ପ୍ରମାଣିତ କରନ୍ତୁ। ଏହାପରେ ତାଙ୍କ ମତ ମନ୍ତବ୍ୟକୁ ଗୁରୁତ୍ୱ ଦିଆଯିବ। ଦଳ ବିରୋଧୀ କାର୍ଯ୍ୟ ଲାଗି କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ବହିଷ୍କୃତ ହୋଇଛନ୍ତି।

# ଓକାକ୍‌କୁ ଠିକା ଦେଉଛି ଓପେପା

## ସରକାର କହୁଛନ୍ତି ଜିଇଏମ୍‌ରୁ କମ୍ପ୍ୟୁଟର କିଣ

ଭୁବନେଶ୍ୱର,୯।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଓଡ଼ିଶା ସ୍କୁଲ ପ୍ରୋଗ୍ରାମ ଏଜୁକେସନ ଅଥରିଟି(ଓପେପା)ରେ କମ୍ପ୍ୟୁଟର ସାମଗ୍ରୀ କିଣାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହି ପ୍ରକ୍ରିୟା ୨୦୧୮-୧୯ରୁ ଅବ୍ୟାହତ ଚାଲି ଆସିଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଗଭର୍ନମେଣ୍ଟ ଇ-ମାର୍କେଟ ପ୍ଲେସ(ଜିଇଏମ୍)ରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରିବାକୁ ବାଧ୍ୟତା ମୂଳକ କରାଯାଇଛି। ଏପରିକି 'ଓପେପା' ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ନିଜେ ମଧ୍ୟ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ୨୦୨୬ ଜାନୁଆରୀ ୨୨ରେ ପତ୍ର ଲେଖି ଅବଗତ କରାଇଛନ୍ତି। ହେଲେ ନିଜେ କିଣିବା ବେଳକୁ ଜିଇଏମ୍‌ରୁ ନ କିଣି 'ଓକାକ୍' ଜରିଆରେ ଭେଣ୍ଡର ମାଧ୍ୟମରେ କିଣୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ପ୍ରକଳ୍ପ ନିର୍ଦ୍ଦେଶିକା ଜିଲା ଶିକ୍ଷା ଅଧିକାରୀଙ୍କୁ କମ୍ପ୍ୟୁଟର ସାମଗ୍ରୀ କିଣିବାପାଇଁ ୪୫ହଜାର ଟଙ୍କା ଧାର୍ଯ୍ୟ କରିଛନ୍ତି। ମାତ୍ର 'ଓପେପା' ଓକାକ୍‌ମାଧ୍ୟମରେ ଯେଉଁ କମ୍ପ୍ୟୁଟର ସାମଗ୍ରୀ କିଣୁଛି ତାହା ୬୦ହଜାର ଟଙ୍କାରୁ ଉର୍ଦ୍ଧ୍ୱରେ କିଣୁଛି। ତାହା ପୁଣି ଜିଲାସ୍ତରର ଅଧିକାରୀଙ୍କୁ ଦିଆଯାଉଥିବା 'ସ୍ପେସିଫିକେସନ'ଠାରୁ କମ୍ ବୋଲି ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ, 'ଓପେପା' ପକ୍ଷରୁ ୫୩୭୦ ବିଦ୍ୟାଳୟ ପାଇଁ ଏବଂ ୮୦୦କୋଟି ଟଙ୍କାର କମ୍ପ୍ୟୁଟର ସମାନ ପ୍ରକ୍ରିୟାରେ 'ଓକାକ୍'ଠାରୁ କିଣିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ପ୍ରକଳ୍ପ ନିର୍ଦ୍ଦେଶିକା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜାନୁଆରୀ ୩ ତାରିଖ ପତ୍ର ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ୨୦୨୫ ଜୁଲାଇ ୨୨ତାରିଖ ପତ୍ରକୁ ନେଇ 'ଜିଇଏମ୍'ପୋର୍ଟାଲରୁ ସାମଗ୍ରୀ ସଂଗ୍ରହ କରିବାକୁ ସବୁ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚଳିତମାସ ୨ତାରିଖରେ ପତ୍ର ଲେଖି ଅବଗତ କରାଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ଜିଇଏମ୍ ପୋର୍ଟାଲରୁ ହିଁ ସମସ୍ତ ସାମଗ୍ରୀ ସଂଗ୍ରହ କରାଯିବା ବାଧ୍ୟତାମୂଳକ। ୪୫୬୮ଟି ଡେସ୍କଟପ୍ କିଣିବାକୁ ପ୍ରକଳ୍ପ ନିର୍ଦ୍ଦେଶିକା ପତ୍ରରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ପ୍ରକଳ୍ପ ନିର୍ଦ୍ଦେଶିକା 'ଓକାକ୍'କୁ ୫୩୭୦ ବିଦ୍ୟାଳୟର କମ୍ପ୍ୟୁଟର ସଂଗ୍ରହ ଲାଗି ଦାୟିତ୍ୱ ଦେଇଛନ୍ତି। ସେଥିରେ କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ବାବଦକୁ ୬୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାରେ କମ୍ପ୍ୟୁଟର ସାମଗ୍ରୀ ସଂଗ୍ରହ କରିବାକୁ ପତ୍ର ଲେଖିଛନ୍ତି। ଏହାକୁ ନେଇ 'ଓକାକ୍' ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ 'ଓପେପା' ପକ୍ଷରୁ ଏଭଳି ଦୋଫାଙ୍କିଆ ନୀତି କେଉଁ ପରିପ୍ରେକ୍ଷୀରେ ଆପଣା ଯାଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଥ୍ୟ ଅନୁଯାୟୀ, ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ଓପେପା' ପକ୍ଷରୁ ଆଇସିଟି ଯୋଜନାରେ ୨୩୧୭ଟି କମ୍ପ୍ୟୁଟରରେ ୯୨କୋଟି ୭୬ଲକ୍ଷ ଟଙ୍କାରେ ସଂଗ୍ରହ କରାଯାଇଥିବାବେଳେ ପରେ ଉକ୍ତ ବର୍ଷ ୩୧୭୬ଟି କମ୍ପ୍ୟୁଟରରେ ୧୬କୋଟି ୧୭ଲକ୍ଷ ଟଙ୍କାରେ, ୯୬ହଜାର ୭୮୧ଟି ଟାବଲେଟ ୭୭.୩୦କୋଟି ଟଙ୍କାରେ ସଂଗ୍ରହ କରାଯାଇଛି। ଏହାବ୍ୟତୀତ ପିଏମଶ୍ରୀ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାରେ ଶତାଧିକ କୋଟି ଟଙ୍କାର କମ୍ପ୍ୟୁଟର ଏବଂ ଟାବଲେଟ କିଣାଯାଇଛି। 'ଓପେପା' ପକ୍ଷରୁ ଏଭଳି ବ୍ୟତିକ୍ରମକୁ ନେଇ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କୌଣସି ଉତ୍ତର ରଖି ନ ଥିଲେ। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଯଦି ଏଭଳି କିଛି ବ୍ୟତିକ୍ରମ ବା ନିୟମ ବିରୋଧ କାର୍ଯ୍ୟ ହୋଇଥିବ ତେବେ ତାହାର ତଦନ୍ତ କରାଯିବ।

---

**CENTRE FOR DISTANCE AND ONLINE EDUCATION UNDER**
**FAKIR MOHAN UNIVERSITY**
**VYASA VIHAR, BALASORE**

**Advertisement No.Estt. (T)-11-52/2026/1368** **Dated: 09.02.2026**

Applications are invited from Professors (Retd. Professor not above 62 years preferred) in the prescribed form (to be downloaded from the University website:https://fmuniversity.nic.in for the post of **Director, CDOE (Full Time Contractual)**.

| Price of Form |
|---|
| Rs. 1,000/- (for General Category)<br>Rs. 500/- (for Reserved Category) |

Downloaded form shall accompany with a Crossed Demand Draft drawn in favor of the **"F.M.University fees fund one"** of requisite price for the post of **"Director", (Full Time Contractual), The Centre for Distance and Online Education (CDOE) (erstwhile DDCE) (Self-Financed) under Fakir Mohan University, Balasore**. Applicants must have the minimum qualifications and experience as per relevant latest recruitment rules of UGC Guidelines for the State Universities. Complete applications in the prescribed form along with photocopies of two sets of all credentials must reach the office of the **Registrar, Fakir Mohan University, Balasore, Odisha, India, 756089** latest by **13.01.2026** (Through proper channel, in case of already employed candidates). **No application for the said post will be received after 17.02.2026 (5.00 PM).**

No. **TA/DA is admissible for attending the interview**. It should be noted that possession of minimum eligibility shall not confer any right to be called for interview. Incomplete applications will be rejected outright. The administrative and financial liabilities will be governed by the rules and regulations of CDOE.

**Name of the post:**
**DIRECTOR [Full Time Contractual], The Centre for Distance and Online Education (Self-Financed) under FAKIR MOHAN UNIVERSITY VYASA VIHAR, BALASORE.**
**1 Post (Unreserved) :**
Consolidated Pay: Rs. 60,000/- per month.
**No other allowances are admissible.**
**Essential Qualification:**
(i) Total 15 years teaching/ academic administrator in the rank of a Professor (Retd. Professor preferred)
(ii) Preference shall be given to candidates with experience in online Teaching/ Distance Education/ SLM writings.
(iii) The appointment shall be contractual and to be extended if performance is satisfactory.

**Sd./- Registrar**

---

**ROURKELA DEVELOPMENT AUTHORITY**
**UDITNAGAR: ROURKELA-769012**
No. 119/RDA., dated : 03.02.2026

**PROCLAMATION**

**No.13001/52/2526** : It is hereby informed to the General public that **Narayan Chandra Panda**, S/o- Late Krushna Chandra Panda has applied for permission for transfer of **House No.- E/39, under Chhend Housing Project, Stage-I, Chhend, Rourkela** in favour of **Avinash Mohanty**, S/o- Late Umakanta Mohanty. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

**Sd./- Secretary**
**OIPR-13001/13250/1/25-26/0042** **Rourkela Development Authority**

---

**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**
**OFFICE OF THE MUNICIPAL COUNCIL, TITILAGARH**
(Deptt. of Housing & Urban Development, Govt. of Odisha)
At/PO. PS. : Titilagarh, Dist : Balangir - 767033
e-mail : titilagarhmunicipality@gmail.com
**e-tender notice No.485/07.02.2026**
**Bid Identification No. : TIG-MPL-23-2026**

**No.13001/71/2526** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

1. Name of the Work : As per DTCN
2. No. of works : 4 Nos.
3. Estimated Cost : **Rs.58,62,245/- TO Rs.1,41,45,370/-**
4. Period of Completion : As per DTCN
5. Date & Time of availability of Bid Documents in the Portal : **From 11.02.2026 to 27.02.2026 UPTO 5:00 P.M.**
6. Last date & time for receipt of bids in the portal : **Upto 27.02.2026 at 5:00 P.M.**
7. Last date & time for deposit of Fees & Documents (in sealed envelope) at Office : **Upto 05.03.2026 at 5:00 P.M.**
8. Technical Bids received online shall be opened : **On 06.03.2026 at 11:00 A.M.**
9. Name and address of the officer inviting Bid : **Executive Officer, Titilagarh Municipality**

Further details can be seen from the procurement portal i.e. **https://tendersodisha.gov.in**

**Sd./- Executive Officer,**
**OIPR-13001/13095/1/25-26/0001** **Titilagarh, Municipality**

---

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
E-mail ID : cebuildings_orissa@yahoo.co.in, Tel. - (0674)-2391523
**INVITATIONS FOR BIDS (IFB)**

**File No. B-IV-H-(ALMC)-02/2026** **No. 3961** **Dt. 4th Feb., 2026**
**No.34001/25/2526** **Invitations for Bids**
**Bid Identification No. C.E.(B) - 48/2025-26**

| | | | |
|---|---|---|---|
| 1 | The Chief Engineer, Buildings-II (I/c), Odisha, Bhubaneswar on behalf of Works Deptt., Govt. of Odisha, invites percentage rate bids in double cover system in ONLINE MODE only. | | |
| 2 | Nature of Work | : | Fire Fighting System (Hydrant, Spinkler, Alarm, PA System) to 250 Bedded Main Building at SLN MCH, Koraput |
| 3 | No. of Work | : | 01 No. |
| 4 | Bid Cost | : | ₹ 10,000/- |
| 5 | Class of Contractor | : | Specialized agency MOU with electrical contractor having valid MV/HT or above license from ELBO |
| 6 | Availability of Bid Documents in the Website | : | From dt.12.02.2026 to 17.00 Hours of dt.26.02.2026 |
| 7 | Date of Opening of Bids | : | Dt.27.02.2026 at 11:30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Chief Engineer, Buildings-II (I/c),**
**OIPR-34001/34117/1/25-26/0025** **Odisha, Bhubaneswar**

---

**OFFICE OF THE SORO MUNICIPALITY, SORO, BALASORE**
TEL. & FAX NO.221262, CODE NO.06788, e.mail:-soromunicipality@gmail.com
**EXTENSION QUOTATION CALL NOTICE**
**Letter No - 428** **Date: 07.02.2026**

**No.13001/72/2526** : It is hereby informed that the QUOTATION CALL NOTICE for Painting of wall with theme of Swachha Bharat Misson 3.0 making of tribal paint and chitra art and different cultural activity of Odisha with aesthetic theme invited vide this office QUOTATION CALL NOTICE No.281 is hereby extended as follows:

- Original Date of Submission : 07-02-2026 at 12:00 PM
- Rescheduled Date of Submission : 11-02-2026 at 12:00 PM
- Date of Opening of QUOTATION CALL NOTICE: 12-02-2026 at 04:00 PM

All other terms and conditions and Eligibility Criteria of the original QUOTATION CALL NOTICE documents remain unchanged.

**OIPR-13001/13166/1/25-26/0014** **Sd./- Executive Officer, Soro Municipality**

---

**SEBI भारतीय प्रतिभूति और विनिमय बोर्ड**
**Securities and Exchange Board of India**
ସେବୀ ଭବନ, ୫ମ ମହଲା, 'ବି' ୱିଙ୍ଗ୍, ପ୍ଲଟ୍ ନଂ. ସି୪-ଏ,
'ଜି' ବ୍ଲକ୍, ବାନ୍ଦ୍ରା - କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ), ମୁମ୍ବାଇ - ୪୦୦ ୦୫୧,
ଦୂରଭାଷ: ୦୨୨ ୨୬୪୪ ୯୬୮୬ । ଇମେଲ୍: YPP@SEBI.GOV.IN

**ସେବୀ ୟଙ୍ଗ୍ ପ୍ରଫେସନାଲ ପ୍ରୋଗ୍ରାମ୍ ଅଧୀନରେ ଦରଖାସ୍ତ ଆହ୍ୱାନ**

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବୀ) ଏହାର ୟଙ୍ଗ୍ ପ୍ରଫେସନାଲ ପ୍ରୋଗ୍ରାମ୍ (ୱାଇପିପି) ଅଧୀନରେ ସେବୀ ସହ ଜଡ଼ିତ ହେବା ଲାଗି ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି । ଉପରୋକ୍ତ ପ୍ରୋଗ୍ରାମ୍‌ର ସବିଶେଷ ବିବରଣୀ ସେବୀ ୱେବ୍‌ସାଇଟ୍: www.sebi.gov.in ରେ "କ୍ୟାରିୟର୍ସ" ସେକ୍ସନ ଅଧୀନରେ ଉପଲବ୍ଧ । ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ ଖବରକାଗଜଗୁଡ଼ିକରେ ପ୍ରକାଶିତ ହେବା ତାରିଖରୁ ୨୧ ଦିନ ।

**CBC 15204/11/0240/2526** **ମାନବ ସମ୍ବଳ ବିଭାଗ, ସେବୀ**

---

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, PURI (R&B) DIVISION, PURI**
**WORKS DEPARTMENT**
**Short Tender Call Notice**
E-mail : eerbpuri@yahoo.co.in
**Bid Identification No. SE (R&B) Puri-61/2025-26**

**No.34001/34/2526** : The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double Cover / Single Cover system** in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government / Railways :

1. Nature of Work : Electrical works
2. No. of Work : 9 Nos.
3. Tender Cost : Rs.6000.00 (On-Line)
4. Class of bidders : Specialized agency having MOU with Electrical contractor having valid license issued from ELBO (MV/HT Class)
5. Available of Bid document in the Website : From 10.00 A.M. of Dt.09.02.2026 to 05.00 P.M. of Dt.16.02.2026
6. Last Date of receipt of tender : Dt.16.02.2026 up to 05.00 P.M.
7. Date of opening of Bid : Dt.17.02.2026 at 11:00 A.M.
8. The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

**Sd./- Superintending Engineer,**
**OIPR-34001/34064/1/25-26/0001** **Puri (R&B) Division, Puri**

---

**NOTICE INVITING TENDER**
**OFFICE OF THE MUNICIPAL COUNCIL, NAYAGARH**
NAYAGARH (ODISHA), PIN-752069
**No.13001/66/2526** e-Mail : nacnayagarh@yahoo.co.in
**Tender Call Notice No. 280/Dt.06.02.2026**
**E-Procurement Notice No.MUNLNGR-02/2025-26**

| | | | |
|---|---|---|---|
| 1 | Name of the Work | : | Civil Works |
| 2 | No. of Works | : | 12 Nos. |
| 3 | Value of Work | : | **Rs.1,69,576/- to Rs.12,71,832/-** |
| 4 | Class of Contractor | : | D & C |
| 5 | Period of Completion | : | As per DTCN |
| 6 | Date of Publication | : | **Dt.09.02.2026** |
| 7 | Date and Time of availability of document in the portal | : | From **Dt.09.02.2026** at **10.00 A.M.** to **Dt.20.02.2026** up to **5.00 P.M.** |
| 8 | Last Date/Time for receipt of bids in portal | : | **Dt.20.02.2026** up to **5.00 P.M.** |
| 9 | Last date of Submission of original documents in this Office | : | On or before **5.00 P.M.** on **Dt.23.02.2026** by Registered Post / Speed Post / Courier Service (No Tender Box) at Municipal Office, Nayagarh |
| 10 | Date and Time of opening Bid | : | **Dt.24.02.2026** at **11.00 A.M.** at Municipality Office, Nayagarh |
| 11 | Name and address of the officer inviting bid | : | Sd./- Executive Officer, Nayagarh Municipality |

Further details can be seen from e-Procurement portal https://tendersodisha.gov.in

**OIPR-13001/13134/1/25-26/0014**

---

**PANCHAYAT SAMITI OFFICE, BIRMAHARAJPUR**
**Tender Call Notice**
**No.405** **Date : 06.02.2026**

Sealed tenders in single cover system have been invited from the intending bidders for execution of following works in respect of Birmaharajpur Block for the year 2025-26.

Last date of receipt of Bid - 23/02/2026
Date of opening of Bid-24/02/26

| Sl. No. | Name of the work | Scheme | Value of Work (Rs.) | Class of Contractor |
|---|---|---|---|---|
| 1 | Construction of Additional Class room Kanpur PUPS | SSA/RMSA | Rs.14,80,944.00 | "C" |
| 2 | Construction of Additional Class room Kamira UPS | SSA/RMSA | Rs.14,80,944.00 | "C" |
| 3 | Construction of Multipurpose Community-cum-Culture Centre at Shardhapali of Bahalpadar GP | St & Sc Dev | Rs.20,21,163.00 | "C" & "B" |

For details visit our District website https://subarnapur.odisha.gov.in

**Sd./- Block Development Officer, Birmaharajpur**

---

**OCPL Odisha Coal and Power Limited**
**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER**
**NIT No: OCPL/SER-223/2026** **Date: 10/02/2026**

Sealed bids in prescribed format are invited from Consultancy Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Providing Transaction Advisory Services for Selection of Mine Developer Cum Operator (MDO) for Tangardihi North Coal Block | Rs.1,180/- (Rupees One Thousand One Hundred and Eighty only) including GST. | 10/02/2026 | 02/03/2026 | 03:00 PM / 03:30 PM on 02/03/2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

**Sd./- Chief Operating Officer**

---

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 53-KUR-TRD-OT-2025-26

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ (KUR) - ପୁରୀ, ଜଖପୁରା (JKPR) - ନୟାଗଡ଼ (NYG), କପିଳାସ ରୋଡ଼(KIS)-ସାଳଗାଁ(SQQ) ଏବଂ ନିର୍ଗୁଣ୍ଡି (NRG) - ରାଜଆଠଗଡ଼ (RJGR) ସେକ୍ସନରେ କବଚ ବ୍ୟବସ୍ଥା ସମ୍ବନ୍ଧୀୟ 06 ଗୋଟି ଟାୱାରଗୁଡ଼ିକ ନିମନ୍ତେ 10kVA ପାୱାର ଅଗ୍‌ଜିଲିଆରୀ ଟ୍ରାନ୍ସଫର୍ମର (AT) ଯୋଗାଣ ନିମନ୍ତେ ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ(₹):** 14,39,018.70, **EMD** (₹) : 28,800.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.02.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.02.2026 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),
PR-1097/Q/25-26 ଖୋର୍ଦ୍ଧା ରୋଡ଼

---

**ଦ.ପୂ. ରେଳପଥ – ଟେଣ୍ଡର**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ୍ଗପୁର ମଣ୍ଡଳ ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଛନ୍ତି: ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଜିପି/ସିଏଟିଜି/୨୦୨୬, ତାରିଖ: ୦୬।୦୨।୨୦୨୬। କାର୍ଯ୍ୟର ବର୍ଣ୍ଣନା: ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ଖଡ୍ଗପୁର ରେଳ ଷ୍ଟେଶନଠାରେ ଜେନେରାଲ ମାଇନର ୟୁନିଟ୍ (୦୩ ଗୋଟି)ରେ କ୍ୟାଟେରିଂ ସେବାର ବ୍ୟବସ୍ଥା କରିବା । ଉପରୋକ୍ତ ୦୩ ଗୋଟି କ୍ୟାଟେରିଂ ୟୁନିଟ୍ ପାଇଁ ଆଇଆରଇପିଏସ୍ ପୋର୍ଟାଲରେ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ ହେଉଛି ତା୨୭।୦୨।୨୦୨୬ରିଖ, ୧୧.୦୦ ଘଟିକା, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଏଜେନ୍ସି/କ୍ୟାଟେରିଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ଟେଣ୍ଡର ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ଏବଂ ପ୍ରାସଙ୍ଗିକ ସୂଚନା ପାଇଁ ଉପରଦର୍ଶିତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଯଦି କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ଥାଏ, ଦୟାକରି ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ, ଖଡ୍ଗପୁର ମଣ୍ଡଳଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ । (PR-1160)

---

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

**(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ପୁରୀ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ପୁରୀ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ପୁରୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ରାକେଶ ଚନ୍ଦ୍ର ସାହୁ, ୨) ଶ୍ରୀମତୀ ଲିଲି ସାହୁ, ଉଭୟଙ୍କ ଠିକଣା- ସା: ସାହାଯାନପୁର, ଚାପମାଣିକ, ବ୍ରହ୍ମଗିରି, ପୁରୀ - ୭୫୨୦୧୧ | ତା.୨୯.୦୫.୨୦୨୫ରିଖ ସୁଦ୍ଧା ଟ.୧୭,୯୧,୦୪୨/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୨.୦୭.୨୦୨୫ / ୦୭.୦୨.୨୦୨୬ | ଶ୍ରୀ ରାକେଶ ଚନ୍ଦ୍ର ସାହୁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨୧/୬୦୨୧, ପ୍ଲଟ୍ ନଂ.: ୯୯୮/୧୦୭୯୬, କ୍ଷେତ୍ର: ଏକର ୦.୦୨୮ ଡିସିମିଲି, ମୌଜା: ବାଲୁଖଣ୍ଡ, ଥାନା: ପୁରୀ ସଦର, ଥାନା ନଂ.: ୧୫୧, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ସବ୍ ପ୍ଲଟ୍ ନଂ.: ଏଲ୍‌ପି-୨୩, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ଏଲ୍‌ପି-୨୫, ପୂର୍ବ: ୨୦ ଫୁଟିଆ ଚଉଡା ରାସ୍ତା, ପଶ୍ଚିମ: ରେଭେନ୍ୟୁ ପ୍ଲଟ୍ ନଂ.: ୯୮୫ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୯.୦୨.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

---

**बैंक ऑफ़ बड़ौदा Bank of Baroda**
**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧

**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (୨ୟ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ଆକ୍ଟ ଧାରା ୧୩ ଉପଧାରା (୪) ସହିତ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦାର କଟକ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| କଟକ ମୁଖ୍ୟ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଦୁର୍ଗା ପେଟ୍ରୋକେମିକାଲ୍ସ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ପ୍ରତିଭା ପୁହାଣ, ସ୍ୱାମୀ: ହରିହର ପୁହାଣ, ୨) ଶ୍ରୀ ସରୋଜ କୁମାର ପୁହାଣ, ପିତା: ହରିହର ପୁହାଣ, ୩) ଶ୍ରୀ ନିରଜ କୁମାର ପୁହାଣ, ପିତା: ହରିହର ପୁହାଣ, ସମସ୍ତଙ୍କ ଠିକଣା ସା.: ଅଲଟ୍ରା ଲେନ୍, ନିୟୁ ତରୋଳ, ପୋ/ଥାନା: ଜଗତପୁର, କଟକ-୭୫୪୦୨୧ | ଶ୍ରୀ ହରିହର ପୁହାଣ, ସ୍ୱତ୍ୱାଧିକାରୀ: ମେସର୍ସ ଶ୍ରୀ ଦୁର୍ଗା ପେଟ୍ରୋକେମିକାଲ୍ସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: କଟକ, ମୌଜା: ଖଇରା, ଥାନା: ଜଗତପୁର, ତହସିଲ: ଚୌଦ୍ୱାର, ଖାତା ନଂ.: ୪୪୮, ରେଭିନ୍ୟୁ ପ୍ଲଟ୍ ନଂ.: ୧୯୧୬ (ଅଂଶ), ଇଡକୋ ପ୍ଲଟ୍ ନଂ.: ୮୯/ଏ, କ୍ଷେତ୍ର: ଏକର୦.୧୨୫ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୮୮, ଦକ୍ଷିଣ: ୮୯/ବି, ପୂର୍ବ: ପ୍ଲଟ୍ ନଂ.: ୯୦, ପଶ୍ଚିମ: ରାସ୍ତା | ୨୪.୦୬.୨୦୨୫ / ୦୩.୦୨.୨୦୨୬ | ତା.୦୪.୧୨.୨୦୨୫ରିଖ ସୁଦ୍ଧା ଟ.୨୪,୩୯,୩୬୨.୪୮ ଏବଂ ତା ୦୫.୧୨.୨୦୨୫ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ, ତାରିଖ : ୦୯.୦୨.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ଛଟେଇ ଅଣ ଆନୁଷ୍ଠାନିକ ଶିକ୍ଷକଙ୍କ ରାଜ୍ୟସ୍ତରୀୟ ବୈଠକ

**ବାଣପୁର,୯।୨(ଦିଲୀପ କୁମାର ସ୍ୱାଇଁ):** ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ଶାଳିଆ ଡ୍ୟାମ୍‌ଠାରେ ଛଟେଇ ଅଣଆନୁଷ୍ଠାନିକ (ଏନ୍‌ଜିଓ) ଶିକ୍ଷକମାନଙ୍କ ଏକ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ସୁରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଙ୍ଗଠନର କାର୍ଯ୍ୟାବଳୀ ଏବଂ ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜାନୁଆରୀ ୧୭ରେ ସରକାର ଛଟେଇ(ଏନ୍‌ଜିଓ) ଶିକ୍ଷକ ଓ ସୁପରଭାଇଜରମାନଙ୍କ ନାମ ତାଲିକା ସଂଗ୍ରହ ଜିଲା ଶିକ୍ଷା ଅଧିକାରୀମାନଙ୍କ ମାଧ୍ୟମରେ କରିଥିବାରୁ ସରକାରଙ୍କୁ ବୈଠକରେ କୃତଜ୍ଞତା ସହ ଧନ୍ୟବାଦ ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟ ସଙ୍ଗଠନର ସମ୍ପାଦକ ହୃଷୀକେଶ ତ୍ରିପାଠୀ, ଜିଲା ସଭାପତି ଗଙ୍ଗାଧର ମିଶ୍ର, ବାଳିଚରଣ ବାରିକ, ପ୍ରଭାତ କୁମାର ସାହୁ, ଭାଗୀରଥି ବରାଳ, ବେଣୁଧର ବେହେରା, ପ୍ରମୋଦ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କୁ ସାଧୁବାଦ୍ ଦେବା ସହିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଶୀଘ୍ର ପ୍ରାଥମିକ ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ଅନୁରୋଧ କରି ପ୍ରସ୍ତାବ ପାରିତ କରାଯାଇଛି।

### କପିଳେଶ୍ୱର ଦେବଙ୍କ ପୀଠରେ ଶତଚଣ୍ଡୀ, ରୁଦ୍ର ମହାଯଜ୍ଞ ଆରମ୍ଭ

**ନିରାକାରପୁର,୯।୨(ମାନସ ଚନ୍ଦ୍ର ପଟ୍ଟନାୟକ):** ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ପୀଠରେ ସପ୍ତଦିବସୀୟ ଶତଚଣ୍ଡୀ ଓ ରୁଦ୍ର ମହାଯଜ୍ଞ ସୋମବାର ଆରମ୍ଭ ହୋଇଛି। ମାନସିକଧାରୀମାନେ ଡିଆ ଗ୍ରାମସ୍ଥିତ ବଡ଼ ପୋଖରୀରୁ କଳସରେ ପାଣି ଆଣି ଶୋଭାଯାତ୍ରାରେ ଯାଇ ଯଜ୍ଞମଣ୍ଡପ ନିକଟରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ବରିଷ୍ଠ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୧୫ ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ପ୍ରତି ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ସହ ଭଜନ ସଂକୀର୍ତ୍ତନ ଓ ମେଳା ଅନୁଷ୍ଠିତ ହେବ।

### ବିଇଓ ଭାବେ ଦାୟିତ୍ୱ ନେଲେ ଅର୍ଣ୍ଣବ ବେଉରା

**ବେଗୁନିଆ,୯।୨(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଭାବେ ଅର୍ଣ୍ଣବ କୁମାର ବେଉରା ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରକାଶ ଯେ, ବେଗୁନିଆରେ କାର୍ଯ୍ୟରତ ବିଇଓ



ବୌଦ୍ଧ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି ହେବା ପରେ ଏଠାରେ ପଦବୀଟି ଖାଲି ପଡିଥିଲା। ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଣ୍ଣବ କୁମାର ବେଉରା, ଓଇଏସ୍‌-।।ଙ୍କ ନାମ ଡାଇରେକ୍ଟର ଏଲିମେଣ୍ଟାରୀଙ୍କୁ ସୁପାରିସ କରିଥିଲେ। ସୁପାରିସ ଆଧାରରେ ଡେପୁଟି ଡାଇରେକ୍ଟର ତାଙ୍କର ଚିଠି ନଂ.୧୭୨୪, ତା୪.୨.୨୬ରେ ଅର୍ଣ୍ଣବଙ୍କୁ ବିଇଓ କାର୍ଯ୍ୟାଳୟର ମୁଖ୍ୟ ଭାବେ ଘୋଷଣା କରି ଅତିରିକ୍ତ କ୍ଷମତା ପ୍ରଦାନ କରିଛନ୍ତି। ଅର୍ଥନୈତିକ ଉଠାଣ ଓ ପ୍ରଦାନ କ୍ଷମତା ଅଧିକାରୀ ଭାବେ ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ସେ କାର୍ଯ୍ୟାଳୟରେ ଯୋଗଦେଇଥିଲେ। କାର୍ଯ୍ୟାଳୟର କର୍ମଚାରୀ ଏବଂ ଶିକ୍ଷକମାନେ ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ନକଲି ପାସ୍‌ଧାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୯।୨(ସୌମ୍ୟରଞ୍ଜନ ରାଉତ)**

### ଲିଙ୍ଗରାଜଙ୍କ ଜାଗରଯାତ୍ରା: ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଆଇନ ମନ୍ତ୍ରୀ



ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ଓ ଜାଗରଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସୋମବାର ବିଭିନ୍ନ ବିଭାଗ, ନିଯୋଗ ଓ ସେବାୟତ ପ୍ରତିନିଧିଙ୍କୁ ନେଇ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାଗରଯାତ୍ରା ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ପୂରା ପ୍ରସ୍ତୁତି ବ୍ୟବସ୍ଥାର ସମୀକ୍ଷା କରି କହିଲେ, ଲିଙ୍ଗରାଜ ମହାପ୍ରଭୁଙ୍କ ଜାଗରଯାତ୍ରାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ରହୁଥିବା ଶିବଭକ୍ତମାନେ ଚାହିଁ ରହିଥାନ୍ତି। ଜାଗରଯାତ୍ରା ଭଳି ମହୋତ୍ସବ କେବଳ ଜଣଙ୍କ ଉଦ୍ୟମରେ କେବେ ବି ସମ୍ଭବ ନୁହେଁ। ଏଥିପାଇଁ ସେବାୟତସମୂହ, ନିଯୋଗ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ମହାନଗର ନିଗମ, ଅଗ୍ନିଶମ ସେବା ଓ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମୟ ଅନୁସାରେ ନୀତିକାନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନଠାରୁ ଆରମ୍ଭ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସାରିବାକୁ ହେବ। ଜାଗର ଅବସରରେ ବିଶୃଙ୍ଖଳାର ଅନ୍ୟତମ କାରଣ ସାଜିଥିବା ନକଲି ପାସ୍‌ଧାରୀ ସେବାୟତ ଏବଂ ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମନ୍ଦିର ପରିସର ସଫେଇ ବ୍ୟବସ୍ଥା, ଆଲୋକୀକରଣ, ବାରିକେଟିଂ, ପାର୍କିଂ, ପରିମଳ, ପାନୀୟ ଜଳ ବ୍ୟବସ୍ଥା, ଭକ୍ତଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଛାୟାକରଣ ଓ ପବନ ଚଳାଚଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଭିଡ଼ ଓ ଟ୍ରାଫିକ ପରିଚାଳନା, ମନ୍ଦିର ତଥା ଆଖପାଖ ଅଞ୍ଚଳର ସାଜସଜ୍ଜା, କଣ୍ଟ୍ରୋଲ ରୁମ୍, ସିସିଟିଭି ବ୍ୟବସ୍ଥା ଏବଂ ଗଣମାଧ୍ୟମ ଜରିଆରେ ସୁଚାରୁରୂପେ ଏହାର ପ୍ରସାରଣ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର ସୁଲୋଚନା ଦାସ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲାପାଳ ରମେଶ କୁମାର ଜେନା, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର, ଅବକାରୀ ବିଭାଗ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ମହାନ୍ତିଙ୍କ ସମେତ ମନ୍ଦିର ନିଯୋଗ, ସେବାୟତ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ପୂର୍ତ୍ତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଟିପିସିଓଡିଏଲ୍, ୱାଟ୍‌କୋ, କ୍ଷୁଟ୍, କ୍ୟାପିଟାଲ ହସ୍ପିଟାଲ ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ପୀଠରେ ସପ୍ତଦିବସୀୟ ଶତଚଣ୍ଡୀ ଓ ରୁଦ୍ର ମହାଯଜ୍ଞ ଉପଲକ୍ଷେ ସୋମବାର ଅନୁଷ୍ଠିତ କଳସ ଯାତ୍ରା।

# ୧୭ ମାସ ପରେ ଅଭିଯୁକ୍ତ ଗିରଫ

**ଜଟଣୀ,୯।୨(ରବୀନ୍ଦ୍ରନାଥ ମହାକୁଡ଼)**

### ପ୍ରଫୁଲ୍ଲ ବାରିକଙ୍କ ଗଳାକାଟି ହତ୍ୟା ଘଟଣା



ଅଭିଯୁକ୍ତ ଶିବପ୍ରସାଦ ପ୍ରଧାନ।

ଜଟଣୀ ଥାନା ଅଧୀନ କୁଦିଆରୀ ରଙ୍ଗଣୀସାହିଠାରେ ଥିବା ଗୋଷ୍ଠୀ ସଭାଗୃହରେ ୨୦୨୪ ଅଗଷ୍ଟ ୧୪ରେ ପ୍ରଫୁଲ୍ଲ ବାରିକଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ରଙ୍ଗଣୀସାହି ଅଞ୍ଚଳର ଶିବପ୍ରସାଦ ପ୍ରଧାନ(୪୮)। ପୋଲିସ ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ଏବଂ ଅଭିଯୁକ୍ତ ଶିବପ୍ରସାଦ ମିଶି ରଙ୍ଗ କାମ କରନ୍ତି। ଏକ ଠିକା ରଙ୍ଗ କାମ ସରିବା ପରେ ପ୍ରଫୁଲ୍ଲଙ୍କୁ ତାଙ୍କ ଭାଗ ଟଙ୍କା ଶିବପ୍ରସାଦ ଦେଇ ନ ଥିଲେ। ବାରମ୍ବାର ଟଙ୍କା ଦେବା ପାଇଁ ପ୍ରଫୁଲ୍ଲ କହୁଥିବା ସତ୍ତ୍ୱେ ଶିବପ୍ରସାଦ ଟଙ୍କା ନ ଦେବା ପାଇଁ ଟାଳି ଆସୁଥିଲେ। ୨୦୨୪ ଅଗଷ୍ଟ ୧୪ରେ ପ୍ରଫୁଲ୍ଲ ଘରେ ଥିବା ବେଳେ ଶିବପ୍ରସାଦ ତାଙ୍କୁ ଡାକିନେଇ ରଙ୍ଗଣୀସାହି ଠାରେ ଥିବା ଗୋଷ୍ଠୀ ସଭାଗୃହକୁ ଯାଇଥିଲେ। ଏହା ପରେ ପ୍ରଫୁଲ୍ଲଙ୍କୁ ହତ୍ୟା କରି ଶିବପ୍ରସାଦ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ସେଠାରେ ପ୍ରଫୁଲ୍ଲଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ। ଖବରପାଇ ମୃତକଙ୍କ ବଡ଼ଭାଇ ପ୍ରସନ୍ନ ପହଞ୍ଚିବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୋଗକୁ ଭିତିକରି ଏକ ମାମଲା (ନଂ.୩୨୨/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତ ଶିବପ୍ରସାଦଙ୍କୁ ତାଙ୍କ ଘରୁ ପୋଲିସ ଧରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଦୋଷ ସ୍ୱୀକାର କରିବା ପରେ ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।

## ଇଡ୍‌କୋ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ଉଷା ପାଢ଼ୀ

**ଭୁବନେଶ୍ୱର, ୯।୨(ବନ୍ଦନା ସେଠୀ)**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସୋମବାର ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର ଅଧ୍ୟକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ପାଢ଼ୀ ଇଡ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସହ ବୈଠକ କରିଥିଲେ। ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ଓ ରାଜ୍ୟରେ ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ କରିବା ପାଇଁ ରୋଡ୍‌ମ୍ୟାପ୍ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପ୍ରକଳ୍ପଗୁଡ଼ିକର ସ୍ୱଚ୍ଛତା, ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ପୁଞ୍ଜିନିବେଶକାରୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ଜୋର୍ ଦେଇଥିଲେ। ଶିଳ୍ପ ଭିତ୍ତିଭୂମି ସହିତ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇ ଅଧ୍ୟକ୍ଷା ପାଢ଼ୀ କହିଲେ, ରାଜ୍ୟରେ ଜମି ବିକାଶ ଏବଂ ଭିତ୍ତିଭୂମି ନିର୍ମାଣ ମାଧ୍ୟମରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଇଡ୍‌କୋର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିଳ୍ପାଞ୍ଚଳଗୁଡ଼ିକରେ ଉନ୍ନତ ନାଗରିକ ସୁବିଧା, ପରିବହନ ଏବଂ ସ୍ଥାୟୀ ଭିତ୍ତିଭୂମି ସହିତ ସୁନିୟୋଜିତ ଶିଳ୍ପ ଟାଉନ୍‌ସିପ ଗଠନ କରାଯିବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ସନ୍ତୁଳିତ ଓ ସମନ୍ୱିତ ବିକାଶ ସମ୍ଭବ ହୋଇପାରିବ ବୋଲି ସେ ମତ ରଖିଥିଲେ।

## କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟ ଅତିଥି।

**ନିରାକାରପୁର,୯।୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ଛୋଟରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ମୁଖ୍ୟବକ୍ତା ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ସ୍ଥାନୀୟ ସରପଞ୍ଚ କାଦମ୍ବିନୀ ବେହେରା, ସମିତିସଭ୍ୟା ଲୋପାମୁଦ୍ରା ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ରବି ନାରାୟଣ ବାହିନୀପତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ଜଗଦ୍ଦେବ ସ୍କୁଲର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେବେ ବୋଲି କହିଥିଲେ। ଶିକ୍ଷୟିତ୍ରୀ ରିତା ବଲ୍ଲଭ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଅଜୟ କୁମାର ସେଠୀ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ କୃଷକ ସଭାର ସମର୍ଥନ

**ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟକୁ ଅଖିଳ ଭାରତ କୃଷକ ସଭା ସମର୍ଥନ ଦେଇଛି। ଏନେଇ କୃଷକ ସଭାର ଜାତୀୟ ଉପସଭାପତି ଆଶିଷ କାନୁନ୍‌ଗୋ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସେ କହିଛନ୍ତି, ଶ୍ରମିକ, ଚାଷୀ, ଗରିବ, ମଧ୍ୟବିତ୍ତ ଲୋକଙ୍କ ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି। କେନ୍ଦ୍ର ସରକାର କର୍ପୋରେଟଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦେଶର ପ୍ରାକୃତିକ ସମ୍ପଦ ଖଣି, ଖାଦାନ, ରେଳ, ବୀମା ପ୍ରଭୃତି ରାଷ୍ଟ୍ରୀୟ ସଂସ୍ଥାକୁ ଘରୋଇ କମ୍ପାନୀଗୁଡ଼ିକ ହାତରେ ଟେକି ଦେଇଛନ୍ତି। ୪ଟି ଶ୍ରମ କୋଡ୍‌କୁ ବାତିଲ କରିବା, ବିଦ୍ୟୁତ ବିଲ୍ ୨୦୨୫ ପ୍ରତ୍ୟାହାର କରିବା, ଭିବି-ଜି-ରାମ୍-ଜୀ ଆଇନକୁ ବାତିଲ କରି ମନରେଗା ଆଇନକୁ ମଜଭୁତ କରି ୨୦୦ ଦିନ କାମ ସହିତ ୭୦୦ ଟଙ୍କା ମଜୁରି ଦେବା, ବିହନ ବିଲ୍ ୨୦୨୫ ବାତିଲ କରିବା, ଚାଷୀର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ ଗ୍ୟାରେଣ୍ଟି ଦେବା, ଶ୍ରମିକଙ୍କୁ ମାସିକ ୨୭ ହଜାର ମଜୁରି ଦେବା, ଆଦିବାସୀଙ୍କୁ ଜଙ୍ଗଲ ଜମି ଉପରେ ଅଧିକାର ଦେବା, ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ଦେବା ଦାବି ନେଇ ଦିଆଯାଇଥିବା ସାଧାରଣ ଧର୍ମଘଟକୁ ସବୁ କ୍ଷେତ୍ରରେ ସଫଳ କରିବାକୁ ସେ କୃଷକ ସଭାର ସମସ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମୀଣ ଓଡ଼ିଶାର ଚାଷୀ, ମୂଲିଆମାନେ ରାଜରାସ୍ତାକୁ ଓହ୍ଲାଇ ଧର୍ମଘଟରେ ସାମିଲ ହେବାକୁ କାନୁନ୍‌ଗୋ ଆହ୍ୱାନ ଦେଇଛନ୍ତି।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କ୍ଷମତା ନିର୍ମାଣ, ନେତୃତ୍ୱ ପ୍ରଶିକ୍ଷଣ

**ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)**



ଦୃଷ୍ଟିହୀନ ଓ ଅଳ୍ପଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କ ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ କ୍ଷମତା ନିର୍ମାଣ ଓ ନେତୃତ୍ୱ ବିଷୟରେ ୨ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ଜ୍ଞାନ, ଦକ୍ଷତା ଓ ନେତୃତ୍ୱ ବିକାଶ ମାଧ୍ୟମରେ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ବ୍ଲାଇଣ୍ଡ୍ ପିପୁଲ୍ସ ଆସୋସିଏଶନ(ବିପିଏ), ରେଭେନ୍‌ଶା ଭିନ୍ନକ୍ଷମ ଛାତ୍ର ସଂଘ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହି ପ୍ରଶିକ୍ଷଣ ଆୟୋଜନ କରାଯାଇଛି। ବିପିଏର ସାଧାରଣ ସମ୍ପାଦକ ଡ. ଭୂଷଣ ପୁନାନୀ ଯୋଗଦେଇ ଦିବ୍ୟାଙ୍ଗଜନ ଅଧିକାର ଆଇନ ୨୦୧୬ ଏବଂ ସେମାନଙ୍କ ଅଧିକାର ଓ ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବିପିଏର ଉପନିର୍ଦ୍ଦେଶକ ଡ. ଭାରତ କୁମାର ଯୋଶୀ ସମୟ ପରିଚାଳନା ଓ କ୍ୟାମ୍ପସଠାରୁ କର୍ପୋରେଟ ପର୍ଯ୍ୟନ୍ତ ଆବଶ୍ୟକ ଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ଡ. ଧର୍ମେନ୍ଦ୍ର ଜେନା ପ୍ରଭାବଶାଳୀ ଯୋଗାଯୋଗ କୌଶଳ ଉପରେ ଏକ ଅଧିବେଶନ ପରିଚାଳନା କରିଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶାର ମାଷ୍ଟର୍ ଟ୍ରେନର୍ ଡ. ବିକାଶ ପ୍ରସାଦଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ଏଥିରେ ଶିଶୁ ଓ ମହିଳା ବିକାଶ ସୋସାଇଟି ସହଯୋଗ କରିଥିଲା।

# କଳା ମୁଗୁନିପଥର ବୋଝେଇ ହାଇୱା ଜବତ, ଚାଳକ ଗିରଫ

**ବେଗୁନିଆ,୯।୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଆଇନ ଭାବେ କଳା ମୁଗୁନିପଥର ବୋଝେଇ କରି ନେଇ ଯାଉଥିବା ଏକ ହାଇୱାକୁ ସୋମବାର ବେଗୁନିଆ ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଚାଳକ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ଗ୍ରାମର ଲିଙ୍କନ ନାୟକ। ସୂଚନା ମୁତାବକ, କୋଦବେରେଣି-ଟିକାତାଳ ରାସ୍ତାରେ ସୋମବାର ସକାଳେ କଳା ମୁଗୁନି ପଥର ବୋଝେଇ ହାଇୱା ଯାଉଥିଲା। ଏହି ସମୟରେ ବେଗୁନିଆ ପୋଲିସ ପକ୍ଷରୁ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ରୋକିବା ପାଇଁ ଟିକାତାଳ ଛକ ନିକଟରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିଲା। ଉକ୍ତ ଗାଡିର କାଗଜପତ୍ର ଯାଞ୍ଚ ବେଳେ ବେଆଇନ ବୋଝେଇ ବୋଲି ଜଣାପଡିଥିଲା। ଏହାପରେ ପୋଲିସ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଧରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୬୬/୨୬) ରୁଜୁ ହୋଇଛି। ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ଉମାକାନ୍ତ ବେହେରାଙ୍କ ସମେତ ଅନ୍ୟ ୪ଜଣ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

# ଜୁନିୟର ଏଫ୍‌ସି ଖୋର୍ଦ୍ଧା ସେମିଫାଇନାଲରେ

**ବେଗୁନିଆ,୯।୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୌଡ଼ିଆପଡ଼ା-ଇନ୍ଦିପୁର ଖେଳପଡ଼ିଆରେ ଚାଲିଥିବା ୯ମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ଜୁନିୟର ଏଫ୍‌ସି ଖୋର୍ଦ୍ଧା ଏବଂ ବାବା ଲଡୁକେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଶରଣକୁଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଜୁନିୟର ଏଫ୍‌ସି ଖୋର୍ଦ୍ଧା ଟିମ୍ ମ୍ୟାଚର ପ୍ରଥମାର୍ଦ୍ଧରେ ୨ଟି ଏବଂ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ଦେଇଥିଲା। ବାବା ଲଡୁକେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୩-୦ ଗୋଲରେ ଜୁନିୟର ଏଫ୍‌ସି ଖୋର୍ଦ୍ଧା ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡ଼ା, ମନୋଜ ସାମନ୍ତସିଂହାର, କୃଷ୍ଣଚନ୍ଦ୍ର ବେହେରା ଏବଂ ସୁଶାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ଖୋର୍ଦ୍ଧାର ସେଭେନ ଟୁ କ୍ଲବ ଏବଂ ଖଣ୍ଡପଡ଼ାର ଏଫ୍‌ସି କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ୮୪ ଅଭିଯୋଗରୁ ୧୧ ତତ୍କାଳ ସମାଧାନ

**ପୁରୀ/କୃଷ୍ଣପ୍ରସାଦ,୯।୨ (ଅଜିତ୍ କୁମାର ମହାନ୍ତି/କୈଳାସ ଚନ୍ଦ୍ର ପଟ୍ଟନାୟକ)**



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ସୋମବାର କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୪ଟି ଅଭିଯୋଗ ମିଳିଥିଲା। ସେଥିରୁ ୭୫ଟି ବ୍ୟକ୍ତିଗତ, ୮ଟି ଗ୍ରାମ ସମ୍ବନ୍ଧୀୟ ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍କାଳ ୧୧ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ଆଇନଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ପ୍ରତୀକ ସିଂ, ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡା, ଭାରପ୍ରାପ୍ତ ତହସିଲ୍‌ଦାର ବିକାଶ କୁମାର ସେଠୀ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ, ଡିଏସ୍‌ପି ସୁଶାନ୍ତ କୁମାର ସାହୁ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନ, ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଡା. ନବକିଶୋର କର, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ନମିତା ଚାନ୍ଦ ନାୟକ, ସିଡିପିଓ ମନୋରମା ମହାପାତ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ମନୋରଞ୍ଜନ ସାହୁ, ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ହିମାଂଶୁ ଶେଖର ମାନ୍ଧାତା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିପ୍ରକାଶ ସାମଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଗୁମାନସିଂହ, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଆର୍‌ସିସି ସିଦ୍ଧେଶ୍ୱର କରଣ, ନୂଆପଡ଼ା ରେଞ୍ଜର ସୂର୍ଯ୍ୟକାନ୍ତ ମହାରଣା, ସାତପଡ଼ା ରେଞ୍ଜର ରଞ୍ଜନ କୁମାର ବେହେରା, ଅରଖକୁଦା ସାମୁଦ୍ରିକ ଥାନାଧିକାରୀ ନିରଞ୍ଜନ ବେହେରା, କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ମାଲୁଦ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ନାହାକ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ମାସ ୧୭ ତାରିଖ ମଙ୍ଗଳବାର ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

# ମାଉସୀ ମା' ଫ୍ଲାଏ ଓଭରବ୍ରିଜ୍ ତଳକୁ ଖସିଲା କାର୍


ମାଉସୀ ମା' ଫ୍ଲାଏ ଓଭରବ୍ରିଜ୍ ଉପରୁ ଖସିପଡ଼ିଥିବା କାର୍।


ଦୁର୍ଘଟଣାଗ୍ରସ୍ତ କାର୍‌କୁ କ୍ରେନ ସାହାଯ୍ୟରେ ଉଠାଯାଉଛି।

■ମନ୍ଦିର, ଘର ଉପରେ ପଡ଼ିବାରୁ କାନ୍ଥରୁ ଇଟା ଖସି ୪ଆହତ

■ଦୁର୍ଘଟଣା ଯାଞ୍ଚ ପରେ ହତ୍ୟା ଲିଙ୍କ୍ ଜଣାପଡ଼ିଲା

ଭୁବନେଶ୍ୱର,୯।୨(ତ୍ରିନାଥ ମହାନ୍ତି)

ରାଜଧାନୀରେ ସୋମବାର ଭୋର ସମୟରେ କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁଭବନ ଛକ ନିକଟ ମାଉସୀ ମା' ଫ୍ଲାଏ ଓଭରବ୍ରିଜ୍ ଉପରୁ ଏକ କାର୍ ତଳକୁ ଖସି ଘର ଉପରେ ପଡ଼ିଯାଇଛି। ଫଳରେ କେଦାରପଲ୍ଲୀ ବସ୍ତିର ୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଥିସହିତ ୨ଟି ଘର ଏବଂ ଏକ ମନ୍ଦିର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ କାରଟି ସମ୍ପୂର୍ଣ୍ଣ ଘର ଉପରେ ପଡି ନ ଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି। ରବିବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରି ବିହାର ପ୍ଲଟ୍ ନଂ-୩୦୯ରେ ହତ୍ୟାର ଶିକାର ହୋଇଥିବା ବ୍ରହ୍ମଗିରି ହାସିନାପୁରର ସତ୍ୟବ୍ରତ ପ୍ରଧାନ(୨୮) ମୃତ୍ୟୁ ପୂର୍ବରୁ ଉକ୍ତ କାର ଚଳାଉଥିଲେ ବୋଲି ଜଣାପଡ଼ିଛି। ହତ୍ୟାକାଣ୍ଡ ବିଷୟରେ ସୂଚନା ପାଇବା ପରେ କାର୍ ଜବତ ହୋଇଯିବା ଭୟରେ ଏହାର ମାଲିକ ଅନ୍ୟ ଜଣେ ଡ୍ରାଇଭର ପଠାଇ କାରକୁ ନେଇଯାଉଥିବାବେଳେ ଉକ୍ତ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ବିରଞ୍ଚି ଜେନାଙ୍କୁ କ୍ୟାପିଟାଲ ଥାନା ପୋଲିସ ଅଟକ ରଖିଛି।

ପ୍ରତ୍ୟକ୍ଷଦର୍ଶୀ ଗଙ୍ଗା ନାୟକଙ୍କ କହିବା ଅନୁଯାୟୀ, ଚାଳକ ଜଣକ ଦ୍ରୁତ ଗତିରେ ଆସୁଥିବାବେଳେ ଭାରସାମ୍ୟ ହରାଇଥିଲେ। ଫଳରେ ମାଉସୀମା ବ୍ରିଜ୍ ତଳକୁ ଗାଡିଟି ଖସିପଡ଼ିଥିଲା। ପୋଲିସ ଘଟଣାସ୍ଥଳରୁ କାରକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। କାର ଚାଳକ ନିଶାସକ୍ତ ଥିବା ଦେଖିବାକୁ ମିଳିଥିଲା। ତେବେ ଗାଡ଼ିଟି ଖସିପଡିବା ପରେ ଏକ ବଡ଼ କଙ୍କ୍ରିଟ ଖଣ୍ଡ ସାବି ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଉପରେ ପଡିଥିଲା। ସେ ଜଣେ ପକ୍ଷାଘାତ ରୋଗୀ। ଘରେ ଶୋଇଥିବା ସମୟରେ ଏହି ସିମେଣ୍ଟ ଖଣ୍ଡ ପଡିବାରୁ ଏଥିରେ ସେ ଆହତ ହୋଇଛନ୍ତି । ସେହିପରି ଘଟଣାସ୍ଥଳରେ ଥିବା ତ୍ରିନାଥ ମନ୍ଦିର ନିକଟରେ ଶୋଇଥିବା ବାଙ୍ଗା ନାୟକଙ୍କ ମୁଣ୍ଡ ଫାଟି ଯାଇଛି। ତେଣୁ ସେମାନେ କ୍ଷତିପୂରଣ ଦାବି କରିଛନ୍ତି। ଆହତ ବାଙ୍ଗା କହିଛନ୍ତି, 'ଭୋର ପ୍ରାୟ ୫ଟା ୪୦ରୁ ୪୫ ମଧ୍ୟରେ ଏହି ଦୁର୍ଘଟଣା ଘଟିଲା। ମନ୍ଦିର ନିକଟରେ ଶୋଇଥିବା ବେଳେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ପିଲର ଭାଙ୍ଗି ଉଡ଼ି ଆସିଥିଲା। ମୋ ମୁଣ୍ଡ ଫାଟିଯିବା ସହ ହାତରେ ଶକ୍ତ ଆଘାତ ଲାଗିଥିଲା। ସେହିପରି ପ୍ରତ୍ୟକ୍ଷଦର୍ଶୀ ରବି ନାୟକ କହିଛନ୍ତି, ଦୁର୍ଘଟଣାବେଳେ ପ୍ରଚଣ୍ଡ ଶବ୍ଦ ହେବାରୁ ବ୍ରିଜ୍ ଭୁଶୁଡି ପଡିବା ଭଳି ଅନୁଭବ ହେଲା। ତୁରନ୍ତ ପରିବାରର ଛୁଆପିଲା ସମେତ ସମସ୍ତଙ୍କୁ ଘରୁ ବାହାର କରିଦେଇଥିଲି। ଦୁର୍ଘଟଣା ଘଟିବା ପରେ ମାଉସୀ ମା' ଫ୍ଲାଏ ଓଭର ଉପରେ ଅସମ୍ଭାଳ ଭିଡ଼ ହୋଇଥିଲା। କାରଟି ଖସିପଡ଼ିଥିବା ଦେଖି ବାଇକ୍ ଚାଳକ ଓ ଅନ୍ୟ ଯାତ୍ରୀମାନେ ଅଟକି ଯାଉଥିଲେ। ସେମାନେ ବ୍ରିଜ୍ ଉପରୁ ଦୃଶ୍ୟ ଦେଖିବା ସହ ନିଜ ମୋବାଇଲରେ ଏହାକୁ ଉତ୍ତୋଳନ କରୁଥିଲେ। ଫଳରେ ବ୍ରିଜ୍‌ର ଉଭୟ ପାର୍ଶ୍ୱ ଭିଡ଼ ହୋଇଥିଲା। ପୋଲିସ କର୍ମଚାରୀ ଭିଡ଼ ନିୟନ୍ତ୍ରଣ କରିବାକୁ ନାକେଦମ ହୋଇଥିଲେ। କ୍ୟାପିଟାଲ ଥାନା ପୋଲିସ କାରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା।

## ପ୍ରେମ ସପ୍ତାହରେ ରକ୍ତର ଛିଟା

# ଲିଭ୍ ଇନ୍‌ରେ ରହି ଅନ୍ୟଜଣଙ୍କ ସହ ବୁଲୁଥିଲେ

*ଭୁବନେଶ୍ୱର,୯।୨(ତ୍ରିନାଥ ମହାନ୍ତି): ତ୍ରିକୋଣୀୟ ପ୍ରେମକୁ ନେଇ ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାରରେ ଘଟିଥିବା ହତ୍ୟାକାଣ୍ଡର ଗୁମର ଖୋଲୁଛି। ପ୍ରେମିକା ସୁମିତ୍ରା(ଛଦ୍ମନାମ) ଜଣଙ୍କ ସହ ଲିଭ୍ ଇନ୍‌ରେ ରହୁଥିବାବେଳେ ଆଉ ଜଣଙ୍କୁ ଭଲ ପାଉଥିଲେ। ଜଣେ ବାହାରକୁ ଗଲେ ଅନ୍ୟ ଜଣଙ୍କୁ ଘରକୁ ଡାକୁଥିଲେ। ହେଲେ ଶେଷରେ ଧରାପଡ଼ିବା ପରେ ପ୍ରଥମ ପ୍ରେମିକ ଦୀନବନ୍ଧୁ ନାୟକ ଓରଫ ଦୀନେଶ ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କ ତଣ୍ଟି କାଟି ହତ୍ୟା କରିଥିଲେ।*

### ଦ୍ୱିତୀୟ ପ୍ରେମିକଙ୍କୁ ସୁନାଚେନ୍ ଗିଫ୍ଟ ଦେଇଥିଲେ

ଦୀନବନ୍ଧୁ ଇଭେଣ୍ଟ କାମ କରୁଥିବାବେଳେ ସୁମିତ୍ରା ପାର୍ଲର ଚଳାଉଥିଲେ। ଦୁହିଁଙ୍କ ଗାଁ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳରେ ହୋଇଥିବାରୁ ସ୍କୁଲ ବେଳରୁ ଉଭୟେ ପରସ୍ପରକୁ ଭଲ ପାଉଥିଲେ। ଦୁହେଁ ଭୁବନେଶ୍ୱରକୁ ଆସି ନୀଳାଦ୍ରି ବିହାରର ସେକ୍ଟର-୨ରେ ଘର ଭଡ଼ା ନେଇ ଲିଭ୍ ଇନ୍‌ରେ ରହୁଥିଲେ। ହେଲେ ଇତିମଧ୍ୟରେ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ସୁମିତ୍ରା ଅନ୍ୟ ଜଣେ ଯୁବକ ସତ୍ୟବ୍ରତଙ୍କ ସହ ପରିଚିତ ହୋଇଥିଲେ। ସତ୍ୟବ୍ରତ ଇନ୍‌ଷ୍ଟାଗ୍ରାମରେ ଦାମୀ ଗାଡ଼ି ସହ ଫଟୋ ଦେବା ସହିତ ଦାମୀ ହୋଟେଲରେ ବସାଉଠା କରୁଥିବା ଫଟୋ ଅପଲୋଡ୍ କରୁଥିଲେ। ତାହାକୁ ଦେଖି ସୁମିତ୍ରା ଆସକ୍ତ ହୋଇ ସତ୍ୟବ୍ରତଙ୍କୁ ଭଲ ପାଇ ବସିଥିଲେ। ବଡ଼ ଘର ପୁଅ ଭାବି ତାଙ୍କ ସହ ଲାଇଫ୍ ସେଟେଲ ହେବାକୁ ଚାହୁଁଥିଲେ। ତେଣୁ ସତ୍ୟବ୍ରତଙ୍କ ମନ କିଣିବା ପାଇଁ ତାଙ୍କୁ ଏକ ସୁନାଚେନ୍ କିଣି ଦେବା ସହ କାର୍ କିଣି ଦେବାକୁ କହିଥିଲେ। ହେଲେ ସତ୍ୟବ୍ରତ ଗାଡ଼ି ଡ୍ରାଇଭର ଥିବା ଜାଣିବା ପରେ ବାହାନା କରି ସୁନାଚେନ୍‌କୁ ନେଇଯାଇଥିଲେ।

### ସତ୍ୟବ୍ରତଙ୍କ ସହ ବାର୍, ଡିସ୍କୋ ଯାଇ ମଉଜ କରୁଥିଲେ

ସୁମିତ୍ରାଙ୍କ ପାର୍ଲର ଥିବାରୁ ଦିନକୁ ୫ରୁ ୧୦ ହଜାର ପର୍ଯ୍ୟନ୍ତ ଆୟ କରୁଥିଲେ। ତେଣୁ ସେ ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କୁ ନେଇ ଏକାଧିକ ବାର୍, ଡିସ୍କୋ ଯାଇ ମଦ୍ୟପାନ କରୁଥିଲେ। ଏପରିକି ପ୍ରଥମ ପ୍ରେମିକ ଇଭେଣ୍ଟ କାମକୁ ପଳାଇଯିବା ପରେ ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କୁ ଡାକୁଥିଲେ। ଭଡ଼ାଘରେ ମଦ ପିଇ ମଉଜ କରୁଥିଲେ। ଦୀନବନ୍ଧୁ ଆସିବା ପୂର୍ବରୁ ସତ୍ୟବ୍ରତ ଚାଲିଯାଉଥିଲେ। କିନ୍ତୁ ରବିବାର ରାତି ପ୍ରପୋଜ ଡେ'ରେ ଚକୋଲେଟ୍, ଗୋଲାପ ଧରି ସତ୍ୟବ୍ରତ ପ୍ରେମିକା ସୁମିତ୍ରା ରହୁଥିବା ଭଡ଼ାଘରକୁ ଯାଇଥିଲେ। ସେଠାରେ ମଦ୍ୟପାନ କରିଥିଲେ। ଦୀନବନ୍ଧୁ ଆସିବା ପରେ ଦୁହିଁଙ୍କୁ ଅସଂଜତ ଅବସ୍ଥାରେ ଦେଖି ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଦୀନବନ୍ଧୁ ଏକ ଧାରୁଆ ଛୁରିରେ ସତ୍ୟବ୍ରତଙ୍କ ତଣ୍ଟିକୁ କାଟି ହତ୍ୟା କରିଥିଲେ।

### ଯୋଜନାବଦ୍ଧ ଭାବେ ଭାଇଙ୍କୁ ହତ୍ୟା କରାଯାଇଛି: ଭଉଣୀ

ସତ୍ୟବ୍ରତଙ୍କ ବଡ଼ ଭଉଣୀ ରୋଜାଲିନ ପ୍ରଧାନ କହିଛନ୍ତି, ଆମ ଭାଇକୁ କେହି ହତ୍ୟା କରିଥିବା ଖବର ମିଳିଥିଲା। ପ୍ରେମିକା ସୁମିତ୍ରା ଯୋଜନା କରି ସତ୍ୟବ୍ରତକୁ ହତ୍ୟା କରିଥିବା ଆମେ ଜାଣିବାକୁ ପାଉଛୁ। ସୁମିତ୍ରାଙ୍କ ପ୍ରେମିକ ଦୀନବନ୍ଧୁ ଓ ଅନ୍ୟ କେତେଜଣ ମିଶି ଭାଇକୁ ହତ୍ୟା କରିଛନ୍ତି। ସୁମିତ୍ରାଙ୍କ ସମେତ ଦୀନବନ୍ଧୁ ଏବଂ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ରୋଜାଲିନ୍ ଦାବି କରିଛନ୍ତି।

### ୩ ଟିମ୍ ଗଠନ କରି ତଦନ୍ତ ଚାଲିଛି: ଏସିପି

ଏହି ହତ୍ୟାକାଣ୍ଡ ନେଇ ଜୋନ-୬ ଏସିପି ସୋନାଲି ପରମାର୍ କହିଛନ୍ତି, ଅଭିଯୋଗକାରୀଙ୍କ ପକ୍ଷରୁ ଯାହାଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି,



ତାଙ୍କୁ ଆମେ ପଚରାଉଚରା କରି ତଦନ୍ତ କରୁଛୁ। ଏଥିପାଇଁ ୩ଟି ପୋଲିସ ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ହତ୍ୟାକାଣ୍ଡସ୍ଥଳରୁ ସିସିଟିଭି ଫୁଟେଜ ସଂଗ୍ରହ କରୁଛି। ଆଉ ଗୋଟିଏ ଟିମ୍ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ସମସ୍ତ ସନ୍ଦିଗ୍ଧସ୍ଥଳରେ ଚଢ଼ାଉ କରୁଛି। ଅନ୍ୟ ଏକ ଟିମ୍ ଘଟଣାସ୍ଥଳରୁ ମିଳିଥିବା ଟେକ୍ନିକାଲ ଡିଭାଇସକୁ ବିଶ୍ଳେଷଣ କରୁଛି। ଅଟକ ଥିବା ଯୁବତୀ, ମୃତକ ଏବଂ ଫେରାର ଥିବା ଅଭିଯୁକ୍ତଙ୍କ ମଧ୍ୟରେ ସମ୍ପର୍କର ସତ୍ୟତାକୁ ନେଇ ଅଧିକ ତଦନ୍ତ କରାଯାଉଛି। ଦୁର୍ଘଟଣାଗ୍ରସ୍ତ କାର୍‌କୁ ସତ୍ୟବ୍ରତ ଚଳାଉଥିଲେ। ତେବେ ଦୁର୍ଘଟଣା ଘଟାଇ କ୍ୟାପିଟାଲ ଥାନାରେ ଅଟକ ଥିବା ଚାଳକ ଏବଂ ମାଲିକଙ୍କୁ ମଧ୍ୟ ଆମେ ପଚରାଉଚରା କରୁଛୁ। ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ଜବତ କରାଯାଇନାହିଁ। ବିଭିନ୍ନ ଦିଗକୁ ନେଇ ଆମେ ତଦନ୍ତ କରୁଛୁ ବୋଲି ଏସିପି ପରମାର୍ କହିଛନ୍ତି।

### ଥାନାରେ ଖଟାପାଣି ପିଆଇଲା ପୋଲିସ

ରବିବାର ରାତିରେ ମୃତ ସତ୍ୟବ୍ରତ ଏବଂ ସୁମିତ୍ରା ପ୍ରଚୁର ମଦ ପିଇଥିଲେ। ହତ୍ୟାକାଣ୍ଡ ପରେ ପୋଲିସ ସୁମିତ୍ରାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିକଟରୁ କାବୁ କରି ଥାନାକୁ ଆଣିଥିଲା। ହେଲେ ଥାନାକୁ ନେବା ସମୟରେ ସେ ନିଶାଗ୍ରସ୍ତ ଥିବା ଜାଣିବାକୁ ମିଳିଥିଲା। ହତ୍ୟା ପଛର ପ୍ରକୃତ ସତ ଜାଣିବା ପାଇଁ ପୋଲିସ ସୁମିତ୍ରାଙ୍କ ନିଶା ଖସାଇବାକୁ ଖଟା ପାଣି ପିଆଇଥିଲା। ନିଶା ଉତୁରିବା ପରେ ସେ ପୋଲିସ ଆଗରେ ପୂରା ଘଟଣା ପ୍ରକାଶ କରିଥିଲେ।

# ଧର୍ମଘଟରେ ସ୍ମାର୍ଟସିଟି ଅନ୍‌ଲାଇନ୍ ଅଟୋ ଚାଳକ ସଂଘ

**ଆଚାର୍ଯ୍ୟବିହାରଠାରୁ ରସୁଲଗଡ଼ ଅଟକିଲା ହଜାର ହଜାର ଗାଡ଼ି**

ଭୁବନେଶ୍ୱର,୯।୨(ତ୍ରିନାଥ ମହାନ୍ତି)

ସ୍ମାର୍ଟସିଟି ଅନ୍‌ଲାଇନ ଅଟୋ ଚାଳକ ସଂଘ ସୋମବାର ଧର୍ମଘଟ କରିଛି । ଅନ୍‌ଲାଇନ ଯାତ୍ରୀବାହୀ ସେବା ଯୋଗାଉଥିବା ଚାଳକଙ୍କ ସମସ୍ୟା ଏବଂ ୧୧ ଦଫା ସମ୍ବଳିତ ଦାବିକୁ ନେଇ ୧୨ଘଣ୍ଟିଆ ବନ୍ଦ ଧର୍ମଘଟ କରିଥିଲା। ଫଳରେ ଆରଟିଓ-୧ ଆଗରେ ଶତାଧିକ ଅଟୋ ଛିଡ଼ା କରିବାପରେ ଚକ ବନ୍ଦ ହୋଇଯାଇଥିଲା। ଆଚାର୍ଯ୍ୟବିହାରରୁ ରସୁଲଗଡ଼ ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ ପରିସ୍ଥିତି ସୁଧୁରି ନ ଥିଲା। ପିଏମ୍‌ଜି ଛକରୁ ଏକ ବିଶାଳ ରାଲି ବାହାରି ଆଚାର୍ଯ୍ୟ ବିହାରସ୍ଥିତ ଆଞ୍ଚଳିକ ପରିବହନ-୧ କାର୍ଯ୍ୟାଳୟ ନିକଟକୁ ଆସିଥିଲା। ସରକାର ଯଦି ଦାବି ନ ଶୁଣନ୍ତି ଆଗାମୀ ଦିନରେ ପରିବାର ସଦସ୍ୟଙ୍କୁ ନେଇ ରାଜ ରାସ୍ତାକୁ ଓହ୍ଲେଇବାକୁ ପଛେଇବୁ ନାହିଁ ବୋଲି ସଂଘର ସଦସ୍ୟମାନେ କହିଛନ୍ତି।



ସମୟ ଅନୁସାରେ ତାଳଦେଇ ବଡ଼ ବଡ଼ ସହର ଭଳି ଭୁବନେଶ୍ୱରରେ ମଧ୍ୟ ଓଲା, ଉବେର, ରାପିଡୋର ଚାହିଦା ବଢୁଛି । ବିଶେଷକରି ଅଫିସ ଯିବା, ଛୋଟ ଛୋଟ କାମରେ ଅନ୍‌ଲାଇନ ଅଟୋ ଉପରେ ଲୋକମାନେ ନିର୍ଭର କରୁଛନ୍ତି। ଉପରେ ଓଲା, ଉବର, ଭଳି ବେସରକାରୀ ଯାତ୍ରୀ ପରିବହନ ସେବା ପ୍ରଦାନ ସଂସ୍ଥାଗୁଡ଼ିକ ସାଧାରଣ ଲୋକଙ୍କ ପାଇଁ ପ୍ରାଥମିକତା ପଲଟିଗଲାଣି । ଯେଉଁଠି ସିଟି ବସ୍‌ର ସୁବିଧା ନାହିଁ, ସେ ସବୁ ସ୍ଥାନରେ ଓଲା, ଉବେର, ରାପିଡୋ ତା' ସ୍ଥାନ ନେଇଛି । ସ୍ମାର୍ଟସିଟି ଅନ୍‌ଲାଇନ ଅଟୋଚାଳକ ଆସୋସିଏଶନ ଅଭିଯୋଗ ଅନୁସାରେ ଦୀର୍ଘବର୍ଷ ଧରି ଅନ୍‌ଲାଇନ୍ ଅଟୋ ସଙ୍ଘର ଆବଶ୍ୟକତା ସତ୍ତ୍ୱେ ରାଜ୍ୟରେ ଓଲା, ଉବେର, ରାପିଡୋ, ଅଟୋ ଆସୋସିଏଶନ ପକ୍ଷରୁ ଦାବିକୁ ସରକାର ଗୁରୁତ୍ୱ ଦେଉ ନାହାନ୍ତି, ଯେଉଁଥିପାଇଁ ଅନ୍‌ଲାଇନ ଅଟୋ ଚାଳକମାନେ ଧର୍ମଘଟକୁ ଓହ୍ଲାଇଛନ୍ତି।

# ପିସିଆର୍ ଭ୍ୟାନ୍‌ରେ ଚାକିରି ଦେବାକୁ କହି ଠକେଇ

ଭୁବନେଶ୍ୱର,୯।୨(ତ୍ରିନାଥ ମହାନ୍ତି)

ପିସିଆର୍ ଭ୍ୟାନ୍‌ରେ ଚାକିରି କରାଇଦେବାକୁ ଟଙ୍କା ନେଲେ। ଚାକିରି ନ ହେବାରୁ ଟଙ୍କା ମାଗିବାରୁ ଆକ୍ରମଣ କଲେ। ଏନେଇ ଥାନାରେ ଅଭିଯୋଗ ପରେ ଶହୀଦନଗର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଫତେଗଡ଼ର ସୁନୀଲ କୁମାର ନାୟକ। ତାପସ ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

**ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ**

ସୂଚନାଯୋଗ୍ୟ, ଅଭିଯୁକ୍ତ ସୁନୀଲ ନାୟକ ୩ ମାସ ପୂର୍ବରୁ ପିସିଆର୍ ଡ୍ରାଇଭର ପଦବୀରେ ଚାକିରି ଦେବା ବାହାନାରେ ତାପସଙ୍କ ନିକଟରୁ ୧୦ ହଜାର ଟଙ୍କା ନେଇଥିଲେ। ନିଯୁକ୍ତି ଦେଇ ନ ପାରିବାରୁ ତାପସ ସୁନୀଲଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଅଭିଯୁକ୍ତ ଟଙ୍କା ଫେରସ୍ତ ନାଁରେ ଜୟଦେବ ବିହାର ଟିଟିଡି କଲ୍ୟାଣ ମଣ୍ଡପ ନିକଟକୁ ତାପସଙ୍କୁ ଡାକିଥିଲେ। ତାପସ ବଡ଼ ଭାଇ ଦୀପୁଙ୍କ ସହିତ ରାତି ପ୍ରାୟ ୮.୩୦ ରୁ ୯ଟା ମଧ୍ୟରେ ସେଠାକୁ ଯାଇଥିଲେ। ଯେତେବେଳେ ସେମାନେ ଅଭିଯୁକ୍ତଙ୍କୁ ଟଙ୍କା ଫେରାଇବା ଲାଗି କହିଥିଲେ, ସୁନୀଲ ତାଙ୍କର ଅନ୍ୟ ସହଯୋଗୀମାନଙ୍କ ସହିତ ତାପସ ଏବଂ ଦୀପୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ, ସେମାନଙ୍କୁ ଆକ୍ରମଣ କରିବା ସହିତ ଭୟଭୀତ କରିଥିଲେ ଏବଂ ବଳପୂର୍ବକ ଅଭିଯୋଗକାରୀଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଯାଇଥିଲେ। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ।

# ଅଣଓସାରିଆ ରାସ୍ତାରେ ଚାଲିବ ଛୋଟ ଆମ ବସ୍

ଭୁବନେଶ୍ୱର, ୯।୨ (ବନ୍ଦନା ସେଠୀ)

କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ନେବାପରେ ମହମ୍ମଦ ସାଦିକ ଆଲମ୍ ସୋମବାର ସମସ୍ତ କର୍ମଚାରୀଙ୍କ ସହ ସମୀକ୍ଷା ବୈଠକ ନେଇଛନ୍ତି। ଡିପୋ ପରିଚାଳନା, ମନିଟରିଂ ପ୍ରଣାଳୀ ଆଦି ବିଭିନ୍ନ ବିଷୟରେ ଅଲୋଚନା ହୋଇଥିଲା। ଏହି ଅବସରରେ ଅଣଓସାରିଆ ରାସ୍ତାକୁ ଲକ୍ଷ୍ୟ କରି ଛୋଟ ବସ୍ କିଣିବା ନିମନ୍ତେ ଯୋଜନା ହୋଇଥିଲା। ଏହି ଅବସରରେ ମହମ୍ମଦ ଆଲାମ ବରିଷ୍ଠ ଅଧିକାରୀମାନଙ୍କୁ ନିୟମିତ ବସ୍‌ରେ ଯାତ୍ରା କରି କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟ ପ୍ରଣାଳୀ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡିଜିଟାଲ ଟିକେଟିଂ ରସିଦ ବ୍ୟବହାର ଓ ମହିଳା କ୍ୟାପ୍‌ଟେନଙ୍କ ଦ୍ୱାରା ଆମ ବସ୍ ଚଳାଚଳ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ସେ ଯାତ୍ରୀ ସୁରକ୍ଷା, ମାନକକାର୍ଯ୍ୟ ପଦ୍ଧତି (ଏସ୍‌ଓପି)ର ପାଳନ, କ୍ୟାପ୍‌ଟେନ ଓ ଗାଇଡ୍‌ଙ୍କ ସଦାଚାର, ଆତିଥ୍ୟବୋଧ ଓ ପେଷାଦାର ନିୟମିତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ।

# ୫ ଜଣ ପାଇଲେ 'ସିନ୍ଧୁଜା ସମ୍ମାନ'

ଭୁବନେଶ୍ୱର,୯।୨(ସୌମ୍ୟରଞ୍ଜନ ରାଉତ)

ମାସିକ ଫିଚରଧର୍ମୀ ମହିଳା ପତ୍ରିକା 'ସିନ୍ଧୁଜା'ର ୧୪ତମ ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ଅରୁଣ ପଣ୍ଡା, ଅନ୍ୟତମ ଅତିଥି ଭାବେ ଆଇପିଏସ୍ ଅଫିସର ଅମିତାଭ ଠାକୁର, ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା ପିଙ୍କି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ଜଣଙ୍କୁ 'ସିନ୍ଧୁଜା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ଗଣେଶର ଜେନାଙ୍କୁ 'ସିନ୍ଧୁଜା ଗଳ୍ପ ସମ୍ମାନ', ଅଖିଳ କୁମାର ମିଶ୍ରଙ୍କୁ 'ସିନ୍ଧୁଜା କବିତା ସମ୍ମାନ', ରୂପାଲି ମହାରଣାଙ୍କୁ 'ସିନ୍ଧୁଜା ପ୍ରବନ୍ଧ ସମ୍ମାନ', ସୁଧି ରଞ୍ଜନ ମିଶ୍ରଙ୍କୁ 'ସିନ୍ଧୁଜା କର୍ପୋରେଟ ସମ୍ମାନ' ଓ ରାଜ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦେବଯାନୀ ଦାସଙ୍କୁ 'ସିନ୍ଧୁଜା ସେବା ସମ୍ମାନ' ଦିଆଯାଇଥିଲା। ସିନ୍ଧୁଜାର ସମ୍ପାଦିକା ଶର୍ମିଳା ସାହୁ ଓ ପରିଚାଳନା ନିର୍ଦ୍ଦେଶକ ମାଧବ ବେହୁରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ଆଶୀଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦୃଷ୍ଟିହୀନଙ୍କ ପାଇଁ କ୍ଷମତା ନିର୍ମାଣ, ନେତୃତ୍ୱ ପ୍ରଶିକ୍ଷଣ


ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)

ଦୃଷ୍ଟିହୀନ ଓ ଅଳ୍ପଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କ ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ କ୍ଷମତା ନିର୍ମାଣ ଓ ନେତୃତ୍ୱ ବିଷୟରେ ୨ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ଜ୍ଞାନ, ଦକ୍ଷତା ଓ ନେତୃତ୍ୱ ବିକାଶ ମାଧ୍ୟମରେ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ବ୍ଲାଇଣ୍ଡ୍ ପିପୁଲ୍ସ ଆସୋସିଏଶନ(ବିପିଏ), ରେଭେନ୍‌ଶା ଭିନ୍ନକ୍ଷମ ଛାତ୍ର ସଂଘ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହି ପ୍ରଶିକ୍ଷଣ ଆୟୋଜନ କରାଯାଇଛି। ବିପିଏର ସାଧାରଣ ସମ୍ପାଦକ ଡ. ଭୂଷଣ ପୁନାନୀ ଯୋଗଦେଇ ଦିବ୍ୟାଙ୍ଗଜନ ଅଧିକାର ଆଇନ ୨୦୧୬ ଏବଂ ସେମାନଙ୍କ ଅଧିକାର ଓ ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବିପିଏର ଉପନିର୍ଦ୍ଦେଶକ ଡ. ଭାରତ କୁମାର ଯୋଶୀ ସମୟ ପରିଚାଳନା ଓ କ୍ୟାମ୍ପସଠାରୁ କର୍ପୋରେଟ ପର୍ଯ୍ୟନ୍ତ ଆବଶ୍ୟକ ଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ଡ. ଧର୍ମେନ୍ଦ୍ର ଜେନା ପ୍ରଭାବଶାଳୀ ଯୋଗାଯୋଗ କୌଶଳ ଉପରେ ଏକ ଅଧିବେଶନ ପରିଚାଳନା କରିଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶାର ମାଷ୍ଟର୍ ଟ୍ରେନର୍ ଡ. ବିକାଶ ପ୍ରସାଦଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ଏଥିରେ ଶିଶୁ ଓ ମହିଳା ବିକାଶ ସୋସାଇଟି ସହଯୋଗ କରିଥିଲା। ବିଶ୍ୱବିଦ୍ୟାଳୟ କୁଳପତି ଡ. ଚଣ୍ଡୀ ଚରଣ ରଥ, ବିଭାଗୀୟ ଉପସଚିବ ସନ୍ୟାସୀ ବେହେରା, ସିଡବ୍ଲ୍ୟୁଡିଏସ୍‌ର ଅଧ୍ୟକ୍ଷ ମେଜର ଡ. କଳ୍ପନା ଦାସ ଉପସ୍ଥିତ ଥିଲେ।

# ଲୋକଙ୍କ ନିକଟରେ ସୁଶାସନ ପହଞ୍ଚୁ: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର,୯।୨(ସୌମ୍ୟରଞ୍ଜନ ରାଉତ)

ଦୈନିକ ଓଡ଼ିଆ ଖବରକାଗଜ 'ଦର୍ଶନ'ର ୨୩ତମ ସ୍ୱନକ୍ଷତ୍ର ଉତ୍ସବ ରବିବାର କସ୍ତୁରବା ନାରୀମହଲଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ଲୋକଙ୍କ ନିକଟରେ ଶାସନ ବ୍ୟବସ୍ଥାର ସୁଫଳ ପହଞ୍ଚାଇବାରେ ଖବରଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ଲୋକଙ୍କ ନିକଟକୁ ଆଣି ଏହାର ସମାଧାନର ରାସ୍ତା ବାହାର କରିବା ପାଇଁ ଖବରଦାତା ତା'ର ଲେଖନୀ ଚାଳନା କରି ଖବର ପରିବେଷଣ କରିଥାଏ। ଖବରଦାତାଙ୍କ ତ୍ୟାଗ ଓ ତପସ୍ୟା ଯୋଗୁ ସମାଜର ସବୁ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥାଏ ବୋଲି ସେ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଖଣି ଓ ଧାତବ ଶିଳ୍ପ ବିଶେଷଜ୍ଞ ଡ. ତପନ କୁମାର ଚାନ୍ଦ, ସାମ୍ବାଦିକ ପ୍ରସନ୍ନ ମହାନ୍ତି, ଶିକ୍ଷାବିତ୍ ପ୍ରତାପ ଜେନା ପ୍ରମୁଖ ଯୋଗଦେଇଥିଲେ। ଖବରକାଗଜର ସମ୍ପାଦକ ଇଂ. ବିଭୂତି ଭୂଷଣ ନାୟକ ସ୍ୱାଗତ ଭାଷଣ ଓ ସମ୍ପାଦିକା ପ୍ରଶମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟ ଅତିଥିମାନେ 'ଦର୍ଶନ'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଆର୍‌ଡିସି ଭାବେ ଯୋଗଦେଲେ ସୁଧାଂଶୁ ମୋହନ ସାମଲ



କଟକ,୯।୨(କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୁଧାଂଶୁ ମୋହନ ସାମଲ (ଭା.ପ୍ର.ସେ) କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଭାବେ କଟକସ୍ଥିତ ଆର୍‌ଡିସି କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ପୂର୍ବରୁ ଅବସ୍ଥାପିତ ସାମଲ ଏହି ପଦବୀ ସହିତ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ନୂତନ ଆର୍‌ଡିସି କାର୍ଯ୍ୟରେ ଯୋଗଦେବା ପରେ କର୍ମଚାରୀମାନେ ତାଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଜଣାଇଛନ୍ତି।

### ସ୍ୱୟଂ ସହାୟକ ଗୋଷ୍ଠୀ ଜମା ଟଙ୍କା ଉଠାଣରେ କଟକଣା

କଟକ ସଦର,୯।୨(ସୁଶାନ୍ତ କୁମାର ଜେନା)

ରାଜ୍ୟର ନୂଆ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଉପରେ ଅଙ୍କୁଶ ଲଗାଇ ସଭାପତି ଓ ସମ୍ପାଦିକା ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ନେଇ ଅସନ୍ତୋଷ ଦେଖାଦେବାରୁ କିଛି ସ୍ୱୟଂ ସହାୟକ ଗୋଷ୍ଠୀ ସରକାରୀ ନିର୍ଦ୍ଦେଶନାମା ବିରୋଧରେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଏହି ନିର୍ଦ୍ଦେଶନାମା ଉପରେ କୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଏଥିରେ ପୂର୍ବରୁ ରହିଥିବା ସଭାପତି ଓ ସମ୍ପାଦିକାମାନେ ଦାୟିତ୍ୱରେ ରହିପାରିବେ। ମାତ୍ର କଟକ ସଦର ବ୍ଲକ ଅଞ୍ଚଳରେ ଏହି ପରିବର୍ତ୍ତନ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି। ଯଦି କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଜମା ଅର୍ଥ ଉଠାଇବା ପାଇଁ ବ୍ୟାଙ୍କକୁ ଯାଉଛନ୍ତି, ତାହେଲେ ପ୍ରଥମେ ପୁରୁଣା ସଭାପତି ପରିବର୍ତ୍ତନ କରିବାକୁ ମୌଖିକ ଭାବେ କୁହାଯାଉଛି। ଟଙ୍କା ଉଠାଣର ସୁଯୋଗ ଦିଆଯାଉ ନାହିଁ ବୋଲି ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଅଭିଯୋଗ କରିଛନ୍ତି। ମୌଖିକ ଆଦେଶ ବଳରେ ଉକ୍ତ ବ୍ଲକରେ ୫୦୦ରୁ ଊର୍ଦ୍ଧ୍ୱ ଗୋଷ୍ଠୀର ପଦାଧିକାରୀ ବଦଳ ହୋଇସାରିଲେଣି। ସ୍ୱଇଚ୍ଛାରେ ଏହି ପରିବର୍ତ୍ତନ କରାଯାଉଛି ବୋଲି ବ୍ଲକ କର୍ତ୍ତୃପକ୍ଷ ସଫେଇ ଦେଉଥିବା ବେଳେ ଦିନକୁ ଦିନ ଏହି କାର୍ଯ୍ୟକୁ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହିତ କରାଯାଉଛି। ଚୂଡ଼ାନ୍ତ ରାୟ ଆସିବା ପର୍ଯ୍ୟନ୍ତ ବ୍ଲକ କର୍ତ୍ତୃପକ୍ଷ ଏହି ପଦକ୍ଷେପ ନ ନେବାକୁ ଦାବି ହେଉଛି। ଅଭିଯୋଗ ସମ୍ପର୍କରେ ବ୍ଲକ ପ୍ରକଳ୍ପ ପରିଚାଳକ ସରୋଜିନୀ ମହାନ୍ତିଙ୍କୁ ପଚାରିବାରୁ ପରିବର୍ତ୍ତନ ପାଇଁ କାହାକୁ ବାଧ ନ କରିବା ପାଇଁ ବ୍ୟାଙ୍କ ମିତ୍ରମାନଙ୍କୁ କୁହାଯାଇଛି ବୋଲି କହିଥିଲେ।

### ସୁଧାନନ୍ଦ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ

ବ୍ରାହ୍ମଣଝରିଲୋ, ୯।୨

କୁରାଙ୍ଗ ଶାସନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନଛିପୁର ସୁଧାନନ୍ଦ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ-୨୦୨୬ ୪ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଡିନ୍ ପ୍ରଫେସର ରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ କମିଶନରେଟ ପୋଲିସ ଜୋନ୍ ୩ ଏସିପି ଅନନ୍ୟା ଅଗସ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନ ଓ ଜୀବିକା ମଧ୍ୟରେ ସର୍ବଦା ସନ୍ତୁଳନ ରକ୍ଷା କରି କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବାରଙ୍ଗ ତହସିଲଦାର ଡ. ତୁଷାରକାନ୍ତ ଜ୍ୟୋତିରଞ୍ଜନ ମୁଖ୍ୟବକ୍ତା ଓ ଅନୁଷ୍ଠାନର ଚେୟାରମ୍ୟାନ ଇଂ. ଡ. ସୁନୀଲ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହୋଇ ଦେଶ ସେବାରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଫେସର ସରିତା ନାୟକ ସ୍ୱାଗତ ଭାଷଣ ଓ ପ୍ରଫେସର ଚିତ୍ତରଞ୍ଜନ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଖେଳକୁଦରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରଫେସର ଯୁଗଳକିଶୋର ମୁଦୁଲି, ଡ. ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଇଂ. ମନୋରଞ୍ଜନ ମିଶ୍ର ଓ ପ୍ରଫେସର ରଞ୍ଜନ କୁମାର ସ୍ୱାଇଁଙ୍କୁ ସତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

# ଚିକିତ୍ସା ଆଳରେ ସ୍ୱାସ୍ଥ୍ୟବୀମା କାର୍ଡରୁ ଟଙ୍କା ହଡ଼ପ

କଟକ,୯।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ପୋତାପୋଖରୀଠାରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଆଳରେ ସ୍ୱାସ୍ଥ୍ୟବୀମା କାର୍ଡରୁ ଟଙ୍କା ହଡ଼ପ କରାଯାଇଛି। ରୋଗୀ ଜଣକ ଆଞ୍ଜିଓଗ୍ରାମ ପରୀକ୍ଷା କରାଇଥିବାବେଳେ ୮୮୦୦ ଟଙ୍କା ସ୍ୱାସ୍ଥ୍ୟବୀମା କାର୍ଡରୁ କଟିଥିବା ନେଇ ପଞ୍ଜୀକୃତ ମୋବାଇଲ ନମ୍ବରରେ ଏକ ମେସେଜ୍ ଆସିଥିଲା। ହେଲେ କିଛି ସମୟ ପରେ ତାଙ୍କ ମୋବାଇଲ ନମ୍ବରକୁ ପୁଣି ଏକ ମେସେଜ୍ ଆସିଥିଲା ଏବଂ ଏଥିରେ ଡିସ୍‌ଚାର୍ଜ ବାବଦରେ ୭୮,୬୦୫ ଟଙ୍କା କଟିଥିବା ଉଲ୍ଲେଖ କରାଯାଇଛି। ତେବେ ରୋଗୀ ଓ ତାଙ୍କ ସମ୍ପର୍କୀୟ ହସ୍ପିଟାଲରେ ପଚରାଉଚରା କରିଥିଲେ ଏବଂ ଏନେଇ ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏବାବଦରେ ରୋଗୀଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲା ରାଜକନିକାସ୍ଥିତ ବଳରାମପୁର ଅଞ୍ଚଳର ସଦାନନ୍ଦ ଦାସ ଛାତିରେ ଯନ୍ତ୍ରଣା ହେବାରୁ ଗତ କିଛିଦିନ ପୂର୍ବେ କଟକ ପୋତାପୋଖରୀଠାରେ ଥିବା ହସ୍ପିଟାଲକୁ ଆସିଥିଲେ। ସେଠାରେ ତାଙ୍କର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସ୍ୱାସ୍ଥ୍ୟବୀମା କାର୍ଡରୁ ପ୍ରଥମେ ଆଞ୍ଜିଓଗ୍ରାମ ପରୀକ୍ଷା କରାଯାଇଥିଲା। ପରୀକ୍ଷା ବାବଦକୁ କେବଳ ୮୮୦୦ ଟଙ୍କା ଖର୍ଚ୍ଚ ହୋଇଥିବା ଏକ ମେସେଜ୍ ଆସିଥିଲା। ପ୍ରଥମ ମେସେଜ୍ ଆସିବାର ପ୍ରାୟ ୧୦ ମିନିଟ୍ ପରେ ରୋଗୀ ଜଣକ ମେଡିକାଲରୁ ଡିସ୍‌ଚାର୍ଜ ବାବଦରେ ୭୮୬୦୫ ଟଙ୍କା କଟିଥିବା ଆଉ ଏକ ମେସେଜ ଆସିଥିଲା। ଏହି ମେସେଜ ବାବଦରେ ରୋଗୀଙ୍କ ସମ୍ପର୍କୀୟ ମେଡିକାଲର ଜଣେ ମହିଳା କର୍ମଚାରୀଙ୍କୁ ପଚାରିବାରୁ ଉକ୍ତ ଟଙ୍କା ମେଡିକାଲ ଆକାଉଣ୍ଟକୁ ଆସି ନ ଥିବା କହିଥିଲେ। ଏନେଇ ଉକ୍ତ ସ୍ୱାସ୍ଥ୍ୟବୀମା କାର୍ଡରେ ଥିବା ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ କହିଥିଲେ। ଯଦି କୌଣସି ତ୍ରୁଟି ଥାଏ ସେନେଇ ସଂଶୋଧନ କରାଯିବ ବୋଲି କର୍ମଚାରୀ ଜଣକ କହୁଥିବାର ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଘରୋଇ ହସ୍ପିଟାଲରେ କେବଳ ଏହି ଘଟଣା ନୁହେଁ, ଏଭଳି ପୂର୍ବରୁ ବହୁ ଅଭିଯୋଗ ଆସିଥିବାବେଳେ ଦୂରଦୂରାନ୍ତରରୁ ଆସିଥିବା ରୋଗୀ ଓ ସମ୍ପର୍କୀୟ ହଟହଟା ହେଉଛନ୍ତି। ଏ ସମ୍ପର୍କରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ୱାସ୍ଥ୍ୟବୀମା କାର୍ଡରେ କୌଣସି ସୂଚନା ପାଇଁ ହେଲ୍ପ ଲାଇନ ନମ୍ବର ରହିଛି, ସେଥିରେ ଲୋକେ ଅଭିଯୋଗ କରିପାରିବେ। ଏହାସହ ବ୍ୟକ୍ତିଗତ ଭାବେ ମୋତେ ମଧ୍ୟ ଅଭିଯୋଗ କରନ୍ତୁ। ବେଆଇନ ଭାବେ ସରକାରଙ୍କ ଟଙ୍କା ହଡପ କରୁଥିବା ବ୍ୟକ୍ତିଙ୍କୁ ଛଡ଼ାଯିବନାହିଁ। ଉକ୍ତ ଘଟଣା ନେଇ ତଦନ୍ତ କରାଯିବ ଏବଂ ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ ବୋଲି ଜିଲାପାଳ କହିଛନ୍ତି।



Dear MNXPJQFAU,Your booked treatment amount 8800.00 is approved. Please note that your treatment is free of cost. For any support call 14555.
AB-PMJAYNHA



Dear MNXPJQFAU,We have received your discharge request. Your used wallet amount is 78605.00. Please note that your treatment is free of cost. For any support call 14555.
AB-PMJAYNHA

ଟଙ୍କା କଟିବା ପରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଆସିଥିବା ମେସେଜ୍।

**ଘରୋଇ ହସ୍ପିଟାଲର ମନମାନି**

- ଆଞ୍ଜିଓଗ୍ରାମ ପାଇଁ କାର୍ଡରୁ କଟିଛି ୮୮୦୦ ଟଙ୍କା
- ଡିସ୍‌ଚାର୍ଜ ବାବଦରେ କଟିଲା ୭୮,୬୦୫ ଟଙ୍କା
- ବେଆଇନ ଟଙ୍କା ହଡ଼ପ କରୁଥିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

# ମିଳିଲାନି ଉପଯୁକ୍ତ ଚିକିତ୍ସା, ୨ ଶିଶୁ ମୃତ

- ଘରୋଇ ହସ୍ପିଟାଲକୁ ଡାକ୍ତର ପଠାଉଛନ୍ତି ରୋଗୀ
- ଶିଶୁଭବନ, ଘରୋଇ ହସ୍ପିଟାଲରେ ଅବହେଳା

କଟକ,୯।୨(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ(ଶିଶୁଭବନ)ରେ ୨ ନବଜାତ ଶିଶୁଙ୍କୁ ମିଳିଲାନି ଉପଯୁକ୍ତ ଚିକିତ୍ସା। ଆଇସିୟୁ ବେଡ୍ ନ ମିଳିବାରୁ ଘରୋଇ ହସ୍ପିଟାଲକୁ ଡାକ୍ତର ଓ କର୍ମଚାରୀ ନେବାକୁ ପ୍ରବର୍ତ୍ତାଇଛନ୍ତି। ଏପରିକି ଘରୋଇ ହସ୍ପିଟାଲର ଠିକଣା ଦେଇ ନବଜାତକୁ ଶିଶୁଭବନରୁ ଡାକ୍ତର ପଠାଇ ଦେଇଛନ୍ତି। ପରେ ଘରୋଇ ହସ୍ପିଟାଲରେ ଜଣେ ଶିଶୁରୋଗୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହେବା ପରେ ଅନ୍ୟ ଶିଶୁଟି ଗୁରୁତର ହେବାରୁ ପୁନର୍ବାର ଶିଶୁଟିକୁ ଶିଶୁଭବନରେ ଭର୍ତ୍ତି କରାଇଥିଲେ। ହେଲେ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ଶିଶୁଟିର ମୃତ୍ୟୁ ଘଟିଛି। ଶିଶୁ ମୃତ୍ୟୁ ନେଇ ସ୍ଥାନୀୟ ଲାଲବାଗ ଥାନାରେ ଅଭିଯୋଗ କରିବାକୁ ଶିଶୁରୋଗୀ ଅଭିଭାବକ ଯାଇଥିବାବେଳେ ସେଠାରେ ପୋଲିସର ସହାୟତା ମିଳି ନ ଥିଲା। ଏହି ସମସ୍ତ ଘଟଣା ନେଇ ସାମାଜିକ ଗଣମାଧ୍ୟମରେ ଏକ ଅଡିଓ ଭାଇରାଲ ହେବାରେ ଲାଗିଛି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରଶାନ୍ତ ମଲ୍ଲିକଙ୍କ କହିବା ମୁତାବକ, ୨ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ହସ୍ପିଟାଲରୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଶିଶୁଭବନରେ ଦୁଇ ଶିଶୁଙ୍କୁ ଆଇସିୟୁ ମିଳି ନ ଥିଲା। ସେଠାରେ ଥିବା ଡାକ୍ତର ଓ କର୍ମଚାରୀ ଦୁଇ ଶିଶୁଙ୍କୁ ସିଡିଏ ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ପଠାଇ ଦେଇଥିଲେ। ଘରୋଇ ହସ୍ପିଟାଲରେ ଦୁଇ ଶିଶୁଙ୍କ ସ୍ୱାସ୍ଥ୍ୟବୀମା କାର୍ଡ ଯୋଗେ ଚିକିତ୍ସା ଜାରି ରହିଥିବା ସତ୍ତ୍ୱେ ପ୍ରଶାନ୍ତଙ୍କଠାରୁ ସେଠାକାର ଡାକ୍ତର ଦେଢ଼ ଲକ୍ଷ ଟଙ୍କା ନେଇଛନ୍ତି। ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ତାଙ୍କ ଗୋଟିଏ ପୁଅର ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ଶିଶୁଟି ଗୁରୁତର ହେବାରୁ ପୁନର୍ବାର ଶିଶୁଭବନକୁ ସେ ଆଣିଥିଲେ। ହେଲେ ଆଇସିୟୁ ଆବଶ୍ୟକ ଥାଇ ମଧ୍ୟ ଡାକ୍ତର ଆଇସିୟୁକୁ ସ୍ଥାନାନ୍ତର କରିବାକୁ ମନା କରିଥିଲେ। ପରେ ଅନ୍ୟ ଶିଶୁଟିର ମଧ୍ୟ ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ସ୍ଥାନୀୟ ଥାନାକୁ ଯାଇଥିଲେ ମଧ୍ୟ ସହାୟତା ମିଳି ନ ଥିଲା ବୋଲି ସୂଚନା ମିଳିଛି। ତେବେ କିଛିଦିନ ପୂର୍ବେ ଏହି ଘଟଣା ଘଟିଥିବାବେଳେ ସୋମବାର ଏହାର ଅଡିଓ ଭାଇରାଲ ହୋଇଛି। ଘଟଣା ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ





ରେଭନ୍‌ଶା ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି। କ୍ରୀଡ଼ାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

କଟକ,୯।୨(କୁମାରଶ୍ରୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୯ତମ ବାର୍ଷିକ କ୍ରୀଡ଼ା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଖେଳ ପଡ଼ିଆରେ ଆୟୋଜିତ ପ୍ରତିଯୋଗିତାକୁ ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ଧର୍ମବ୍ରତ ମହାପାତ୍ର ଉଦ୍‌ଘାଟନ କରିଥିଲେ। କୁଳସଚିବ କାହ୍ନୁଚରଣ ମଲ୍ଲିକ, ଡ. ମନୋଜ ଦାସ, ଡ. ସତ୍ୟବ୍ରତ ବେହେରା, ଡ. ଯାଜ୍ଞସେନୀ ରାଉତ, ଡ. କଶ୍ମୀରା ମୁର୍ମୁ, ଡ. ଅଭିଷେକ ଶର୍ମା, ପ୍ରଫେସର ଲିପିକା ପଟ୍ଟନାୟକ, ପ୍ରଫେସର ଦୀପ୍ତି ରାଉତ, ଡ. ଦଧିବାମନ ଟଲି, ମାନସ କୁମାର ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ କ୍ରୀଡ଼ାଧିକାରୀ ଡ. ଅଞ୍ଜନ କୁମାର ଖୁଣ୍ଟିଆ ପ୍ରତିଯୋଗିତା ପରିଚାଳନା କରିଥିଲେ।

ଉଦ୍‌ଘାଟନୀ ଦିବସରେ ପୁରୁଷ ୪୦୦ମିଟର ଦୌଡ଼, ୧୦୦ମିଟର ହର୍ଡଲ୍ସରେ ଓମପ୍ରକାଶ ବେହେରା, ୮୦୦ମିଟର ଏବଂ ୧୫୦୦ ମିଟର ଦୌଡ଼ରେ ଦୀପୁ କିସକୁ, ଲଙ୍ଗ ଜମ୍ପରେ ଅନନ୍ତ ହେମ୍ବ୍ରମ, ଟ୍ରିପଲ ଜମ୍ପରେ ରବୀନ୍ଦ୍ର ହିକାକା, ଶଟପୁଟ ଏବଂ ଡିସ୍‌କସ ଥ୍ରୋରେ ଆଶିଷ ରୋଶନ ଡୁଙ୍ଗଡୁଙ୍ଗ, ଜାଭେଲିନ ଥ୍ରୋରେ ଅର୍ଜୁନ କିରସାନି ପ୍ରଥମ ସ୍ଥାନ ହାସଲ କରିଥିଲେ। ମହିଳା ୨୦୦ମିଟର ଦୌଡରେ ଶ୍ରୁତିପ୍ରଭା ବେହେରା, ୪୦୦ ମିଟର, ୮୦୦ ମିଟର ଏବଂ ୧୫୦୦ ମିଟର ଦୌଡରେ ଅମ୍ବିକା ଗୋଲାରୀ, ଡିସ୍‌କସ ଥ୍ରୋ, ଲଙ୍ଗଜମ୍ପ ଓ ୧୦୦ମିଟର ହର୍ଡଲ୍ସରେ ପୁଷ୍ପାବତୀ କିସକୁ, ସଟପୁଟରେ ସନ୍ଧ୍ୟାରାଣୀ ସାହୁ, ଜାଭେଲିନ ଥ୍ରୋରେ କୌଶଲ୍ୟା ମାଝୀ ପ୍ରଥମ ସ୍ଥାନ ଅକ୍ତିଆର କରିଛନ୍ତି। କଳିଙ୍ଗ ଦାସ, ମହେଶ କୁମାର ମଲ୍ଲ, ଲକ୍ଷ୍ମୀପ୍ରିୟା ରାଉତ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହେବ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କଟକ,୯।୨(କାର୍ତ୍ତିକ ସାହୁ)

ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ସମୁଦାୟ ୮୮ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୭୫ଟି ବ୍ୟକ୍ତିଗତ ଏବଂ ୧୩ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୪୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ କମଳଜିତ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଏସ୍‌ସିବି ଆଇସିୟୁରେ ହଟହଟା ଗୁରୁତର ରୋଗୀ

କଟକ,୯।୨(ଶିଳ୍ପା ପ୍ରିୟଦର୍ଶିନୀ)

**ବେଡ୍‌ରୁ ତଳକୁ ପଡ଼ିଯାଉଥିବା ଭିଡିଓ ଭାଇରାଲ**



କଟକ ଏସ୍‌ସିବି ମେଡିକାଲ ଆଇସିୟୁରେ ରୋଗୀଙ୍କୁ ଠିକ ଭାବେ ଚିକିତ୍ସା କରାଯାଉ ନାହିଁ। ଏପରିକି ଜଣେ ମହିଳା ରୋଗୀ ବେଡ୍‌ରୁ ତଳକୁ ପଡି ଯାଉଥିବା ଏକ ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ଏସ୍‌ସିବିରେ ରୋଗୀ ସେବାର ବ୍ୟବସ୍ଥାକୁ ବଖାଣୁଛି। ତେବେ ସବୁଠୁ ବଡ଼ ପ୍ରଶ୍ନ ଯେ ଏସ୍‌ସିବିର ଆଇସିୟୁରେ ସ୍ୱତନ୍ତ୍ର ଭାବେ ଡାକ୍ତର, ନର୍ସ ଓ କର୍ମଚାରୀ ନିୟୋଜିତ ରହିଥିବାବେଳେ ସେମାନେ ଡ୍ୟୁଟି ସମୟରେ କ'ଣ କରୁଛନ୍ତି। ଯଦିଓ ଡ୍ୟୁଟି କରୁଛନ୍ତି ତେବେ ରୋଗୀଙ୍କ ବେଡ୍‌ରୁ ତଳକୁ ଖସି ପଡୁଥିବା ବେଳେ ସେମାନେ କେଉଁଠି ଥିଲେ ତାହା ଏବେ ପ୍ରଶ୍ନ ପାଲଟିଛି। ଅନ୍ୟପଟେ ଏସ୍‌ସିବି କର୍ତ୍ତୃପକ୍ଷ ରୋଗୀଙ୍କୁ ଉନ୍ନତ ସେବା ଯୋଗାଇ ଦେବା କହୁଥିବାବେଳେ ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଓଟିଏମ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ

ଚୌଦ୍ୱାର,୯।୨(ଆଶୁତୋଷ ଦାସ)

ଓଟିଏମ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ୨୩ତମ ବାର୍ଷିକୋତ୍ସବ ସଂସଦ ସଭାପତି ଡା. ଉତ୍ତମ ଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସିଆର୍‌ପିଏଫ୍ ଆଇଜି ତ୍ରୈଲୋକ୍ୟନାଥ ଖୁଣ୍ଟିଆ, ରିଜିଓନାଲ କଲେଜ ଅଫ ଏଜୁକେଶନ୍‌ର ଓଡ଼ିଆ ଭାଷା ବିଶେଷଜ୍ଞ ଡ. ଦେବାଶିଷ ମହାପାତ୍ର, ଶିକ୍ଷାବିତ୍ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସାମୂହିକ ବିକାଶ ପାଇଁ ପୁରାତନ ଛାତ୍ରୀଛାତ୍ରମାନେ ନିଷ୍ଠାର ସହ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅମ୍ବରୀଶ ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବିଶ୍ୱକଲ୍ୟାଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସଂସଦ ମୁଖପତ୍ର 'ସମାଚାର' ଉନ୍ମୋଚିତ ହେବା ସହ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଆନ୍ତଃ ବିଦ୍ୟାଳୟ ପ୍ରବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନ ତଥା କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ନାରାୟଣ ସ୍ୱାଇଁ, ରଞ୍ଜନ କୁମାର ମହାନ୍ତି, ରଞ୍ଜିତ ପ୍ରଧାନ, ବି. ପ୍ରସାଦ ରାଓ, ପ୍ରଦୀପ କୁମାର ବେହେରା, ବିଜୟ କେତନ ଦାସ, ଅଞ୍ଜଳି ଦତ୍ତ, ଡ. ଜେନାମଣି ସଞ୍ଜୀବ କୁମାର, ବଳରାମ କର, ବିନମ୍ର ମହାପାତ୍ର ପ୍ରମୁଖ ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୋଗଦେବେ ୧୧ ବାଡ଼ିର ବିମାନାରୂଢ଼ା ଚଳନ୍ତି ପ୍ରତିମା

ଖୁଣ୍ଟୁଣୀ,୯।୨(ସଚ୍ଚିଦାନନ୍ଦ ପଣ୍ଡା)

**ନବେଢ଼ାର ରାଜଦୋଳ ପାଇଁ ପ୍ରସ୍ତୁତି ବୈଠକ**



ନବେଢ଼ାର ରାଜଦୋଳ ପାଇଁ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ସମନ୍ୱୟ କମିଟିର ସଦସ୍ୟ।

ଆଠଗଡ଼ ନବେଢ଼ାରେ ପ୍ରସିଦ୍ଧ ଦୋଳଯାତ୍ରା ପାଇଁ କପୂରସିଂହ ଗ୍ରାମସ୍ଥିତ ଶ୍ରୀଶ୍ରୀ ତୃତୀୟାଦେବଙ୍କ ମନ୍ଦିର ପରିସରରେ ରବିବାର ନବେଢ଼ା ରାଜଦୋଳ ସମନ୍ୱୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମନ୍ୱୟ କମିଟି ମୁରବୀ ତଥା ସଭାପତି ଅନନ୍ତ ଚରଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ରାଜଦୋଳ ସମନ୍ୱୟ କମିଟି ସମ୍ପାଦକ ସତ୍ୟବ୍ରତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କପୂରସିଂହ ଗ୍ରାମ କମିଟି ସଭାପତି କବିନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଦୋଳ ସମନ୍ୱୟ କମିଟି ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଆସନ୍ତା ୨୬ ତାରିଖ ଫଗୁ ଦଶମୀଠାରୁ ମାର୍ଚ୍ଚ ୨ ତାରିଖ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଦୋଳଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏଥିରେ ବାଳିର ଦଧିବାମନ ଜୀଉ, ବାଳି ଶାସନର ଗୋପାଳଦେ, କୁମାରପୁରର ଦଧିବାମନ ଜୀଉ, କୁମାରପୁର ଶାସନର ଗୋପୀନାଥ ଜୀଉ, ଗୋବରାର ଦାଢିବାମନ ଜୀଉ ଆଦି ୧୧ ବାଡ଼ିର ଚଳନ୍ତି ପ୍ରତିମାଠାକୁର ବିମାନାରୂଢ଼ା ହୋଇ ଶୋଭାଯାତ୍ରାରେ ଯୋଗଦେବେ ବୋଲି ସେ କହିଥିଲେ। ବୈଠକରେ ସମନ୍ୱୟ କମିଟିର ସୁକାନ୍ତ ପଣ୍ଡା, ପ୍ରଦୀପ୍ତ ଭୂୟାଁ, ପ୍ରତାପ ନାୟକ, ଉତଙ୍ଗ ସାହୁ, ଦିଲୀପ ପ୍ରଧାନ, ରମେଶ ପଣ୍ଡା, ହିମାଂଶୁ ସାହୁ, ସନାତନ ଦଳେଇ, ମାନସ ପଣ୍ଡା, ଶୁକଦେବ ବେହେରା, ରଶ୍ମିରଞ୍ଜନ ସାହାଣି, ପରେଶ ନାଥ ପଣ୍ଡା ଓ ବାସୁଦେବ ମିଶ୍ର ପ୍ରମୁଖ ଯୋଗଦେଇ ନିଜ ଅଞ୍ଚଳର ସମସ୍ୟା ଉପରେ ଆଲୋକପାତ କରି ସମାଧାନ କରିଥିଲେ। ଦୋଳ ଯାତ୍ରାକୁ ସଫଳତାର ସହିତ କରିବାକୁ ସମସ୍ତଙ୍କୁ ନିବେଦନ କରାଯାଇଥିଲା। ଶେଷରେ ଅଜିତ ଓଝା ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



ବାଲିଯାତ୍ରା ତଳ ପଡ଼ିଆରେ ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଓ ସ୍ୱଦେଶୀ ମେଳା ଅବସରରେ ସୋମବାର ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ସହ ନୌବିହାର ଯୋଜନା: କେନାଲରେ ପାଣି ନ ଥିବାରୁ ଅଳିଆ ଆବର୍ଜନା ପଡିରହିଛି। (ଫଟୋ: ରାଜ କିଶୋର ମହାନ୍ତି)

**ଶିକ୍ଷକ ସମାଜ ପାଇଁ ଦର୍ପଣ ସଦୃଶ**

ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)- ଶିକ୍ଷୟିତ୍ରୀ, ଶିକ୍ଷକ ସମାଜ ଲାଗି ଦର୍ପଣ ସଦୃଶ ବୋଲି ଗୋପ ବ୍ଲକ ଅନ୍ତର୍ଗତ ଗିରିମା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ମୁଦୁଲିଙ୍କ ଅବସର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ସମାରୋହରେ ସ୍ଥାନୀୟ ସରପଞ୍ଚ ସୁଲୋଚନା ମଲ୍ଲିକ, ସମିତିସଭ୍ୟ କୈଳାସ ଚନ୍ଦ୍ର ଭୋଇ, ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଶିବଦତ୍ତ ନାୟକ, ଗୋପ ବ୍ଲକ ଶିକ୍ଷକ ସମନ୍ୱିତ ସମିତି ସଭାପତି ଅଜୟ କୁମାର ରଥ, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ, ସମ୍ପାଦକ ସରୋଜ କୁମାର ମିଶ୍ର, ଗୋପ ବ୍ଲକ ଓଷ୍ଟା ସଭାପତି ମହେନ୍ଦ୍ର କୁମାର ପାଡ଼ୀ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକ ମୁଦୁଲି ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚମାନର ଶିକ୍ଷାଦାନ କରୁଥିଲେ ବୋଲି ଅତିଥିମାନେ କହିଥିଲେ।




୯।୨।୨୦୨୬

| | |
|---|---|
| ୫,୧୧,୬୨୯ ଟଙ୍କା | |
| ସୁନା | ୩୮.୧୮୦ ଗ୍ରାମ୍ |
| ରୁପା | ୩୧.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ବରିଷ୍ଠ ଆଇନଜୀବୀ ଯୋଗେନ୍ଦ୍ର ଦାଶଙ୍କ ବିୟୋଗ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ପୁରୀ ବାର୍ ଆସୋସିଏସନର ବରିଷ୍ଠ ଆଇନଜୀବୀ ଯୋଗେନ୍ଦ୍ର ଦାଶଙ୍କ ସୋମବାର ଅକାଳ ବିୟୋଗ ଘଟିଛି। ଦାଶଙ୍କ ବିୟୋଗ ପୁରୀ ବାର୍ ପାଇଁ ଏକ ଅପୂରଣୀୟ କ୍ଷତି। ପିଲାଦିନୁ ଅତ୍ୟନ୍ତ ମେଧାବୀ ଛାତ୍ର ଥିବା ଯୋଗେନ୍ଦ୍ର ଅନେକ ଥର ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରି ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଓକିଲାତି ବୃତ୍ତିକୁ ଆପଣାଇଥିଲେ ବୋଲି ସୋମବାର ପୁରୀ ବାର୍ ଆସୋସିଏସନରେ ଆୟୋଜିତ ସ୍ମୃତିସଭାରେ ତାଙ୍କ ବ୍ୟକ୍ତିତ୍ୱ ଓ ଓକିଲାତି ଜୀବନର ସ୍ମୃତିଚାରଣ କରାଯାଇଛି। ପୁରୀ ବାର୍ ଆସୋସିଏସନ ସଭାପତି ପ୍ରେମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଅନେକ ବରିଷ୍ଠ ଓ ଯୁବ ଆଇନଜୀବୀ ସ୍ୱର୍ଗତ ଯୋଗେନ୍ଦ୍ର ଦାଶଙ୍କ ସ୍ମୃତିଚାରଣ କରିଥିଲେ। ସେ ଷ୍ଟୁଡେଣ୍ଟ ଫେଡେରେସନ ଅଫ୍ ଇଣ୍ଡିଆ ଛାତ୍ର ରାଜନୀତି ସହ ସଂପୃକ୍ତ ଥିଲେ।

### ଅଗ୍ନି ନିର୍ବାପକ ପ୍ରଶିକ୍ଷଣ ନେଲେ ବନ ବିଭାଗ

ଗୋପ,୯।୨(ଭାରତୀ ଭୂଷଣ ଉପାଧ୍ୟାୟ)

ସାଧାରଣ ଲୋକଙ୍କ ସମସ୍ୟା ଉପରେ ଆମ ବିଭାଗ ସବୁବେଳେ ରହିଛୁ। ଏପରି ଏକ ଅଗ୍ନି ନିର୍ବାପକ ପ୍ରଶିକ୍ଷଣ ଆମମାନଙ୍କୁ ନିଶ୍ଚିତ ଭାବେ ଆଗକୁ ନେବ ବୋଲି ଗୋପ ବନାଞ୍ଚଳ କାର୍ଯ୍ୟାଳୟରେ ଗୋପ ଅଗ୍ନିଶମ ବିଭାଗ ପକ୍ଷରୁ ଦିଆଯାଉଥିବା ପ୍ରଶିକ୍ଷଣ ଶିବିରରେ ଗୋପ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ କହିଥିଲେ। ଗୋପ ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଅଗ୍ନିକ ଦଳ ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ବିଭିନ୍ନ ପ୍ରକାରର ରଣକୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ।

### କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

କୋଣାର୍କ, ୯।୨(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗଙ୍ଗାଧର ପ୍ରଧାନଙ୍କ କୋଣାର୍କ ନାଟ୍ୟମଣ୍ଡପରେ ୪୦ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ନାଟ୍ୟ ମଣ୍ଡପର ବରିଷ୍ଠ ସଦସ୍ୟ ତଥା ପରିବେଶବିତ ଉମେଶ ଚନ୍ଦ୍ର ସ୍ୱାଇଁ ବୈଠକରେ ଅଧକ୍ଷତା କରିଥିଲେ। ଓଡ଼ିଶୀ ନୃତ୍ୟ ଗୁରୁ ବିଷ୍ଣୁ ଚରଣ ସାମଲ, ଗୋଟିପୁଅ ନୃତ୍ୟଗୁରୁ ଜୟକୃଷ୍ଣ ନାୟକ, କୋଣାର୍କ ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ଅଧ୍ୟାପକ ଅରବିନ୍ଦ ସାହୁ, କୋଣାର୍କ ସତ୍ୟସାଇ ସେବା ସଂଗଠନର ସଭାପତି ବାମଦେବ ଆଲୁକ, ସମାଜସେବୀ ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବକୁ ଅଧିକ ସରସ ସୁନ୍ଦର କରିବା ସହ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ମହାକୁମ୍ଭର ଏହି ମହାର୍ଘ ମହୋତ୍ସବ ଓଡ଼ିଆ ଅସ୍ମିତା ଏବଂ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଚଳିତବର୍ଷ ଦିନିକିଆ ଉତ୍ସବ ଅବସରରେ ପ୍ରାରମ୍ଭରେ କୋଣାର୍କ ନାଟ୍ୟମଣ୍ଡପ ଏବଂ ନୃତ୍ୟାୟନର କଳାକାରଙ୍କ ଦ୍ୱାରା ପଞ୍ଚଦେବ ସ୍ତୁତି ଓ ଗୁରୁ ଗଙ୍ଗାଧର ବନ୍ଦନା ପରିବେଷିତ ହେବା ସହ ଗୋଟିପୁଅ ନୃତ୍ୟ ପରିବେଷଣ କରାଯିବ। ମୁମ୍ବାଇର ଖ୍ୟାତନାମା ବଂଶୀବାଦକ କୈଳାସ ପାତ୍ରଙ୍କ ଦ୍ୱାରା ବଂଶୀ ବାଦନ ପରିବେଷଣ କରାଯିବା ସହ ଭୁବନେଶ୍ୱରର ବିଶିଷ୍ଟ ତବଲା ବାଦକ ବିଶ୍ୱରଞ୍ଜନ ନନ୍ଦ ଓ ସାଥୀ କଳାକାରଙ୍କ ଦ୍ୱାରା ତବଲା ବାଦନ ପରିବେଷଣ କରାଯିବ। ଶେଷରେ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ବେଙ୍ଗାଲୁରୁସ୍ଥିତ ଶ୍ରେଆ ପ୍ରସନ୍ନ ଶିବ ରଞ୍ଜନୀ ହରିଶ ଓ ସାଥୀ କଳାକାରଙ୍କ ଦ୍ୱାରା କୁଚିପୁଡ଼ି ଓ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ୮.୧୬ ଲକ୍ଷ ଅଯୋଗ୍ୟ, ଭୂତ ହିତାଧିକାରୀ କଟିଲେଣି

**୯୧ ଜଣଙ୍କୁ ଖାଉଟି କାର୍ଡ ବାଣ୍ଟିଲେ ମନ୍ତ୍ରୀ**

କାକଟପୁର/ଅସ୍ତରଙ୍ଗ,୯।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରୁଛନ୍ତି।

ଆୟକର ଦେଉଥିବା ସମାଜର ପ୍ରତିଷ୍ଠିତ ୪୫ ହଜାର ଲୋକ ଟଙ୍କିଆ ଚାଉଳ ନେଉଥିଲେ। ଭଲ ଚାକିରି ଓ ଉଚ୍ଚ ଅଙ୍କର ଅର୍ଥ ରୋଜଗାର କରୁଥିବା ୭୫ ହଜାର ଲୋକ ମଧ୍ୟ ଖାଉଟି କାର୍ଡରୁ ଫାଇଦା ପାଉଥିଲେ। ଏପରିକି ୭ଲକ୍ଷ ମୃତ ଲୋକଙ୍କ ନାମରେ ତାଙ୍କ ପରିବାର ବର୍ଗ ରାଶନ ଉଠାଉଥିଲେ। ତେଣୁ ଏଭଳି ୮ଲକ୍ଷ ୧୬ହଜାର ଅଯୋଗ୍ୟ ଓ ଭୂତ ହିତାଧିକାରୀଙ୍କୁ କାର୍ଡ କଟାଯାଇଛି। ସେମାନଙ୍କ ସ୍ଥାନରେ ଗରିବ ଲୋକ ତଥା ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଦିଆଯାଉଛି। ଏଯାବତ ୭ଲକ୍ଷ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଛି ବୋଲି ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସୋମବାର ପୁରୀ ଜିଲା କାକଟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପାତ୍ର ୯୧ ଜଣ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିବା ଅବସରରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ପାତ୍ର କହିଲେ, ଖାଉଟି କାର୍ଡ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଥିଲା। ବହୁ ଯୋଗ୍ୟ ଗରିବ ହିତାଧିକାରୀ କାର୍ଡ ପାଇବାରୁ ବଞ୍ଚିତ ଥିଲେ। ତେଣୁ ଇ-କେୱାଇସି ମାଧ୍ୟମରେ ହିତାଧିକାରୀଙ୍କ ସ୍ଥିତି ଯାଞ୍ଚ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବହୁ ପରିବାର ମୃତ ବ୍ୟକ୍ତିଙ୍କ ନାମରେ ମଧ୍ୟ କାର୍ଡରେ ଚାଉଳ ନେଉଥିବା ସାମ୍ନାକୁ ଆସିଲା। ଇତିମଧ୍ୟରେ ୯୬ ପ୍ରତିଶତ ଲୋକ ଇ-କେୱାଇସି କରିସାରିଲେଣି, ମାତ୍ର ଏବେ ଆହୁରି ୧୪ଲକ୍ଷ ଲୋକ ଇ-କେୱାଇସି କରିନାହାନ୍ତି। ସେମାନେ ଇ-କେୱାଇସି କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି। ପାତ୍ର ଆହୁରି କହିଛନ୍ତି, କେହି ଗରିବ ଲୋକ ଯଦି ନିୟମ ଅନୁସାରେ ଏହି କାର୍ଡ ପାଇବା ପାଇଁ ଯୋଗ୍ୟ ଅଛନ୍ତି, ସେମାନେ ଆବେଦନ କରନ୍ତୁ। ଏବେ ବି ଆମ ନିକଟରେ ପର୍ଯ୍ୟାପ୍ତ ରାଶନ କାର୍ଡ ଦେବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ କୌଣସି ଲୋକ ଯଦି ଭାବୁଛନ୍ତି, ସେମାନେ ଯୋଗ୍ୟ ହିତାଧିକାରୀ ହୋଇ ସୁଦ୍ଧା ଇ-କେୱାଇସି ପରେ ଏଥିରୁ ବଞ୍ଚିତ ହୋଇଛନ୍ତି, ସେମାନେ ପୁନଃ ଆବେଦନ କରନ୍ତୁ। ଏବେ ବି ପୋର୍ଟାଲ ଖୋଲା ରହିଛି। ଏହି ଅବସରରେ ମନ୍ତ୍ରୀ ପାତ୍ର କାକଟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ୯୧ଜଣ ନୂଆ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। କାକଟପୁର ବ୍ଲକର ୧୬ଟି ପଞ୍ଚାୟତରୁ ନୂଆ କାର୍ଡ ପାଇଁ ୧୮୪୬ଜଣ ଆବେଦନ କରିଥିବା ବେଳେ ୧୩୦୪ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଡିଓ ନାରାୟଣ ଦୀକ୍ଷିତ, ଜଗତସିଂହପୁର ଏମ୍‌ପିଙ୍କ କାକଟପୁର ବ୍ଲକ ପ୍ରତିନିଧି କୈଳାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ଅବସରରେ ମନ୍ତ୍ରୀ ପାତ୍ର କାକଟପୁରର ଆରାଧ୍ୟା ଠାକୁରାଣୀ ମା' ମଙ୍ଗଳାଙ୍କୁ ଦର୍ଶନ କରିଥିଲେ।

# ୧୦ରୁ ଆତ୍ମନିର୍ଭର ଭାରତ, ସ୍ୱଦେଶୀ ମେଳା

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଚଳିତ ମାସ ୧୦ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଅନୁଷ୍ଠିତ ହେବ। ୫ଦିନିଆ ଏହି ମେଳାରେ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମେଳା, ହସ୍ତଶିଳ୍ପ ମେଳା, ବୁକ୍ କାଫେ ଇତ୍ୟାଦିର ୧୯୪ଟି ଷ୍ଟଲ୍‌ର ବ୍ୟବସ୍ଥା ହୋଇଛି। ରାଜ୍ୟର ଅନ୍ୟ ସମସ୍ତ ଜିଲା ଓ ପୁରୀ ଜିଲାର ସର୍ବାଧିକ ଷ୍ଟଲ ଏଥିରେ ସାମିଲ ହେବେ। ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ସହ ବିଭିନ୍ନ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରିବେ। ସେହିପରି ସଂସ୍କୃତି ବିଭାଗ ପକ୍ଷରୁ ବୁକ୍ କାଫେ, ବରପୁତ୍ରମାନଙ୍କ ତଥ୍ୟଭିତ୍ତିକ ଫଟୋ ଚିତ୍ର ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂର୍ବରୁ ଏହି ମେଳାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ ଭାବେ ପରିଚାଳନା ପାଇଁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ, ଅନ୍ୟ ବିଭାଗ ସହ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟକ୍ରମ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟ, ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଏକ ନିୟନ୍ତ୍ରଣ କକ୍ଷ ବା କଣ୍ଟ୍ରୋଲ ରୁମ୍ ମେଳାରେ କାର୍ଯ୍ୟ କରିବାର ବ୍ୟବସ୍ଥା ହୋଇଛି ବୋଲି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ସ୍ୱଦେଶୀ ମେଳାର ନୋଡାଲ୍ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି।

# ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫ୍ ଗାର୍ଡ



ପୁରୀ ସମୁଦ୍ରରୁ ଲାଇଫ୍‌ଗାର୍ଡଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ପର୍ଯ୍ୟଟକମାନେ।

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ପୁରୀ ବେଳାଭୂମିରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ବଡ଼ ଅଘଟଣରୁ ବର୍ତ୍ତିଲେ ପର୍ଯ୍ୟଟକ। ସମୁଦ୍ରରେ ସ୍ନାନ କରିବା ସମୟରେ ଭାସିଗଲେ ପର୍ଯ୍ୟଟକ। ୨ଜଣ ମହିଳା ଓ ଜଣେ ପୁରୁଷ ପର୍ଯ୍ୟଟକ ଚୈତନ୍ୟ ଛକ ସମ୍ମୁଖ ବେଳାଭୂମିରେ ସ୍ନାନ କରିବା ସମୟରେ ରିପ୍ କରେଣ୍ଟ ଓ ଉଚ୍ଚଜୁଆର ଯୋଗୁ ଗଭୀର ସମୁଦ୍ର ଭିତରକୁ ଭାସି ଯାଉଥିଲେ। ଉପସ୍ଥିତ ଲାଇଫ୍‌ଗାର୍ଡମାନେ ଏହାକୁ ଦେଖି ଗଭୀର ସମୁଦ୍ର ଭିତରକୁ ଯାଇ ସୁରକ୍ଷିତ ଭାବେ ସମସ୍ତଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ୩ ପର୍ଯ୍ୟଟକ କେଉଁ ଅଞ୍ଚଳର ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି। ଦିନକୁ ଦିନ ପୁରୀ ସମୁଦ୍ର ଅଶାନ୍ତ ରହୁଥିବା ବେଳେ ରିପ୍ କରେଣ୍ଟ ଏବଂ ଉଚ୍ଚ ଜୁଆର ଯୋଗୁ ଅନେକ ପର୍ଯ୍ୟଟକ ଗଭୀରକୁ ଚାଲିଯାଇ ମୃତ୍ୟୁବରଣ କରିବାର ନଜିର ରହିଛି। କିଛି ପର୍ଯ୍ୟଟକ ମଧ୍ୟ ଅମାନିଆ ହୋଇ ଲାଇଫଗାର୍ଡଙ୍କ କଥା ନ ଶୁଣି ଗଭୀର ସମୁଦ୍ର ଭିତରକୁ ଯାଇ ସ୍ନାନ କରିବା ଯୋଗୁ ଭାସି ଯାଇଥାନ୍ତି। ଆଉ ଅନେକ ପର୍ଯ୍ୟଟକ ମଧ୍ୟ ପ୍ରବଳ ମଦ୍ୟପାନ କରି ଲାଇଫଗାର୍ଡଙ୍କ କଥା ନ ଶୁଣି ସମୁଦ୍ର ସ୍ନାନ କରୁଥିବାରୁ ଏଭଳି ଅଘଟଣ ଘଟେ। ତେଣୁ ପର୍ଯ୍ୟଟକମାନେ ବେଳାଭୂମିରେ ସ୍ନାନ କରିବା ସମୟରେ ଲାଇଫଗାର୍ଡଙ୍କ କଥା ଶୁଣି ସୁରକ୍ଷିତ ସ୍ନାନ କରିବାକୁ ଅନୁରୋଧ କରାଯାଇଛି।

# ମୂଲ୍ୟ ଆଧାରିତ ନ୍ୟାୟ ହିଁ ଆଇନର ଆତ୍ମା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମାକୁମାରୀ ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ମାଉଣ୍ଟଆବୁର ଜୁରିଷ୍ଟ ପ୍ରଭାଗ, ବ୍ରହ୍ମାକୁମାରିସ୍ ପୁରୀ ଆନୁକୂଲ୍ୟରେ 'ମୂଲ୍ୟ ଆଧାରିତ ନ୍ୟାୟ ହିଁ ଆଇନର ଆତ୍ମା' ଶୀର୍ଷକ ରାଷ୍ଟ୍ରୀୟ ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଡି ପି ଚୌଧୁରୀ, ମୁଖ୍ୟବକ୍ତା ଭାବେ ମଧ୍ୟପ୍ରଦେଶ ଇନ୍ଦୋର ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଭଗବାନ ଦାସ ରାଠି, ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲା ଦୌରାଜଜ୍ ତଥା ସମ୍ପ୍ରତି ପୁରୀ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷା ପ୍ରତିମା ପଣ୍ଡା, ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ବାର୍ ଆସୋସିଏଶନର ସଭାପତି ପ୍ରେମାନନ୍ଦ ମହାନ୍ତି, ଜି .ଏମ. ଲ' କଲେଜ୍ ଏଲ୍‌ଏଲ୍‌ଏମ୍ ବିଭାଗ ଏଚ୍‌ଓଡି ଡ. ଲୋକନାଥ ସୁଆର, ଭାଗର ଅଧ୍ୟକ୍ଷା ରାଜଯୋଗିନୀ ବି କେ ପୁଷ୍ପା ଜି ମୂଲ୍ୟ ଆଧାରିତ ନ୍ୟାୟ ଉପରେ ନିଜ ନିଜର ସୁଚିନ୍ତିତ ଓ ବହୁ ତଥ୍ୟ ଆଧାରିତ ହୃଦୟସ୍ପର୍ଶୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ରର ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ଡ. ନିରୁପମା ରାଜଯୋଗର ସୁଖଦ ଅନୁଭୂତି କରାଇଥିଲେ। ପ୍ରାରମ୍ଭରେ ପ୍ରଭାଗର ଅନ୍ୟତମ ରାଷ୍ଟ୍ରୀୟ ସଂଯୋଜକ ଡକ୍ଟର ବି କେ ନଥମଲ୍ ଅତିଥିମାନଙ୍କର ପରିଚୟ ପ୍ରଦାନ କରାଇଥିଲେ। ଜୁରିଷ୍ଟ ୱିଙ୍ଗ୍‌ର ମୁଖ୍ୟାଳୟ ସଂଯୋଜିକା ବି କେ ଶ୍ରଦ୍ଧା, ସଂଯୋଜିକା ବି କେ ଯେଶୁ ମଞ୍ଚ ପରିଚାଳନା କରିଥିଲେ।

## ରାଜସ୍ଥାନ ପୁଷ୍କରରେ ହେଲା ବୃକ୍ଷରୋପଣ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ରାଜସ୍ଥାନର ପୁଷ୍କର ଠାରେ ଓଡ଼ିଶା ଯୁବ ଚେତନା ସଂଗଠନ, ଭକ୍ତି ନିର୍ମାଲ୍ୟ, ନ୍ୟାଶନାଲ ମିଡିଆ ଫାଉଣ୍ଡେଶନ ନୂଆଦିଲ୍ଲୀ ଓଡ଼ିଶା ଚାପ୍ଟର ଓ ନିର୍ମାଲ୍ୟ ଅନୁଷ୍ଠାନ ପକ୍ଷରୁ ରାଜସ୍ଥାନ ପୁଷ୍କରରେ ବୃକ୍ଷରୋପଣ କରାଯାଇଛି। ପ୍ରକୃତି ବନ୍ଧୁ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଡ. ବିଶ୍ୱନାଥ ମିଶ୍ର, ରଶ୍ମିରଞ୍ଜନ ଦାଶ, ରାଜେନ୍ଦ୍ର ମିଶ୍ର, ରଞ୍ଜନ କୁମାର ସାହୁ, ପୁଷ୍କର ପର୍ଯ୍ୟଟନ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ରାଠୋର, ହେମଜିତ ମାଲା ଓ ପଣ୍ଡିତ ପୁରୁଷୋତ୍ତମ ଦିବାକର ପ୍ରମୁଖ ପୁଷ୍କର ସରୋବର ଓ ଲେକ ରୋଡର ମାନମହଲ ପରିସରରେ ଓଲିଭ ଓ ଏସିଆ ଦେବଦାରୁ ବୃକ୍ଷରୋପଣ କରିଥିଲେ। ଓଡ଼ିଶା ବାହାରେ ଥିବା ତୀର୍ଥକ୍ଷେତ୍ର ଅଯୋଧ୍ୟା, ହରିଦ୍ୱାର, ସୋମନାଥ, ଦ୍ୱାରକା, ପୁଷ୍କର ଏବଂ ଗୁଜରାଟର ସାବରମତୀ ଆଶ୍ରମରେ ବୃକ୍ଷରୋପଣ ପରେ ଆଗାମୀ ମାସରେ ଭାରତବର୍ଷ ଅନ୍ୟତମ ଜ୍ୟୋର୍ତିର୍ଲିଙ୍ଗ ଝାଡ଼ଖଣ୍ଡର ବାବା ବୈଦ୍ୟନାଥଙ୍କ ଧାମ ଦେଓଘରଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ବଦ୍ରି ମିଶ୍ର ସୂଚନା ଦେଇଛନ୍ତି।

# ଅବୈଧ ମଦ ପରିବହନ ବିରୋଧରେ କଠୋର ଅଭିଯାନ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଦ୍ୱାରା ଅବୈଧ ମଦ ପରିବହନ ବିରୋଧରେ ଚାଲୁଥିବା କଠୋର ଅଭିଯାନରେ ବାସେଲୀସାହି ଥାନା ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ବାସେଲୀସାହି ଥାନା ପୋଲିସ ମଙ୍ଗଳାହାଟ ଛକ ନିକଟରେ ଚେକିଂ କରୁଥିବା ସମୟରେ ଅବୈଧ ଭାବେ ବିଦେଶୀ ମଦ ପରିବହନ କରୁଥିବା ଜଣେ ବ୍ୟକ୍ତିଙ୍କୁ ଧରିଥିଲେ। ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ କଣ୍ଟପୁରର କୁଶ ବରାଳ(୪୬)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ମୋଟ ୨୬୯ ବୋତଲ ବିଦେଶୀ ମଦ ଏବଂ ୧,୧୫,୦୦୦ ଟଙ୍କା ଜବତ କରିଛି। ଏ ନେଇ ବାସେଲୀସାହି ଥାନା ପୋଲିସ କେସ୍ ନଂ ୪୨/୨୬ରେ ମାମଲା ରୁଜୁ କରିଥିବା ବେଳେ ତଦନ୍ତ ଜାରି ରହିଛି। ପୁରୀ ପୋଲିସ ଅବୈଧ ମଦ ବିକ୍ରୟ ଓ ପରିବହନ ଉପରେ କଠୋର ନଜର ରଖିଛି ଏବଂ ଆଗାମୀ ଦିନରେ ଏପରି ଅଭିଯାନ ଜାରି ରହିବ। ଆଇନ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନସାଧାରଣଙ୍କୁ ଅନୁରୋଧ ଯଦି କେହି ଅବୈଧ ମଦ ବିକ୍ରୟ କିମ୍ବା ପରିବହନ ସମ୍ପର୍କରେ ସୂଚନା ପାଆନ୍ତି, ତେବେ ୧୧୨ କିମ୍ବା ନିକଟସ୍ଥ ଥାନାକୁ ତୁରନ୍ତ ଜଣାଇବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଉଛି।

# ସେବାନିବୃତ୍ତ ଶିକ୍ଷକ, ଶିକ୍ଷା ପ୍ରଶାସକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

କୋଣାର୍କ,୯।୨(ଜ୍ୟୋତିରାଜ ମହାନ୍ତି)



ଅବସର ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଗୋପ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ସେବା ନିବୃତ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବିନୋଦିନୀ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ସୀତାଂଶୁ ଭୂଷଣ ମହାପାତ୍ରଙ୍କୁ ଅବସର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ ଅବସର ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋପୀନାଥ କର, ମୁଖ୍ୟବକ୍ତା ଭାବେ କୋଣାର୍କ ଭଗବତୀ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଏବିଇଓ ଦେବେନ୍ଦ୍ର କୁମାର କାଣ୍ଡି, ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ସିଆର୍‌ସିସି ତ୍ରିଲୋଚନ ବେଜ, ସିଆର୍‌ସିସି ପ୍ରଭାକର ମଲ୍ଲିକ, ସିଆର୍‌ସିସି ହାଡ଼ିବନ୍ଧୁ ମଙ୍ଗରାଜ ଓ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ଗୁଣଗାନ କରିଥିଲେ।

# ୮୪ ଅଭିଯୋଗରୁ ୧୧ ଫଇସଲା

**ଜିଲାସ୍ତରୀୟ ଅଭିଯୋଗ ଶୁଣାଣି**

ପୁରୀ/କୃଷ୍ଣପ୍ରସାଦ,୯।୨(ଅଜିତ୍ କୁମାର ମହାନ୍ତି/କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ସୋମବାର କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୪ଟି ଅଭିଯୋଗ ମିଳିଥିଲା। ସେଥିରୁ ୭୫ଟି ବ୍ୟକ୍ତିଗତ, ୮ଟି ଗ୍ରାମ ସମ୍ବନ୍ଧୀୟ ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ୍ ୧୧ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଛି।

ଏହି ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ପ୍ରତୀକ ସିଂ, ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡା, ଭାରପ୍ରାପ୍ତ ତହସିଲ୍‌ଦାର ବିକାଶ କୁମାର ସେଠୀ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ, ଡିଏସ୍‌ପି ସୁଶାନ୍ତ କୁମାର ସାହୁ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଆଇଆଇସି ଚିତ୍ରାନନ୍ଦ ପ୍ରଧାନ, ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଡା. ନବକିଶୋର କର, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ନମିତା ଚାନ୍ଦ ନାୟକ, ସିଡିପିଓ ମନୋରମା ମହାପାତ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ମନୋରଞ୍ଜନ ସାହୁ, ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ହିମାଂଶୁ ଶେଖର ମାନ୍ଧାତା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିପ୍ରକାଶ ସାମଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଗୁମାନସିଂହ, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଆର୍‌ସିସି ସିଦ୍ଧେଶ୍ୱର କରଣ, ନୂଆପଡ଼ା ରେଞ୍ଜର ସୂର୍ଯ୍ୟକାନ୍ତ ମହାରଣା, ସାତପଡ଼ା ରେଞ୍ଜର ରଞ୍ଜନ କୁମାର ବେହେରା, ଅରଖକୁଦା ସାମୁଦ୍ରିକ ଥାନାଧିକାରୀ ନିରଞ୍ଜନ ବେହେରା, କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ମାଲୁଦ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ନାହାକ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ମାସ ୧୭ ତାରିଖ ମଙ୍ଗଳବାର ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

# ଐତିହ୍ୟ ପଦଯାତ୍ରା: ୨୦ ପଦଯାତ୍ରୀ ବୁଲିଲେ ପ୍ରାଚୀନ ହୋଟେଲ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)




ଐତିହ୍ୟ ପଦଯାତ୍ରୀମାନେ ପ୍ରାଚୀନ ହୋଟେଲ ପରିଦର୍ଶନ କରୁଛନ୍ତି।

ପୁରୀ ଐତିହ୍ୟ ପଦଯାତ୍ରାର ଅଷ୍ଟାଦଶ ସଂସ୍କରଣ ପଦଯାତ୍ରାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୨୦ଜଣ ପଦଯାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପୁରୀ ଭ୍ରମଣ ଓ ରହଣି ସମ୍ପର୍କିତ ସ୍ଥାନଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହ ସେମାନେ ରହୁଥିବା କେତୋଟି ପ୍ରାଚୀନ ହୋଟେଲ ତଥା ଭୋଜନାଳୟ ବୁଲି ଦେଖିଛନ୍ତି। ଐତିହ୍ୟାନ୍ୱେଷୀମାନେ ପ୍ରଥମେ ହୋଟେଲ ବେ ଭ୍ୟୁ ପାଖରୁ ଯାତ୍ରା ଆରମ୍ଭ କରି ହନି ବି କାଫେଠାରେ ପହଞ୍ଚିଥିଲେ। ସେଠାରେ ବିଦେଶୀ ପର୍ଯ୍ୟଟକଙ୍କ ରହଣି ଓ ଖାଦ୍ୟପେୟର ପସନ୍ଦ ବିଷୟରେ ଆଲୋଚକ ପ୍ରଶାନ୍ତ ମିଶ୍ର ବର୍ଣ୍ଣନା କରିଥିଲେ।

ପ୍ରାୟ ୧୯୬୦ ମସିହାରୁ ବିଦେଶୀମାନେ ପୁରୀ ଆସି ସିଟି ରୋଡ୍‌ରେ ରହିବା ଆରମ୍ଭ କରିଥିଲେ। ସ୍ଥାନୀୟ ଶାନ୍ତ ପରିବେଶ ସେମାନଙ୍କୁ ଏଠାରେ ରହିବାକୁ ପ୍ରେରିତ କଲା। ୭୦ ଦଶକ ବେଳକୁ ବିଦେଶୀ ସଂସ୍କୃତି, ସ୍ଥାନୀୟ ପାଶ୍ଚାତ୍ୟ ଲୋକଙ୍କ ମାଧ୍ୟମରେ ବ୍ୟାପିଥିଲା। ଏହି ସମୟରେ ସ୍ପେନ, ଇଟାଲୀ, ଜାପାନ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାକୁ ଲାଗିଥିଲା। ସେମାନଙ୍କ ମଧ୍ୟରେ ଓଡ଼ିଆ ଖାଦ୍ୟ ପ୍ରତି ବିଶେଷ ଆଗ୍ରହ ନ ଥିବାରୁ ସେମାନେ ରହୁଥିବା ଭୋଜନାଳୟର ରୋଷେୟାଙ୍କୁ ବିଭିନ୍ନ ବିଦେଶୀ ଖାଦ୍ୟ ରାନ୍ଧିବା ଶିଖାଇଥିଲେ। ନୂଆ ନୂଆ ବିଦେଶୀ ଖାଦ୍ୟ ଖାଇବାର କିଛି ମଜାଳିଆ ଅନୁଭୂତି ବଖାଣିଥିଲେ ଆଲୋଚକ।

ପୁରୀ ଐତିହ୍ୟ ପଦଯାତ୍ରାର ସଂଯୋଜକ ଡା. କୁମାର ଅରୋଜ୍ୟୋତି ମଧ୍ୟ ତାଙ୍କର କିଛି ଅନୁଭୂତି ବାଣ୍ଟିଥିଲେ। ପୁରୀ ଐତିହ୍ୟ ପଦଯାତ୍ରାର ସଂଯୋଜକ ଡାକ୍ତର କୁମାର ଅରୋଜ୍ୟୋତି ପଦଯାତ୍ରା ସଞ୍ଚାଳନ କରିବା ସହ ସହ-ସଂଯୋଜିକା ଅଶୋକା ମଞ୍ଜରୀ ନାୟକ ଏବଂ ଉପଦେଷ୍ଟା ବିଶ୍ୱରଞ୍ଜନ ଦେହୁରୀ ସହଯୋଗ କରିଥିଲେ। ଆଲୋଚକ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏଥିସହ ଉକ୍ତ ଯାତ୍ରାରେ ଜ୍ୟୋତ୍ସ୍ନା ମହାପାତ୍ର, ରାଜଶ୍ରୀ ସାହୁ, ମହେଶ୍ୱତା ବସୁ, ହିତେଶ ସେଠ, ତରଣୀସେନ ପଟ୍ଟନାୟକ, ସୁବ୍ରତ ବଳ, ବେଣୁଧର ବିଶ୍ୱାଳ, ତନ୍ମୟ ଚାଟାର୍ଜୀ, ବିଶ୍ୱଶାନ୍ତି ତ୍ରିପାଠୀ, ରାଜେଶ୍ୱର ମହାନ୍ତି, ପ୍ରିୟଙ୍କର ମହାରଣା, ବିନୋଦ ମହାନ୍ତି, ବିଶ୍ୱମୋହନ ସାହୁ, ସିଦ୍ଧାର୍ଥ ମହାପାତ୍ର ଓ ସାଇ ଶିବକୁମାର ପ୍ରମୁଖ ଐତିହ୍ୟପ୍ରେମୀ ଯୋଗଦେଇ ପଦଯାତ୍ରାକୁ ସଫଳ କରିଥିଲେ।

## ସଂକ୍ଷେପରେ

### କୁଶଭଦ୍ରା ନଦୀରୁ ନାବାଳକଙ୍କ ମୃତଦେହ ଜବତ

ବାଲିଅନ୍ତା,୯। ୨(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର କାକରୁଦ୍ରପୁର ଗ୍ରାମ ନିକଟସ୍ଥ କୁଶଭଦ୍ରା ନଦୀରୁ ସୋମବାର ଭାସୁଥିବା ଅବସ୍ଥାରେ ଜଣେ ନାବାଳକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ କାକରୁଦ୍ରପୁର ଗ୍ରାମର ସନ୍ତୋଷ ବେହେରାଙ୍କ ପୁଅ ଶୁଭମ ବେହେରା (୧୭)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଶୁଭମ ସୋମବାର ସକାଳ ପ୍ରାୟ ୯ଟାରେ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହାପରେ ସକାଳ ପ୍ରାୟ ୯ଟା ୪୫ରେ ଶୁଭମ ନଦୀ ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ସେମାନେ ଶୁଭମ୍‌ଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପାଣିରୁ ବାହାର କରିବା ସହ ପ୍ରଥମେ ଅଠାନ୍ତର ହସ୍ପିଟାଲ ଏବଂ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଶୁଭମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିଅନ୍ତା ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୁଭମ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବଡ଼ି ଯାଇଥିବା ଅରଶଙ୍କା କରାଯାଉଛି।

### ୧୯୯୮ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ବାଲିଅନ୍ତା,୯।୨(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ମହାରଥା ବିଦ୍ୟାପୀଠର ୧୯୯୮ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ନହରକଣ୍ଟାସ୍ଥିତ ବିଦ୍ୟାଳୟ ସମ୍ମୁଖ ଖେଳପଡିଆ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ବିଦ୍ୟାଳୟରେ ପାଠ ପଢ଼ିବା ସମୟର ସ୍ମୃତି ଓ ଅନୁଭୂତିକୁ ବଖାଣିଥିଲେ। ଦୀର୍ଘ ୨୭ ବର୍ଷ ପରେ ଏକାଠି ଭେଟଘାଟ ହେବା ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ କିରଣ ବାଳ ସ୍ୱାଇଁ, ଶାନ୍ତିଲତା ଦେଇ, ନୟନା କୁମାରୀ ଖଟୁଆ, ଗଙ୍ଗାଧର ବେହେରା, ତ୍ରିଲୋଚନ ପଣ୍ଡା, ବାବାଜୀ କୁମାର ଓ ଅରୁଣ କୁମାର ଶ୍ରୀଚନ୍ଦନଙ୍କୁ ପୁରାତନ ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରମାନେ ନିଜର ପ୍ରିୟ ଗୁରୁ ମା' ଓ ଗୁରୁଙ୍କୁ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରିବା ସହ ଉପଢ଼ୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ ମାଆ ଓ ବାପାଙ୍କୁ ଉଚିତ ସମ୍ମାନ ଦେବା, ଠିକ ଭାବରେ ସେମାନଙ୍କ ଯତ୍ନ ନେବା ସହ ପିଲାମାନଙ୍କୁ ଭଲ ମଣିଷ ଭାବରେ ଗଢ଼ି ତୋଳିବାକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ସଭାକୁ ସୌଭାଗ୍ୟ ମହାପାତ୍ର ପରିଚାଳନା କରିଥିବା ବେଳେ ଡ. ସତ୍ୟ ପ୍ରକାଶ ରାୟ ଚୋଧୁରୀ ଧନ୍ୟବାଦ ଦେଇଥିଲେ।

# ନକଲି ପାସ୍‌ଧାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

### ଲିଙ୍ଗରାଜଙ୍କ ଜାଗରଯାତ୍ରା: ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର,୯।୨(ସୌମ୍ୟରଞ୍ଜନ ରାଉତ)



ଜାଗରଯାତ୍ରା ସମୀକ୍ଷା ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହିତ ବିଧାୟକ, ମେୟର, ସେବାୟତଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ନୀତିକାନ୍ତି ଓ ଜାଗରଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସୋମବାର ବିଭିନ୍ନ ବିଭାଗ, ନିଯୋଗ ଓ ସେବାୟତ ପ୍ରତିନିଧିଙ୍କୁ ନେଇ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାଗରଯାତ୍ରା ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ପୂରା ପ୍ରସ୍ତୁତି ବ୍ୟବସ୍ଥାର ସମୀକ୍ଷା କରି କହିଲେ, ଲିଙ୍ଗରାଜ ମହାପ୍ରଭୁଙ୍କ ଜାଗରଯାତ୍ରାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ରହୁଥିବା ଶିବଭକ୍ତମାନେ ଚାହିଁ ରହିଥାନ୍ତି। ଜାଗରଯାତ୍ରା ଭଳି ମହୋତ୍ସବ କେବଳ ଜଣଙ୍କ ଉଦ୍ୟମରେ କେବେ ବି ସମ୍ଭବ ନୁହେଁ। ଏଥିପାଇଁ ସେବାୟତସମୂହ, ନିଯୋଗ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ମହାନଗର ନିଗମ, ଅଗ୍ନିଶମ ସେବା ଓ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମୟ ଅନୁସାରେ ନୀତିକାନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନଠାରୁ ଆରମ୍ଭ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସାରିବାକୁ ହେବ। ଜାଗର ଅବସରରେ ବିଶୃଙ୍ଖଳାର ଅନ୍ୟତମ କାରଣ ସାଜିଥିବା ନକଲି ପାସ୍‌ଧାରୀ ସେବାୟତ ଏବଂ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମନ୍ଦିର ପରିସର ସଫେଇ ବ୍ୟବସ୍ଥା, ଆଲୋକୀକରଣ, ବାରିକେଟିଂ, ପାର୍କିଂ, ପରିମଳ, ପାନୀୟ ଜଳ ବ୍ୟବସ୍ଥା, ଭକ୍ତଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଛାୟାକରଣ ଓ ପବନ ଚଳାଚଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଭିଡ଼ ଓ ଟ୍ରାଫିକ ପରିଚାଳନା, ମନ୍ଦିର ତଥା ଆଖପାଖ ଅଞ୍ଚଳର ସାଜସଜ୍ଜା, କଣ୍ଟ୍ରୋଲ ରୁମ୍, ସିସିଟିଭି ବ୍ୟବସ୍ଥା ଏବଂ ଗଣମାଧ୍ୟମ ଜରିଆରେ ସୁଚାରୁରୂପେ ଏହାର ପ୍ରସାରଣ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର ସୁଲୋଚନା ଦାସ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲାପାଳ ରମେଶ କୁମାର ଜେନା, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର, ଅବକାରୀ ବିଭାଗ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ମହାନ୍ତିଙ୍କ ସମେତ ମନ୍ଦିର ନିଯୋଗ, ସେବାୟତ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ପୂର୍ତ୍ତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଟିପିସିଓଡିଏଲ୍, ୱାଟ୍‌କୋ, କ୍ରୁଟ୍, କ୍ୟାପିଟାଲ ହସ୍ପିଟାଲ ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସିଜିୟୁରେ ବଜାଜ୍ ସର୍ଭିସ୍ ଟେକ୍ନିସିଆନ୍ ଏକ୍ସିଲେନ୍ସ କାର୍ଯ୍ୟକ୍ରମ



ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି(ସିଜିୟୁ) ଓ ବଜାଜ୍ ଅଟୋ ଫାଉଣ୍ଡେଶନ ପକ୍ଷରୁ ବଜାଜ୍ ସର୍ଭିସ୍ ଟେକ୍ନିସିଆନ୍ ଏକ୍ସିଲେନ୍ସ ପ୍ରୋଗ୍ରାମ ସୋମବାର ଆରମ୍ଭ ହୋଇଛି। ବଜାଜ୍ ଫାଉଣ୍ଡେଶନର ଏହି ଫ୍ଲାଗଶିପ୍ କାର୍ଯ୍ୟକ୍ରମ ଆର୍ଥିକ ଅନଗ୍ରସର ଯୁବପିଢ଼ିଙ୍କୁ ମାଗଣା ତଥା ସ୍ୱଳ୍ପାବଧି ଦକ୍ଷତାମୂଳକ ପ୍ରଶିକ୍ଷଣ ଦେଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ୪ ମାସର ହ୍ୟାଣ୍ଡ୍‌ସ ଅନ୍ ପ୍ରଶିକ୍ଷଣରେ ୨ ଓ ୩ ଚକିଆ ଯାନ ପାଇଁ ଆଇସିଇ, ସିଏନ୍‌ଜି ଓ ଇଭି ପ୍ରଯୁକ୍ତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ସିଜିୟୁର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାୟୀ ରୋଜଗାର ସୁଯୋଗ ସୃଷ୍ଟିରେ ଶିଳ୍ପ ଅନୁକୂଳ ଦକ୍ଷତାଭିତ୍ତିକ ଶିକ୍ଷାର ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷଣ ପାଇଁ ସିଜିୟୁ ସ୍ଥାନ ପ୍ରଦାନ କରୁଥିବାବେଳେ ବଜାଜ୍ ଫାଉଣ୍ଡେଶନ ଅତ୍ୟାଧୁନିକ ଲାବରେଟେରି ଓ କର୍ମଶାଳା ଭିତ୍ତିଭୂମି ସ୍ଥାପନ କରିଛି। ଏହାକୁ ଟାଟା ଷ୍ଟ୍ରାଇଭ୍ କାର୍ଯ୍ୟାନ୍ୱିତ କରୁଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ବଜାଜ୍ ଅଟୋ ଲିମିଟେଡ୍‌ର ସିଏସ୍‌ଆର୍ ଉପାଧ୍ୟକ୍ଷ ସୁଧାକର ଗୁଡ଼ିପାଟି, ଟାଟା ଷ୍ଟ୍ରାଇଭ୍‌ର ଆର୍ଥିକ ବିଭାଗ ମୁଖ୍ୟ ଭେଙ୍କଟ ରାଇଡୁ, ସିଜିୟୁ କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରଫେସର ଅମୂଲ୍ୟ ମହାପାତ୍ର ଏବଂ ରେଜିଷ୍ଟ୍ରାର ଡା. ବିନିତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଟାଟା ଷ୍ଟ୍ରାଇଭ୍‌ର ସ୍ମୃତି ରଞ୍ଜନ ଧନ୍ୟବାଦ ଦେଇଥିଲେ।

## ହିନ୍ଦୀ କୁଇଜ୍ ପ୍ରତିଯୋଗିତାରେ ପୂର୍ବତଟ ରେଳପଥ ତୃତୀୟ



ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ରେଳ ମନ୍ତ୍ରଣାଳୟ ଅଧୀନ ରେଳ ବୋର୍ଡ ପକ୍ଷରୁ ଅନୁଷ୍ଠିତ ସର୍ବଭାରତୀୟ ରେଳ ହିନ୍ଦୀ କୁଇଜ ପ୍ରତିଯୋଗିତାରେ ପୂର୍ବତଟ ରେଳପଥ ତୃତୀୟ ସ୍ଥାନ ହାସଲ କରିଛି। ସିକନ୍ଦରାବାଦର ଇଣ୍ଡିଆନ ରେଲ୍‌ୱେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତୀୟ ରେଳପଥର ବିଭିନ୍ନ ଜୋନାଲ ରେଳପଥ ଏବଂ ଉତ୍ପାଦନ ୟୁନିଟଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ୨୮ଟି ଦଳ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ୧୨୦ରୁ ଅଧିକ ଅଧିକାରୀ ଏବଂ କର୍ମଚାରୀ ରହିଥିଲେ। ମୁଖ୍ୟ ଅତିଥି ଭାବେ ରେଳ ବୋର୍ଡର ଅତିରିକ୍ତ ସଦସ୍ୟ (ମାନବ ସମ୍ବଳ) ଡା. ଭି. ଜି. ଭୂମା ଏବଂ ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ (ରାଜଭାଷା) ଡ. ଭି. ସୁଗୁଣା ଯୋଗଦେଇଥିଲେ। ଏହି ସଫଳତା ପାଇଁ ପୂର୍ବତଟ ରେଳପଥର ଟିମ୍‌କୁ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ମାନିତ କରିଥିଲେ।

## ଧର୍ମଘଟକୁ କୃଷକ ସଭାର ସମର୍ଥନ

ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟକୁ ଅଖିଳ ଭାରତ କୃଷକ ସଭା ସମର୍ଥନ ଦେଇଛି। ଏନେଇ କୃଷକ ସଭାର ଜାତୀୟ ଉପସଭାପତି ଆଶିଷ କାନୁନ୍‌ଗୋ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସେ କହିଛନ୍ତି, ଶ୍ରମିକ, ଚାଷୀ, ଗରିବ, ମଧ୍ୟବିତ୍ତ ଲୋକଙ୍କ ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି। ୪ଟି ଶ୍ରମ କୋଡ୍‌କୁ ବାତିଲ କରିବା, ବିଦ୍ୟୁତ ବିଲ୍ ୨୦୨୫ ପ୍ରତ୍ୟାହାର କରିବା, ଭିବି-ଜି-ରାମ୍-ଜୀ ଆଇନକୁ ବାତିଲ କରି ମନରେଗା ଆଇନକୁ ମଜଭୁତ କରି ୨୦୦ ଦିନ କାମ ସହିତ ୭୦୦ ଟଙ୍କା ମଜୁରି ଦେବା, ବିହନ ବିଲ୍ ୨୦୨୫ ବାତିଲ କରିବା, ଚାଷୀର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ ଗ୍ୟାରେଣ୍ଟି ଦେବା, ଶ୍ରମିକଙ୍କୁ ମାସିକ ୨୭ ହଜାର ମଜୁରି ଦେବା, ଆଦିବାସୀଙ୍କୁ ଜଙ୍ଗଲ ଜମି ଉପରେ ଅଧିକାର ଦେବା, ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ଦେବା ଦାବି ନେଇ ଦିଆଯାଇଥିବା ସାଧାରଣ ଧର୍ମଘଟକୁ ସବୁ କ୍ଷେତ୍ରରେ ସଫଳ କରିବାକୁ ସେ କୃଷକ ସଭାର ସମସ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମୀଣ ଓଡ଼ିଶାର ଚାଷୀ, ମୂଲିଆମାନେ ରାଜରାସ୍ତାକୁ ଓହ୍ଲାଇ ଧର୍ମଘଟରେ ସାମିଲ ହେବାକୁ କାନୁନ୍‌ଗୋ ଆହ୍ୱାନ ଦେଇଛନ୍ତି।

## ଇଡ୍‌କୋ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ଉଷା ପାଢ଼ୀ



ଭୁବନେଶ୍ୱର, ୯।୨(ବନ୍ଦନା ସେଠୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସୋମବାର ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର ଅଧ୍ୟକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ପାଢୀ ଇଡ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସହ ବୈଠକ କରିଥିଲେ। ଚାଲୁ ରହିଥିବା ପ୍ରକଳ୍ପଗୁଡିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ଓ ରାଜ୍ୟରେ ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ କରିବା ପାଇଁ ରୋଡ୍‌ମ୍ୟାପ୍ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପ୍ରକଳ୍ପଗୁଡିକର ସ୍ୱଚ୍ଛତା, ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ପୁଞ୍ଜିନିବେଶକାରୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ଜୋର୍ ଦେଇଥିଲେ। ଶିଳ୍ପ ଭିତ୍ତିଭୂମି ସହିତ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇ ଅଧ୍ୟକ୍ଷା ପାଢୀ କହିଲେ, ରାଜ୍ୟରେ ଜମି ବିକାଶ ଏବଂ ଭିତ୍ତିଭୂମି ନିର୍ମାଣ ମାଧ୍ୟମରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଇଡ୍‌କୋର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିଳ୍ପାଞ୍ଚଳଗୁଡ଼ିକରେ ଉନ୍ନତ ନାଗରିକ ସୁବିଧା, ପରିବହନ ଏବଂ ସ୍ଥାୟୀ ଭିତ୍ତିଭୂମି ସହିତ ସୁନିୟୋଜିତ ଶିଳ୍ପ ଟାଉନ୍‌ଶିପ ଗଠନ କରାଯିବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ସନ୍ତୁଳିତ ଓ ସମନ୍ୱିତ ବିକାଶ ସମ୍ଭବ ହୋଇପାରିବ ବୋଲି ସେ ମତ ରଖିଥିଲେ।

## ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ପୁରୁଣା ଭୁବନେଶ୍ୱର,୯।୨(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ହାଟସାହି ସ୍ଥିତ ଶ୍ୟାମା ଶଙ୍କର ମଠ ପରିସରରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ଏକ ବର୍ଷ ପୂର୍ତ୍ତି ଅବସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଗତ ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏହି ଅବସରରେ ସନ୍ଥ ସୀତାରାମ ଦାସ ଓଁକାର ନାଥଙ୍କ ୧୩୫ ତମ ଜନ୍ମ ଉତ୍ସବ ମଧ୍ୟ ପାଳିତ ହୋଇଥିଲା। କଳସ ଯାତ୍ରା, ହୋମ, ଯଜ୍ଞ ଏବଂ ଆହୋରାତ୍ର ଭଜନ କୀର୍ତ୍ତନରେ ସାମିଲ ହୋଇଥିଲେ ବୃନ୍ଦାବନ ମଠାଧିସ। ବୃନ୍ଦାବନ ସାଧୁ ଏବଂ ଖଡିନାସି ଆଶ୍ରମ ସଭାପତି ଗୌତମ ଦାସ, ପଣ୍ଡିତ ପ୍ରଭାକର ମିଶ୍ର ଉପସ୍ଥିତ ଥିଲେ। ଯଜ୍ଞରେ ବ୍ରାହ୍ମଣମାନେ ପରିଚାଳନା କରିଥିଲେ। ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି ସମସ୍ତ କାର୍ଯ୍ୟକ୍ରମର ତଦାରଖ କରିଥିଲେ।

## ବିକଶିତ ଓଡ଼ିଶା ଗଠନ ପାଇଁ ଐତିହ୍ୟ, ପରମ୍ପରାର ପୁନରୁଦ୍ଧାର ଜରୁରୀ

### ବଡଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)



ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କହିଲେ, ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଐତିହ୍ୟ ଓ ପରମ୍ପରାର ପୁନରୁଦ୍ଧାର ଜରୁରୀ। ଏଥିସହ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ ଉପରେ ସେ ଆଲୋକପାତ କରିଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ଛାତ୍ର ସଂସଦର ସମ୍ପାଦକ ପ୍ରତାପ କୁମାର ଜେନା ଯୋଗଦେଇ ପ୍ରକୃତ ରୂପାନ୍ତରଣ ପାଇଁ ସାମୂହିକ ପ୍ରଚେଷ୍ଟା ଓ ପାରସ୍ପରିକ ସହଯୋଗର ଗୁରୁତ୍ୱ ପ୍ରତିପାଦନ କରିଥିଲେ। ୪୪ ନମ୍ବର ୱାର୍ଡର କର୍ପୋରେଟର ଅଜିତ କୁମାର ବେହେରା ଯୋଗଦେଇ ଏକ ସ୍ୱୟଂସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ନିମନ୍ତେ ଶିକ୍ଷକ, ଶିକ୍ଷାର୍ଥୀ ଏବଂ ଶିକ୍ଷଣୀୟ ପରିବେଶ ମଧ୍ୟରେ ସନ୍ତୁଳନର ମହତ୍ତ୍ୱ ବୁଝାଇଥିଲେ। ୪୫ ନମ୍ବର ୱାର୍ଡର କର୍ପୋରେଟର ଅମରେଶ ଜେନା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଭକ୍ତଚରଣ ପାଇକରାୟ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଭୁକଲ୍ୟାଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବେବିଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗ୍ରାମ ମାର୍ଥା, ପ୍ରଭାତ ଦଳବେହେରା, ଆଦିତ୍ୟ ଗଜେନ୍ଦ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିତା ଚାନ୍ଦ ଉପସ୍ଥିତ ଥିଲେ।

**OFFICE OF THE EXECUTIVE ENGINEER**
**Drinking Water and Sanitation Mechanical Division, Dhanbad**

**Short Notice Inviting e-Quotation**

**Notice No:-04/2025-26**

Government of Jharkhand through its Public Works Department (PWD) is engaged in framing/revision of Schedule of Rates and as part of this endeavor, quotations through e-tender are invited for SOR "Material" Pump, Motor, Pressure gauge, Lightning Arrester, Transformer, Cable, Foot Valve, Stabilizer, Termination Kit etc items pertaining to drinking water supply from Reputed Manufacturers/Authorized Dealers for respective items conforming to the specifications for inclusion in the Schedule of Rates for Government of Jharkhand to be used in different Civil construction/ infrastructure works and repair works shall be submitted online in the website http://Jharkhandtenders.gov.in. Details and list of materials are available on the above e-tender portal. The quotationer may download the documents from the website and quote their firm item rate excluding taxes for the Materials online from 11.02.2026 at 02:30 hrs. to 24.02.2026 at 05:00 hrs. The quotation will be opened on 25.02.2026 at 02:00Hours.

The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

**Address for Communication:-**
Office of the Executive Engineer
Drinking Water & Sanitation Mechanical Division,
Dhanbad.
Address : Near Kumar Fuels Opp. Water Tower Dhansar, Dhanbad- 828106.
Landline No : 0326-2308988
e-mail ID :ee.mechdivisiondhanbad003@gmail.com.

**Executive Engineer,**
**D.W. & S. Mechanical Division**
**Dhanbad.**

PR 372668 Drinking Water and Sanitation(25-26)#D

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ମହାନଦୀ ବିହାର ଶାଖା**
ପ୍ଲଟ୍ ନଂ.: ୧୩୩୭, ମହାନଦୀ ବିହାର,
ଜିଲ୍ଲା: କଟକ, ପିନ୍ - ୭୫୩୦୦୪

**ଡିମାଣ୍ଡ ନୋଟିସ୍**

ଆମର ମହାନଦୀ ବିହାର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାନଦୀ ବିହାର ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ କେ ସି ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଜେନା,** ସା/ପୋ.: ନୟାବଜାର, ଥାନା: ସିଆର୍‌ଆର୍‌ଆଇ, ଜିଲ୍ଲା: କଟକ-୭୫୩୦୦୪ / **ଗ୍ୟାରେଣ୍ଟିଦାତା/ ବନ୍ଧକଦାତା: ଶ୍ରୀମତୀ କଳ୍ପଲତା ସାହୁ,** ସ୍ୱାମୀ: ଶ୍ରୀ ଦିଲ୍ଲିପ କୁମାର ସାହୁ, ସା.: କପାଳେଶ୍ୱର, ଶିବାନୀ ମନ୍ଦିର ନିକଟ, ପୋ/ଥାନା: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୨୫ | ୧)କ୍ୟାଶ କେଡ୍ରିଟ୍ ୨)ଏମ୍‌ଏସ୍‌ଏମ୍‌ଇ ୩)ଏମ୍‌ଏସ୍‌ଏମ୍‌ଇ | ୨୬.୦୧.୨୦୨୬ / ୦୩.୦୨.୨୦୨୬ / ଟ.୪୮,୮୬,୧୯୦.୪୩ + ସେବାବଦ ଭବିଷ୍ୟତ ସୁଧ ଏବଂ ଦେୟ | **ଶ୍ରୀମତୀ କଳ୍ପଲତା ସାହୁଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୬୭/୪୩୭୯, ଖାତା ନଂ.: ୮୫୯/୧୬୦୩, ଗ୍ରାମ/ମୌଜା: କପାଳେଶ୍ୱର, ୱାର୍ଡ: ଚୌଦ୍ୱାର ମ୍ୟୁନିସିପାଲିଟି: ୧୭, ଜିଲ୍ଲା: କଟକ, **ସମୁଦାୟ କ୍ଷେତ୍ର: ଏକର ୦.୦୮୦ ଡିସିମିଲି ଯାହା ୩୪୮୫ ବର୍ଗଫୁଟ,** ଏହାର ଚରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ଜେଠୀଙ୍କ ବାସସ୍ଥାନ, ପୂର୍ବ: ଶ୍ରୀ ଜୟନ୍ତ ପରିଡା, ପଶ୍ଚିମ: ଶ୍ରୀ ଜୟନ୍ତ ପରିଡା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଆମ୍ଭ ସହିତ ଆପଣ ସହଯୋଗ କରିବାରେ ବିଫଳ ହେଲେ ତେଣୁ ଆମ୍ଭେ ସୁରକ୍ଷିତ ଋଣଦାତା ଭାବେ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ଅନୁଯାୟୀ ଯେକୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରିବାକୁ ହକ୍‌ଦାର ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ : କଟକ, ତାରିଖ : ୦୯.୦୨.୨୦୨୬** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# କୃଷକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବ ଛତୁଚାଷ

ତ୍ରିଶୂଳିଆ,୯।୨(ତୁଷାର କାନ୍ତବେହେରା)




ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ବିଭାଗ ପକ୍ଷରୁ 'ଛତୁ ଉତ୍ପାଦନ ଏବଂ ମୂଲ୍ୟବୃଦ୍ଧି ଉତ୍ପାଦ' ପ୍ରସ୍ତୁତି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଭଳି ପାଳଛତୁ ଏବଂ ଧିଙ୍ଗିରି ଛତୁରୁ ବଡ଼ି, ଭୁଜିଆ ଏବଂ ଆଚାର ଭଳି ସ୍ୱାଦିଷ୍ଟ ତଥା ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରାଯାଇ ପାରିବ ସେ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରୁ ଯୋଗଦେଇଥିବା ଛତୁ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଥପୁର-ବାଙ୍କୀ, ଭୁବନେଶ୍ୱର, କଟକ ଏବଂ ପୁରୀ ଭଳି ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୮୦ଜଣ ଛତୁ ଚାଷୀ ଯୋଗଦେଇଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ତରଫରୁ ସେମାନଙ୍କୁ ସହକାରୀ ପ୍ରାଧ୍ୟାପିକା ଡ. ଚିନ୍ମୟୀ ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପ୍ଲାଣ୍ଟ ପାଥୋଲଜି ବିଭାଗ ମୁଖ୍ୟ ଡ. ଦେବାଞ୍ଜନା ଦେବନାଥ, ଏହି ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଆର୍ଯ୍ୟ ଗୌତମ ପଣ୍ଡା, ସହକାରୀ ପ୍ରାଧ୍ୟାପିକା ଡ. ବୁଲବୁଲ ବବଲୀନା, ଏଗ୍ରିକଲଚର ଏକ୍ସଟେନସନ ସହକାରୀ ପ୍ରାଧ୍ୟାପକ ଡ. ଶୁଭ୍ରଜ୍ୟୋତି ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଅନ୍ତର୍ଗତ ଛତୁ ମଡେଲ ଉପରେ କାର୍ଯ୍ୟ କରୁଥିବା ଚତୁର୍ଥ ବର୍ଷ ବିଦ୍ୟାର୍ଥୀମାନେ ସ୍ୱେଚ୍ଛାସେବୀ ଭାବରେ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସୁରୁଖୁରୁ ଭାବରେ ପରିଚାଳନା କରିଥିଲେ। କୃଷକମାନଙ୍କର ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବାକୁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ମାନବ ସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ସମସ୍ତ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ।

## ସଂକ୍ଷେପରେ

### ଦୋଳଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବାଙ୍କୀ,୯।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁଣ୍ଡଳୀସ୍ଥ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରଠାରେ ଉନବିଂଶ ମଣ୍ଡଳ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସୋମବାର ଦୋଳଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀନିବାସ ରଥ ସଭାପତିତ୍ୱ କରିବା ସହ ଦୋଳଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଅମିୟ ସାମନ୍ତରାୟ, ସମ୍ପାଦକ ଅମୂଲ୍ୟ କୁମାର ରାଉତ, ମହନ୍ତ ସରୋଜ କାନ୍ତ ରାୟ, ବିଶ୍ୱନାଥ ସାହୁ, ସୁଧାକର ବଡଜେନା, ଧୈର୍ଯ୍ୟଧର ରାଉତ, ସରୋଜ ସାହୁ, ସହଦେବ ସାହୁ, ଯଶବନ୍ତ ସିଂହ ପ୍ରମୁଖ ଯୋଗଦେଇ ସେମାନଙ୍କର ମତାମତ ପ୍ରଦାନ କରିଥିଲେ।

### ଆଇନଜୀବୀ ସ୍ୱର୍ଗତ ଶ୍ରୀନିବାସ ମହାପାତ୍ରଙ୍କ ସ୍ମୃତିଚାରଣ ସଭା

ବାଙ୍କୀ,୯।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବାର୍‌ର ପୂର୍ବତନ ସଭାପତି ତଥା ସୁବର୍ଣ୍ଣପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଶ୍ରୀନିବାସ ମହାପାତ୍ରଙ୍କ ସ୍ମୃତିଚାରଣ ସଭା ତାଙ୍କ ଗ୍ରାମ ବାଙ୍କୀ ବ୍ଲକ ଅନ୍ତର୍ଗତ ରତାଗଡ଼ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ଆଇନଜୀବୀ ତଥା ବାଙ୍କୀ ଉପନଗରପାଳ ସନ୍ତୋଷ କୁମାର ରଣା ସଭାପତିତ୍ୱ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢୀ, ସନାତନ ବେହେରା, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଆଇନଜୀବୀ ପ୍ରଦୀନ ପଟ୍ଟନାୟକ, ସରକାରୀ ଓକିଲ ଉତ୍କଳମଣି ମନ୍ତ୍ରୀ, ସମାଜସେବୀ ଯୁଗୋଳ କିଶୋର ଭୂତ, ବ୍ଲକ ପୂର୍ବତନ ଅଧ୍ୟକ୍ଷ କାହ୍ନୁଚରଣ ସିଂହ, ବିକ୍ରମ ସାହୁ, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଜନହିତକର କାର୍ଯ୍ୟକ୍ରମ ଓ ଜଣେ ଆଦର୍ଶ ଆଇନଜୀବୀ ଭାବେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ମାନସ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### କୁନି ପିଲାଙ୍କ ସହ ସାମିଲ ହେଲେ କଣ୍ଠଶିଳ୍ପୀ ଟି.ସୌରୀ

କଟକ ସଦର,୯।୨(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଅଥଙ୍ଗାସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଦିବାରାତ୍ର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କୁନି ପିଲାମାନଙ୍କ ସହ ଖ୍ୟାତନାମା କଣ୍ଠଶିଳ୍ପୀ ଟି.ସୌରୀ ସାମିଲ ହୋଇ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ୧ମରୁ ଦଶମ ଶ୍ରେଣୀର ବାଳିକା ଓ ବାଳକମାନେ କଣ୍ଠଶିଳ୍ପୀ ସୌରୀଙ୍କ ସହ ମିଳିତ ନୃତ୍ୟ,ଗୀତ ପରିବେଷଣ କରିବା ସହ ଅତିଥି ଓ ସାଧାରଣ ଜନତାଙ୍କୁ ମୁଗ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପୋଲିସ ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ (ଆଇପିଏସ୍), ଉମେଶ ଚନ୍ଦ୍ର ଜେନା, ବୈଜୟନ୍ତୀ ଜେନା, ଖଲି କୁଜ ଯମାନ, ନରେଶ ଚନ୍ଦ୍ର ଜେନାଙ୍କ ସମେତ ଅଥଙ୍ଗା, ବମ୍ଫୁରି, କୋରପଦା ଅଞ୍ଚଳର ଅଭିଭାବକମାନେ ଉପଭୋଗ କରିଥିଲେ।

# ଚିକିତ୍ସାଧୀନ ଯୁବକ ମୃତ : ମୃତଦେହ ରଖି ରାସ୍ତାରୋକୋ

**ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ ଘଟଣା**

- ବାପାଙ୍କ ମୃତ୍ୟୁ ପରେ ଚାକିରି ନ ମିଳିବାରୁ ଚରମ ନିଷ୍ପତ୍ତି
- ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



ମୃତଦେଇ ରଖି ଗ୍ରାମବାସୀ ଓ ପରିବାର ଲୋକେ ରାସ୍ତାରୋକୋ କରିଛନ୍ତି।

ବାଙ୍କୀ, ୯।୨( ଶୁଭେନ୍ଦୁ ମହାପାତ୍ର ):

କଟକ ଜିଲା ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ୍ ଅଧୀନ ଓସ୍ତିଆ ପଞ୍ଚାୟତସ୍ଥିତ ବିଷ୍ଣୁପୁର ଗ୍ରାମରେ ରବିବାର ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ଅମିୟ ରଞ୍ଜନ ସିଂଙ୍କ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବାପାଙ୍କ ମୃତ୍ୟୁ ପରେ ତାଙ୍କ ଚାକିରି ନ ମିଳିବାରୁ ଅମିୟ ନିରାଶ ହୋଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ଏନେଇ ପରିବାର ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବରପାଇ କଟକ ଗ୍ରାମାଞ୍ଚଳ ଏସ୍‌ପି ବିନିତ୍ କୁମାର ଅଗ୍ରୱାଲ, ବାଙ୍କୀ ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଉପଜିଲାପାଳ ପ୍ରଣବ କୁମାର ବେହେରା, ତହସିଲଦାର ଅଶେଷ କୁମାର ନାୟକ ପ୍ରମୁଖ ଗାଁରେ ପହଞ୍ଚି ପରିବାର ଲୋକଙ୍କୁ ଭେଟି ସାନ୍ତ୍ୱନା ଦେଇଥିଲେ। ସନ୍ଧ୍ୟାରେ ପରିବାର ଲୋକେ ଗ୍ରାମବାସୀଙ୍କ ସହ ମିଶି ଜାତମୁଣ୍ଡିଆ-ସୁବର୍ଣ୍ଣପୁର ସେତୁ ଉପରେ ଅମିୟଙ୍କ ମୃତଦେହ ରଖି ନ୍ୟାୟ ଦାବିରେ ଧାରଣା ଦେଇଥିଲେ। ଏହାପରେ କଟକ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ସାହୁ, ତହସିଲଦାର ଅଶେଷ କୁମାର ନାୟକ, ଏସ୍‌ଡିପିଓ ଦାୟିତ୍ୱରେ ଥିବା ନିରଞ୍ଜନ ଶବର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହ ପରିବାରର ଜଣଙ୍କୁ ଚାକିରି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଦାବି ପୂରଣ ନ ହେଲେ ଉପଜିଲାପାଳ ଓ ତହସିଲ ଅଫିସ ଘେରାଉ କରାଯିବ ବୋଲି ପରିବାର ପକ୍ଷରୁ ଚେତାବନୀ ଦିଆଯାଇଛି। ଧାରଣା ଯୋଗୁ ପ୍ରାୟ ଏକ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହାପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ବାପା ଅର୍ଜୁନ ନାଏକ ଭୂତଳ ଜଳସମ୍ପଦ ବିଭାଗରେ ହେଡ୍‌କ୍ଲର୍କ ଭାବେ କାର୍ଯ୍ୟ କରୁଥିଲେ। ଅବସର ନେବାକୁ ଆହୁରି ୨ ବର୍ଷ ଥିଲାବେଳେ ୨୦୧୯ରେ ଅର୍ଜୁନଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ବାପାଙ୍କ ସ୍ଥାନରେ ଅମିୟ ଚାକିରି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ଏହି ଆବେଦନକୁ ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରି ନ ଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ରବିବାର ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କ ଶରୀରର ପ୍ରାୟ ୮୦ ଭାଗ ପୋଡ଼ିଯାଇଥିଲା। ପରିବାର ଲୋକ ତାଙ୍କୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ।

## ଛାତ୍ରାବାସରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ସାଲେପୁର,୯।୨(ଅରବିନ୍ଦ ଭୂୟାଁ):

ସାଲେପୁର ଶିଶୁମନ୍ଦିର ନିକଟସ୍ଥ ବିଏନ୍‌ବି ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରାବାସରେ ସୋମବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଛାତ୍ରାବାସ ଗୃହରୁ ଜଣେ ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମୁଣ୍ଡିଲୋ ନରସିଂହପୁର ଅଞ୍ଚଳର ଚନ୍ଦ୍ରଶେଖର ସେଠୀଙ୍କ ପୁଅ ଓମ୍ ପ୍ରକାଶ(୧୬)। ସେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୨ ପ୍ରଥମ ବର୍ଷ ବିଜ୍ଞାନ ବିଭାଗ ଛାତ୍ର ଥିଲେ। ସହପାଠୀ ଓ ଶିକ୍ଷାନୁଷ୍ଠାନ ମାଲିକ ଓମ୍‌ପ୍ରକାଶଙ୍କୁ ଝୁଲନ୍ତା ଅବସ୍ଥାରୁ ବାହାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମୃତକଙ୍କ ମା'ବାପା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପରେ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ଥାନାରେ ମାମଲା(ନଂ.୯୩/୨୬) ରୁଜୁ ହୋଇଛି। ଓମ୍ ପ୍ରକାଶଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ମହେଶ୍ୱର ବେହେରା କହିଛନ୍ତି।

## ଫସଲ ନଷ୍ଟ କରୁଛି ହାତୀ, ଚାଷୀ ଆତଙ୍କିତ

ଟିଗିରିଆ,୯।୨(ଜାଫର ଖାଁ):



ଟିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତରେ ହାତୀ ଆତଙ୍କ ବଢ଼ିଚାଲିଛି। ଗୋଡ଼ିଝରିଆ ଗ୍ରାମରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଗ୍ରାମର କଲମି ବଗିଚା ନିକଟରେ ଥିବା ଏକ କାକୁଡି ବିଲରେ ସୋମବାର ସକାଳ ପ୍ରାୟ ୮ଟାରେ ପଶି ଫସଲ ନଷ୍ଟ କରିଛି। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। କିଛିଦିନ ତଳେ ହାତୀପଲ୍ଲ ଭିରୁଡ଼ା ଗ୍ରାମର ବିଭିନ୍ନ ସାହିରେ ପଶି ବୁଲୁଥିବା ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ସ୍ଥାନୀୟ ବନବିଭାଗ ପକ୍ଷରୁ ଠିକ୍‌ରେ ପାଟ୍ରୋଲିଂ ହେଉ ନ ଥିବାରୁ ହାତୀପଲ୍ଲ ବିଭିନ୍ନ ସମୟରେ ଫସଲ ନଷ୍ଟ କରୁଛନ୍ତି। ଏନେଇ ତ୍ୱରିତ ପଦକ୍ଷେପ ନେବାକୁ ବନବିଭାଗ ନିକଟରେ ଦାବି ହୋଇଛି।

## 'ରକତରେ ଲେଖିଦେବି ନାଁ ତୋର' ଶୁଭ ମହୁରତ




କଟକ,୯।୨(କାର୍ତ୍ତିକ ସାହୁ):

ସାବିତ୍ରୀ ମ୍ୟୁଜିକ ଦ୍ୱାରା ଓଡ଼ିଆ ଆଲବମ ଗୀତ 'ରକତରେ ଲେଖିଦେବି ନାଁ ତୋର' ଶୁଭ ମହୁରତ ଖାନନଗର ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ସଙ୍ଗୀତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସାବତ, କଣ୍ଠଶିଳ୍ପୀ ଅସୀମା ପଣ୍ଡା, ସାବିତ୍ରୀ ମ୍ୟୁଜିକ ପ୍ରଯୋଜକ ଧୀରେନ୍ଦ୍ର ସାହୁ, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ, ସାଉଣ୍ଡ ଇଞ୍ଜିନିୟର ମିଳନ ଦାସଙ୍କ ସହିତ ଗୀତିକାର ରମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ଖ୍ୟାତନାମା ଚଳଚ୍ଚିତ୍ର ଜଗତର ସୁନାମ ଅର୍ଜନ କରିଥିବା କଣ୍ଠଶିଳ୍ପୀ ଓ ଚଳଚ୍ଚିତ୍ର ଜଗତର କଳାକାରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଆଲବମ୍‌ରେ କଣ୍ଠଦାନ କରିଛନ୍ତି ବଲିଉଡ୍‌ର ସୁନାମ ଧନ୍ୟ କଣ୍ଠଶିଳ୍ପୀ ଉଦିତ୍ ନାରାୟଣ, ତାଙ୍କ ସହିତ ଓଡ଼ିଶାର ସୁପରିଚିତ ଗାୟିକା ଅସୀମା ପଣ୍ଡା। ଗୀତକୁ ସ୍ୱର ସଂଯୋଜନା କରିଛନ୍ତି କୃଷ୍ଣ ଚନ୍ଦ୍ର ସାବତ। ଗୀତ ରଚନା କରିଛନ୍ତି ଯୁବ ଗୀତିକାର ରମାକାନ୍ତ ଦାସ। ବଲିଉଡ୍ ଗାୟକ ଉଦିତ ନାରାୟଣ ଆଭାସୀରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ:ୟଙ୍ଗ ଉତ୍କଳ କଟକ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ସାଲେପୁର,୯।୨(ଅରବିନ୍ଦ ଭୂୟାଁ): ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ସାଲେପୁର ହାଇସ୍କୁଲ ପଡିଆଠାରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିନ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ୟୁନିଭରସାଲ କ୍ଲବ କୁରଙ୍ଗ ଓ ୟଙ୍ଗ ଉତ୍କଳ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ୟଙ୍ଗ ଉତ୍କଳ କ୍ଲବ କଟକ ୪-୧ ଗୋଲରେ ୟୁନିଭରସାଲ କ୍ଲବ କୁରଙ୍ଗକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅତିଥିଭାବେ ସାହେଶ୍ୱରୀ କ୍ଲବର ପୂର୍ବତନ ଫୁଟବଲ ଖେଳାଳି ପ୍ରେମାନନ୍ଦ ଜେନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବାବୁନା ଭୋଇ, ଅବଦୁଲ ମାଟିନ, ପ୍ରୀତମ କୁମାର ଜେନା ପରିଚାଳନା କରିଥିବାବେଳେ ରସାନନ୍ଦ ସାମଲ ଚତୁର୍ଥ ରେଫରି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମ୍ୟାଚ ପରିଚାଳନାରେ ସାଲେପୁର ସ୍ପୋର୍ଟସ ଏକାଡେମୀ ସଭାପତି ପ୍ରଦୀପ୍ତ କର, ସମ୍ପାଦକ ରାଜେଶ ଭୂୟାଁ, ଉପ ସଭାପତି ଜୟନ୍ତ ଦାସ, ସହ ସମ୍ପାଦକ ଅଶୋକ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଅଗ୍ନି ବିପନ୍ନଙ୍କୁ ସହାୟତା

ଚୌଦ୍ୱାର,୯।୨(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ସଦାନନ୍ଦ ସ୍ୱାଇଁ, ହୃଦାନନ୍ଦ ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁଙ୍କ ୬ ବଖରା ଘର ସହିତ ସମସ୍ତ ଆସବାବପତ୍ର ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଥିଲା। ସମ୍ପୃକ୍ତ ବିପନ୍ନ ପରିବାରମାନଙ୍କୁ ଶନିବାର ଚୌଦ୍ୱାରସ୍ଥିତ ଡାଳିଯୋଡ଼ା ସାହିତ୍ୟ ସଂସଦ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସଂସଦ ସଭାପତି କେ.ସି.ପ୍ରତାପ ସିଂହ, ଶୈଳେନ୍ଦ୍ର ମୁଖୀ, ସହଦେବ ବରାଳ, ପ୍ରଦୀପ ପାଣି ପ୍ରମୁଖ ବିପନ୍ନ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରିଥିଲେ। ରୋଟାରୀ କ୍ଲବ୍ କଟକ ଅଭିନବ ପକ୍ଷରୁ ବିପନ୍ନମାନଙ୍କୁ ଅନୁରୂପ ଭାବେ ସହାୟତା କରାଯାଇଛି। ସେହିପରି କ୍ଲବ୍ ସଭାପତି ଜୀବନ ପଟ୍ଟନାୟକ, ଆରସିସି କୁଜୀବରର ସଦସ୍ୟ ଉମେଶ ଚନ୍ଦ୍ର ସାହାଣି, ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ଅଗ୍ନିବିପନ୍ନଙ୍କୁ ସହାୟତା କରିଛନ୍ତି।

## ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଳାପଥର-ଧଳାପଥର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ବାଙ୍କୀ,୯।୨(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର-ଧଳାପଥର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁନନ୍ଦ କୁମାର ଛାଟୋଇ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ ଉପଜିଲାପାଳ ତଥା ପରିଚାଳନା କମିଟି ସଭାପତି ପ୍ରଣବ କୁମାର ବେହେରା ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିବା ପାଇଁ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ଦେବା ସହ ଭଲ ପାଠ ଭଲ ମଣିଷଟିଏ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ. ନିରଞ୍ଜନ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରମାନେ ଏହି ବିଦ୍ୟାଳୟର ସମ୍ପଦ ଏବଂ ଯଦି ମା' ହେବେ ପାଠୋଇ ଦେଶ ଯିବ ଆଗେଇ ବୋଲି ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶଶିଭୂଷଣ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ୪ଟି ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ତୃପ୍ତି ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା ସସ୍ମିତା ମଞ୍ଜରୀ ସାମନ୍ତରା ମାନପତ୍ର ପଠନ କରିଥିଲେ। ଏହି ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ର ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଅଧ୍ୟାପିକା ରୂପାଲି ରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟ ଗୁରୁ ଧ୍ରୁବ ଚରଣ ମହାପାତ୍ରଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ସଙ୍ଗୀତଜ୍ଞ ପ୍ରାଣକୃଷ୍ଣ ମହାରଣାଙ୍କ ନିର୍ଦ୍ଦେଶନାରେ ସଂଗୀତ ପରିବେଷଣ କରାଯାଇଥିଲା। ସଚ୍ଚିଦାନନ୍ଦ ମିଶ୍ର ଏବଂ ଧ୍ରୁବ ଚରଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


**OFFICE OF THE EXECUTIVE ENGINEER**
**Drinking Water and Sanitation Mechanical Division, Dhanbad**

**Short Notice Inviting e-Quotation**

**Notice No:-04/2025-26**

Government of Jharkhand through its Public Works Department (PWD) is engaged in framing/revision of Schedule of Rates and as part of this endeavor, quotations through e-tender are invited for SOR "Material" Pump, Motor, Pressure gauge, Lightning Arrester, Transformer, Cable, Foot Valve, Stabilizer, Termination Kit etc items pertaining to drinking water supply from Reputed Manufacturers/Authorized Dealers for respective items conforming to the specifications for inclusion in the Schedule of Rates for Government of Jharkhand to be used in different Civil construction/ infrastructure works and repair works shall be submitted online in the website http://Jharkhandtenders.gov.in. Details and list of materials are available on the above e-tender portal. The quotationer may download the documents from the website and quote their firm item rate excluding taxes for the Materials online from 11.02.2026 at 02:30 hrs. to 24.02.2026 at 05:00 hrs. The quotation will be opened on 25.02.2026 at 02:00Hours.

The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

**Address for Communication:-**
Office of the Executive Engineer
Drinking Water & Sanitation Mechanical Division,
Dhanbad.
Address : Near Kumar Fuels Opp. Water Tower Dhansar, Dhanbad- 828106.
Landline No : 0326-2308988
e-mail ID :ee.mechdivisiondhanbad003@gmail.com.

**Executive Engineer,**
**D.W. & S. Mechanical Division**
**Dhanbad.**

PR 372668 Drinking Water and Sanitation(25-26)#D


## କୃଷକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବ ଛତୁଚାଷ

**ଛତୁ ଉତ୍ପାଦନ, ମୂଲ୍ୟବୃଦ୍ଧି ଉତ୍ପାଦ ପ୍ରସ୍ତୁତି ପ୍ରଶିକ୍ଷଣ**

ତ୍ରିଶୂଳିଆ,୯।୨(ତୁଷାର କାନ୍ତବେହେରା):




ଛତୁଚାଷ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଚାଷୀମାନେ।

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ବିଭାଗ ପକ୍ଷରୁ 'ଛତୁ ଉତ୍ପାଦନ ଏବଂ ମୂଲ୍ୟବୃଦ୍ଧି ଉତ୍ପାଦ' ପ୍ରସ୍ତୁତି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଭଳି ପାଳଛତୁ ଏବଂ ଧିଙ୍ଗିରି ଛତୁରୁ ବଡ଼ି, ଭୁଜିଆ ଏବଂ ଆଚାର ଭଳି ସ୍ୱାଦିଷ୍ଟ ତଥା ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରାଯାଇ ପାରିବ ସେ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରୁ ଯୋଗଦେଇଥିବା ଛତୁ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଥପୁର-ବାଙ୍କୀ, ଭୁବନେଶ୍ୱର, କଟକ ଏବଂ ପୁରୀ ଭଳି ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୮୦ଜଣ ଛତୁ ଚାଷୀ ଯୋଗଦେଇଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ତରଫରୁ ସେମାନଙ୍କୁ ସହକାରୀ ପ୍ରାଧ୍ୟାପିକା ଡ. ଚିନ୍ମୟୀ ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପ୍ଲାଣ୍ଟ ପାଥୋଲଜି ବିଭାଗ ମୁଖ୍ୟ ଡ. ଦେବାଞ୍ଜନା ଦେବନାଥ, ଏହି ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଆର୍ଯ୍ୟ ଗୌତମ ପଣ୍ଡା, ସହକାରୀ ପ୍ରାଧ୍ୟାପିକା ଡ. ବୁଲବୁଲ ବବଲୀନା, ଏଗ୍ରିକଲଚର ଏକ୍ସଟେନସନ ସହକାରୀ ପ୍ରାଧ୍ୟାପକ ଡ. ଶୁଭ୍ରଜ୍ୟୋତି ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଅନ୍ତର୍ଗତ ଛତୁ ମଡେଲ ଉପରେ କାର୍ଯ୍ୟ କରୁଥିବା ଚତୁର୍ଥ ବର୍ଷ ବିଦ୍ୟାର୍ଥୀମାନେ ସ୍ୱେଚ୍ଛାସେବୀ ଭାବରେ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସୁରୁଖୁରୁ ଭାବରେ ପରିଚାଳନା କରିଥିଲେ। କୃଷକମାନଙ୍କର ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବାକୁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ବିଶ୍ୱବିଦ୍ୟାଳୟ କୁଳାଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ମାନବ ସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ସମସ୍ତ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम | A Government of India Undertaking

**ମହାନଦୀ ବିହାର ଶାଖା**
ପ୍ଲଟ୍ ନଂ.: ୧୩୩୭, ମହାନଦୀ ବିହାର,
ଜିଲ୍ଲା: କଟକ, ପିନ୍ - ୭୫୩୦୦୪

**ଡିମାଣ୍ଡ ନୋଟିସ୍**

ଆମର ମହାନଦୀ ବିହାର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାନଦୀ ବିହାର ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ କେ ସି ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଜେନା,** ସା/ପୋ.: ନୟାବଜାର, ଥାନା: ସିଆର୍‌ଆର୍‌ଆଇ, ଜିଲ୍ଲା: କଟକ-୭୫୩୦୦୪ / **ଗ୍ୟାରେଣ୍ଟିଦାତା/ ବନ୍ଧକଦାତା: ଶ୍ରୀମତୀ କହ୍ନଲତା ସାହୁ,** ସ୍ୱାମୀ: ଶ୍ରୀ ଦିଲ୍ଲିପ କୁମାର ସାହୁ, ସା.: କପାଳେଶ୍ୱର, ଶିବାନୀ ମନ୍ଦିର ନିକଟ, ପୋ/ଥାନା: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୨୫ | ୧)କ୍ୟାଶ କ୍ରେଡ଼ିଟ୍ ୨)ଏମ୍‌ଏସ୍‌ଏମ୍‌ଇ ୩)ଏମ୍‌ଏସ୍‌ଏମ୍‌ଇ | ୨୬.୦୧.୨୦୨୬ / ୦୩.୦୨.୨୦୨୬ / ଟ.୪୮,୮୬,୧୯୦.୪୩ + ସେବାବଦ ଭବିଷ୍ୟତ ସୁଧ ଏବଂ ଦେୟ | **ଶ୍ରୀମତୀ କହ୍ନଲତା ସାହୁଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୬୭/୪୩୭୯, ଖାତା ନଂ.: ୮୫୯/୧୬୦୩, ଗ୍ରାମ/ମୌଜା: କପାଳେଶ୍ୱର, ୱାର୍ଡ: ଚୌଦ୍ୱାର ମ୍ୟୁନିସିପାଲିଟି: ୧୭, ଜିଲ୍ଲା: କଟକ, **ସମୁଦାୟ କ୍ଷେତ୍ର: ଏକର ୦.୦୮୦ ଡିସିମିଲି ଯାହା ୩୪୮୫ ବର୍ଗଫୁଟ,** ଏହାର ଚଉପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ଜେଠୀଙ୍କ ବାସସ୍ଥାନ, ପୂର୍ବ: ଶ୍ରୀ ଜୟନ୍ତ ପରିଡା, ପଶ୍ଚିମ: ଶ୍ରୀ ଜୟନ୍ତ ପରିଡା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଆମ୍ଭ ସହିତ ଆପଣ ସହଯୋଗ କରିବାରେ ବିଫଳ ହେଲେ ତେଣୁ ଆମ୍ଭେ ସୁରକ୍ଷିତ ଋଣଦାତା ଭାବେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ଅନୁଯାୟୀ ଯେକୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରିବାକୁ ହକଦାର ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ : କଟକ, ତାରିଖ : ୦୯.୦୨.୨୦୨୬** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# କାଚରା ପାଇବ ରାଜସ୍ୱ ଗ୍ରାମ ମାନ୍ୟତା

**ଓଡ଼ିଶା ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଁ ସଚିବଙ୍କୁ ଚିଠି ଲେଖିଲେ ଜିଲାପାଳ**

ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ତହସିଲ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ କାଚରା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ସମ୍ପର୍କରେ ଓଡ଼ିଶା ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇଁ ଜିଲାପାଳ ଅମ୍ରିତ୍ ଋତୁରାଜ (ଚିଠି ନଂ.୨୫୦୨/୭.୨.୨୬) ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଶାସନ ସଚିବଙ୍କ ନିକଟରେ ପ୍ରସ୍ତାବିତ ସ୍ଥିତି ରିପୋର୍ଟ ଦାଖଲ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, କଣ୍ଟାବାଡ଼ ପଞ୍ଚାୟତ ଅଧୀନରେ ଥିବା କାଚରା ରାଜସ୍ୱ ଗ୍ରାମ ଘୋଷଣା ସମ୍ପର୍କରେ ତହସିଲଦାର, ବେଗୁନିଆ ତାଙ୍କ ପତ୍ରସଂଖ୍ୟା ୪୩୬୪, ତାରିଖ ୧୨.୧୧.୨୫ ମାଧ୍ୟମରେ ଏହାର ସବିଶେଷ ବିବରଣୀ ଦାଖଲ କରିଛନ୍ତି। ୧୯୯୯ ମସିହାରେ ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରଓଆରର ଚୂଡ଼ାନ୍ତ ପ୍ରକାଶନ ଅନୁଯାୟୀ କାଚରା ରାଜସ୍ୱ ଗ୍ରାମ ସୃଷ୍ଟି କରାଯାଇଛି ଏବଂ ଏହି ଗ୍ରାମ ସହିତ ଜଡ଼ିତ ସମସ୍ତ ଜମି ରେକର୍ଡ, କାଡାଷ୍ଟ୍ରାଲ ମାନଚିତ୍ର ବୃତ୍ତ ରାଜସ୍ୱ ଗ୍ରାମ କଣ୍ଟାବାଡ଼ଠାରୁ ଅଲଗା କରାଯାଇଛି। କାଚରା ରାଜସ୍ୱ ଗ୍ରାମ ଘୋଷଣା କରିବା ସମୟରେ ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମସ୍ତ ପ୍ରକ୍ରିୟା ଏବଂ ବୈଧାନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ଓଡ଼ିଶା ଗେଜେଟ୍‌ରେ ପ୍ରକାଶନ ନ ହେବା ଏବଂ ବିଭିନ୍ନ ବିଭାଗକୁ ଯୋଗାଯୋଗ ନ କରିବା କାରଣରୁ ବିଭିନ୍ନ ଯୋଜନା, ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ କାଚରା ଗ୍ରାମକୁ ପଞ୍ଚାୟତିରାଜ ବିଭାଗ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଧୀନରେ ଗ୍ରାମ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇନାହିଁ।

ଧରିତ୍ରୀ ପ୍ରଭାବ

ଏପରିକି ଏଲ୍‌ଜିଡି କୋଡ୍ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲ୍ୟୁପି(ସି)ନଂ.୨୨୧୬୦/୨୦୨୫ରେ ଦିଆଯାଇଥିବା ଆଦେଶ ପାଳନ କରିବା ପାଇଁ ନୂତନ କାଚରା ଗ୍ରାମ ଗଠନ ଏବଂ ଏହାର ଏଲ୍‌ଜିଡି କୋଡ୍ ସୃଷ୍ଟି ସମ୍ପର୍କରେ ଶୀଘ୍ର ବିଜ୍ଞପ୍ତି ଜାରି କରିବାକୁ ନିବେଦନ କରିଛନ୍ତି।

ପ୍ରକାଶ ଯେ, କାଚରା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଏହି ଗ୍ରାମର ନବ କିଶୋର ସାହୁ ଏବଂ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେବା ପରେ ସେ ଗତ ଅଗଷ୍ଟରେ ହାଇକୋର୍ଟରେ ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଶାସନ ସଚିବ, ଅତିରିକ୍ତ ନିର୍ଦ୍ଦେଶକ ବୋର୍ଡ ଅଫ୍ ରେଭିନ୍ୟୁ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି), ଜିଲାପାଳ ଖୋର୍ଦ୍ଧା ଏବଂ ବେଗୁନିଆ ତହସିଲଦାରଙ୍କୁ ପକ୍ଷ କରି ପିଟିଶନ ଦାଖଲ କରିଥିଲେ। ଖଣ୍ଡପୀଠ ହାଇବ୍ରିଡ୍ ମୋଡ୍‌ରେ ଏହି ମାମଲାର ବିଚାର କରି ତୁରନ୍ତ ଏହି ଘଟଣାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ଅଭିଯୋଗକାରୀ ନବକିଶୋର ପୁଣି ଥରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କପି ସହ ଜିଲାପାଳଙ୍କ ନିକଟରେ ସେପ୍ଟେମ୍ବର ପହିଲାରେ କାଚରା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ସମ୍ପର୍କରେ ଓଡ଼ିଶା ସରକାରଙ୍କ ଗେଜେଟରେ ବିଜ୍ଞପ୍ତି ପାଇଁ ଅନୁରୋଧ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଚିଠି ସଂଖ୍ୟା ୧୭୮୧୬/୦୩.୧୦.୨୫ ପ୍ରକାରେ ବେଗୁନିଆ ତହସିଲଦାରଙ୍କୁ ଏହାର ସବିଶେଷ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ବେଗୁନିଆ ତହସିଲଦାର ଚିଠିସଂଖ୍ୟା ୪୩୬୪/୧୨.୧୧.୨୫ ପ୍ରକାରେ ଏଡିଏମ୍ ପ୍ରଧାନଙ୍କ ନିକଟରେ ସବିଶେଷ ରିପୋର୍ଟ ଦାଖଲ କରିଛନ୍ତି। କଣ୍ଟାବାଡ଼ ପଞ୍ଚାୟତ ଅଧୀନ କାଚରା ରାଜସ୍ୱ ଗ୍ରାମ ଘୋଷଣା ସମ୍ପର୍କରେ ଠିକ୍ ଭାବେ ତଦନ୍ତ କରାଯାଇଛି। ୧୯୯୯ ମସିହାରେ ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆର୍‌ଓଆର୍‌ରେ ଚୂଡ଼ାନ୍ତ ପ୍ରକାଶନ ଅନୁଯାୟୀ କାଚରାକୁ ରାଜସ୍ୱ ଗ୍ରାମ ଘୋଷଣା କରାଯାଇଛି। ତେବେ କାଚରା ଗ୍ରାମକୁ ଏ ପର୍ଯ୍ୟନ୍ତ ପଞ୍ଚାୟତିରାଜ ବିଭାଗ ଅଧୀନରେ ଗ୍ରାମ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ଅନ୍ୟପଟେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶକୁ ଗ୍ରାମବାସୀ ଚାହିଁ ବସିଛନ୍ତି।

## ଗେଡ଼ିଆପଲ୍ଲୀରେ 'ପଲ୍ଲୀରେ ପ୍ରଶାସନ'




ବୋଲଗଡ଼,୯।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନ୍ ସୁଧା କୁଜୁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ବିଜୟ କୁମାର ସେଠୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୋଟ ୧୬୨ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ତନ୍ମଧ୍ୟରୁ ୧୫୦ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଆଉ ୧୨ଟି ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟବେକ୍ଷକ ଡିପିଓ ଶ୍ୟାମଳେନ୍ଦୁ ନାୟକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଗ୍ରାମ୍ୟ ସରପଞ୍ଚ ବୀଣା ମଞ୍ଜରୀ ପ୍ରଧାନ, ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏଡିଓ ଡ. ରଶ୍ମିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକ, ତହସିଲ, ଅନ୍ୟ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୬୬ ଅଭିଯୋଗରୁ ୬ ତତ୍କାଳ ସମାଧାନ

**ଗଡ଼ମାଣତୀରରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

ବେଗୁନିଆ,୯।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଗଡ଼ମାଣତୀର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ତଥା ଗ୍ରାମୀଣ ଅଭିଯୋଗ ରହିଥିଲା। ତେବେ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଏଥିସହିତ ଅନ୍ୟ ଅଭିଯୋଗର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଆୟୋଜିତ ଏହି ଶିବିରରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ସନ୍ତୋଷ କୁମାର ଜେନା, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ଆସିଷ୍ଟାଣ୍ଟ କଲେକ୍ଟର (ଅଭିଯୋଗ) ଭୁବନେଶ୍ୱରୀ କଅଁର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଏଥିରେ ବହୁ ଧନ ସମ୍ପତ୍ତି ହାନି ହେଉଥିବା ନଜିର ରହିଛି। ହାତୀ-ମଣିଷ ଲଢ଼େଇରେ ଜୀବନ ଯାଉଛି। ଏହାକୁ ରୋକିବାରେ ବନ ବିଭାଗ ଓ ପ୍ରଶାସନ ବିଫଳତା ନେଇ ବିଧାୟକ ସାହୁଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଲୋକମାନେ ଅଭିଯୋଗ ଆଣିଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ବିଧାୟକ ପ୍ରଦୀପ ସାହୁ ଏବଂ ପ୍ରଶାସନିକ ଅଧିକାରୀମାନେ।

## ବିଭିନ୍ନ କ୍ଷେତ୍ରରେ ସମ୍ବର୍ଦ୍ଧିତ ହେଲେ ପ୍ରତିଭାଧାରୀ


ସମ୍ବର୍ଦ୍ଧିତ ପ୍ରତିଭାଧାରୀ ଏବଂ ଅନ୍ୟମାନେ।

**ନୀଳାମ୍ବୁ ମହୋତ୍ସବର ୪ର୍ଥ ସନ୍ଧ୍ୟା**

ଟାଙ୍ଗୀ,୯।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚାନ୍ଦପୁର ଦଶଦୋଳ ପଡ଼ିଆରେ ଚାଲିଥିବା ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆଇନଜୀବୀ ସୁରେଶ ଚନ୍ଦ୍ର ମିଶ୍ର, ସାମାଜିକ କର୍ମୀ ତ୍ରିନାଥ ବିଶ୍ୱାଳ, ମନୋଜ ଦାସ, କନ୍ଦନୟାଗଡ଼ ପୂର୍ବତନ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଉକ୍ତ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବରିଷ୍ଠ ନାଗରିକ ଧନେଶ୍ୱର ଅଗ୍ରୱାଲ, ଶିକ୍ଷାବିତ୍ ସୂର୍ଯ୍ୟକାନ୍ତ ସାହୁ, ସାମାଜିକ କର୍ମୀ ମନୋଜ ଦାସ, ପାଣ୍ଡବ ସାହୁ, ଶିକ୍ଷାବିତ୍ ପ୍ରମୋଦ କୁମାର ସେଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଚତୁର୍ଥ ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ପକ୍ଷରୁ ପଦ୍ମଶ୍ରୀ ଉପାଧି, ଉପେନ୍ଦ୍ର ଭଞ୍ଜ ଉପାଧି ବିଭୂଷିତ ଗୁରୁ ଭାଗବତ ପ୍ରଧାନଙ୍କ ମା'ବ୍ରଜେଶ୍ୱରୀ ନୃତ୍ୟ କଳା ସଂସଦ ବରଗଡ଼ ଶବ୍ଦନୃତ୍ୟ, ଶିବ ପାର୍ବତୀ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ, ଶ୍ରୀଜଗନ୍ନାଥ ନୃତ୍ୟ ପରିଷଦ, କଳିଙ୍ଗ ଭାରତୀ ବିଦ୍ୟାନିକେତନ, ଆଦର୍ଶ ବିଦ୍ୟାଳୟ ଟାଙ୍ଗୀ, ଦିବ୍ୟଜିତ୍ ସାହୁଙ୍କ ଦ୍ୱାରା ଏକକ ବଂଶୀବାଦନ ପରିବେଷଣ କରାଯାଇଥିଲା। ସଭ୍ୟ ରଜନୀକାନ୍ତ ମିଶ୍ର, କୋଷାଧ୍ୟକ୍ଷ ଦାମୋଦର ସାହୁ, ପ୍ରଦୀପ କୁମାର ସାହୁ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟ ସମ୍ପାଦନ କରିଥିଲେ।

## ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ: ଟିସିସି ଭୁବନେଶ୍ୱର ବିଜୟୀ

ଯାଁଲା,୯।୨(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ସୋମବାର ଟିସିସି ଭୁବନେଶ୍ୱର ଏବଂ ଆର୍‌ସି ବ୍ରହ୍ମପୁର ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଟିସିସି ଭୁବନେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ ବିନିମୟରେ ୨୬୨ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅତୁଲ ସଧୱାର ୮୨, ସିଦ୍ଧାନ୍ତ ଜେନା ୪୯ ଏବଂ ରାମଚନ୍ଦ୍ର ବେହେରା ୪୦ ରନ କରିଥିଲେ। ଜବାବରେ ଆର୍‌ସି ବ୍ରହ୍ମପୁର ଟିମ୍ ୧୬.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରାମଚନ୍ଦ୍ର ବେହେରା, ନିରଞ୍ଜନ ବେହେରା, ସୁଶୀଲ ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହେବା ସହ ପୁରସ୍କୃତ କରାଯାଇଥିଲା। ଦିଲୀପ କୁମାର ସାମଲ ଏବଂ ବିଭୁ ପ୍ରସାଦ ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ କୈଳାସ ଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ବିଜେତା ୱାରିଅର୍ସ ଏବଂ ଯୁବି ରକ୍‌ଷ୍ଟାର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ଶାଶୁ ଅଟକ

ବାଣପୁର,୯।୨(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଧୀନ ବଉଳାବନ୍ଧ ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ଜ୍ୟୋତ୍ସ୍ନା ସାହୁ। ଏନେଇ ମୃତାଙ୍କ ବାପା ବୈକୁଣ୍ଠ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଶାଶୁ ଛବି ସାହୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଟାଙ୍ଗୀ ଥାନା ପାରିଓରଡ଼ ଗ୍ରାମର ବୈକୁଣ୍ଠଙ୍କ ସାନଝିଅ ଜ୍ୟୋତ୍ସ୍ନା ୫ବର୍ଷ ପୂର୍ବେ ବଉଳାବନ୍ଧ ଗ୍ରାମର ହରି ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବିମୁତାବକ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ତେବେ ବିବାହର କିଛି ବର୍ଷ ପରେ ପୁଣି ୨ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଜ୍ୟୋତ୍ସ୍ନାଙ୍କୁ ଶାଶୁଘର ଲୋକେ କହିଥିଲେ। ଏଥିରେ ଜ୍ୟୋତ୍ସ୍ନା ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରୁଥିଲେ। ତେବେ ସୋମବାର ଜ୍ୟୋତ୍ସ୍ନାଙ୍କ ମୃତ୍ୟୁ ଘଟିଥିବା ବାପଘର ଲୋକେ ଜାଣିବାକୁ ପାଇଥିଲେ। ବଉଳାବନ୍ଧରେ ଜ୍ୟୋତ୍ସ୍ନାଙ୍କ ମୃତଦେହ ପଡ଼ିଥିବା ବାପଘର ଲୋକେ ଦେଖିବାକୁ ପାଇଥିଲେ। ଜ୍ୟୋତ୍ସ୍ନାଙ୍କ ବେକ ସହିତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବାରୁ ଶାବଳ ପକାଇ ଶାଶୁଘର ଲୋକେ ମାରିଦେଇଛନ୍ତି ବୋଲି ବୈକୁଣ୍ଠ ନାରୁଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ଶାଶୁ ଛବି ସାହୁଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଅନ୍ୟମାନେ ଫେରାର ଥିବା ଜଣାପଡ଼ିଛି।

## ଗାଡ଼ିଧକ୍କାକୁ କେନ୍ଦ୍ରକରି ବନ୍ଧୁକରେ ଆକ୍ରମଣ

**■ ଜଣେ ଗୁରୁତର, ୨ ଅଟକ**
**■ ବନ୍ଧୁକ, ବାଇକ୍ ଜବତ**

ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଚୋରା ବନ୍ଧୁକ କାରବାର ବଢ଼ିବାରେ ଲାଗିଛି। ଖଣି ବେପାରଠାରୁ ଆରମ୍ଭ କରି ନିଶା କାରବାରରେ ଚୋରା ବନ୍ଧୁକ ବ୍ୟବହାର କରାଯାଉଛି। ବନ୍ଧୁକ ଦେଖାଇ ଭୟଭୀତ କରାଇବା, ଆକ୍ରମଣ, ଲୁଟପାଟ ଘଟଣା ନିତିଦିନିଆ ପାଲଟିଲାଣି। ସୋମବାର ସକାଳ ସାଢ଼େ ୯ଟାରେ ୧୬ ନମ୍ବର ଜାତୀୟ ରାଜପଥ ଦଳେଇପୁଟ ପେଟ୍ରୋଲ ପମ୍ପ ନିକଟରେ ଗାଡ଼ି ଧକ୍କାକୁ କେନ୍ଦ୍ରକରି ଜଣେ ଯୁବକ ଏକ ଦେଶୀ ବନ୍ଧୁକରେ ଆକ୍ରମଣ ଘଟଣାରେ ସଦର ଥାନା ପୋଲିସ ୨ଜଣଙ୍କୁ ଅଟକ ରଖିଥିବା ବେଳେ ବନ୍ଧୁକ, ବାଇକ୍ ଜବତ କରିଛି। ଅଟକ ଯୁବକଦ୍ୱୟ ଗୋଡ଼ିପଡ଼ା ଅଞ୍ଚଳର ବୋଲି ପୋଲିସ କହିଛି। ଖବର ଲେଖା ହେବା ସୁଦ୍ଧା ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ବନ୍ଧୁକ କେଉଁଠୁ ଆଣିଲେ, ଆଉ କାହା ପାଖରେ ବନ୍ଧୁକ ରହିଛି ପୋଲିସ ତାହାର ଖୋଳତାଡ଼ କରୁଛି।

ସୂଚନା ମୁତାବକ, ତିରିମଲ୍ଲ ଅଞ୍ଚଳର ଜଣେ ଯୁବକ ଉକ୍ତ ପେଟ୍ରୋଲ ପମ୍ପରେ ତେଲ ପକାଇ ବାହାରୁଥିବା ବେଳେ ସମ୍ମୁଖ ପଟୁ ଆସି ଦୁଇ ଜଣ ଯୁବକ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଖବରପାଇ ସ୍କୁଟି ଚାଳକଙ୍କ ବାପା ପହଞ୍ଚି ବୁଝାଶୁଝା କରିବା ବେଳେ ବାଇକ୍‌ରେ ଆସିଥିବା ଯୁବକମାନଙ୍କ ମଧ୍ୟରେ ଜଣେ ବନ୍ଧୁକ ବାହାର କରି ତାଙ୍କ ମୁଣ୍ଡକୁ ପିଟି ଦେଇଥିଲା। ଚିତ୍କାର ଶୁଣି ଲୋକେ ପହଞ୍ଚିବାରୁ ଯୁବକ ଦ୍ୱୟ ଖସିଯିବାକୁ ଉଦ୍ୟମ କରିବା ବେଳେ ସେମାନଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ପାଟ୍ରୋଲିଂ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଆକ୍ରମଣକାରୀ ଯୁବକଦ୍ୱୟଙ୍କୁ ସଦର ଥାନାକୁ ଆଣିଥିଲେ। ଏନେଇ ପୋଲିସ ନିଜ ଆଡୁ ଆମ୍ସ ଆକ୍ଟରେ ଏକ ମାମଲା ରୁଜୁ କରିଛି। ଏନେଇ ଥାନାଧିକାରୀ ବାସୁଦେବ ଜୟସିଂହ କହିଛନ୍ତି ଯେ, ଉକ୍ତ ଘଟଣାରେ ୨ଜଣଙ୍କୁ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ବନ୍ଧୁକ କେଉଁଠାରୁ ଆଣିଥିଲେ ତାହାର ଖୋଳତାଡ଼ କରାଯିବ।

**OFFICE OF THE EXECUTIVE ENGINEER**
**Drinking Water and Sanitation Mechanical Division, Dhanbad**

**Short Notice Inviting e-Quotation**

**Notice No:-04/2025-26**

Government of Jharkhand through its Public Works Department (PWD) is engaged in framing/revision of Schedule of Rates and as part of this endeavor, quotations through e-tender are invited for SOR "Material" Pump, Motor, Pressure gauge, Lightning Arrester, Transformer, Cable, Foot Valve, Stabilizer, Termination Kit etc items pertaining to drinking water supply from Reputed Manufacturers/Authorized Dealers for respective items conforming to the specifications for inclusion in the Schedule of Rates for Government of Jharkhand to be used in different Civil construction/ infrastructure works and repair works shall be submitted online in the website http://Jharkhandtenders.gov.in. Details and list of materials are available on the above e-tender portal. The quotationer may download the documents from the website and quote their firm item rate excluding taxes for the Materials online from 11.02.2026 at 02:30 hrs. to 24.02.2026 at 05:00 hrs. The quotation will be opened on 25.02.2026 at 02:00Hours.

The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

**Address for Communication:-**
Office of the Executive Engineer
Drinking Water & Sanitation Mechanical Division,
Dhanbad.
Address : Near Kumar Fuels Opp. Water Tower Dhansar, Dhanbad- 828106.
Landline No : 0326-2308988
e-mail ID :ee.mechdivisiondhanbad003@gmail.com.

**Executive Engineer,**
**D.W. & S. Mechanical Division**
**Dhanbad.**

PR 372668 Drinking Water and Sanitation(25-26)#D

# ଆଫ୍ରିକା ଇଲେଭେନ ଭୁବନେଶ୍ୱର ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ବେଗୁନିଆ,୯।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ କଲେଜ ଖେଳପଡ଼ିଆରେ ବାବା ବାଲୁଙ୍କେଶ୍ୱର ଦେବ ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ନବମ ବାର୍ଷିକ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଆଫ୍ରିକା ଇଲେଭେନ ଭୁବନେଶ୍ୱର ଟିମ୍ ଚାମ୍ପିୟନ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍ ଆଫ୍ରିକା ଇଲେଭେନ ଭୁବନେଶ୍ୱର ଏବଂ ୱାଇ ଏଫ୍‌ସି କ୍ଲବ ଚୌଦ୍ୱାର ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୧ ଗୋଲରେ ଆଫ୍ରିକା ଇଲେଭେନ ଭୁବନେଶ୍ୱର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସୁଜିତ୍ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଏମ୍.ଏସ୍ ବେଗ, ଲକ୍ଷ୍ମୀଧର ଚୌଧୁରୀ ଓ ଶରତ ଚନ୍ଦ୍ର ଛୋଟରାୟ ଲାଇନରେ ସହଯୋଗ କରିଥିଲେ। ପୁରସ୍କାର ବିତରଣ ସଭାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ବକ୍ତା, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସାମାଜିକ କର୍ମୀ ମନୋଜ କୁମାର ପ୍ରଧାନ, ନୀଳକଣ୍ଠ ସ୍ୱାଇଁ ଏବଂ ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ମହାନଦୀ ବିହାର ଶାଖା**
ପ୍ଲଟ୍ ନଂ.: ୧୩୩୭, ମହାନଦୀ ବିହାର,
ଜିଲ୍ଲା: କଟକ, ପିନ୍ - ୭୫୩୦୦୪

**ଡିମାଣ୍ଡ ନୋଟିସ୍**

**ଆମର ମହାନଦୀ ବିହାର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାନଦୀ ବିହାର ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ କେ ସି ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଜେନା,** ସା/ପୋ.: ନୟାବଜାର, ଥାନା: ସିଆର୍‌ଆର୍‌ଆଇ, ଜିଲ୍ଲା: କଟକ-୭୫୩୦୦୪ / **ଗ୍ୟାରେଣ୍ଟିଦାତା/ ବନ୍ଧକଦାତା: ଶ୍ରୀମତୀ କଳ୍ପଲତା ସାହୁ,** ସ୍ୱାମୀ: ଶ୍ରୀ ଦିଲ୍ଲିପ କୁମାର ସାହୁ, ସା.: କପାଳେଶ୍ୱର, ଶିବାନୀ ମନ୍ଦିର ନିକଟ, ପୋ/ଥାନା: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୨୫ | ୧)କ୍ୟାଶ କ୍ରେଡ଼ିଟ୍ ୨)ଏମ୍‌ଏସ୍‌ଏମ୍‌ଇ ୩)ଏମ୍‌ଏସ୍‌ଏମ୍‌ଇ | ୨୬.୦୧.୨୦୨୬ / ୦୩.୦୨.୨୦୨୬ / ଟ.୪୮,୮୬,୧୯୦.୪୩ + ସେବାବଦ ଭବିଷ୍ୟତ ସୁଧ ଏବଂ ଦେୟ | **ଶ୍ରୀମତୀ କଳ୍ପଲତା ସାହୁଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୬୭/୪୩୭୯, ଖାତା ନଂ.: ୮୫୯/୧୬୦୩, ଗ୍ରାମ/ମୌଜା: କପାଳେଶ୍ୱର, ୱାର୍ଡ: ଚୌଦ୍ୱାର ମ୍ୟୁନିସିପାଲିଟି: ୧୭, ଜିଲ୍ଲା: କଟକ, **ସମୁଦାୟ କ୍ଷେତ୍ର: ଏକର ୦.୦୮୦ ଡିସିମିଲି ଯାହା ୩୪୮୫ ବର୍ଗଫୁଟ,** ଏହାର ଚରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ଜେଠୀଙ୍କ ବାସସ୍ଥାନ, ପୂର୍ବ: ଶ୍ରୀ ଜୟନ୍ତ ପରିଡା, ପଶ୍ଚିମ: ଶ୍ରୀ ଜୟନ୍ତ ପରିଡା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଆମ୍ଭ ସହିତ ଆପଣ ସହଯୋଗ କରିବାରେ ବିଫଳ ହେଲେ ତେଣୁ ଆମ୍ଭେ ସୁରକ୍ଷିତ ଋଣଦାତା ଭାବେ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ଅନୁଯାୟୀ ଯେକୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରିବାକୁ ହକ୍‌ଦାର ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ : କଟକ, ତାରିଖ : ୦୯.୦୨.୨୦୨୬** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ମହାପ୍ରଭୁଙ୍କ ୨୪ ବେଶ, ୫୬ ଭୋଗ ପ୍ରଦର୍ଶନ

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଆରମ୍ଭ

କାକଟପୁର/ଅସ୍ତରଙ୍ଗ,୯।୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ମହୋତ୍ସବରେ ସାଧୁସନ୍ଥ ପ୍ରବଚନ ଦେଉଛନ୍ତି।

ଆଧ୍ୟାତ୍ମିକ ପରିବେଶରେ ଦିବ୍ୟ ଅନୁଭବ। ମହାପ୍ରଭୁଙ୍କ ବେଶ ଦର୍ଶନ କରି କୃତାର୍ଥ ଶ୍ରଦ୍ଧାଳୁ। ଗୋଟିଏ ସ୍ଥାନରେ ଶ୍ରୀଜୀଉଙ୍କ ୨୪ ପ୍ରକାର ବେଶ। ଏହି ବେଶ ଦର୍ଶନ ପାଇଁ ଲାଗୁଛି ଗହଳି। ଶ୍ରୀଜଗନ୍ନାଥ ପଞ୍ଚରାତ୍ର ସମିତି ପକ୍ଷରୁ କାକଟପୁର ଦେଉଳି ମଠ ପରିସରରେ ଦଶମ ବାର୍ଷିକ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଧାବଲ୍ଲଭ ମଠ ପୂଜ୍ୟ ମହନ୍ତ ଶ୍ରୀରାମକୃଷ୍ଣ ଦାଶ ଏବଂ ସମ୍ମାନିତ ଅତିଥି ଜଗନ୍ନାଥ ମହିମା ପ୍ରଚାରକ ପଣ୍ଡିତ ସତ୍ୟାନନ୍ଦ ଦାଶ ମହାରାଜଙ୍କ ସମେତ ଅନ୍ୟ ସାଧୁସନ୍ଥ ଉପସ୍ଥିତ ଥିଲେ। ମହୋତ୍ସବରେ ମହାପ୍ରଭୁଙ୍କ ତଡ଼ପଉଡ଼ରୀ ବେଶ, ପ୍ରତିଦିନ ବେଶ, ବଡ଼ସିଂହାର ବେଶ, ଚନ୍ଦନଲାଗି ବେଶ, ଗଜାନନ ବେଶ, ସୁନାବେଶ, ବଣଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ରାଧାଦାମୋଦର ବେଶ, ହରିହର ବେଶ, ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ ବେଶ, ଲକ୍ଷ୍ମୀନୃସିଂହ ବେଶ, ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ଘୋଡ଼ଲାଗି ବେଶ, ପଦ୍ମବେଶ, ନବାଙ୍କ ବେଶ, ମକର ଚୌରାଶି ବେଶ, ଗଜଉଦ୍ଧାରଣ ବେଶ ଓ ଚାଚେରୀ ବେଶ ପ୍ରଦର୍ଶିତ ହେଉଛି। ଏହି ଦିବ୍ୟ ବେଶ ଦେଖି ଭକ୍ତ ବିଭୋର ହେଉଛନ୍ତି। ଫେବୃଆରୀ ୧୪ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ପ୍ରତି ସନ୍ଧ୍ୟାରେ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମକ୍ଷେତ୍ର ମହାତ୍ମ୍ୟ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହେଉଛି।

# ପ୍ରାଚୀ କୀର୍ତ୍ତିରାଜି ପୁନରୁଦ୍ଧାର ପାଇଁ ପଦଯାତ୍ରା

କାକଟପୁର/ଅସ୍ତରଙ୍ଗ,୯।୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ଓଡ଼ିଶାର ଅନେକ ଇତିହାସ ପ୍ରାଚୀ ନଦୀ କୂଳରେ ଲୁଚିରହିଛି। ପ୍ରାଚୀ ପୁନରୁଦ୍ଧାର ପାଇଁ ଜନଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗତ ୭ତାରିଖରେ ଶ୍ରୀଅନ୍ଧକପିଳେଶ୍ୱର ମନ୍ଦିରରୁ ପଦଯାତ୍ରା ବାହାରିଥିଲା। ସାଧୁସନ୍ଥମାନେ ପ୍ରାଚୀ ନଦୀର ଉତ୍ତର ଦିଗରେ ବାହାରି ବିଭିନ୍ନ ପୀଠ ଓ ତୀର୍ଥସ୍ଥାନରେ ପ୍ରାଚୀ ଆଳତି, ଗୋପୂଜନ, ବୃକ୍ଷ ପୂଜନ, ମାତୃ ପୂଜନ, ପ୍ରବଚନ ଆଦି କରି ସୋମବାର ମଧ୍ୟାହ୍ନରେ କାକଟପୁରସ୍ଥିତ ଦେଉଳି ମଠ ନିକଟରେ ପହଞ୍ଚିଥିଲେ। ସନ୍ଧ୍ୟାରେ ଦେଉଳି ମଠରେ ପ୍ରାଚୀ ଆଳତି ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱାମୀ ଶୁଦ୍ଧାନନ୍ଦ ଗିରି, ପୂଜ୍ୟ ମହନ୍ତ ଚିନ୍ତାମଣି ପର୍ବତ ମହାରାଜ, ପୂଜ୍ୟ ବାବା ଦାମୋଦର ଦାଶ, ପୂଜ୍ୟ ବାବା ସତ୍ୟାନନ୍ଦ ଦାଶ ଏବଂ ଅନେକ ସାଧୁସନ୍ଥ, ଗବେଷକ ଏବଂ ଅଞ୍ଚଳବାସୀ ଅଂଶଗ୍ରହଣ କରିଥିଲେ। ପ୍ରାଚୀ ନଦୀକୂଳରେ ଥିବା ବିଭିନ୍ନ ମଠ, ଆଶ୍ରମ ଓ ଶକ୍ତିପୀଠର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରାଯାଇଛି। ମଙ୍ଗଳବାର ପ୍ରତ୍ୟୁଷରୁ ପ୍ରାଚୀ ଆଳତି ସମ୍ପନ୍ନ ପରେ ସାଧୁସନ୍ଥମାନେ ସରିପୁର ଦେଇ କେଉଟଜଙ୍ଘାସ୍ଥିତ କେଲୁଣୀ ମୁହାଁଣ ନିକଟରେ ପହଞ୍ଚିବେ ବୋଲି ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର କହିଛନ୍ତି। ୨୦୧୨ରୁ ପ୍ରତିବର୍ଷ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନ ଏବଂ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଦିଗ୍‌ଦର୍ଶନରେ ଏହି ଯାତ୍ରା ଆୟୋଜନ ହୋଇଆସୁଛି।

# କଳାକ୍ଷେତ୍ର ୱେବ୍‌ସାଇଟ୍ ଉଦ୍‌ଘାଟିତ

ପିପିଲି,୯।୨ (ଦୁର୍ଗାମାଧବ ମିଶ୍ର)

ପିପିଲି ପୂର୍ବାଶାସନରେ କଳାକ୍ଷେତ୍ର ଅନୁଷ୍ଠାନର ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଓ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ କଳାକ୍ଷେତ୍ର ଅନୁଷ୍ଠାନର ସଭାପତି ତଥା ଅଭିନେତା ଅଶ୍ରୁମୋଚନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପ୍ରତ୍ୟେକ ଗ୍ରାମ କଳାକ୍ଷେତ୍ର ଏବେ ହେଉଛି ସମସ୍ତ ଲୋକକଳା କଳାକାରଙ୍କ ପରିବାର। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଉମିକାନିଏଲ ଏବଂ ଗାନ୍ଧୀନଗରସ୍ଥିତ ଶାରଦାବିହାର ଆଶ୍ରମର ବାବା ପ୍ରାଣଗୋପାଳ ଯୋଗଦେଇ ଲୋକ କଳାକାରଙ୍କ ଆର୍ଥିକ ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ କଳାକ୍ଷେତ୍ର ଅନୁଷ୍ଠାନର ୱେବସାଇଟ୍ କଳାକ୍ଷେତ୍ର ଡଟ୍ ଓଡ଼ିଶା ଡଟ୍ କମ୍‌ର ଶୁଭାରମ୍ଭ କରିଥିଲେ। ଗଞ୍ଜାମରୁ ଆସିଥିବା ପଣ୍ଡିତ ସୁରେନ୍ଦ୍ର ନାଥ ଦାସଶର୍ମା ଓ ଗଣପତି ଦାସ ଦାସକାଠିଆ ପରିବେଷଣ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ସମୀରକ ବାସୁଦେବ ମାଳକିଶୋର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଞ୍ଜୀବ ମିଶ୍ର ଓ ପ୍ରେମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ କଳାକ୍ଷେତ୍ର ୱେବସାଇଟ୍ ଉଦ୍‌ଘାଟନ କରୁଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ବିଦ୍ୟାଳୟ ଫାଟକରେ ତାଲା



ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ପରିଚାଳନା କମିଟି ସଦସ୍ୟ ଧାରଣା ଦେଉଛନ୍ତି।

ବ୍ରହ୍ମଗିରି,୯।୨ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକ ଗୋରୁଆଲ ପୁଳକେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ସେଠୀଙ୍କ ଅନ୍ୟତ୍ର ବଦଳି ଓ ମଧ୍ୟାହ୍ନ ଭୋଜନ ଦୁର୍ନୀତିର ସିବିଆଇ ତଦନ୍ତ ଦାବିରେ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ସୋମବାର ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପ୍ରତି ଶିକ୍ଷୟିତ୍ରୀଙ୍କ ଦୁର୍ବ୍ୟବହାର, ମଧ୍ୟାହ୍ନଭୋଜନରେ ଅନିୟମିତତା ଏବଂ ବିଦ୍ୟାଳୟ ଅନୁଦାନ ଆତ୍ମସାତ୍‌ ଘଟଣାର ତଦନ୍ତ ଦାବିରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରାଯାଇଛି। କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲରେ ତାଲା ପକାଇବୁ ବୋଲି କମିଟି ସଦସ୍ୟମାନେ କହିଛନ୍ତି। ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ତେବେ ତାଲା ପଡ଼ିବାର ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ କୌଣସି ବିଭାଗୀୟ ଅଧିକାରୀ ପହଞ୍ଚି ନ ଥିଲେ। ଅନ୍ୟପଟେ ଘଟଣାର ତଦନ୍ତ କରାଯାଉ ଏବଂ ମୁଁ ମୋର ଉଚ୍ଚପଦସ୍ଥ ଅଫିସରଙ୍କୁ ଏ ସମ୍ପର୍କରେ ଜଣାଇଛି, ସେ ଯାହା ନିଷ୍ପତ୍ତି ନେବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସେଠୀ କହିଛନ୍ତି।

# ଉକୁଣି ପାଇଁ ନାବାଳିକାଙ୍କ ମୃତ୍ୟୁ ଚର୍ଚ୍ଚା

ବଳଙ୍ଗା,୯।୨ (କେଦାରେଶ୍ୱର ନନ୍ଦ)



ପୁରୀ ଜିଲା ବଳଙ୍ଗା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି ଉକୁଣି ଯୋଗୁ ଜଣେ ନାବାଳିକାଙ୍କ ଜୀବନ ଯାଇଥିବା ଚର୍ଚ୍ଚା ହେଉଛି। ମୃତା ହେଲେ ବଳଙ୍ଗା ଗ୍ରାମ ତମ୍ପାଗଡ଼ ସାହିର ଲିଙ୍ଗରାଜ ସାହୁଙ୍କ ୧୨ ବର୍ଷୀୟା ଝିଅ ଲକ୍ଷ୍ମୀପ୍ରିୟା ସାହୁ। ସୂଚନା ଅନୁଯାୟୀ, ଲକ୍ଷ୍ମୀପ୍ରିୟା ସ୍ଥାନୀୟ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ। କିଛି ମାସ ତଳେ ତାଙ୍କ ମୁଣ୍ଡରେ ମାତ୍ରାଧିକ ଉକୁଣି ହୋଇଥିଲା। ଅନେକ ପ୍ରଚେଷ୍ଟା କରିବା ସତ୍ତ୍ୱେ ଭଲ ହୋଇ ନ ଥିଲା। ମା' ସବ୍ୟସାଚୀ ସାହୁ ତାଙ୍କୁ ଲଣ୍ଡା ହେବାକୁ କହିଥିଲେ, ହେଲେ ଲକ୍ଷ୍ମୀପ୍ରିୟା ରାଜି ହୋଇ ନ ଥିଲେ। ଏହାରି ଭିତରେ ଉକୁଣିଗୁଡ଼ିକ ଖପୁରୀକୁ ଆକ୍ରାନ୍ତ କରିସାରିଥିଲେ। ମୁଣ୍ଡରୁ ଦୁର୍ଗନ୍ଧ ବାହାରିବାରୁ ଲକ୍ଷ୍ମୀପ୍ରିୟା ବାହାରକୁ ବାହାରିବା ବନ୍ଦ କରିଦେଇଥିଲେ। ମୁଣ୍ଡରେ ତ୍ରୁଟି ରହୁଥିବାରୁ ପରିବାର ଲୋକେ କିଛି ଜାଣି ପାରି ନ ଥିଲେ। ୩ ଦିନ ତଳେ ହଠାତ୍ ତାଙ୍କର ରକ୍ତବାନ୍ତି ହେବା ପରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ କହିଛନ୍ତି, ଉକୁଣି କାମୁଡ଼ାରେ କାହାର ମୃତ୍ୟୁ ହୁଏ ନାହିଁ। ଉକୁଣି ମାରିବା ପାଇଁ କୌଣସି ଔଷଧ ବ୍ୟବହାର କରିଥିଲେ ସିଭିୟର ଇନ୍‌ଫେକ୍ସନ କାରଣରୁ ମଣିଷର ମୃତ୍ୟୁ ହେବାର ସମ୍ଭାବନା ରହିଛି। ତେବେ ଏ ସମ୍ପର୍କରେ ସେ ବିଶେଷ ଅବଗତ ନ ଥିବାରୁ ଏହା ଉପରେ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ ବୋଲି ଶତପଥୀ ପ୍ରକାଶ କରିଛନ୍ତି।

# ଗୋପବନ୍ଧୁ, ମଧୁସୂଦନଙ୍କୁ ଭାରତରତ୍ନ ଦିଆଯାଉ: ପ୍ରସାଦ

ସାକ୍ଷୀଗୋପାଳ,୯।୨ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରିବାକୁ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଦାବି କରିଛନ୍ତି। ସେହିପରି ଭୁବନେଶ୍ୱର-ପୁରୀ ଏବଂ କଟକ-ପାଣିକୋଇଲି ଜାତୀୟ ରାଜପଥକୁ ଦୁଇ ମହାପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ନାମିତ କରିବା ଦିଗରେ କେନ୍ଦ୍ର ସରକାର ବିଚାର କରିବା ନିମନ୍ତେ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ସତ୍ୟବାଦୀ ମହୋତ୍ସବର ଅନ୍ତିମ ସନ୍ଧ୍ୟା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ହରିଚନ୍ଦନ ଯୋଗଦେଇ ଏହା କହିଛନ୍ତି। ସେହିପରି ସତ୍ୟବାଦୀ ବକୁଳବନରୁ ବିଲୁପ୍ତ ହେବାକୁ ବସିଥିବା ବିରଳ ଛୁରିଅନା ବୃକ୍ଷର ସୁରକ୍ଷା ସହ ରାଜ୍ୟ ସରକାର ବକୁଳବନ ଓ ପଞ୍ଚସଖା ସ୍ମୃତି ସମାଧିପୀଠର ଉନ୍ନୟନ ତଥା ରକ୍ଷଣାବେକ୍ଷଣ ନିମନ୍ତେ ସଂସ୍କୃତି ବିଭାଗକୁ ପାଣ୍ଠି ଯୋଗାଇ ଦେଇଥିବାରୁ ମଞ୍ଚରେ ଉପସ୍ଥିତ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ସେ କୃତଜ୍ଞତା ଜଣାଇଥିଲେ।

# ଜାତୀୟ ଶିକ୍ଷାନୀତି, ଉଚ୍ଚଶିକ୍ଷା ସଂକ୍ରାନ୍ତରେ ଆଲୋକପାତ

ବଳଙ୍ଗା,୯।୨ (କେଦାରେଶ୍ୱର ନନ୍ଦ)




ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ବଳଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ସୋମବାର 'ବିକଶିତ ଭାରତ-୨୦୪୭ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ଜାତୀୟ ଶିକ୍ଷାନୀତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ ଶିକ୍ଷା ସଂସ୍ଥାନର ପ୍ରାକ୍ତନ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଭୁଜେନ୍ଦ୍ରନାଥ ପଣ୍ଡା, ମୁଖ୍ୟ ବକ୍ତା ଭାବେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱଚ୍ଛସଲୀଳା ମହାପାତ୍ର, ସମ୍ମାନିତ ଅତିଥି ଭାବେ ପିପିଲି ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ମିନାକ୍ଷୀ ମିଶ୍ର, ସ୍ଥାନୀୟ ଷ୍ଟେଟବ୍ୟାଙ୍କ ପ୍ରବନ୍ଧକ ତୁଷାରକାନ୍ତ ଦାସ ଯୋଗଦେଇଥିଲେ। ଅତିଥିମାନେ ଜାତୀୟ ଶିକ୍ଷାନୀତି ଓ ଉଚ୍ଚଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ପ୍ରଦୋଷ କୁମାର ପତି ଅତିଥି ପରିଚୟ ଏବଂ ଅଧ୍ୟାପିକା ଡ. ସସ୍ମିତା ସାହୁ ଶୀର୍ଷକର ପ୍ରମୁଖ ତଥ୍ୟ ଉପରେ ଆଲୋକପାତ କରିଥିଲେ। ଆଲୋଚନା ଚକ୍ରରେ ଗୋପୀନାଥ ଦେବ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପିପିଲି ମହାବିଦ୍ୟାଳୟ, ବୋଲଗଡ଼ର ପିଏନ୍ ମହାବିଦ୍ୟାଳୟ, ବ୍ରହ୍ମପୁର ସିଟି କଲେଜ, ଜ୍ଞାନଦେବୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ସନ୍ଦର୍ଭ ଆଧାରିତ ଆଲେଖ୍ୟ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ସୁଭାଷିନୀ ମିଶ୍ର, ସୁକନ୍ୟା ମାଝୀ, ଲିଜା ଭୋଇ, ଶୁଭସ୍ମିତା ସାହୁ, ଅମିତା ଛାଟୋଇ, ଲିପିକା ବେହେରା, ଅଧ୍ୟାପିକା ବିସ୍ମିତା ନାୟକ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଗବେଷଣା ଆଧାରିତ ୮୧ଟି ଆଲେଖ୍ୟକୁ ନେଇ ପ୍ରସ୍ତୁତ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ନୀଳକଣ୍ଠ ମିଶ୍ର ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପକ ବଳଭଦ୍ର ରଥ, ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରଚାଳନାରେ ସହଯୋଗ କରିଥିଲେ।

# ଭାରତ ବନ୍ଦ ପାଇଁ କମ୍ୟୁନିଷ୍ଟ ପାର୍ଟିର ପ୍ରସ୍ତୁତି ବୈଠକ

ଚାରିଛକ,୯।୨ (ଶିଶିର କୁମାର ସ୍ୱାଇଁ)

ଆସନ୍ତା ୧୨ତାରିଖରେ ଭାରତ ବନ୍ଦକୁ ସଫଳ କରିବା ପାଇଁ ସୋମବାର ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କୃଷକ ନେତା ସନାତନ ପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷ୍ଣଚନ୍ଦ୍ର ରାଉତ, ସନ୍ତୋଷ ବେହେରା, ସରି ପରିଡ଼ା, ଲକ୍ଷ୍ମୀଧର ସ୍ୱାଇଁ, ମାଧବ ବେହେରା, ନୃସିଂହ ମହାନ୍ତି, ନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୃଷକଙ୍କ ହକ୍ ପାଇଁ ଏହି ଭାରତ ବନ୍ଦ ଡାକରା ଦିଆଯାଇଛି ବୋଲି କୃଷକ ନେତା ପାତ୍ର କହିଥିଲେ।

**OFFICE OF THE EXECUTIVE ENGINEER**
**Drinking Water and Sanitation Mechanical Division, Dhanbad**

**Short Notice Inviting e-Quotation**

**Notice No:-04/2025-26**

Government of Jharkhand through its Public Works Department (PWD) is engaged in framing/revision of Schedule of Rates and as part of this endeavor, quotations through e-tender are invited for SOR "Material" Pump, Motor, Pressure gauge, Lightning Arrester, Transformer, Cable, Foot Valve, Stabilizer, Termination Kit etc items pertaining to drinking water supply from Reputed Manufacturers/Authorized Dealers for respective items conforming to the specifications for inclusion in the Schedule of Rates for Government of Jharkhand to be used in different Civil construction/ infrastructure works and repair works shall be submitted online in the website http://Jharkhandtenders.gov.in. Details and list of materials are available on the above e-tender portal. The quotationer may download the documents from the website and quote their firm item rate excluding taxes for the Materials online from 11.02.2026 at 02:30 hrs. to 24.02.2026 at 05:00 hrs. The quotation will be opened on 25.02.2026 at 02:00Hours.

The quotation is invited to ascertain and assess the Rate of Materials at par with lowest market rate for framing of Schedule of Rate.

**Address for Communication:-**
Office of the Executive Engineer
Drinking Water & Sanitation Mechanical Division,
Dhanbad.
Address : Near Kumar Fuels Opp. Water Tower Dhansar, Dhanbad- 828106.
Landline No : 0326-2308988
e-mail ID :ee.mechdivisiondhanbad003@gmail.com.

**Executive Engineer,**
**D.W. & S. Mechanical Division**
**Dhanbad.**

PR 372668 Drinking Water and Sanitation(25-26)#D

# ଢେଙ୍କାନାଳ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ

## ଶାରଳା କପ୍

ଅସ୍ତରଙ୍ଗ,୯।୨ (ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ପଡ଼ିଆ ନରେନ୍ଦ୍ର ଷ୍ଟାଡିୟମରେ ପୂର୍ଣ୍ଣାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଏବଂ ୩୩ତମ ରାଜ୍ୟସ୍ତରୀୟ ଶାରଳା କପ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଆଦିତ୍ୟ ଇଲେଭେନ୍ ଟିମ୍‌କୁ ଢେଙ୍କାନାଳ ସ୍ପୋର୍ଟିଂ କ୍ଲବ ହରାଇ ଚାମ୍ପିୟନ ହେବା ସହ ଶାରଳା କପ୍ ଜିତିଛି। ଢେଙ୍କାନାଳ ସ୍ପୋର୍ଟିଂ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଦିତ୍ୟ ଇଲେଭେନ୍ କ୍ଲବ ୨୦ ଓଭର ଖେଳି ୯ ଉଇକେଟ ହରାଇ ୧୩୬ ରନ୍ କରିଥିଲା। ଢେଙ୍କାନାଳ ପକ୍ଷରୁ ଦୀପକ ବେହେରା ୧୨ଟି ବଲ ଖେଳି ୨୦ ରନ୍ ଓ ୪ ଓଭର ବୋଲିଂ କରି ୧୮ ରନ୍ ଦେଇ ୪ଟି ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅମ୍ପାୟାର ଅୟସକାନ୍ତ ମହାପାତ୍ର ଓ ଦିବ୍ୟଦର୍ଶୀ ଛାଟୋଇ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଦୁପଦ ଭୋଳ, ପ୍ରକାଶ ବେହେରା ଓ ରବୀନ୍ଦ୍ର କୁମାର ପରିଡ଼ା ଧାରା ବିବରଣୀ ପ୍ରଦାନ କରିଥିଲେ। ସଭାପତି ଯୁଗଳ କିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ ଯୋଗଦେଇ ଚାମ୍ପିୟନ ଦଳକୁ କପ୍ ପ୍ରଦାନ କରିଥିଲେ। ସିନେ ଅଭିନେତ୍ରୀ ପୁନମ ମିଶ୍ର ଓ ଭୂମିକା ଦାସ ଯୋଗଦେଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଏମ୍‌ପି ପ୍ରତିନିଧି ଦିବାକର ଛାଟୋଇ, ବିଡିଓ ସସ୍ମିତା ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାଏକ, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର, ଯୁବନେତା ପ୍ରଶାନ୍ତ କୁମାର ଭୋଳ, ଇନ୍ଦ୍ରମଣି ଜେନା, ନରେଶ କୁମାର ପତି, ଚିତ୍ରସେନ ପ୍ରଧାନ, ପବିତ୍ର ବସ୍ତିଆ, ଉପଦେଷ୍ଟା ନଟକିଶୋର ମହାନ୍ତି, ଦିବ୍ୟଦର୍ଶୀ ବିଶ୍ୱାଳ, କେଲୁ ଚରଣ ଓଝା, ହୃଷୀକେଶ ଛାଟୋଇ ଓ ଚୈତନ୍ୟ ମହାନ୍ତିଙ୍କ ସହ ଶାରଳା ସ୍ପୋର୍ଟିଂ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ। ସାମାଜିକ ଗଣମାଧ୍ୟମ ସଂଯୋଜକ ପ୍ରକାଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପୂର୍ଣ୍ଣାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଏବଂ ୩୩ତମ ରାଜ୍ୟସ୍ତରୀୟ ଶାରଳା କପ୍ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଅନ୍ୟ ଅତିଥି।

# ହନୁମାନ ମନ୍ଦିରରୁ ଗହଣା, ଟଙ୍କା ଚୋରି

ନିମାପଡ଼ା, ୯।୨ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳରେ ଏବେ ମନ୍ଦିର ଚୋର ସକ୍ରିୟ ହୋଇଉଠିଛନ୍ତି। ଗତ ୭ତାରିଖ ରାତିରେ ଖେଲାର ନିକଟସ୍ଥ ହରିଶପୁର ମେଳଣ ପଡ଼ିଆ ନିକଟରେ ଥିବା ପ୍ରଭୁ ହନୁମାନଙ୍କ ମନ୍ଦିରର ତାଲା ଭାଙ୍ଗି ଠାକୁରଙ୍କ ଏକ ରୁପାମୁକୁଟ, ଦୁଇଟି ଖଡୁ, ରୁପାମାଳି, ହୁଣ୍ଡିବାକ୍ସରେ ଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା, ପୂଜକଙ୍କ ମୋବାଇଲ ଫୋନ ଚୋରି ହୋଇଛି। ଏ ସମ୍ପର୍କରେ ଶ୍ରୀମହାବୀର ସେବା ସଂଘର ସଭାପତି ବସନ୍ତ କୁମାର ଜେନା ରବିବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। କିଛିମାସ ତଳେ ମଧ୍ୟ ଏହି ମନ୍ଦିରରୁ ଚୋରି ହୋଇଥିଲା। ଖେଲାର ଓ ହରିଶପୁର ଅଞ୍ଚଳରେ ଚୋରି ଘଟଣା, ଚୋରା ମାଦକଦ୍ରବ୍ୟ କାରବାର, ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ମହାନଦୀ ବିହାର ଶାଖା**
ପ୍ଲଟ୍ ନଂ.: ୧୩୩୭, ମହାନଦୀ ବିହାର,
ଜିଲ୍ଲା: କଟକ, ପିନ୍ - ୭୫୩୦୦୪

**ଡିମାଣ୍ଡ ନୋଟିସ୍**

**ଆମର ମହାନଦୀ ବିହାର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାନଦୀ ବିହାର ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ପ୍ରକାର | ଏନ୍‌ପିଏ ତାରିଖ/ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ କେ ସି ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଜେନା,** ସା/ପୋ.: ନୟାବଜାର, ଥାନା: ସିଆର୍‌ଆର୍‌ଆଇ, ଜିଲ୍ଲା: କଟକ-୭୫୩୦୦୪ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ କଳ୍ପଲତା ସାହୁ,** ସ୍ୱାମୀ: ଶ୍ରୀ ଦିଲ୍ଲିପ କୁମାର ସାହୁ, ସା.: କପାଳେଶ୍ୱର, ଶିବାନୀ ମନ୍ଦିର ନିକଟ, ପୋ/ଥାନା: ଚୌଦ୍ୱାର, ଜିଲ୍ଲା: କଟକ-୭୫୪୦୨୫ | ୧)କ୍ୟାଶ କେଡ୍ରିଟ୍ ୨)ଏମ୍‌ଏସ୍‌ଏମ୍‌ଇ ୩)ଏମ୍‌ଏସ୍‌ଏମ୍‌ଇ | ୨୬.୦୧.୨୦୨୬ / ୦୩.୦୨.୨୦୨୬ / ଟ.୪୮,୮୬,୧୯୦.୪୩ + ସେବାବଦ ଭବିଷ୍ୟତ ସୁଧ ଏବଂ ଦେୟ | **ଶ୍ରୀମତୀ କଳ୍ପଲତା ସାହୁଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୬୭/୪୩୭୯, ଖାତା ନଂ.: ୮୫୯/୧୬୦୩, ଗ୍ରାମ/ମୌଜା: କପାଳେଶ୍ୱର, ୱାର୍ଡ: ଚୌଦ୍ୱାର ମ୍ୟୁନିସିପାଲିଟି: ୧୭, ଜିଲ୍ଲା: କଟକ, **ସମୁଦାୟ କ୍ଷେତ୍ର: ଏକର ୦.୦୮୦ ଡିସିମିଲି ଯାହା ୩୪୮୫ ବର୍ଗଫୁଟ,** ଏହାର ଚରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ଜେଠୀଙ୍କ ବାସସ୍ଥାନ, ପୂର୍ବ: ଶ୍ରୀ ଜୟନ୍ତ ପରିଡା, ପଶ୍ଚିମ: ଶ୍ରୀ ଜୟନ୍ତ ପରିଡା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଆମ୍ଭ ସହିତ ଆପଣ ସହଯୋଗ କରିବାରେ ବିଫଳ ହେଲେ ତେଣୁ ଆମ୍ଭେ ସୁରକ୍ଷିତ ଋଣଦାତା ଭାବେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ଅନୁଯାୟୀ ଯେକୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରିବାକୁ ହକ୍‌ଦାର ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ : କଟକ, ତାରିଖ : ୦୯.୦୨.୨୦୨୬** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ବାୟୁ ପ୍ରଦୂଷଣ ଯୋଗୁ ଦିନକୁ ୪୬୪ଜଣ ଶିଶୁଙ୍କ ମୃତ୍ୟୁ

ଭୁବନେଶ୍ୱର, ୯।୨ (ବନ୍ଦନା ସେଠୀ)



ବାୟୁ ପ୍ରଦୂଷଣକୁ ନେଇ ଓଇଏସ୍ ପକ୍ଷରୁ ଅନୁଷ୍ଠିତ ସେମିନାର୍‌ରେ ଯୋଗ ଦେଇଥିବା ଅତିଥିମାନେ।

ଆମେରିକାର ଗବେଷଣା ସଂସ୍ଥା ହେଲ୍‌ଥ ଇଫେକ୍ଟସ ଇନ୍‌ଷ୍ଟିଚ୍ୟୁଟ (ଏଚ୍‌ଇଆଇ) ପକ୍ଷରୁ ପ୍ରକାଶିତ 'ଷ୍ଟେଟ ଅଫ୍ ଗ୍ଲୋବାଲ ଏୟାର (ଏସ୍‌ଓଜିଏ) ୨୦୨୪' ରିପୋର୍ଟ ଅନୁଯାୟୀ ବାୟୁ ପ୍ରଦୂଷଣ ସହିତ ଜଡିତ କାରଣ ଯୋଗୁ ଭାରତରେ ପ୍ରତିଦିନ ୫ବର୍ଷରୁ କମ୍ ବୟସର ୪୬୪ଜଣ ଶିଶୁ ମୃତ୍ୟୁବରଣ କରୁଛନ୍ତି। ଭାରତର ଅନେକ ସହରାଞ୍ଚଳରେ ବାୟୁ ପ୍ରଦୂଷଣ ସମସ୍ୟା ସ୍ୱାସ୍ଥ୍ୟ କ୍ଷେତ୍ରରେ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରୁଛି। ଶିଳ୍ପ ନିର୍ଗମନ, ଯାନବାହନ, ନିର୍ମାଣ କାର୍ଯ୍ୟ ଏବଂ କଠିନ ଆବର୍ଜନା ଓ ନଡ଼ା ପୋଡ଼ିବା ବାୟୁ ପ୍ରଦୂଷଣର ପ୍ରମୁଖ ଉତ୍ସ ବୋଲି ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ମୁଖ୍ୟ ବୈଜ୍ଞାନିକ ଡ. ତୃପ୍ତି ଦାସ କହିଛନ୍ତି। ବାୟୁ ପ୍ରଦୂଷଣକୁ ନେଇ ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ସେମିନାର ଆୟୋଜନ କରାଯାଇଥିଲା। ପ୍ରସଙ୍ଗ ଥିଲା 'ଆଜି ଆମେ ନିଃଶ୍ୱାସ ନେଉଥିବା ବାୟୁ କେତେ ସୁରକ୍ଷିତ ? ଏକ ନୀରବ ଘାତକ ଭାବରେ ବାୟୁ ପ୍ରଦୂଷଣର ଏକ ସମୀକ୍ଷା'। ଡ. ଦାସ ଏହା ଉପରେ ଆଲୋଚନା କରିବା ସହ ଶୀତଋତୁରେ ଓଡ଼ିଶା ସମେତ ସାରା ଦେଶରେ ବାୟୁ ଗୁଣବତ୍ତା ସୂଚକାଙ୍କ ଅତ୍ୟନ୍ତ ଖରାପ ହେବାର କାରଣ ବିଷୟରେ ବ୍ୟାଖ୍ୟା କରିଥିଲେ। ସମିତିର ସଚିବ ଇଂ. ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇ କହିଲେ, ବର୍ଦ୍ଧିତ ସହରାଞ୍ଚଳ ଜୀବନଶୈଳୀ ସହିତ ଅଧିକରୁ ଅଧିକ ମୋଟରଯାନ ରାସ୍ତାରେ ଗଡ଼ିଚାଲିଛି। ଟାୟାରରୁ ନିର୍ଗତ ସୂକ୍ଷ୍ମ ଧୂଳି ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପଡୁଛି ବୋଲି ମତ ରଖିଥିଲେ। ଅତ୍ୟାଧୁନିକ ଗ୍ୟାଜେଟ ଏବଂ ଏୟାରକଣ୍ଡିଶନର ବ୍ୟବହାର ଯୋଗୁ ଆବାସିକ ଘରରୁ ପ୍ରାୟ ୪୦ ପ୍ରତିଶତ ଗ୍ରୀନ୍‌ହାଉସ ଗ୍ୟାସ ସୃଷ୍ଟି ହେଉଥିବା ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର କହିଥିଲେ। ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ଏବଂ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକର ବାୟୁ ଗୁଣବତ୍ତା ମୂଲ୍ୟାଙ୍କନ ଓ ଏହାର ଉନ୍ନତି ପାଇଁ ଏକ ପାଇଲଟ ପ୍ରକଳ୍ପ ହାତକୁ ନେଉ ବୋଲି କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସେବା ମହାପାତ୍ର, ପ୍ରଫେସର ବି.ଏସ୍ ପାତ୍ର, ଇଂ. ସୁରେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସମିତି ଉପାଧ୍ୟକ୍ଷ ଡ. ଲାଲା ଏ.କେ.ସିଂହ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା, ସଂଯୋଜକ ପ୍ରଫେସର ଚୌଧୁରୀ ସୂର୍ଯ୍ୟ କାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ ଏବଂ ଯୁଗ୍ମ ସଚିବ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁକ୍ତ୨ ପରୀକ୍ଷା: ୧୩ରେ ହବ୍‌କୁ ପଠାଯିବ ପ୍ରଥମ ପର୍ଯ୍ୟାୟ ପ୍ରଶ୍ନପତ୍ର

ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)

**ସିସିଟିଭିରୁ ପ୍ରଶ୍ନପତ୍ର ପ୍ରଘଟ ସମ୍ଭାବନାକୁ ଖଣ୍ଡନ କଲେ ପରୀକ୍ଷା ନିୟନ୍ତ୍ରକ**

ଆସନ୍ତା ୧୮ ତାରିଖରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ୧୨ ତାରିଖରେ ବିଭିନ୍ନ ପରୀକ୍ଷା ପରିଚାଳନା ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବାର ଥିଲା। ହେଲେ ଉକ୍ତଦିନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବାରୁ ପରଦିନ ଅର୍ଥାତ୍ ୧୩ ତାରିଖରେ ପ୍ରଶ୍ନପତ୍ର ପଠାଯିବ। ଗୋଟିଏ ଦିନ ବିଳମ୍ବ ପାଇଁ ପରୀକ୍ଷା ପ୍ରକ୍ରିୟାରେ କୌଣସି ପ୍ରଭାବ ପକାଇବ ନାହିଁ। ସୁରକ୍ଷିତ ଭାବେ ପ୍ରଶ୍ନପତ୍ର ପରୀକ୍ଷା ହବ୍‌ରେ ପହଞ୍ଚିବ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଦୁଇଟି ପର୍ଯ୍ୟାୟରେ ୨୧୧ଟି ପରୀକ୍ଷା ପରିଚାଳନା ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚାଯିବ। ମାର୍ଚ୍ଚ ୪ରୁ ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ପଠାଯିବ ଓ ୭ତାରିଖ ସୁଦ୍ଧା ସମସ୍ତ ହବ୍‌ରେ ପହଞ୍ଚିଯିବ ବୋଲି ସେ ସୂଚନା ଦେଇଛନ୍ତି।

ସେହିପରି ପରୀକ୍ଷା ସମୟରେ ପ୍ରଶ୍ନପତ୍ର ସୁରକ୍ଷା ସହିତ କପି ରୋକିବା ପାଇଁ ବ୍ୟବସ୍ଥା ହୋଇଛି। ହବ୍‌ରେ ଏଆଇ ପରିଚାଳିତ ସିସିଟିଭି ଲାଗିଥିବାବେଳେ ସମସ୍ତ ପରୀକ୍ଷା ହଲ୍‌ରେ ମଧ୍ୟ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏହାକୁ ନେଇ କେତେଜଣ ଅଧ୍ୟାପକ ପ୍ରଶ୍ନ ଉଠାଇଛନ୍ତି। ସେମାନେ କହିଛନ୍ତି, ପରୀକ୍ଷା ହଲ୍‌ରେ ଲାଗିଥିବା ସିସିଟିଭି ହାଇ-ରିଜୋଲୁଶନର ହୋଇଥିଲେ ବା ଛୋଟ କୋଠରିରେ ପରୀକ୍ଷା ହେଉଥିଲେ ପ୍ରଶ୍ନପତ୍ର ସିସିଟିଭି କ୍ୟାମେରାରେ କଏଦ ହେବ। ପ୍ରଶ୍ନପତ୍ର ଜଗିବାକୁ ବ୍ୟାପକ ପଦକ୍ଷେପ ନିଆଯାଉଥିବାବେଳେ ଏହି ଗଳାବାଟ ଜଗିବାକୁ କୌଣସି ବ୍ୟବସ୍ଥା ନାହିଁ। ଅପରପକ୍ଷରେ ଏହି ପ୍ରକ୍ରିୟାରେ ପ୍ରଶ୍ନପତ୍ର ଭାଇରାଲ୍ ହେଲେ ମଧ୍ୟ ହବ୍ ବା ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଅଧ୍ୟାପକମାନେ ହରଡ଼ଘଣାରେ ପଡ଼ିବେ। ଏଣୁ ସିସିଟିଭି କଣ୍ଟ୍ରୋଲ୍ ରୁମ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ସହ ସିସିଟିଭି ମାଧ୍ୟମରେ ପ୍ରଶ୍ନପତ୍ର ଯେପରି ପ୍ରଘଟ ନ ହେବ ସେଥିପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଅଧ୍ୟାପକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି, ପରୀକ୍ଷା ହଲ୍‌ରେ ଲାଗିଥିବା ସିସିଟିଭିକୁ ଜୁମ୍ କରାଯାଇ ପାରିବ ନାହିଁ। ସେହିପରି ପରୀକ୍ଷା ସମୟରେ ସିସିଟିଭି କେବଳ ସୁପରିଣ୍ଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧାନରେ ରହୁଥିବାରୁ ପ୍ରଶ୍ନପତ୍ର ବାହାରକୁ ଆସିବାର କୌଣସି ସମ୍ଭାବନା ନାହିଁ।

# ପ୍ରେମକୁ ମଜଭୁତ କରିବ ଟେଡି ଡେ'



ଭୁବନେଶ୍ୱର,୯।୨ (ସୌମ୍ୟରଞ୍ଜନ ରାଉତ)

ଭାଲେଣ୍ଟାଇନ୍ସ ସପ୍ତାହର ତୃତୀୟ ଦିବସ ସୋମବାର ଚକୋଲେଟ୍ ଡେ'ରେ ପ୍ରେମୀଯୁଗଳ ପରସ୍ପରକୁ ଚକୋଲେଟ ଦେଇ ସମ୍ପର୍କରେ ମଧୁରତା ବୃଦ୍ଧି କରିଥିଲେ। ମଙ୍ଗଳବାର ଚତୁର୍ଥ ଦିବସକୁ ଟେଡି ଡେ' ଭାବେ ପାଳନ କରିବେ ସେମାନେ। ପ୍ରେମିକା ଓ ପ୍ରେମିକ ପରସ୍ପରକୁ ଟେଡି ଦିଆନିଆ କରି ପ୍ରେମକୁ ଆହୁରି ମଜଭୁତ କରିବେ। କୁହାଯାଏ, ଟେଡି ଯେତେ ଦିନ ପାଖରେ ଥିବ, ସେତେ ଦିନ ଯାଏ ପ୍ରେମ ସମ୍ପର୍କ ଦୃଢ଼ ହୋଇରହିବ। ଟେଡି ବିୟର୍‌କୁ ପ୍ରେମ ଓ ଯତ୍ନର ପ୍ରତୀକ ଭାବେ ବିବେଚନା କରାଯାଏ। ତେଣୁ ଆଜିର ଦିନରେ ପ୍ରେମିକମାନେ ନିଜ ପ୍ରେମିକାକୁ ତାଙ୍କ ମନ ପସନ୍ଦ ରଙ୍ଗର ଟେଡି ବିୟର ଉପହାର ଦେଇଥାଆନ୍ତି। ବିଭିନ୍ନ ରଙ୍ଗର ଟେଡିକୁ ପ୍ରେମୀଯୁଗଳମାନେ ଉପହାର ପ୍ରଦାନ କରିଥାନ୍ତି।

# ୮ ପାଇବେ ଶାଳନ୍ଦୀ ସାହିତ୍ୟ ସଙ୍ଗମ ସୃଜନ ପୁରସ୍କାର

ଭୁବନେଶ୍ୱର,୯।୨(ସୌମ୍ୟରଞ୍ଜନ ରାଉତ)

**୬ ଜଣଙ୍କୁ 'ସାହିତ୍ୟସଖା ସମ୍ମାନ'**

ଚଳିତବର୍ଷ ପାଇଁ ଶାଳନ୍ଦୀ ସାହିତ୍ୟ ସଙ୍ଗମ ସୃଜନ ପୁରସ୍କାର ଘୋଷଣା ହୋଇଛି। ଟାଇମ୍‌ପାସ୍ ପ୍ରକାଶନୀ ପକ୍ଷରୁ ଭଦ୍ରକ ଶାଳନ୍ଦୀ ବାଇପାସ୍‌ଠାରେ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ସାହିତ୍ୟ ଉତ୍ସବରେ ୮ଜଣଙ୍କୁ ଭଦ୍ରକର ବରପୁତ୍ରଙ୍କ ନାମରେ ନାମିତ 'ସୃଜନ ପୁରସ୍କାର' ଓ ୬ ଜଣଙ୍କୁ 'ସାହିତ୍ୟସଖା ସମ୍ମାନ' ପ୍ରଦାନ କରାଯିବ। କଥାଶିଳ୍ପୀ ଡ. ପ୍ରତିଭା ରାୟଙ୍କୁ 'ନିତ୍ୟାନନ୍ଦ ମହାପାତ୍ର ଉପନ୍ୟାସ ପୁରସ୍କାର', କବି ଅପର୍ଣ୍ଣା ମହାନ୍ତିଙ୍କୁ 'କବିଶେଖର ଚିନ୍ତାମଣି ମହାନ୍ତି କବିତା ପୁରସ୍କାର', କଥାଶିଳ୍ପୀ ଦାଶ ବେନ୍‌ହୁରଙ୍କୁ 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଗଳ୍ପ ପୁରସ୍କାର', ସମାଲୋଚକ ପ୍ରଫେସର କୈଳାସ ପଟ୍ଟନାୟକଙ୍କୁ 'ହରେକୃଷ୍ଣ ମହତାବ ପ୍ରବନ୍ଧ ପୁରସ୍କାର', ଅନୁବାଦକ ପ୍ରଦୀପ କୁମାର ରାୟଙ୍କୁ 'ଲକ୍ଷ୍ମୀନାରାୟଣ ମହାନ୍ତି ଅନୁବାଦ ପୁରସ୍କାର', ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ୍ ରାୟଙ୍କୁ 'ବଂଶୀବଲ୍ଲଭଗୋସ୍ୱାମୀ ନାଟକ ପୁରସ୍କାର', କଣ୍ଠଶିଳ୍ପୀ ଶେଖର ଘୋଷଙ୍କୁ 'ମନମୋହନ ସାବତ ସଙ୍ଗୀତ ପୁରସ୍କାର' ଓ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ 'ନୀରଦ ମହାପାତ୍ର ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ସାହିତ୍ୟସଖା ସମ୍ମାନରେ ସମ୍ବର୍ଦ୍ଧିତ ହେବେ 'ଝଙ୍କାର' ପତ୍ରିକାର ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି, ଭଦ୍ରକର ସାହିତ୍ୟାନୁରାଗୀ ଅଜୟ ନାୟକ, ବାଲେଶ୍ୱରର ସାହିତ୍ୟ ସଂଗଠକ ପ୍ରଶାନ୍ତ କୁମାର ଦାସ, 'ପକ୍ଷୀଘର'ର ପ୍ରକାଶକ ବନୋଜ ତ୍ରିପାଠୀ, 'ଆକାଂକ୍ଷା'ର ସମ୍ପାଦକ ସୁରେଶ ନାୟକ ଏବଂ ପ୍ରଚ୍ଛଦଶିଳ୍ପୀ ଚୂଡ଼ାମଣି ଦାସ। ଏଥିସହ ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦମାଷ୍ଟ୍ରେ'ର ପ୍ରିମିୟର୍ ଶୋ' ଅନୁଷ୍ଠିତ ହେବ ବୋଲି ଉତ୍ସବର ନିର୍ଦ୍ଦେଶକ ସରୋଜ ବଳ ଓ ସଭାପତି ପବିତ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି।



ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ ପକ୍ଷରୁ ଚାଲିଥିବା ଜୋନ୍‌ସ୍ତରୀୟ ଖଦି ପ୍ରଦର୍ଶନୀର ଏକ ଷ୍ଟଲ୍‌ରେ ଲୋକେ କିଣାକିଣି କରୁଛନ୍ତି। (ଫଟୋ- ବିକାଶ ନାୟକ)


ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ସୁନନ୍ଦା



@ ରାହୁଲ



@ ସୁମିତ



@ ଅବିନାଶ



@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରତି ଶୁକ୍ରବାର ରାଜସ୍ୱ ବିଭାଗ ଅଧିକାରୀ, କର୍ମଚାରୀ ପିନ୍ଧିବେ ହସ୍ତତନ୍ତ ଲୁଗା

**ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବାକୁ ଅରବିନ୍ଦ ପାଢ଼ୀଙ୍କ ଗୁରୁତ୍ୱ**

ଭୁବନେଶ୍ୱର,୯।୨ (ସୌମ୍ୟରଞ୍ଜନ ରାଉତ)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଡ. ଅରବିନ୍ଦ କୁମାର ପାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ବିଭାଗର ରାଜ୍ୟ ମୁଖ୍ୟାଳୟ, ଜିଲା ଏବଂ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରେରଣ କରିଛନ୍ତି। ଏଥିରେ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ସହ ଏହାକୁ ଅଧିକ ଲୋକାଭିମୁଖୀ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଛନ୍ତି। ସଚ୍ଚୋଟତା, ବୃତ୍ତିଗତ ନିଷ୍ଠା ତଥା ସମ୍ବେଦନଶୀଳତାକୁ ପ୍ରାଥମିକତା ଦେବା ସହ ତ୍ୱରିତ ପ୍ରୟାସ ମାଧ୍ୟମରେ ବ୍ୟବସ୍ଥା ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ବୃଦ୍ଧି କରିବା ନିମନ୍ତେ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ନାଗରିକଙ୍କ ଅଭିଯୋଗର ତ୍ୱରିତ ସମାଧାନ, ଉତ୍ତମ ଶାସନ ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଲୋକସେବାରେ ଶିଷ୍ଟାଚାର ଓ ଶୃଙ୍ଖଳାର ପାଳନ, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ସମେତ ସମସ୍ତ ସରକାରୀ ଜମିର ସୁରକ୍ଷା, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ଉପରେ ପାଢ଼ୀ ଗୁରୁତ୍ୱ ଦେଇଛନ୍ତି। ଏହା ସହ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ କଳା ପ୍ରତି ସମ୍ମାନ ଜଣାଇ ସପ୍ତାହର ପ୍ରତି ଶୁକ୍ରବାର ହସ୍ତତନ୍ତ ପୋଷାକ ପିନ୍ଧିବା ପାଇଁ ସେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସାହିତ କରିଛନ୍ତି। ସଚ୍ଚୋଟ ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସମ୍ମାନ ଓ ପୁରସ୍କାର ଦିଆଯିବା ସହ ଦୁର୍ନୀତି ଏବଂ ଏହାର ପୃଷ୍ଠପୋଷକ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ବିଭିନ୍ନ ସମୟରେ କ୍ଷେତ୍ର ପରିଦର୍ଶନ କରି ଅଚାନକ ଯାଞ୍ଚ କରିବା ସହ ବିଭାଗୀୟ ଅଧିକାରୀ ଓ ସାଧାରଣ ଜନତାଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତିର ମୂଲ୍ୟାଙ୍କନ କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ତତ୍ପରତା ପ୍ରକାଶ କରିଛନ୍ତି।

# ଜିତିଲେ ୩୯ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ

**୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ସ ଚାମ୍ପିୟନ୍‌ଶିପର ଦ୍ୱିତୀୟ ଦିନ**

କଟକ,୯।୨(କାର୍ତ୍ତିକ ସାହୁ)




ରାଜ୍ୟ ପୋଲିସ ଆଥଲେଟିକ୍ସ ଚାମ୍ପିୟନ୍‌ଶିପର ଦ୍ୱିତୀୟ ଦିବସରେ କୃତୀ ଖେଳାଳିଙ୍କ ସହ ଅତିଥିମାନେ।

କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ସ ଚାମ୍ପିୟନ୍‌ଶିପ୍‌ର ସୋମବାର ଦ୍ୱିତୀୟ ଦିନ କ୍ରୀଡ଼ା ପ୍ରତିଯୋଗିତା ବେଶ୍ ଚିତ୍ତାକର୍ଷକ ହୋଇଛି। ରାଜ୍ୟର ବିଭିନ୍ନ ପୋଲିସ ଜିଲା, ବାଟାଲିୟନ ଓ ୟୁନିଟ୍‌ର ଖେଳାଳିମାନେ ଉଚ୍ଚମାନର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ପୁରୁଷ ଓ ମହିଳା ବର୍ଗରେ ବିଭିନ୍ନ ପ୍ରକାର ଟ୍ରାକ ଓ ଫିଲ୍ଡ ଇଭେଣ୍ଟ ହୋଇଥିଲା। ୧୦୦ ମିଟର ବାଧାଦୌଡ଼, ୧୧୦ ମିଟର ବାଧାଦୌଡ଼, ଟ୍ରିପଲ ଜମ୍ପ, ୨୦୦ ମିଟର, ୪୦୦ ମିଟର, ୫୦୦୦ ମିଟର ଦୌଡ଼, ଲଙ୍ଗଜମ୍ପ, ଶଟପୁଟ, ଡିସକସ୍ ଥ୍ରୋ, ଜାଭେଲିନ ଥ୍ରୋ, ଡେକାଥଲନ ଓ ରିଲେ ଭଳି ପ୍ରତିଯୋଗିତା ହୋଇଥିଲା। ଅନେକ ଖେଳାଳି ଉଲ୍ଲେଖନୀୟ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ।

ଦ୍ୱିତୀୟ ଦିନର ମୁଖ୍ୟ ଇଭେଣ୍ଟ ଓ ପଦକ ବିଜେତାଙ୍କ ମଧ୍ୟରେ ୨୦୦ ମିଟର ଦୌଡ଼ (ପୁରୁଷ) ସ୍ୱର୍ଣ୍ଣ ବିଘ୍ନରାଜ ମିରିଡିଆ, ରୌପ୍ୟ ନିତେଶ କୁମାର ମହନ୍ତ, କାଂସ୍ୟ ଅଭିଷେକ ଦଳବେହେରା, ୫୦୦୦ ମିଟର ଦୌଡ଼ (ପୁରୁଷ) ସ୍ୱର୍ଣ୍ଣ ଅଶୋକ ଦଣ୍ଡସେନା, ରୌପ୍ୟ ସତ୍ୟଜିତ ମହନ୍ତ, କାଂସ୍ୟ ଚନ୍ଦନ ଶବର, ୧୧୦ ମିଟର ବାଧାଦୌଡ଼ (ପୁରୁଷ), ସ୍ୱର୍ଣ୍ଣ ଅଂଶୁମାନ ରାୟଗୁରୁ, ରୌପ୍ୟ ଅନିଲ ସିଂ, କାଂସ୍ୟ ପ୍ରବୀଣ ତାରିଆ, ଟ୍ରିପଲ ଜମ୍ପ (ପୁରୁଷ), ସ୍ୱର୍ଣ୍ଣ ତରଣିସେନ ମହନ୍ତ, ରୌପ୍ୟ ସମ୍ରାଟ ସା, କାଂସ୍ୟ ଟି. ଖରସେଲ, ଡିସକସ (ପୁରୁଷ) ସ୍ୱର୍ଣ୍ଣ କେ. ବାବୁଜୀ, ରୌପ୍ୟ ପ୍ରଦୀପ୍ତ କୁମାର ରାଉତରାୟ, କାଂସ୍ୟ ଯୁଗେଶ କୁମାର ଦାସ, ୨୦୦ ମିଟର ଦୌଡ଼ (ମହିଳା), ସ୍ୱର୍ଣ୍ଣ ସୁଖି ବାସକେ, ରୌପ୍ୟ ପ୍ରୀତିରେଖା ମାରଡି, କାଂସ୍ୟ ମାମିନା ରାଉତ, ୫୦୦୦ ମିଟର ଦୌଡ଼ (ମହିଳା), ସ୍ୱର୍ଣ୍ଣ ସୁସ୍ମିତା ଟିଗା, ରୌପ୍ୟ ଲିପିନା ପରିଡ଼ା, କାଂସ୍ୟ ଦିଲେଶ୍ୱରୀ ମେହେର, ୧୦୦ ମିଟର ବାଧାଦୌଡ଼ (ମହିଳା), ସ୍ୱର୍ଣ୍ଣ ସବିତା ଟପୋ, ରୌପ୍ୟ ବନିତା ଲାକ୍ରା, କାଂସ୍ୟ ସବିତା ମଲ୍ଲିକ, ଲଙ୍ଗଜମ୍ପ (ମହିଳା), ସ୍ୱର୍ଣ୍ଣ ସୁଚିସ୍ମିତା ପ୍ରଧାନ, ରୌପ୍ୟ ରିନା କିଷାନ, କାଂସ୍ୟ ମୌସୁମୀ ଲାକ୍ରା, ଜାଭେଲିନ (ମହିଳା) ସ୍ୱର୍ଣ୍ଣ ରଞ୍ଜିତା ଖେସ, ରୌପ୍ୟ ରଞ୍ଜିତା ଟପୋ, କାଂସ୍ୟ ସଙ୍ଗୀତା ମିଞ୍ଜ, ୪ x ୧୦୦ ମିଟର ରିଲେ (ପୁରୁଷ) ସ୍ୱର୍ଣ୍ଣ ବ୍ରହ୍ମପୁର, ରୌପ୍ୟ ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକ, କାଂସ୍ୟ କମିଶନରେଟ, ଭୁବନେଶ୍ୱର ବି, ୪ x ୧୦୦ ମିଟର ରିଲେ (ମହିଳା), ସ୍ୱର୍ଣ୍ଣ ସୁନ୍ଦରଗଡ଼, ରୌପ୍ୟ କେନ୍ଦୁଝର, କାଂସ୍ୟ-କମିଶନରେଟ ଭୁବନେଶ୍ୱର ଏ, ଡେକାଥଲନ (ପୁରୁଷ) ସ୍ୱର୍ଣ୍ଣ କୋରାପୁଟ, ରୌପ୍ୟ ଓଆଇଏସ୍‌ଏଫ୍ ଭୁବନେଶ୍ୱର, କାଂସ୍ୟ ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକ ରହିଛନ୍ତି। ଏହି ଅବସରରେ ଆଇଜି (କାର୍ମିକ) ପ୍ରବୀଣ କୁମାର, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

**ଗଛରେ ପିଟି ହେଲା କାର: ୨ମୃତ**

ଲଇକେରା, ୯।୨(ରଞ୍ଜନ କୁମାର ମେହେର): ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଧୂକାଟୌକଠାରେ ସୋମବାର ଏକ କାର୍ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଲଇକେରା ସାହାସପୁର ନିକଟସ୍ଥ ବନ୍ଧପାଲି ଗ୍ରାମରୁ କାର ଯୋଗେ ସମ୍ବଲପୁର ଜିଲା ଲଇଡାରେ ଏକ ବାହାଘରରେ ସାହାସପୁରର ସୁଶୀଳ ପଟେଲ (୭୨), ବନ୍ଧପାଲିର ପ୍ରମୋଦିନୀ ଚୌଧୁରୀ (୮୦) ଏବଂ ଡ୍ରାଇଭର ତଥା କାର ଚଳାଉଥିବା କୁବେର ଚୌଧୁରୀ (୬୩) ଯୋଗଦେଇ ଫେରିବାବେଳେ ଧୂକାଟୌକଠାରେ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଏଥିରେ ପ୍ରମୋଦିନୀ, ସୁଶୀଳଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

# ତାମିଲନାଡୁରେ ୩ ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା

ଦିଗପହଣ୍ଡି,୯।୨(ଅଶେଷ ନାଥ ମିଶ୍ର)

## ଉଦ୍ଧାର ପାଇଁ ଗଲା ଦିଗପହଣ୍ଡି ପୋଲିସ



ଏସ୍. ଧୋବା ଦୋରା



ବି. ବୁଡୁ ରେଡ୍ଡୀ



ବି.ପୂର୍ଣ୍ଣ ରେଡ୍ଡୀ

ଗଞ୍ଜାମ ଜିଲାରୁ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ୩ ଶ୍ରମିକ ନିର୍ଯାତନାର ଶିକାର ହୋଇଛନ୍ତି। ଶ୍ରମିକମାନେ କାମ କରୁଥିବା କମ୍ପାନୀରେ ସେମାନଙ୍କୁ ଅଟକ ରଖାଯାଇ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏହି ଖବର ଜାଣିବା ପରେ ଦିଗପହଣ୍ଡି ପୋଲିସ ଏହାକୁ ଗୁରୁତର ସହ ନେଇଛି। ସୋମବାର ନଂ. ୪୪/୨୬ରେ ଏକ ମାମଲା ରୁଜୁ କରି ପୋଲିସ ସମ୍ପୃକ୍ତ ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ତାମିଲନାଡୁ ଯାତ୍ରା କରିଛି।

ଖବରରୁ ଜଣାପଡ଼ିଛି, ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଲକ୍ଷ୍ମୀ ନାରାୟଣପୁର ଗାଁର ବି.ତବତ ରେଡ୍ଡୀଙ୍କ ପୁଅ ବି. ବୁଡୁ ରେଡ୍ଡୀ(୩୨), ବି.ଗଣେଶ ରେଡ୍ଡୀଙ୍କ ପୁଅ ବି.ପୂର୍ଣ୍ଣ ରେଡ୍ଡୀ (୩୦) ଏବଂ ଏସ୍.ଦୁର୍ଯୋଧନ ଦୋରାଙ୍କ ପୁଅ ଏସ୍. ଧୋବା ଦୋରା (୩୧) ଗତ ୧୫ ଦିନ ତଳେ କାମ କରିବା ପାଇଁ ଜଣେ ଶ୍ରମିକ ଠିକାଦାରଙ୍କ ସହ ତାମିଲନାଡୁ ଯାଇଥିଲେ। ସେଠାରେ ନାଗପଟ୍ଟନମ୍ ଜିଲା ପଙ୍ଗାଲ ଗ୍ରାମସ୍ଥିତ ଏକ ବିସ୍କୁଟ ଫ୍ୟାକ୍ଟ୍ରିରେ ପାଇପ ୱେଲ୍ଡିଂ କାମ ଠିକାଦାର ସେମାନଙ୍କୁ ନେଇଥିଲେ। ମାତ୍ର ସେଠାରେ କାମ ନ ମିଳିବାରୁ ସେମାନେ ଗାଁକୁ ଫେରିବାକୁ ସେଠାକାର ରେଳ ଷ୍ଟେଶନକୁ ଚାଲି ଆସିଥିଲେ। ସେଠାରୁ ଅନ୍ୟ ଜଣେ ଶ୍ରମିକ ଠିକାଦାର ସେମାନଙ୍କୁ କାମ ଦେବାର ପ୍ରତିଶ୍ରୁତି ଦେଇ ପୁଣି ସେହି ବିସ୍କୁଟ କମ୍ପାନୀକୁ ଡାକି ନେଇଥିଲେ। ସେଠାରେ କମ୍ପାନୀମାଲିକ ସେମାନଙ୍କୁ କ୍ରୀତଦାସ ଭଳି ଖଟାଇବା ସହ ଏକ ଘର ଭିତରେ ନଜରବନ୍ଦୀ କରି ରଖି ସେମାନଙ୍କ ମୋବାଇଲ ଫୋନ ଛଡାଇ ନେଉଥିଲେ। ସେମାନଙ୍କୁ ୩ ଦିନ ହେଲା କିଛି ଖାଇବାକୁ ମିଳିନାହିଁ। ପ୍ରତିଦିନ ସନ୍ଧ୍ୟା ୬ଟାରେ କମ୍ପାନୀର ଜଣେ କର୍ମଚାରୀ ମୋବାଇଲ ଫୋନ ସେମାନଙ୍କୁ ଦେଉଥିଲେ। ପୁଣି ୫ ମିନଟ୍ ପରେ ଛଡାଇ ନେଉଥିଲେ। ଏପରିକି ପରିବାର ଲୋକଙ୍କ ସହ କଥା ହେବାକୁ ଫୋନ ଦେଉ ନ ଥିଲେ। ମଜୁରି ବାବଦ ଟଙ୍କା ମାଗିବାରୁ ସେଠାରେ ସେମାନଙ୍କୁ କମ୍ପାନୀ ମାଲିକଙ୍କ ଇଙ୍ଗିତରେ ଶ୍ରମିକ ଠିକାଦାର ନିହୁକ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ। ଏସ୍.ଧୋବା କୌଶଳକ୍ରମେ ଶୁକ୍ରବାର ଫୋନ ଯୋଗେ ସମସ୍ତ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କ ବାପା ଦୁର୍ଯୋଧନ, ପୂର୍ଣ୍ଣଙ୍କ ସ୍ତ୍ରୀ ମୁକ୍ତା ରେଡ୍ଡୀ ଏବଂ ବୁଡୁଙ୍କ ସ୍ତ୍ରୀ ସୁମିତ୍ରା ରେଡ୍ଡୀ ଶନିବାର ଦିଗପହଣ୍ଡି ଥାନାରେ ଏନେଇ ଏତଲା ଦେଇଥିଲେ।

ଏତଲାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଏକ ମାମଲା ରୁଜୁ କରି ବ୍ରହ୍ମପୁର ଯାଇ ଏସ୍‌ପି ଡା. ଶ୍ରବଣା ବିବେକ ଏମ୍‌ଙ୍କୁ ଭେଟି ସମସ୍ତ ଘଟଣା ଜଣାଇଥିଲେ। ଏସ୍‌ପି ତାମିଲନାଡୁ ତିରିପୁର ଏସ୍‌ପିଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା କରି ସହାୟତା ପାଇଁ ଅନୁରୋଧ କରିଥିଲେ। ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଅଟକ ଥିବା ୩ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦିଗପହଣ୍ଡି ଥାନା ପ୍ରୋବେସନାରୀ ଏସ୍‌ଆଇ ମହାପ୍ରସାଦ ମହାନ୍ତି, ଏଏସ୍‌ଆଇ ମନୋଜ ସିଂ ଏବଂ ୨ ଜଣ କନଷ୍ଟେବଲ ସୋମବାର ତାମିଲନାଡୁ ଅଭିମୁଖେ ଯାତ୍ରା କରିଛନ୍ତି। ଏନେଇ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ଏବଂ ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି।



ବରଗଡ଼ ସହର ଉପକଣ୍ଠ ବରଡୋଲସ୍ଥିତ ଏକ ବସ୍ତା କାରଖାନାରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କାରଖାନାର ବିଭିନ୍ନ ସାମଗ୍ରୀ ଜଳିଯାଇଛି।

# 'କୃମିମୁକ୍ତ ଶିଶୁ, ଉଜ୍ଜ୍ୱଳ ଭବିଷ୍ୟତ'

ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ତେଣୁ ଭବିଷ୍ୟତ ପିଢ଼ିଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଛୋଟପିଲାଙ୍କଠାରେ କୃମି ହେବା ଏକ ସାଧାରଣ କଥା। ମାତ୍ର ସମୟ ସହିତ ଏହାର ନିରାକରଣ କରା ନ ଗଲେ ଭବିଷ୍ୟତରେ ଏହା ସେମାନଙ୍କ ପାଇଁ ବିପଦ ସାଜିଥାଏ। କୃମି ହେଲେ ପିଲାମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଯେପରି କି ଭୋକ ନ ଲାଗିବା, ବାନ୍ତି ହେବା, ଦୁର୍ବଳ ହେବା ଆଦି ଲକ୍ଷଣ ଦେଖା ଯାଇଥାଏ। ଫଳରେ ପିଲାମାନେ କୁପୋଷଣର ଶିକାର ହେବା ସହିତ ସେମାନଙ୍କ ଶାରୀରିକ ତଥା ମାନସିକ ବିକାଶରେ ବାଧା ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ

## ଆଜି ଜାତୀୟ କୃମି ନାଶକ ଦିବସ



ଭାରତ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଫେବୃଆରୀ ୧୦ରେ 'ଜାତୀୟ କୃମି ନାଶକ ଦିବସ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ଶିଶୁ ଓ କିଶୋରମାନଙ୍କୁ ବିଭିନ୍ନ ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରରେ କୃମି ନାଶକ ଔଷଧ 'ଆଲ୍‌ବେଣ୍ଡାଜୋଲ୍' ବଟିକା ନିଃଶୁଳ୍କରେ ପ୍ରଦାନ କରାଯାଉଛି। ତେବେ ଏହି ଦିବସ ଲାଗି ଚଳିତ ବର୍ଷର ଥିମ୍ ରହିଛି 'କୃମିମୁକ୍ତ ଶିଶୁ, ଉଜ୍ଜ୍ୱଳ ଭବିଷ୍ୟତ'।

୨୦୧୫ ଫେବୃଆରୀ ୧୦ରେ ପ୍ରଥମ ଥର ହରିୟାଣାର ଗୁରୁଗାଁ ଗ୍ରାମଠାରେ ଏହି ଦିବସ ପାଳନ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ୧୧ଟି ରାଜ୍ୟରେ ଲାଗୁ ହେବା ପରେ ୨୦୧୬ଠାରୁ ସମଗ୍ର ଦେଶରେ ଏହି ଦିବସ ପାଳନ କରାଯିବା ସହିତ ପିଲାମାନଙ୍କୁ କୃମି ନାଶକ ଔଷଧ ଖାଇବାକୁ ଦିଆଯାଉଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଫେବୃଆରୀ ୧୦ ଏବଂ ଅଗଷ୍ଟ ୧୦ରେ ଦୁଇଥର ପାଳନ କରାଯାଉଛି।

# ଏଆଇ କ୍ୟାମେରା ନଜରରେ ପରୀକ୍ଷା କେନ୍ଦ୍ର

କଟକ,୯।୨(କାର୍ତ୍ତିକ ସାହୁ)

- ୩୦୮୨ କେନ୍ଦ୍ରରେ ୫,୬୧,୭୭୯ ପରୀକ୍ଷାର୍ଥୀ
- ୧୯ରୁ ମାଟ୍ରିକ୍ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷା ଆସନ୍ତା ୧୯ରୁ ମାର୍ଚ୍ଚ ୨ ତାରିଖ ଯାଏ ଅନୁଷ୍ଠିତ ହେବ। ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ପ୍ରତ୍ୟହ ସକାଳ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଗଣିତ ବିଷୟରେ ୧୫ ମିନିଟ୍ ଅଧିକ ସମୟ ଦିଆଯିବ, ଅର୍ଥାତ୍ ୧୧.୪୫ରେ ଗଣିତ ପରୀକ୍ଷା ସରିବ। ପରୀକ୍ଷା ଆରମ୍ଭ ହେବାର ୧ ଘଣ୍ଟା ପୂର୍ବରୁ ପରୀକ୍ଷାକେନ୍ଦ୍ର ମଧ୍ୟକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିବେ। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷାକେନ୍ଦ୍ର ତଳମହଲାରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯିବାଆସିବାରେ ଅସୁବିଧା ହେବ ନାହିଁ। ବୋର୍ଡର ପରୀକ୍ଷା ପରିଚାଳନା କମିଟି ନିଷ୍ପତ୍ତିକ୍ରମେ ପରୀକ୍ଷା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି।

ଏଥର ୫,୬୧, ୭୭୯ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ରାଜ୍ୟରେ ମୋଟ ୩୦୮୨ ମାଟ୍ରିକ ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରଶ୍ନପତ୍ର ଗଚ୍ଛିତ ରଖିବା ପାଇଁ ୩୨୨ ନୋଡାଲ ସେଣ୍ଟର କରାଯାଇଛି। ୧୦ ତାରିଖରୁ ପ୍ରଶ୍ନପତ୍ର ନୋଡାଲ ସେଣ୍ଟରକୁ ପ୍ରେରଣ କରାଯିବ। ବନ୍ଦ ଗାଡ଼ିରେ ପୋଲିସ ସୁରକ୍ଷା ମଧ୍ୟରେ ଜିପିଏସ୍ ଟ୍ରାକିଂ ଜରିଆରେ ପ୍ରଶ୍ନପତ୍ର ପରିବହନ ହେବ। ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବା ପରେ ୨୪ ଘଣ୍ଟିଆ କଡ଼ା ସୁରକ୍ଷା ବଳୟରେ ଗଚ୍ଛିତ ରହିବ। ପରୀକ୍ଷା ଦିନ ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରକୁ ପଠାଯିବ ବୋଲି ସୋମବାର ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

କପି ରୋକିବାକୁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଲାଇଭ ଏଆଇ କ୍ୟାମେରା ଲଗାଯାଇଛି। ପରୀକ୍ଷାକେନ୍ଦ୍ରର ପ୍ରବେଶ ପଥରେ ସିସି କ୍ୟାମେରା ରହିବ। ମୋବାଇଲ ସମ୍ପୂର୍ଣ୍ଣ ଭାବେ ପରୀକ୍ଷା କେନ୍ଦ୍ରକୁ ମନା ଅଛି। ପ୍ରତି ପରୀକ୍ଷାକେନ୍ଦ୍ର ପାଇଁ ଜଣେ ଲେଖାଏ ଅବଜରଭର ନିଯୁକ୍ତ ହୋଇଛନ୍ତି। ବ୍ୟତିକ୍ରମ ପରିଲକ୍ଷିତ ହେଲେ ବୋର୍ଡକୁ ସେମାନେ ଜଣାଇବେ। ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ପ୍ରତି ପ୍ରଶ୍ନପତ୍ରର ପ୍ରତି ପୃଷ୍ଠାରେ ୱାଟର ମାର୍କ ଓ ଗୁପ୍ତ ନମ୍ବର ରହିଛି। ଭାଇରାଲ ହେଲେ ତାହା କେଉଁ ଜିଲାର, କେଉଁ ପରୀକ୍ଷା କେନ୍ଦ୍ରରୁ ହୋଇଛି ଜଣାପଡ଼ିବ। ସୁରୁଖୁରୁରେ ପରୀକ୍ଷା ପରିଚାଳନା ପାଇଁ ସହଯୋଗ କାମନା କରାଯାଇଛି। ଫର୍ମ ପୂରଣ କରିଥିବା ସବୁ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରବେଶପତ୍ରରେ କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ବି କେହି ପରୀକ୍ଷା ଦେବାରୁ ବଞ୍ଚିତ ହେବେ ନାହିଁ ବୋଲି ବୋର୍ଡ ସଭାପତି ତରାଇ ଉପରୋକ୍ତ ସୂଚନା ଦେଇ କହିଛନ୍ତି।

# ପରୀକ୍ଷା ବାତିଲରେ ସରକାରଙ୍କ ରେକର୍ଡ: କଂଗ୍ରେସ

ଭୁବନେଶ୍ୱର,୯।୨(ରବିନାରାୟଣ ଜେନା)

ରାଜ୍ୟ ସରକାର ପରୀକ୍ଷା ବାତିଲ ଓ ପ୍ରଶ୍ନପତ୍ର ଲିକ୍‌ରେ ରେକର୍ଡ କରିଛନ୍ତି ବୋଲି କଂଗ୍ରେସ କହିଛି। ସୋମବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ସରକାର ବିଭିନ୍ନ ଯୋଜନା ଏବଂ ନିୟମ ଘୋଷଣାକରି ପରେ ପଛଘୁଞ୍ଚା ଦେଉଛନ୍ତି। ଏହାଦ୍ୱାରା ଜନସାଧାରଣ ଭ୍ରମିତ ହେଉଛନ୍ତି।

ସେ କହିଛନ୍ତି, ରତ୍ନଭଣ୍ଡାର ସାର୍ବଜନୀନ କରିବା, ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା, ଗୁଟ୍‌ଖା ବ୍ୟାନ୍, ଠିକା ଚାକିରି ବ୍ୟବସ୍ଥାର ସମାପ୍ତି, ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ ମନା, ବିଧାୟକଙ୍କ ଦରମା ବୃଦ୍ଧି, ବିରୋଧୀରେ ଥିବାବେଳେ ଛାତ୍ର ସଂସଦ ନିର୍ବାଚନ କରିବୁ ବୋଲି କହିଥିଲେ କିନ୍ତୁ ସରକାରକୁ ଆସିବା ପରେ ଭୁଲିଯିବା ଭଳି ୧୯ ମାସରେ ୧୯ ପରୀକ୍ଷା ବାତିଲ କରି ରାଜ୍ୟ ସରକାର ରେକର୍ଡ ସୃଷ୍ଟି କରିଛନ୍ତି । ସେହିପରି ୩୦୦ ୟୁନିଟ୍ ବିଜୁଳି ମାଗଣା ଦେବାକୁ କହି ପରେ ସ୍ମାର୍ଟ ମିଟର ନାମରେ ଟାଟା କମ୍ପାନୀ ପାଇଁ ୭୫୦ କୋଟି ଟଙ୍କାର ବ୍ୟବସ୍ଥା କରିବା, ଆଗୁଆ ପଞ୍ଚାୟତ ନିର୍ବାଚନକୁ ସଚିବ ମନା କରିବା,ସୁଭଦ୍ରା ଟଙ୍କା, ପ୍ରତି ପଞ୍ଚାୟତରୁ ୧୦୦ ଜଣଙ୍କୁ ନିଯୁକ୍ତି, ସରକାରକୁ ଆସିବାର ୨୪/୭୨ ଘଣ୍ଟାରେ ଅର୍ଡିନାନ୍ସ ପାସ୍ କରି ଚିଟ୍‌ଫଣ୍ଡ ପଇସା ଫେରସ୍ତ କରିବା ଭଳି ମନଗଢ଼ା କଥା କହି ଚାଲିଛନ୍ତି। ରାଜ୍ୟରେ ସରକାର କିଏ ଚଳାଉଛି ଏବଂ ସରକାରରେ ଥିବା ମନ୍ତ୍ରୀ କାହା ନିର୍ଦ୍ଦେଶରେ ବିବୃତି ଦେଉଛନ୍ତି ଏବଂ ଓହରିଛନ୍ତି ତାହା ଏବେ ରାଜ୍ୟବାସୀଙ୍କୁ ଚକିତ କରିଛି ବୋଲି ସୋନାଲି କହିଛନ୍ତି।

ସୋନାଲି କହିଛନ୍ତି, ରାଜ୍ୟ ସରକାରକୁ ୨୦ମାସ ବିତିଥିଲେ ହେଁ ଏପର୍ଯ୍ୟନ୍ତ ନିଗମ ନିଯୁକ୍ତି ହୋଇପାରିଲା ନାହିଁ କି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରିଲା ନାହିଁ। ଏସବୁ କେବଳ ଏକ ଭୟାଳୁ ସରକାରଙ୍କ କାର୍ଯ୍ୟ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ।

## ନିଜ ସର୍ଭିସ ବନ୍ଧୁକ ଗୁଳିରେ ଚାଲିଲେ ଯବାନ

ରାଉରକେଲା,୯।୨(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ଲାଠିକଟା ଥାନା ଅନ୍ତର୍ଗତ ମଠକମ୍ବେରଣସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପରେ ସୋମବାର ସକାଳେ ଜଣେ ଯବାନ୍ ନିଜ ସର୍ଭିସ ବନ୍ଧୁକରୁ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତକ ହେଲେ ଉତ୍ତରପ୍ରଦେଶ ପଦିଆ ଜିଲା ନନ୍ଦଗାଁର ସୁଭାଷ ପ୍ରସାଦ(୫୬)। ଏ ନେଇ ଲାଠିକଟା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୬) ରୁଜୁ କରି ତଦନ୍ତ କରୁଛି। ଅପରାହ୍ନ ୨ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ସିଆର୍‌ପିଏଫ୍‌କୁ ହସ୍ତାନ୍ତର କରାଯାଇଥିଲା। ସନ୍ଧ୍ୟାରେ ମୃତଦେହକୁ ଝାଡ଼ଖଣ୍ଡର ରାଞ୍ଚି ପଠାଯାଇଛି। ସେଠାରୁ ଉତ୍ତରପ୍ରଦେଶକୁ ଏୟାରଲିଫ୍ଟ କରାଯିବ ବୋଲି ଜଣାପଡ଼ିଛି।

# ସଙ୍କୋଚତା ସହ ସାଲିସ କରନାହିଁ: ଏସିଏସ୍

ଭୁବନେଶ୍ୱର,୯।୨(ରବିନାରାୟଣ ଜେନା)

## ରାଜସ୍ୱ ବିଭାଗ ଅଧିକାରୀଙ୍କୁ ୧୦ ନିର୍ଦ୍ଦେଶ



ଅରବିନ୍ଦ କୁମାର ପାଢ଼ୀ

ରାଜସ୍ୱ ବିଭାଗକୁ ଶୃଙ୍ଖଳିତ ଓ ଦୁର୍ନୀତିମୁକ୍ତ କରିବାପାଇଁ ଅତିରିକ୍ତ ମୁଖ୍ୟଶାସନ ସଚିବ (ଏସିଏସ୍) ଡ. ଅରବିନ୍ଦ କୁମାର ପାଢ଼ୀ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ଅରବିନ୍ଦ ୧୦ଟି ବିନ୍ଦୁ ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀ, ଜିଲାପ୍ରଶାସନ ଓ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ପ୍ରଶାସନକୁ ଜନମୁଖୀ, ଉତ୍ତରଦାୟୀ ତଥା ବିଶ୍ୱସନୀୟ କରିବା ଆମର ପ୍ରାଥମିକ ଦାୟିତ୍ୱ। ଏଣିକି ପ୍ରତ୍ୟେକ କାର୍ଯ୍ୟ ଓ ନିଷ୍ପତ୍ତିରେ ସଙ୍କୋଚତା, ନିଷ୍ଠାପରତା ଓ ସମ୍ବେଦନଶୀଳତା ଅନୁସରଣ କରିବାକୁ ହେବ।

ଅରବିନ୍ଦ ଅଧିକାରୀମାନଙ୍କୁ କହିଛନ୍ତି, କୌଣସି ପରିସ୍ଥିତିରେ ସଙ୍କୋଚତା ସହ ସାଲିସ୍ କରନ୍ତୁ ନାହିଁ। ସାଧାରଣ ନାଗରିକଙ୍କର ଅଭିଯୋଗକୁ ସମୁଚିତ ସମୟରେ ଏବଂ ସଫଳତାର ସହ ସମାଧାନ କରିବା ଆମର ପ୍ରାଥମିକତା। ତେବେ ସ୍ୱଚ୍ଛତା, ପାରଦର୍ଶିତା, କାର୍ଯ୍ୟଦକ୍ଷତା ଏବଂ ସେବା ପ୍ରଦାନରେ ଗୁଣାତ୍ମକ ମୂଲ୍ୟବୃଦ୍ଧି ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର କରିବା ଆବଶ୍ୟକ। ଏହାର ସଫଳ ବ୍ୟବହାର ଏବଂ କାର୍ଯ୍ୟକାରିତା ବ୍ୟବସ୍ଥାରେ ବିଳମ୍ବ ଓ ନାଗରିକଙ୍କ ସମସ୍ୟାକୁ ହ୍ରାସ କରାଯାଇପାରିବ। ସେହିପରି ଦୁର୍ନୀତି ପ୍ରତି ଆମର ଶୂନ୍ୟ ସହନଶୀଳତା ନୀତିକୁ ଦୃଢ଼ ଭାବେ ପାଳନ କରିବାକୁ ପଡିବ। ଜମି ଓ ରାଜସ୍ୱ ସମ୍ବନ୍ଧୀୟ ବିଷୟଗୁଡ଼ିକ ନାଗରିକଙ୍କ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ରାଜସ୍ୱ ବିଭାଗରେ ଦୁର୍ନୀତିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ । ସନ୍ତୁଷ୍ଟ ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସମ୍ମାନ ଓ ପୁରସ୍କାର ଦିଆଯିବ। ତେବେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏଣିକି ସମସ୍ତ ସରକାରୀ ପତ୍ର ଓଡ଼ିଆରେ ସମ୍ପାଦନା କରିବାପାଇଁ ଏସିଏସ୍ ନିର୍ଦ୍ଦେଶ ଦେଇଛନ୍ତି। ଅରବିନ୍ଦଙ୍କ ଏହି ୧୦ ନିର୍ଦ୍ଦେଶକୁ ନେଇ ଲୋକସେବା ଭବନରେ ଚର୍ଚ୍ଚା ଜୋର ଧରିଛି।

## ମାଲକାନଗିରିରେ ଗଞ୍ଜେଇ ତେଲ କାରଖାନା: ୪ ଗିରଫ

**୪ ମାସରେ ଜବତ ହେଲାଣି ୭.୫ କୋଟିର ତେଲ**

ମାଲକାନଗିରି,୯।୨(ସୁଚିତ୍ରା ଦାସ/ଦୁର୍ଯୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ପୋଲିସ ବଡ଼ପଦର ଗାଁରୁ ଗଞ୍ଜେଇ ତେଲ ପ୍ରସ୍ତୁତ କାରଖାନା ଠାବ କରିଛି। ସେଠାରୁ ପୋଲିସ ୪ଜଣ ଗଞ୍ଜେଇ ତେଲ ପ୍ରସ୍ତୁତକାରୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ତେଲ ଚୋରା ଚାଲାଣକାରୀ ଅଛନ୍ତି। ସେମାନଙ୍କ ଘର ଆନ୍ଧ୍ର ପ୍ରଦେଶରେ। ଘଟଣାସ୍ଥଳରୁ ୨ ଲିଟର ଗଞ୍ଜେଇ ତେଲ ଜବତ କରାଯାଇଛି ; ଯାହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ସୋମବାର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏଥିସହ ୩୦ କେଜି ଗଞ୍ଜେଇ ଓ ତେଲ ସାମଗ୍ରୀ ଜବତ କରାଯାଇଛି।

ଗତ ୪ ମାସରେ ମାଲକାନଗିରି ପୋଲିସ ୭.୫ କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ କରାଯାଇଥିବା ସେ କହିଛନ୍ତି। ଆଗାମୀ ଦିନରେ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ହେଲ୍ପଲାଇନ୍ ନମ୍ବର ୯୪୩୮୯୧୬୯୭୨ ଜାରି କରାଯାଇଛି। ଗଞ୍ଜେଇ ତେଲ ନେଟୱର୍କକୁ ରୋକିବା ପାଇଁ ମାଲକାନଗିରି ପୋଲିସକୁ ସହାୟତା କରିବାକୁ ଏସ୍‌ପି ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ଧାନକିଣା ପ୍ରତିଶ୍ରୁତି ପାଳନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୯।୨(ସୁନିତ୍ ମିଶ୍ର)

## ସେମାନଙ୍କର ଧାନକିଣା ପ୍ରସଙ୍ଗରେ କହିବାର କିଛି ଅଧିକାର ନାହିଁ: ମନମୋହନ

ରାଜ୍ୟରେ ଧାନ ସଂଗ୍ରହ ବିଷୟକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋମବାର ଚିଠି ଲେଖିଛନ୍ତି। ପ୍ରଶାସନିକ ଉଦାସୀନତା ଏବଂ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନରେ ବିଫଳତା ଯୋଗୁ ଚଳିତ ଖରିଫ ଧାନ ସଂଗ୍ରହରେ ଚାଷୀମାନଙ୍କ ଲାଗି ଏକ ସଂଘର୍ଷମୟ ସ୍ଥିତି ସୃଷ୍ଟି ହୋଇଛି ବୋଲି ନବୀନ କହିଛନ୍ତି। ଧାନ ସଂଗ୍ରହ ସମୟରେ ରାଜ୍ୟର ଚାଷୀମାନେ ବ୍ୟବସ୍ଥାଗତ ଶୋଷଣ ଏବଂ ତଜ୍ଜନିତ କଷଣର ସମ୍ମୁଖୀନ ହେଉଥିବା ସେ ଉଲ୍ଲେଖ କରିଛନ୍ତି। ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ୨୦୨୪ ସାଧାରଣ ନିର୍ବାଚନ ଇସ୍ତାହାରରେ ଭାଜପା ଦୁଇ ନମ୍ବର ପଏଣ୍ଟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଏବଂ କଟ୍‌ନି ଛଟ୍‌ନି ସମ୍ପୂର୍ଣ୍ଣ ବନ୍ଦ ନେଇ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ରାଜ୍ୟରେ ଥିବା ମଣ୍ଡିଗୁଡ଼ିକ ଏବେ ନିର୍ଯାତନାର କେନ୍ଦ୍ର ପାଲଟିଯାଇଛି। ଏବେ ଚାଷୀଙ୍କଠାରୁ ସଂଗ୍ରହ ହେଉଥିବା ଧାନରୁ ୫ରୁ ୭ କେଜି କଟ୍‌ନି ଛଟ୍‌ନି କରାଯାଉଛି। ଅନେକ ଜିଲାରେ ଏଭଳି ଶୋଷଣ ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ମିଲର୍ ଏବଂ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି। ରାଜ୍ୟର ସବୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରିବାକୁ ଭାଜପା ଘୋଷଣା କରିଥିଲା। ହେଲେ ନିକଟରେ ସରକାର ସର୍ବାଧିକ ୧୫୦ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ଦେବାକୁ ଘୋଷଣା କରି ନିଜର ପ୍ରତିଶ୍ରୁତି ଭଙ୍ଗ କରିଛନ୍ତି। ସରକାର ଚାଷୀଙ୍କୁ ୩୧୦୦ ଟଙ୍କା ସହାୟକ ମୂଲ୍ୟ ପ୍ରଦାନ କରିବା ପ୍ରତିଶ୍ରୁତିରୁ କାହିଁକି ଦୂରଉଛନ୍ତି। ନିକଟରେ ଭାରତ ସରକାର ଧାନ ସଂଗ୍ରହ ମୂଲ୍ୟରେ ୬୯ ଟଙ୍କା ବୃଦ୍ଧି କରିଛନ୍ତି। ଓଡ଼ିଶାର ଚାଷୀଙ୍କୁ ଏହି ବର୍ଦ୍ଧିତ ରାଶି ନ ଦେବା ଏକ ପ୍ରତାରଣା ନୁହେଁ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ଧାନକୁ କାକର ଓ ଚୋରିରୁ ବଞ୍ଚାଇବାକୁ ଚାଷୀଙ୍କୁ ରାତିସାରା ମଣ୍ଡିରେ ଜଗି ରହିବାକୁ ପଡୁଛି। ଚାଷୀଙ୍କୁ ୪୮ ଘଣ୍ଟାରେ ଡିବିଟି ଜରିଆରେ ଟଙ୍କା ଦିଆଯିବ କୁହାଯାଇଥିଲେ ମଧ୍ୟ ସପ୍ତାହେ ଲାଗିଯାଉଛି। ଶେଷରେ ଚାଷୀମାନଙ୍କୁ ସେମାନଙ୍କ ଋଣ ପରିଶୋଧ କରିବା ଲାଗି ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ବହୁ କମ୍ ଟଙ୍କାରେ ବାହାରେ ଧାନ ବିକ୍ରି କରିବାକୁ ପଡୁଛି। ତେଣୁ ଏହି ସମସ୍ୟାଗୁଡ଼ିକର ସମାଧାନ ଲାଗି ସରକାର ଗୁରୁତର ସହ ବିଚାର କରିବେ ବୋଲି ନବୀନ ତାଙ୍କ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ନବୀନଙ୍କ ଚିଠି ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖି କହିଛନ୍ତି, ଯେଉଁମାନେ ଧାନ କିଣା କଥା କହୁଛନ୍ତି, ସେମାନଙ୍କର ଏହି ପ୍ରସଙ୍ଗରେ କହିବାର କୌଣସି ଅଧିକାର ନାହିଁ। ଧାନ କିଣାରେ ଯେଉଁମାନେ ବିଭ୍ରାଟ କରିଥିଲେ ସେମାନଙ୍କୁ କହିବାର ଅଧିକାର କିଏ ଦେଲା। ଧାନକିଣାକୁ ସହଜ ଓ ସରଳ କରିବା ପାଇଁ ସରକାର ସବୁ ପ୍ରକାର ଉଦ୍ୟମ କରିଛନ୍ତି। ଗଲା ବିଜେଡି ସରକାର ଚାଷୀଙ୍କୁ ଅଧିକ ୫୦ କି ୧୦୦ ଟଙ୍କା ଦେଇପାରିଲା ନାହିଁ, ଏବେ ଭାଜପା ସରକାର ଅଧିକ ୮୦୦ ଟଙ୍କା ଦେଉଛି ବୋଲି ମନମୋହନ କହିଛନ୍ତି।

# କଟକ ସହର ଆଉଟର ରିଂରୋଡ୍ ଯୋଜନା ଉପରେ ଗୁରୁତ୍ୱ ଦିଅ: ମନ୍ତ୍ରୀ

ଭୁବନେଶ୍ୱର,୯।୨(ସୁନିତ୍ ମିଶ୍ର)



ପୃଥ୍ୱୀରାଜ ହରିଚନ୍ଦନ

କେବଳ ବଡ଼ ବଡ଼ ସହରର ଉନ୍ନତି ଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ ନାହିଁ, ଏଥିଲାଗି ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟେକ ସହରକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ କରିବାକୁ ପଡ଼ିବ। ବିଶେଷକରି ଭୁବନେଶ୍ୱର ସହରର ପରିବର୍ଦ୍ଧିତ ଯୋଜନା ପରି କଟକ ସହର ଆଉଟର ରିଙ୍ଗରୋଡ୍ ନିର୍ମାଣ କରିବା ନେଇ ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେବା ଦରକାର। ପଶ୍ଚିମରୁ ପୂର୍ବ ଓଡ଼ିଶାକୁ ଯୋଗାଯୋଗ ସୁଦୃଢ଼ୀକରଣ ପାଇଁ କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫କୁ ୬ ଲେନ୍ କରିବା ନେଇ ବୈଠକରେ ଆଲୋଚନା ହୋଇଛି ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଲୋକସେବା ଭବନଠାରେ ପୂର୍ତ୍ତ ବିଭାଗ ଅଧୀନରେ ଆସୁଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟର ସବୁକୋଣକୁ ସଂଯୋଗ ହୋଇଥିବା ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ କରିବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଜୟଦେବ ବିହାର ଠାରୁ ନନ୍ଦନକାନନ ରୋଡ୍ ଓ ଲେଫ୍ଟ ପାରାଲାଲ୍ ରୋଡ୍, ପଥରଗାଡ଼ିଆ-ଦାରୁଠେଙ୍ଗ ରାସ୍ତା, ପ୍ରସ୍ତାବିତ କେଲୁଚରଣ-ଫୁଲନଖରା ରୋଡ୍, ପଳାଶୁଣୀ ଠାରୁ ଗ୍ୟାରେଜ ଛକ, ଆଚାର୍ଯ୍ୟ ବିହାର-କଳିଙ୍ଗ ହସ୍ପିଟାଲ ରୋଡ୍, କାଇମାଟିଆ ଛକରୁ ଛତାବର ଭାୟା-ମଦନପୁର, ଏମ୍ସ ରାସ୍ତା ଆଦିର ନିର୍ମାଣ, ପ୍ରଶସ୍ତୀକରଣ ଏବଂ ଆବଶ୍ୟକ ସ୍ଥଳେ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଛି। ସେହିପରି ପ୍ରମୁଖ ଜାତୀୟ ରାଜପଥ ଯଥା କୋଣାର୍କ-ପୁରୀ-ସାତପଡ଼ା ରାସ୍ତାର ପ୍ରଶସ୍ତୀକରଣ, ପିପିଲି-କୋଣାର୍କ ରାସ୍ତାର ଆଲାଇନମେଣ୍ଟ ଏବଂ କନ୍ଦରପୁର-ବାଲିକୁଦା, ଜୟପୁର ବାଇପାସ୍ ଓ ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଛି।

## ରିଂ-ରୋଡ୍‌କୁ କେନ୍ଦ୍ରର ପରିବେଶ ମଞ୍ଜୁରୀ

ଭୁବନେଶ୍ୱର,୯।୨(ରବିନାରାୟଣ ଜେନା)

ଖୋର୍ଦ୍ଧା ରାମେଶ୍ୱରରୁ କଟକ ଟାଙ୍ଗୀ ଯାଏ ନୂଆ ରିଂ ରୋଡ୍ ପ୍ରକଳ୍ପକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପରିବେଶ ଅନୁମତି ମିଳିଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ରିଂରୋଡ୍ ପ୍ରସ୍ତାବ ଆଉ ଆଗକୁ ପାଦେ ଆଗେଇଛି। ଫଳରେ ୧୧୧ କିଲୋମିଟର ବିଶିଷ୍ଟ ଏହି ରାସ୍ତା ନିର୍ମାଣ ଶୀଘ୍ର ଆରମ୍ଭ ହେବା ନେଇ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଏହି ଅବସରରେ ଜାତୀୟ ରାଜପଥ ପ୍ରାଧିକରଣର ଆଞ୍ଚଳିକ ଅଧିକାରୀ ବୀରେନ୍ଦ୍ର ସିଂ ସୋମବାର ଗଣମାଧ୍ୟମକୁ କହିଛନ୍ତି, ୬ ଲେନ୍ ବିଶିଷ୍ଟ ରିଂରୋଡ୍ ଲାଗି ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ; ଯେଉଁଥିରେ ୧୫ଟି ନାମୀ ଠିକା କମ୍ପାନୀଙ୍କୁ ଅଗ୍ରାଧିକାର ଦିଆଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ୮,୩୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ରହିଛି। ତିନୋଟି ପର୍ଯ୍ୟାୟରେ ନିର୍ମାଣ ହେବାକୁ ଥିବା ଏହି ରିଂ-ରୋଡ୍ ୩୦ମାସରେ ଶେଷ କରାଯିବାକୁ ଲକ୍ଷ୍ୟ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୯୪% ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି ବୋଲି ବୀରେନ୍ଦ୍ର କହିଛନ୍ତି।

# ଆଇନ ଛାତ୍ରୀଙ୍କୁ ଗୁଳି କଲେ ସହପାଠୀ

## ହତ୍ୟା ପରେ ନିଜେ ନିଜକୁ ଗୁଳି କଲେ

ତର୍ନ ତାରନ,୯।୨(ପି.ଟି.)

ପଞ୍ଜାବର ତର୍ନ ତାରନ୍ ଜିଲାର ଉସ୍ମା ଆଇନ ମହାବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ମହାବିଦ୍ୟାଳୟର ଜଣେ ପ୍ରଥମ ବର୍ଷର ଛାତ୍ର ତାଙ୍କ ସହପାଠିନୀଙ୍କୁ ଗୁଳି କରି ହତ୍ୟା କରିବା ପରେ ନିଜକୁ ଗୁଳି କରିଛନ୍ତି। ମୃତା ଛାତ୍ରୀ ହେଲେ ସନ୍ଦୀପ କୌର। ଗୁଳି କରିଥିବା ଛାତ୍ର ହେଲେ ପ୍ରିନ୍ସ ରାଜ ସିଂହ। ସନ୍ଦୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ପ୍ରିନ୍ସଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ କଲେଜ କ୍ୟାମ୍ପସରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ, ସନ୍ଦୀପ ଏବଂ ପ୍ରିନ୍ସ ଉଭୟେ ପ୍ରଥମ ବର୍ଷର ଆଇନ୍ ଛାତ୍ରୀଛାତ୍ର। ଉଭୟଙ୍କ ବୟସ ୧୯ରୁ ୨୦ ବର୍ଷ ମଧ୍ୟରେ ହେବ। ସୋମବାର


ସିସିଟିଭିରୁ କଏଦ ହୋଇଥିବା ହତ୍ୟାକାଣ୍ଡର ଦୃଶ୍ୟ।

ସନ୍ଦୀପ କ୍ଲାସ୍ ରୁମ୍‌ରେ ବସିଥିଲେ। ଏହି ସମୟରେ ପ୍ରିନ୍ସ ସେଠାରେ ପହଞ୍ଚି ସନ୍ଦୀପଙ୍କୁ ଗୁଳି କରିଥିଲେ। ଫଳରେ ସନ୍ଦୀପ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଏହା ପରେ ସଙ୍ଗେସଙ୍ଗେ ପ୍ରିନ୍ସ ନିଜ ମୁଣ୍ଡକୁ ମଧ୍ୟ ଗୁଳି କରିଥିଲେ। ଏଭଳି ଅଭାବନୀୟ ଏବଂ ଅପ୍ରତ୍ୟାଶିତ ଘଟଣା ଦେଖି ଅନ୍ୟ ଛାତ୍ରୀଛାତ୍ର ଏବଂ କଲେଜ କର୍ତ୍ତୃପକ୍ଷ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରିନ୍ସଙ୍କୁ ରକ୍ତାକ୍ତ ଅବସ୍ଥାରେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ କଲେଜ ପରିସରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତର୍ନ ତାରନର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଏସ୍ଏସ୍‌ପି) ସୁରେନ୍ଦ୍ର ଲାମ୍ବାଙ୍କ କହିଛନ୍ତି, ହତ୍ୟା ଏବଂ ଆତ୍ମହତ୍ୟା ଉଦ୍ୟମ ଘଟଣାର କାରଣ ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି। ମହାବିଦ୍ୟାଳୟର ସିସିଟିଭି ଫୁଟେଜ ସଂଗ୍ରହ କରାଯାଉଛି। ଏଥିସହ ଛାତ୍ରୀଛାତ୍ର ଏବଂ କଲେଜ କର୍ତ୍ତୃପକ୍ଷ ବୟାନ ରେକର୍ଡ କରାଯାଇ ସମସ୍ତ ଦିଗରୁ ତଦନ୍ତକୁ ତ୍ୱରାନ୍ୱିତ କରାଯାଉଛି ବୋଲି କହିଛନ୍ତି। ତେବେ ଆକ୍ରମଣକାରୀ ଛାତ୍ର ପ୍ରିନ୍ସଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଭିନ୍ନ ତଥ୍ୟ ଶୁଣିବାକୁ ମିଳୁଛି। ପ୍ରିନ୍ସ ରଘୁଙ୍କ ମିଲାଇନ୍ ଗ୍ରାମର ସରପଞ୍ଚ ନଛତର ସିଂଙ୍କ କହିବାନୁସାରେ ପ୍ରିନ୍ସଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ହେଲେ ପୋଲିସ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିବାବେଳେ ପ୍ରିନ୍ସଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା କହିଛି। ପ୍ରକାଶ ଯେ, ପ୍ରିନ୍ସଙ୍କ ବାପା ଭାରତୀୟ ସେନାରେ କାର୍ଯ୍ୟରତ ଅଛନ୍ତି। ସେ ୨୦ଦିନ ତଳେ ଛୁଟି କାଟି କାର୍ଯ୍ୟସ୍ଥଳକୁ ଯାଇଥିବାବେଳେ ଘରେ ପ୍ରିନ୍ସ ଏବଂ ତାଙ୍କ ମା' ରହୁଥିଲେ।

# କୁଳଡିହା: ମହିଳାଙ୍କ ସମେତ ୩ ଶିକାରୀ ଗିରଫ

- ୩୦ ବନ୍ଧୁକାପ୍ପା କାତି ସହ ୪ ମୋବାଇଲ ଜବତ
- ଗିରଫ ସଂଖ୍ୟା ୧୪ରେ ପହଞ୍ଚିଲା

ନୀଳଗିରି, ୯।୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ବନଖଣ୍ଡ ଅଧୀନ କୁଳଡିହା ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଏବଂ ଦେହାବଶେଷ ଚୋରା ଚାଲାଣ ମାମଲାରେ ସୋମବାର ବନ ବିଭାଗ ଆଉ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩୦ଟି ବନ୍ଧୁକାପ୍ପା କାତି ଏବଂ ୪ଟି ମୋବାଇଲ୍ ଜବତ କରାଯାଇଛି। ଏହି ମାମଲାରେ ଗିରଫ ସଂଖ୍ୟା ମୋଟ ୧୪ରେ ପହଞ୍ଚିଛି। ଗିରଫ ଅଭିଯୁକ୍ତଙ୍କ ବନ୍ୟଜନ୍ତୁ ଶିକାର ନିରୋଧ ଆଇନ ଅଧିନରେ ୨୦୨୫ ଜାନୁଆରୀ ୨୨ରେ ରୁଜୁ ହୋଇଥିବା ମାମଲା (ନଂ. ୧୭(ବେ)/୨୦୨୫-୨୬)ରେ ଗିରଫ ଦର୍ଶାଯାଇ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ସୋମବାର ଗିରଫ ହୋଇଥିବା ମହିଳା ଜଣକ ଚୋରା ଚାଲାଣ ଘଟଣାର କିଙ୍ଗ୍‌ପିନ୍ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି। ପ୍ରକାଶ ଯେ, କୁଳଡିହା ଅଭୟାରଣ୍ୟରେ ଶିକାରୀମାନେ ବନ୍ୟଜନ୍ତୁଙ୍କ ଶିକାର କରି ବନ୍ୟଜନ୍ତୁଙ୍କ ଦେହାବଶେଷ ଚୋରା ଚାଲାଣ କରୁଛନ୍ତି। ଏଥିପାଇଁ ଏକ ର‍୍ୟାକେଟ କାମ କରୁଛି। ଏହାକୁ ଗୋଳିବାକୁ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏସିଏଫ୍ ତଥା କୁଳଡିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବାରମ୍ବାର ବନାଞ୍ଚଳ ଆଖପାଖ ଅଞ୍ଚଳରେ ଚଢାଉ ଜାରି ରହିଛି। ୨୦୨୫ ଜାନୁଆରୀ ୨୨ରେ ଏକ ସୂତ୍ର ମାମଲା ପଞ୍ଜିକୃତ କରାଯାଇ ତଦନ୍ତ ଚାଲୁ ରହିଛି। ଗତ ୩ ତାରିଖରେ ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ସରକାରୀ ଶିକ୍ଷକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏହି ବନ୍ୟଜନ୍ତୁ ଶିକାର ଏବଂ ଚୋରାଚାଲାଣ ଘଟଣାରେ ସରକାରୀ ଚାକିରିଆ, ମହିଳା ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ଏହି ର‍୍ୟାକେଟରେ ଆହୁରି ଅନେକଙ୍କ ସମ୍ପୃକ୍ତି ରହିଥାଇପାରେ ବୋଲି ବନ ବିଭାଗ ଅଧିକାରୀ ସନ୍ଦେହ କରିଛନ୍ତି।



ଜବତ ବନ୍ଧୁକାପ୍ପା କାତି, ମୋବାଇଲ ସହ ଗିରଫ ଶିକାରୀ।

# ସରକାରୀ ଅର୍ଥ ଆତ୍ମସାତ୍, ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ,୯।୨ (ରାକେଶ କୁମାର ରାଉତ)

ସରକାରୀ ଅର୍ଥ ଆତ୍ମସାତ ମାମଲାରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଣେ ପ୍ରଧାନ ଶିକ୍ଷକ ଓ ଗ୍ରାମ୍ୟ ଶିକ୍ଷା ପରିଚାଳନା କମିଟି ସଭାପତିଙ୍କୁ ୪ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଗୁଦ୍ରିବନ୍ଧ ବ୍ଲକ୍ ଗୁଆଭୁଲା ନୂତନ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଏବଂ ଗ୍ରାମ୍ୟ ଶିକ୍ଷା ପରିଚାଳନା କମିଟିର ସଭାପତି ଧ୍ରୁବ ଚରଣ ମାଝୀ। ଉଭୟଙ୍କୁ ୪ ବର୍ଷ ଲେଖାଏଁ ଜେଲଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟରେ ଅଧିକ ୪ ମାସ ଜେଲ ଭୋଗିବା ପାଇଁ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଅନୁସାରେ, ୨୦୧୫ ରେ ଗୁଆଭୁଲା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଥିବା ବେଳେ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଥିଲା। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ମିଳିଥିବା ଅନୁଦାନରୁ ୨ ଲକ୍ଷ ୪୧ ହଜାର ୭୨୨ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୪୦/୧୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କ ବିରୋଧରେ ତଦନ୍ତ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ ଅଦାଲତ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ତରଫରୁ ସ୍ୱତନ୍ତ୍ର ପିପି ପ୍ରଭାତ ପଜନାୟକ ମାମଲା ପରିଚାଳନା କରୁଥିଲେ।

# କୋର୍ଟରେ ହାଜର ହେଲେ ମଦନ, ୧୭ରେ ଚାର୍ଜଫ୍ରେମ

ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୯।୨(ସୁଭାଷ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇ ସୋମବାର ଗଞ୍ଜାମ ଜିଲା ଦୌରାଜଜ୍ କୋର୍ଟରେ ହାଜର ହୋଇଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ହ୍ୱିଲ ଚେୟାରରେ କୋର୍ଟକୁ ଅଣାଯାଇଥିଲା। ମାମଲାର ଅନ୍ୟ ୧୫ଜଣ ଅଭିଯୁକ୍ତ ଭିଡିଓ କନଫରେନ୍ସରେ ହାଜର ହୋଇଥିଲେ। ସୋମବାର ମାମଲାର କମିଟମେଣ୍ଟ ହୋଇଥିଲା। ଏହାପରେ ମାମଲାକୁ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଆସନ୍ତା ୧୭ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଉକ୍ତଦିନ କେତେକ ଜାମିନ ଆବେଦନ ଶୁଣାଣି ହେବା ସହିତ ଚାର୍ଜଫ୍ରେମ ହେବ ବୋଲି ଜଣାପଡ଼ିଛି। ଏଥିସହିତ କୋର୍ଟ ମାମଲାର ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ମଳୟ ବିଷୋୟୀ ଓ ମଦନଙ୍କ ମେଡିକାଲ ରିପୋର୍ଟ ମାଗିଥିବା ପ୍ରତିପକ୍ଷଙ୍କ ଓକିଲ ଚକ୍ରପାଣି ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨ ତାରିଖରେ ଅଭିଯୁକ୍ତ ମଦନଙ୍କ ବ୍ୟତୀତ ଅନ୍ୟ ୧୫ ଜଣ ଅଭିଯୁକ୍ତ ଜିଲା ଜଜ୍ କୋର୍ଟରେ ହାଜର ହୋଇଥିଲେ। ମଦନଙ୍କ ସ୍ୱାସ୍ଥ୍ୟ ଭଲ ଥିବାରୁ ସେ ହାଜର ହୋଇ ପାରିନଥିଲେ।


ଅଭିଯୁକ୍ତ ମଦନ ଦଳେଇଙ୍କୁ କୋର୍ଟକୁ ନିଆଯାଉଛି।

# ଓଲିଉଡ୍ ଅଭିନେତା ସାତ୍ୟକି ମିଶ୍ରଙ୍କୁ ହତ୍ୟା ଧମକ

କଟକ ଡିସିପିଙ୍କୁ ଭେଟି ସୁରକ୍ଷା ଦାବି କଲେ

କଟକ,୯।୨(କୁମାରଶ୍ରୀ)

ଓଲିଉଡ୍ ଅଭିନେତା ସାତ୍ୟକି ମିଶ୍ରଙ୍କୁ ହତ୍ୟା ଧମକ ମିଳିଛି। ଏଣୁ ନିଜ ଜୀବନ ପ୍ରତି ବିପଦ ଥିବା ଅଭିଯୋଗ କରିସେ ସୋମବାର କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କୁ ଭେଟିଛନ୍ତି। ତାଙ୍କ ପରିବାରକୁ ସୁରକ୍ଷା ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ, ଅଭିଯୋଗକାରୀ ସାତ୍ୟକି ନିଜ ବଡ଼ବାପାଙ୍କ ପୁଅ ଫୁଟାଙ୍କ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ପାରିବାରିକ ବ୍ୟବସାୟ ପ୍ରତିଷ୍ଠାନ ତଥା ପୁସ୍ତକ ପ୍ରକାଶନ ସଂସ୍ଥା 'କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର'କୁ କେନ୍ଦ୍ର କରି ବିବାଦ ମୁଣ୍ଡ ଟେକିଥିବା ଜଣାପଡ଼ିଛି। ସାତ୍ୟକି ଅଭିଯୋଗରେ ଦର୍ଶାଇଛନ୍ତି, ବଡ଼ବାପାଙ୍କ ପୁଅ ପୁଅ ସବ୍ୟସାଚୀ ମିଶ୍ର ଏବଂ ସୌମିତ୍ରି ମିଶ୍ର ଉକ୍ତ ଷ୍ଟୋରକୁ ବେଆଇନ ଭାବେ ଅକ୍ତିଆର କରିବାକୁ ଚେଷ୍ଟା କରୁଛନ୍ତି। ଗତ ୬ ତାରିଖ ସନ୍ଧ୍ୟାରେ ଉଭୟ ତାଙ୍କ ଘରେ ପଶି ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ବୃଦ୍ଧ ବାପା ମୃତ୍ୟୁଞ୍ଜୟପ୍ରସାଦ ମିଶ୍ରଙ୍କୁ ଗାଳିଗୁଲଜ କରି ମାରିଦେବାକୁ ଧମକ ଦେଇଥିଲେ। ଘର ମହିଳାମାନଙ୍କ ପ୍ରତି ମଧ୍ୟ ଅଶୋଭନୀୟ ଆଚରଣ କରିଥିଲେ। ଏ ନେଇ ପୂର୍ବରୁ ସେ ପୁରୀଘାଟ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସାତ୍ୟକି ଡିସିପିଙ୍କୁ ଭେଟିଥିବା ଜଣାଇଛନ୍ତି। ସୌମିତ୍ରି କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ପୂର୍ବଜମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏକ ବ୍ୟବସାୟିକ ପ୍ରତିଷ୍ଠାନ। ସାତ୍ୟକି ଏବଂ ତାଙ୍କ ବାପା ବ୍ୟବସାୟରେ ଭାଗ ଦେଇନାହାନ୍ତି ଭାଗ ମାଗିବାକୁ ଏଭଳି ମିଛ ଅଭିଯୋଗ ଆଣୁଥିବା ସୌମିତ୍ରୀ କହିଛନ୍ତି।

## Business

# ନିଯୁକ୍ତି ବଢ଼ିଲେ ହିଁ ଅର୍ଥନୀତିର ଅଭିବୃଦ୍ଧି ହେବ

ଅର୍ଥନୈତିକ ସଂଘର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

କିଟ୍ ସ୍କୁଲ ଅଫ୍ ଇକୋନୋମିକ୍ସ ଆଣ୍ଡ କମର୍ସ ଏବଂ ଓ ଅର୍ଥନୈତିକ ସଂଘ(ଓଇଏ)ର ମିଳିତ ସହଯୋଗରେ ଓଇଏର ୫୮ତମ ବାର୍ଷିକ ସମ୍ମିଳନୀ ଓ ଅନ୍ତର୍ଜାତିୟ ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ୨ଦିନିଆ ସମ୍ମିଳନୀର ବିଷୟବସ୍ତୁ ଥିଲା 'ଭାରତ ଓ ବିଶ୍ୱ ବାଣିଜ୍ୟ: ସାମଗ୍ରୀ ଚୁକ୍ତିନାମା ଓ ନୀତି'। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖ୍ୟାତିସମ୍ପନ୍ନ ଅର୍ଥନୀତି ବିଶାରଦ ପ୍ରଫେସର ଦୀପକ ନାୟାର ଯୋଗଦେଇ ନିଯୁକ୍ତି ବଢ଼ିଲେ ହିଁ ଅର୍ଥନୀତିର ଅଭିବୃଦ୍ଧି ହେବ ବୋଲି କହିଥିଲେ। ବିକାଶଶୀଳ ଦେଶଗୁଡ଼ିକରେ ନିଯୁକ୍ତି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିଯୁକ୍ତି ଦୃଷ୍ଟିକୋଣରୁ ସାମଗ୍ରିକ ଅର୍ଥନୈତିକ ନୀତିଗୁଡ଼ିକୁ ପୁନର୍ବିଚାର କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଯୋଗଦେଇ କହିଲେ, କିଟ୍‌ଓ କିସ୍‌ଭଳି ଅନୁଷ୍ଠାନ ସଶକ୍ତ ଅର୍ଥନୀତିର ଉତ୍ତମ ଉଦାହରଣ। ଅତିଥିମାନଙ୍କ ମଧ୍ୟରେ ପ୍ରଫେସର ସୁକାନ୍ତ ଚନ୍ଦ୍ର ସ୍ୱାଇଁ, ଓ ଇକୋନୋମିକ ଆସୋସିଏସନର ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କା, ସମ୍ପାଦକ ଡ. ହିମାଂଶୁ ଶେଖର ରାଉତ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଶାଶ୍ୱତ କିଶୋର ମିଶ୍ର ପ୍ରମୁଖ ଯୋଗଦେଇ ଅର୍ଥନୀତି ତଥା ବିଷୟବସ୍ତୁ ଉପରେ ଅଧିକ ଆଲୋଚନା କରିଥିଲେ। ଏହି ଅବସରରେ ଅନ୍ତର୍ଭୁକ୍ତି ବିକାଶ, ସ୍ଥାୟିତ୍ୱ ଓ ନୀତିଗତ ପ୍ରାସଙ୍ଗିକତାକୁ ଆଗକୁ ବଢ଼ାଇବାରେ ଅର୍ଥନୀତିର କେନ୍ଦ୍ରୀୟ ଭୂମିକା ଉପରେ ବିଭିନ୍ନ ଅଧିବେଶନରେ ଆଲୋଚକମାନେ ଆଲୋଚନା କରିଥିଲେ। ଓଇଏ ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କାଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ପ୍ରଫେସର ହିମାଂଶୁ ଶେଖର ରାଉତ ସମ୍ମିଳନୀ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, କୋଲକାତାର ପ୍ରଫେସର ଦେବାଶିଷ ମିଶ୍ର ନିଲାମ ତିଉରିକ ଅର୍ଥନୀତି ବିଷୟରେ ଆଲୋକପାତ କରିଥିଲେ। ପ୍ରୋତ୍ସାହନ, ସୂଚନା ଓ ରଣନୈତିକ ଆଚରଣ ଦ୍ୱାରା ବଜାର କିପରି ଆକୃତି ପାଇଥାଏ ତା' ଉପରେ ସୂଚନା ଦେଇଥିଲେ। ସମ୍ମିଳନୀରେ ସାରା ଦେଶରୁ ୩୫୦ରୁ ଅଧିକ ଅର୍ଥନୀତିଜ୍ଞ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ବିକାଶ, ସ୍ଥିରତା ତଥା ଭବିଷ୍ୟତରେ ଅର୍ଥନୈତିକ ମାର୍ଗ ଉପରେ ଏକ ଭିନ୍ନ ଚିନ୍ତାଧାରା ପ୍ରଦାନ କରାଯାଇଥିଲା।




# ସୁନା ୧୩୧୦, ରୁପା ୧୫ହଜାର ଟଙ୍କା ବଢ଼ିଲା

ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ଦିନକୁ ଦିନ ସୁନା ଓ ରୁପା ଦର ବଢ଼ିବାରେ ଲାଗିଛି। ସୋମବାର ୨୪କ୍ୟାରେଟ ସୁନାର ଦାମ ୧୩୧୦ଟଙ୍କା ବୃଦ୍ଧି ପାଇଛି। ୨୪କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୧ଲକ୍ଷ ୫୮ହଜାର ୬୦ଟଙ୍କା ହୋଇଛି। ରବିବାର ଏହା ୧,୫୬,୭୫୦ ରହିଥିଲା। ସେହିପରି



୨୨କ୍ୟାରେଟ ସୁନାର ଦାମ ୧୦ଗ୍ରାମ ପିଛା ୧ଲକ୍ଷ ୪୪ହଜାର ୯୦୦ଟଙ୍କା ହୋଇଛି। ୧୨୦୦ ଟଙ୍କା ଦର ବୃଦ୍ଧି ପାଇଛି। ରବିବାର ୨୨କ୍ୟାରେଟ ସୁନା ୧ଲକ୍ଷ ୪୩ହଜାର ୭୦୦ ଟଙ୍କା ରହିଥିଲା। ଅନ୍ୟପଟେ ରୁପା ଦର ୧୫ହଜାର ଟଙ୍କା ବୃଦ୍ଧି ପାଇଛି। କିଲୋଗ୍ରାମ ପ୍ରତି ରୁପା ଦର ଆଜି ୩ଲକ୍ଷରେ ପହଞ୍ଚିଛି । ରବିବାର ୨ଲକ୍ଷ ୮୫ହଜାର ଟଙ୍କା ରହିଥିଲା।

# ହିତାଧିକାରୀଙ୍କୁ ୧୦୩ କୋଟିର ଋଣ ମଞ୍ଜୁରୀ ପତ୍ର




ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ଏମ୍ଏସ୍ଏମ୍ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ସିଡିଏସ୍ଟିର ଜନ ଶିକ୍ଷଣ ସଂସ୍ଥାଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୦୩ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ଏମ୍ଏସ୍ଏମ୍ଇ ଉଦ୍ୟୋଗଗୁଡ଼ିକୁ ସମୟୋଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ଏମ୍ଏସ୍ଏମ୍ଇ-ଡିଏଫ୍‌ଓର ନିର୍ଦ୍ଦେଶକ ପି.କେ. ଗୁପ୍ତା, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଡି.ଏସ୍. ରାଠୋର, ଡିଆଇସି ଉପମହାପ୍ରବନ୍ଧକ ମନୋଜ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାରଙ୍କ ସମେତ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀ, ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ।

# ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ ସଂଘ ପାଳିଲା ରୌପ୍ୟ ଜୟନ୍ତୀ




ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ଶିରିପୁରସ୍ଥିତ ଇମେକ ସଭା ଗୃହ କକ୍ଷରେ ଓଡ଼ିଶାର ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ ସଂଘର ତ୍ରିବାର୍ଷିକ ତଥା ରୌପ୍ୟ ଜୟନ୍ତୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସର୍ବଭାରତୀୟ ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ ସଂଘର ସାଧାରଣ ସମ୍ପାଦକ ଏସ. ଏନ. ଦେ ମୁଖ୍ୟ ଅତିଥି ଏବଂ ନିଖିଳ ଓଡ଼ିଶା ବ୍ୟାଙ୍କ ଅବସରପ୍ରାପ୍ତ ସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସଭାରେ ବାଣିଜ୍ୟିକ ବ୍ୟାଙ୍କରେ ପେନସନ ଲାଗୁ ହେବା ଦିନଠାରୁ ସଂଶୋଧନ ନ ହୋଇଥିବା କାରଣରୁ କ୍ଷୋଭ ପ୍ରକାଶ ପାଇଥିଲା। ସଭାରେ ଆସନ୍ତା ୩ ବର୍ଷ ପାଇଁ ପ୍ରସନ୍ନ କୁମାର ମହାନ୍ତି ସାଧାରଣ ସମ୍ପାଦକ ଭାବେ ପୁନଃ ନିର୍ବାଚିତ ହୋଇଥିଲେ। ସଂଘର ଉପାଧ୍ୟକ୍ଷ ଲଳିତ କୁମାର ବାବୁ ଧନ୍ୟବାଦ ଦେଇଥିଲେ।

# କଲ୍ୟାଣ ଜୁଏଲର୍ସ ଶୋ'ରୁମ୍ ଉଦ୍‌ଘାଟନ କଲେ ମଲାଇକା

ଢେଙ୍କାନାଳ,୯।୨(ରତନ ନାୟକ)

କଲ୍ୟାଣ ଜୁଏଲର୍ସ ପକ୍ଷରୁ ସୋମବାର ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ପିଙ୍କି ଷ୍ଟେସନ ନିକଟରେ ନୂତନ ଶୋ'ରୁମ୍ ଉଦ୍‌ଘାଟିତ ହୋଇଛି। ବଲିଉଡ ଅଭିନେତ୍ରୀ ମଲାଇକା ଆରୋରା ଏହି ଶୋ'ରୁମ୍‌କୁ ଉଦ୍‌ଘାଟନ କରି କହିଥିଲେ, ଢେଙ୍କାନାଳ ଗ୍ରାହକମାନେ କଲ୍ୟାଣ ଜୁଏଲର୍ସକୁ ଭଲପାଇବା ପ୍ରଦାନ କରିବେ ଏବଂ ବ୍ରାଣ୍ଡର ଅସାଧାରଣ ସେବା ମାନଦଣ୍ଡ ଏବଂ ଏହାର ବିବିଧ ପ୍ରକାରର ମନୋହର ଅଳଙ୍କାର ସଂଗ୍ରହକୁ ଅନୁଭବ କରିପାରିବେ। କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମନ କହିଲେ, ଢେଙ୍କାନାଳରେ ନୂତନ ଶୋ'ରୁମ୍ ଗ୍ରାହକମାନଙ୍କ ଆବଶ୍ୟକତାକୁ ପୂରଣ କରିବ। ଏହି ଅବସରରେ କଲ୍ୟାଣ ଜୁଏଲର୍ସ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଲନ୍‌ଚ ଷ୍ଟୋର ଅଫର, ୦% ମେକିଂ ଚାର୍ଜ, ବ୍ରାଣ୍ଡର ସ୍ୱତନ୍ତ୍ର ସୁନା ବୋର୍ଡରେଟ, କମ୍ପାନୀର ସ୍ୱତନ୍ତ୍ର ସୁନା ବୋର୍ଡ ମୂଲ୍ୟ, ଯାହା ବଜାରରେ ସର୍ବନିମ୍ନ ଓ ସମସ୍ତ ଶୋ'ରୁମ୍ ପାଇଁ ସମାନ। ଗ୍ରାହକମାନେ ମାଗଣା ଜୀବନବ୍ୟାପୀ ରକ୍ଷଣାବେକ୍ଷଣ, ବିସ୍ତୃତ ଉତ୍ପାଦ ସୂଚନା, ସ୍ୱଚ୍ଛ ବିନିମୟ ଓ ବାଏ ବ୍ୟାକ୍ ନୀତି ଗ୍ୟାରେଣ୍ଟି ପାଇପାରିବେ। ଏଠାରେ କଲ୍ୟାଣର ଲୋକପ୍ରିୟ ନିଜସ୍ୱ ଅଳଙ୍କାର ଡିଜାଇନ୍ ମୁହୂର୍ତ୍ତ (ବିବାହ ଅଳଙ୍କାର), ମୁଦ୍ରା(ହସ୍ତକଳା ପ୍ରାଚୀନ ଅଳଙ୍କାର), ନିମାହ(ମନ୍ଦିରଅଳଙ୍କାର) ଗ୍ଲୋ(ଡାନ୍ସ ଡାଇମଣ୍ଡ), ଜିଆ(ସୋଲିଟେୟାର-ଭଳି ହୀରା ଅଳଙ୍କାର), ଅନୋଖୀ(ଅନ୍‌କଟ ଡାଇମଣ୍ଡ), ଅପୂର୍ବ(ବିଶେଷ ଅବସର ପାଇଁ ହୀରା), ଅନ୍ତରା(ବିବାହ ହୀରା), ହେରା(ଦୈନନ୍ଦିନ ପରିଧାନ ହୀରା), ରଙ୍ଗ(ମୂଲ୍ୟବାନ ପଥର ଅଳଙ୍କାର) ଏବଂ ଲୀଲା (ମୂଲ୍ୟବାନ ପଥର ଏବଂ ହୀରା ଅଳଙ୍କାର) ରହିଛି ।



# ଆଇସିଏଆଇର ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ଇଣ୍ଡିଆ ଚାର୍ଟର୍ଡ ଆକାଉଣ୍ଟାଣ୍ଟ୍ସ ଇନଷ୍ଟିଚ୍ୟୁଟ (ଆଇସିଏଆଇ)ର ପୂର୍ବ ଭାରତ ଆଞ୍ଚଳିକ ପରିଷଦ ଅଧୀନ ଭୁବନେଶ୍ୱର ଶାଖା ପକ୍ଷରୁ 'ଉଦୀୟମାନ କର ସଂସ୍କାର ଏବଂ ବିଶ୍ୱସ୍ତରୀୟ ଅଭ୍ୟାସ' ଉପରେ ଏକ ୨ ଦିନିଆ ଜାତୀୟ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶାର ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନର ଆଇଏଏସ୍ ଯାମିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦୀୟମାନ କର ସଂସ୍କାର ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା କଥା ଉଲ୍ଲେଖ କରିଥିଲେ। ସିଏ ଶରତ ଚନ୍ଦ୍ର ଭଦ୍ର ଏବଂ ସିଏ ସରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ଅଧ୍ୟକ୍ଷ ସିଏ ମହେନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷ ସିଏ ଡ. ଗୌତମ ଲେଙ୍କା ଏବଂ ସଚିବ ସିଏ ଡ. ପୃଥ୍ୱୀରଞ୍ଜନ ପାଢ଼ୀ ଉପସ୍ଥିତ ଥିଲେ। ପ୍ରଥମ ଦିନ ଅଧିବେଶନରେ କୋଲକାତାର ଜିଏସ୍‌ଟି ବିଶେଷଜ୍ଞ ସିଏ ଅଭିଷେକ ଟିବ୍ରେୱାଲ ଜିଏସ୍‌ଟି ମୂଲ୍ୟାଙ୍କନ, ଯାଞ୍ଚ ଏବଂ ଅଡିଟ୍ର ସଦ୍ୟତମ ଧାରା ଏବଂ ନୋଟିସ ଉପରେ ଆଲୋଚନା କରିଥିଲେ। ଇନ୍ଦୋରର ପ୍ରସିଦ୍ଧ କର ବିଶେଷଜ୍ଞ ସିଏ ନମସ୍ତ ଡାଗ୍ରିଆ 'କେନ୍ଦ୍ରୀୟ ବଜେଟ୍ ୨୦୨୬ ଏବଂ ଆୟକର ଆଇନ- ୨୦୨୫-ପରିବର୍ତ୍ତନର ରୋଡ଼ମ୍ୟାପ' ଉପରେ ସୂଚନା ଦେଇଥିଲେ। ଜିଏସ୍‌ଟି ବିଶେଷଜ୍ଞ ସିଏ ବିଶାଲ ପୋଦ୍ଦାର 'ଜିଏସ୍‌ଟି ଆପିଲ୍, ଫାଇଲିଂ, ଡ୍ରାଫ୍ଟିଂ ଏବଂ ଫିଡ୍' ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଦ୍ୱିତୀୟ ଦିନ ଅଧିବେଶନରେ ଚେନ୍ନାଇର ବକ୍ତା ସିଏ ଆର୍ ଏସ୍ ବାଲାଜୀ ଏବଂ ଇଆଇଆରସିର ସଦସ୍ୟ ତଥା ଭୁବନେଶ୍ୱରର ବକ୍ତା ସିଏ ବିଶ୍ୱ ରଞ୍ଜନ ସୁତାର କମ୍ପାନୀ ଧାରା ୨୦୧୩, ଶ୍ରମ ଆଇନ ଓ ଏସ୍‌ଏସ୍‌ଭି ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଶିଳିଗିଡ଼ି କର ବିଶେଷଜ୍ଞ ସିଏ ପ୍ରମୋଦ ଭଣ୍ଡାରୀ ଆୟକର ଆଇନ ୨୦୨୫ ଅନୁସାରେ ମୂଲ୍ୟାୟନ, ଅପିଲ, ଅପିଲ ଓ ସଂଶୋଧନ ଉପରେ ଆଲୋଚନା କରିଥିଲେ। ଶେଷ ଅଧିବେଶନରେ ସିଏ ଅଶ୍ୱିନୀ କୁମାର କର ଏବଂ ସିଏ ଅରୁଣ କୁମାର ସାବତ ଉପସ୍ଥିତ ଥିଲେ। ସିଏ ସୌମ୍ୟ ସୁନୀଲ ସାହୁ, ସିଏ ଗଗନ ବିହାରୀ ଦାସ, ସିଏ ଶାଶ୍ୱତ ତ୍ରିପାଠୀ ଏବଂ ସିଏ ପ୍ରଣବ କିଶୋର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ମହାରାଷ୍ଟ୍ରର କରାଡରେ ଜିଲା ପରିଷଦ ଏବଂ ପଞ୍ଚାୟତ ସମିତି ନିର୍ବାଚନରେ ବିଜୟୀ ଭାଜପା ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ସୋମବାର ଉତ୍ସବ ମନାଉଛନ୍ତି।

# ମା'ବାପା ଗାଳିଦେବାରୁ ୪ ନାବାଳିକାଙ୍କ ଆତ୍ମହତ୍ୟା

**ଔରଙ୍ଗାବାଦ,୯।୨**

ପୁଅମାନଙ୍କ ସହ ମିଳାମିଶା କରୁଥିବାରୁ ଝିଅଙ୍କୁ ସେମାନଙ୍କ ମା'ବାପା ଗାଳିଦେଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ୫ ନାବାଳିକା ଏକାଠି ବିଷ ପିଇଦେଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣକ କିଛିଦିନ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଏବେ ବିପଦମୁକ୍ତ ଥିବା ଜଣାପଡ଼ିଛି। ବିହାର ଔରଙ୍ଗାବାଦ ଜିଲାରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି। ଝିଅମାନଙ୍କ ବୟସ ୧୦ରୁ ୧୪ ବର୍ଷ ମଧ୍ୟରେ। ହସପୁରା ଥାନା ଅନ୍ତର୍ଗତ ଏକ ଦଳିତ ଗ୍ରାମରେ ଜାନୁଆରୀ ୨୯ରେ ଏହି ଘଟଣା ଘଟିଥିବାବେଳେ ପୋଲିସ ସୋମବାର ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ଜଣାଇଛି। ଔରଙ୍ଗାବାଦ ଏସ୍‌ପି ଅମ୍ବରିଶ ରାହୁଲଙ୍କ ସୂଚନା ଅନୁଯାୟୀ, ପୁଅମାନଙ୍କ ସହ ମିଳାମିଶା କରୁଥିବାରୁ ଉକ୍ତ ନାବାଳିକାମାନଙ୍କୁ ସେମାନଙ୍କ ପରିବାର ସଦସ୍ୟ ଗାଳିଗୁଲଜ କରିଥିଲେ ବୋଲି ଜୀବିତ ନାବାଳିକାଙ୍କ ବୟାନରୁ ଜଣାପଡ଼ିଛି। ଫଳରେ ସେମାନେ ବିଷାକ୍ତ ପଦାର୍ଥ ଖାଇବାକୁ ନିଷ୍ପତ୍ତି ନେଇଥିଲେ। ଏହା ଉପରେ ତଦନ୍ତ ଜାରି ରହିଛି। ତେବେ ଉକ୍ତ ଘଟଣା ସହ ଅନ୍ୟ କେହି ସମ୍ପୃକ୍ତ କି ନୁହେଁ ଜଣାପଡ଼ି ନାହିଁ। ଜାନୁଆରୀ ୨୯ରେ ୪ ନାବାଳିକାଙ୍କୁ ଗୋଟିଏ ସ୍ଥାନରେ ସମାଧି ଦିଆଯାଇଥିଲା। ଏହାର ୨ ଦିନ ପରେ ପୋଲିସକୁ ଖବର ମିଳିଥିଲା। ଜଣେ ମୃତ ନାବାଳିକାଙ୍କ ପରିବାର ସଦସ୍ୟ କହିବା ଅନୁଯାୟୀ, ଝିଅମାନେ ବାହାରକୁ ଖେଳିବାକୁ ଯାଇଥିଲେ। ନିକଟବର୍ତ୍ତୀ ଏକ ଜମିରେ ସେମାନଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖି ଖବର ଦେଇଥିଲେ।

ସୂଚନାଯୋଗ୍ୟ, ୫ ଦିନ ପୂର୍ବରୁ ଗାଜିଆବାଦର ଏକ ଆପାର୍ଟମେଣ୍ଟର ୯ମ ମହଲାରୁ ୩ ନାବାଳିକା ଭଉଣୀ ଡେଇଁ ଆତ୍ମହତ୍ୟା କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବାବେଳେ ପରିବାର ସମ୍ପର୍କରେ ରହସ୍ୟମୟ ଘଟଣା ପଦାକୁ ଆସିଛି। ଝିଅମାନଙ୍କ ବାପା ଚେତନ କୁମାରଙ୍କର ୩ ସ୍ତ୍ରୀ ଏବଂ ଅନ୍ୟ ପରିବାର ସଦସ୍ୟ ଉକ୍ତ ଫ୍ଲାଟ୍‌ରେ ଏକାଠି ରହୁଥିଲେ। ୩ ସ୍ତ୍ରୀ ସୁଜାତା, ହିନା ଏବଂ ଟିନା ସମ୍ପର୍କରେ ୩ ଭଉଣୀ। ଚେତନଙ୍କର ଜଣେ ଲିଭ୍-ଇନ୍ ପାର୍ଟନର ୨୦୧୫ରେ ରାଜେନ୍ଦ୍ରନଗର କଲୋନିର ଏକ ଫ୍ଲାଟ୍ ଛାତରୁ ଖସି ପ୍ରାଣ ହରାଇଥିଲେ। ପରେ ଏହା ଆତ୍ମହତ୍ୟା ବୋଲି ଜଣାପଡ଼ିଥିଲା।

## ଭାରତର ବ୍ରିକ୍ସ ଏଜେଣ୍ଡାକୁ ସମର୍ଥନ ଦେବ ରୁଷିଆ

**ମସ୍କୋ,୯।୨(ପି.ଟି.)**

ଭାରତର ଅଧ୍ୟକ୍ଷତାରେ ପ୍ରଦାନ କରାଯାଇଥିବା ବ୍ରିକ୍ସ ଏଜେଣ୍ଡାକୁ ରୁଷିଆ ସକ୍ରିୟ ଭାବେ ସମର୍ଥନ ଦେବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭ ସୋମବାର କହିଛନ୍ତି। ଉକ୍ତ ଏଜେଣ୍ଡା ଆଧୁନିକ ଏବଂ ଅତ୍ୟନ୍ତ ପ୍ରାସଙ୍ଗିକ, ଯେଉଁଥିରେ ଆତଙ୍କବାଦୀ ନିରୋଧୀ ଲଢ଼େଇ ଏବଂ ଶକ୍ତି ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀର ସଦସ୍ୟ ସଂଖ୍ୟା ୧୦ରେ ପହଞ୍ଚିଥିବାବେଳେ ଗତ ଜାନୁଆରୀ ୧ରେ ଭାରତ ଆନୁଷ୍ଠାନିକ ଭାବେ ଏହାର ଅଧ୍ୟକ୍ଷତା ଦାୟିତ୍ୱ ଗ୍ରହଣ କରିଛି। ଫେବୃଆରୀ ୧୦ ରୁଷୀୟ କୂଟନୀତିଜ୍ଞଙ୍କ ଦିବସ ପୂର୍ବରୁ ଟିଭି ବ୍ରିକ୍ସ ଇଣ୍ଟରନ୍ୟାଶନାଲ ନେଟ୍‌ୱର୍କକୁ ସାକ୍ଷାତ୍‌କାର ଦେଇ ଲାଭରୋଭ କହିଛନ୍ତି, ଭାରତ ନିର୍ଦ୍ଦିଷ୍ଟ ଭାବେ ଆତଙ୍କବାଦ ବିରୋଧରେ ଲଢ଼େଇ ଉପରେ ଗୁରୁତ୍ୱ ଦେଇଛି, ଯାହାର ଉଚ୍ଚ ପ୍ରାସଙ୍ଗିକତା ରହିଛି। ଆଫଗାନିସ୍ତାନ ସମେତ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଆତଙ୍କବାଦୀ କାର୍ଯ୍ୟ ବୃଦ୍ଧି ପାଇଛି। ବିଶ୍ୱସ୍ତରରେ ଆତଙ୍କବାଦ ନିରୋଧୀ ସମ୍ମିଳନୀକୁ ଆଗେଇ ନେବା ପାଇଁ ଜାତିସଂଘରେ ଆମେ ଭାରତ ସହ ସକ୍ରିୟ ଭାବେ କାର୍ଯ୍ୟ କରିବୁ ବୋଲି ଲାଭରୋଭ କହିଛନ୍ତି।

# ନରୱଣେଙ୍କ ପୁସ୍ତକ ଲିକ୍ ନେଇ ଏତଲା

**ନୂଆଦିଲ୍ଲୀ,୯।୨**

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ପୁସ୍ତକ ପ୍ରକାଶନ ପାଇବା ପୂର୍ବରୁ ଏହାର ପିଡିଏଫ୍ ଲିକ୍ ହେବା ଘଟଣାରେ ଦିଲ୍ଲୀ ପୋଲିସ ସୋମବାର ଏତଲା ଦାଏର କରିଛି। ୨୦୨୦ ଲଦାଖର ଗଲୱାନ୍ ସଂଘର୍ଷକୁ ନେଇ ନରୱଣେ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି' ଶୀର୍ଷକ ପୁସ୍ତକ ରଚନା କରିଥିଲେ। ଏହି ପୁସ୍ତକ ପ୍ରକାଶ ପାଇ ନ ଥିଲାବେଳେ ଏହାକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆୟୁଧକରି ସଂସଦରେ କେନ୍ଦ୍ର ସରକାରଙ୍କୁ ଘେରିଥିଲେ। ଏହାପରେ ଏହି ପୁସ୍ତକ ବିବାଦୀୟ ହୋଇପଡ଼ିବା ସହିତ ଏହାର ସଫ୍ଟ କପି ସୋସିଆଲ ମିଡିଆରେ ଘୂରି ବୁଲୁଥିବା ଦିଲ୍ଲୀ ପୋଲିସ ଜାଣିବାକୁ ପାଇଥିଲା। ସମ୍ପୃକ୍ତ ପୁସ୍ତକର ପ୍ରକାଶନ ଲାଗି ଆବଶ୍ୟକ ଅନୁମୋଦନ ଲୋଡ଼ାଯାଇଥିଲା ବେଳେ ଏହାପୂର୍ବରୁ କେମିତି ସଫ୍ଟ କପି ସୋସିଆଲ ମିଡିଆରେ ପୋଷ୍ଟ କରାଗଲା ବୋଲି ଅଭିଯୋଗ ଆଣି ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ ଅନୁସନ୍ଧାନ ଆରମ୍ଭ କରିଛି।



ନରୱଣେଙ୍କ ଅପ୍ରକାଶିତ ପୁସ୍ତକ ଦେଖାଉଛନ୍ତି ରାହୁଲ ଗାନ୍ଧୀ।

# ଉ.କୋରିଆରେ ପପ୍ ସଙ୍ଗୀତ, ଟିଭି ଡ୍ରାମା ଦେଖିଲେ ଫାଶୀ

**ପୋଙ୍ଗୱାଙ୍ଗ,୯।୨**

ଉତ୍ତର କୋରିଆରେ ପପ୍ ସଙ୍ଗୀତ ଏବଂ ସ୍କିଡ୍ ଗେମ୍ ଭଳି ଦକ୍ଷିଣ କୋରିଆର ଟିଭି ଡ୍ରାମା ଦେଖିଲେ କଠୋର ଦଣ୍ଡ ମିଳୁଛି। ବର୍ଷ ବର୍ଷ ଧରି ଅଭିଯୁକ୍ତଙ୍କୁ ଲେବର କ୍ୟାମ୍ପରେ ବନ୍ଧକ ରଖାଯିବା ସହିତ ଫାଶୀ ମଧ୍ୟ ଦିଆଯାଉଛି ବୋଲି ଦେଶ ଛାଡ଼ି ଅନ୍ୟତ୍ର ପଳାଇଥିବା ବହୁ ନାଗରିକ ପ୍ରକାଶ କରିଛନ୍ତି। ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ ଦେଶାନ୍ତର ହୋଇଥିବା ୧୦୦ରୁ ଅଧିକ ଉତ୍ତର କୋରିଆ ଲୋକଙ୍କ ସାକ୍ଷାତ୍‌କାର ନିଆଯାଇଥିଲା ବେଳେ ସେମାନେ ଏ ସମ୍ପର୍କରେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଉତ୍ତର କୋରିଆର ବିଭିନ୍ନ ପ୍ରଦେଶରେ କେ-ପପ୍ ମ୍ୟୁଜିକ୍ ଶୁଣିବା ଅଭିଯୋଗରେ ବହୁ ସ୍କୁଲ ଛାତ୍ରଙ୍କୁ ଫାଶୀ ଦିଆଯାଇଛି। ସେହିପରି ଦକ୍ଷିଣ କୋରିଆର ଟିଭି ଡ୍ରାମା ସ୍କିଡ୍ ଗେମ୍ ଦେଖିବା ଅଭିଯୋଗରେ ମଧ୍ୟ ବହୁ ଲୋକଙ୍କୁ ଫାଶୀ ଦିଆଯାଇଛି ବୋଲି ସେମାନେ କହିଛନ୍ତି।

## ଆଉ ୧୧୪ ରାଫାଲ୍ କିଣିବାକୁ ପ୍ରସ୍ତାବ

**ନୂଆଦିଲ୍ଲୀ,୯।୨**

ଭାରତୀୟ ବାୟୁସେନା ଆଉ ୧୧୪ ରାଫାଲ୍ ଯୁଦ୍ଧବିମାନ କିଣିବ। ଏଥିପାଇଁ ବାୟୁସେନା ପକ୍ଷରୁ ଡିଫେନ୍ସ ଆକ୍ୱିଜେଶନ କାଉନ୍‌ସିଲ୍(ଡିଏସି)କୁ ପ୍ରସ୍ତାବ ଦିଆଯିବ। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକରଁଙ୍କ ଭାରତ ଗସ୍ତ ପୂର୍ବରୁ ବାୟୁସେନା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱାଧୀନ ଡିଏସିକୁ ଏହି ପ୍ରସ୍ତାବ ଦେବ ବୋଲି ସୋମବାର ସୂଚନା ଦେଇଛି। ରାଷ୍ଟ୍ରପତି ମାକରଁ ନୂଆଦିଲ୍ଲୀଠାରେ ଆୟୋଜନ ହେବାକୁ ଯାଉଥିବା ଏଆଇ ସମ୍ମିଳନୀରେ ଯୋଗ ଦେବାକୁ ଚଳିତ ମାସ ୧୫ରୁ ୧୭ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସୁଛନ୍ତି। ବାୟୁସେନା ରଖିଥିବା ପ୍ରସ୍ତାବ ମଧ୍ୟରେ ୧୧୪ଟି ରାଫାଲ୍ ମଧ୍ୟରୁ ୧୮ଟି ଫ୍ରାନ୍ସରୁ ଆମଦାନୀ କରାଯିବ। ବାକି ୯୬ ବିମାନ ଘରୋଇ ଉଦ୍ୟୋଗ ସହଯୋଗିତାରେ ଭାରତରେ ନିର୍ମାଣ କରାଯିବ। ଏଥିପାଇଁ ମୋଟ ୩.୨୫ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବ। ବର୍ତ୍ତମାନ ଭାରତୀୟ ବାୟୁସେନାରେ ୩୬ଟି ରାଫଲ୍ ନିୟୋଜିତ ରହିଛି। ଅପରେସନ ସିନ୍ଦୂର ବେଳେ ଏହି ବିମାନଗୁଡ଼ିକ ଦ୍ୱାରା ଭାରତୀୟ ବାୟୁସେନା ଚମତ୍କାରିତା ଦେଖାଇ ପାକିସ୍ତାନର ବହୁ ପ୍ରତିରକ୍ଷା ଅନୁଷ୍ଠାନ ଏବଂ ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ଆକ୍ରମଣ କରିଥିଲା।

## ଘର କୋରକ ହେବାରୁ ମାଲିକଙ୍କ ଆତ୍ମହତ୍ୟା

**ଇନ୍ଦୋର,୯।୨**

ବ୍ୟାଙ୍କରେ ବନ୍ଧା ପଡ଼ିଥିବା ଘର କୋରକ ହେବାରୁ ଘର ମାଲିକ ଆତ୍ମହତ୍ୟା କରିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ସୋମବାର ସନ୍ଧ୍ୟାରେ ଇନ୍ଦୋରରେ ଘଟିଛି। ଇନ୍ଦୋରର ବିଜୟ ନଗର ବାସିନ୍ଦା ୫୧ ବର୍ଷୀୟ ହେମନ୍ତ ବ୍ରହ୍ମବଂଶୀ ଇନ୍ଦୋର ପବ୍ଲିକ୍ କୋଅପରେଟିଭ୍ ବ୍ୟାଙ୍କରେ ଚାକିରି କରୁଥିଲା ବେଳେ ସେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ତାଙ୍କ ଘର ବନ୍ଧକ ରଖି ୨.୫ କୋଟି ଟଙ୍କା ଋଣ ନେଇଥିଲେ। କିନ୍ତୁ ଗତ ଦେଢ଼ ବର୍ଷ ହେଲା ସେ କିସ୍ତି ଦେଇ ନ ଥିଲେ। ସୋମବାର ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନେ ଘର ଦଖଲ କରିବାକୁ ଆସିଥିଲା ବେଳେ ହେମନ୍ତ ପ୍ରଥମ ମହଲାରେ ଏକ ପ୍ରକୋଷ୍ଠରେ ନିଜକୁ ନିଜେ ଗୁଳି କରିଦେଇଥିଲେ। ସେ ତାଙ୍କ ବାପାଙ୍କ ନାମରେ ଲାଇସେନ୍ସ ଥିବା ବନ୍ଧୁକରୁ ନିଜକୁ ଗୁଳି କରିଥିଲେ ବୋଲି ପୋଲିସ କହିଛି। ତାଙ୍କୁ ତରନ୍ତ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କାନାଡାରେ ଭାରତୀୟ ବଂଶୋଦ୍ଭବଙ୍କୁ ହତ୍ୟା

**ଓଟ୍ଟାୱା,୯।୨**

କାନାଡାର ଟରଣ୍ଟୋସ୍ଥିତ ଏକ ବ୍ୟସ୍ତବହୁଳ ଶପିଂ ସେଣ୍ଟରରେ ଜଣେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ୩୭ ବର୍ଷୀୟ ଭାରତୀୟ ବଂଶୋଦ୍ଭବଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଚନ୍ଦନ କୁମାର ରାଜା ନନ୍ଦକୁମାର ଏବଂ ସେ ବ୍ରାମ୍ପଟନ୍ ବାସିନ୍ଦା ଥିଲେ ବୋଲି ଟରଣ୍ଟୋ ପୋଲିସ କହିଛି। ରେକ୍ସଡାଲେ ବୌଲେଭାର୍ଡସ୍ଥିତ ଉଡ୍‌ବାଇନ୍ ଶପିଂ ସେଣ୍ଟର ପାର୍କିଂ ସ୍ଥାନରେ ଶନିବାର ଅପରାହ୍ନରେ ଏହି ଗୁଳିକାଣ୍ଡ ଘଟିଛି। ଆକ୍ରମଣକାରୀ ଗାଡ଼ି ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଚନ୍ଦନକୁମାର କର୍ଣ୍ଣାଟକର ମୂଳ ବାସିନ୍ଦା ଓ ଜଣେ ଆଇଟି ପେସାଦାର। ଏହା ଏକ ଟାର୍ଗେଟେଡ ଆକ୍ରମଣ ବୋଲି ପୋଲିସ ବିଶ୍ୱାସ କରୁଛି।

# ଟ୍ରମ୍ପଙ୍କୁ ଭିଡିଓ ପଠାଇ ଜୀବନ ହାରିଲେ ଇରାନ ଯୁବକ

**ତେହରାନ୍,୯।୨**

ଇରାନ ସରକାରଙ୍କ ବିରୋଧରେ ବିଦେଶୀ ହସ୍ତକ୍ଷେପ ଦାବି କରି ଜଣେ ସ୍ଥାନୀୟ ଯୁବକ ଆତ୍ମହତ୍ୟା କରିଛନ୍ତି। ନିକଟରେ ଇରାନର ଜନ ବିକ୍ଷୋଭ ବିରୋଧରେ ସରକାର ଯେଭଳି ବର୍ବରୋଚିତ ପଦକ୍ଷେପ ନେଇଥିଲେ, ତାହାକୁ ବିରୋଧ କରି ସମ୍ପୃକ୍ତ ଯୁବକ ଜଣକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଭିଡିଓ ଜାରି କରିବା ପରେ ନିଜକୁ ଗୁଳିକରି ପ୍ରାଣ ହାରିଛନ୍ତି। ସେ ଭିଡିଓରେ କହିଛନ୍ତି, ''ଆପଣ ଯେତେବେଳେ ଏହି ଭିଡିଓ ଦେଖୁଥିବେ ସେତେବେଳେ ମୁଁ ମରିସାରିଥିବି। ଆପଣ କଦାଚିତ୍ ଇରାନ ସରକାରଙ୍କ ସହ କୌଣସି ବୁଝାମଣା କରିବେ ନାହିଁ। ସରକାର ଲୋକଙ୍କ ବିରୋଧରେ ଯେଉଁ ଅଭିଯାନ ଚଳାଇଥିଲେ, ସେଥିରେ ୪୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି, ଯାହାକି ରୁଷିଆ-ୟୁକ୍ରେନ କିମ୍ବା ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧରେ ମୃତ୍ୟୁସଂଖ୍ୟାଠାରୁ ଅଧିକ। ତେଣୁ ଏ ସରକାରଙ୍କ ସହ ଆମେରିକା କିମ୍ବା କୌଣସି ପାଶ୍ଚାତ୍ୟ ରାଷ୍ଟ୍ର ବୁଝାମଣା ନ କରି କଡ଼ା ପଦକ୍ଷେପ ନେବା ଦରକାର'' ବୋଲି ଇରାନର ବୁସେର୍ ସହରର ଯୁବକ ପୌରିଆ ହମିଦି ଉଲ୍ଲେଖ କରିଛନ୍ତି।


ପୌରିଆ ହମିଦି

**GOVT. OF ODISHA** No.25001/45/2526
**OFFICE OF THE SUPERINTENDING ENGINEER**
**RURAL WORKS DIVISION, RAIRANGPUR**
e-mail ID : eerwrairangpur@yahoo.com
"e"-Procurement Notice for Building works
Bid Identification No. - RWDRRP-27 of 2025-26
1. Name of the work : Construction of additional class room at Gouri Sankar Higher Secondary School at Khadiasole Asana for the year 2025-26, 2. Estimated Cost : **Rs.16.80 lakhs (approximately)**, 3. Class of Contractor : "D" & "C" Class or relevant of works license, 4. Period of Completion : 06 (Six) calendar months, 5. Tender Paper Cost : Rs.6000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur | RWDRRP-27/2025-26 | 12.02.2026 at 11.00 A.M. | 22.02.2026 up to 5.00 P.M. | 21.02.2026 up to 5.00 P.M. | 23.02.2026 at 11.30 A.M. |

Further details can be seen from the website : www.tendersodisha.gov.in
Sd./- Er. Sanjeet Naik
Executive Engineer, R.W. Division, Rairangpur
OIPR-25001/25107/1/25-26/0002

**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/TECH/WK-105/4, Vol-I/889 Date : 05.02.2026
NOTICE INVITING TENDER NO HHEP-18/2026
No.4001/8/2526 : Sealed tenders are invited in single part in sealed envelopes from the reputed manufacturers/authorised dealers/Channel Partners/Reputed Suppliers for Supply, installation, testing & commissioning of the following HP Compressor as mentioned below.

| Descriptional of Material | Cost of tender specification (Non-Refundable) | EMD in shape of DD/Bankers Cheque (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply of One No. of 15 HP High pressure Compressor for Unit #7 including installation, testing & commissioning at Burla Power House | Rs.2360/- (Rs.2000/- + GST @18%) | 4720/- | 07.02.2026 (11.00 A.M.) to 23.02.2026 3:00 P.M. | 23.02.2026 Up to 3:30 P.M. | 23.02.2026 at 04:00 P.M. |

For details of the tender documents, terms and conditions please visit our website www.ohpcltd.com
OIPR-4001/4007/1/25-26/0003
Sd./- C & P Head, HHEP, Burla

**GOVERNMENT OF ODISHA** No.25001/47/2526
**OFFICE OF THE SUPERINTENDING ENGINEER,**
**R.W.S&S DIVISION, SAMBALPUR**
E.mail : eerwsssbp@gmail.com
"e" PROCUREMENT NOTICE
Bid Identification No. RWSS (SBP) : 12/2025-26
1. Name of the Work : **Operation (including Supply of Staff Pattern) of 5 MLD WTP for Piped Water Supply Scheme to 23 Villages of Dhankauda & Rengali Block for Two Years (730 days.)**, 2. Total Number of Work : **01 NO (One)**, 3. Estimated Cost : **Rs.200.65 Lakhs**, 4. Amount put to Tender : **Rs.170.04 lakhs**, 5. Class of Contractor : **B & A**, 6. Agrmnt. Period : **02 years**

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Sambalpur | RWSS (SBP) :- 12/2025-26 | 09.02.2026 11.00 A.M. | Up to 5.00 P.M. of 18.02.2026 |

**Further details can be seen from the e-procurement portal "www.tendersorissa.gov.in". Subsequent corrigendum if required shall be appeared in the website only.**
Superintending Engineer,
R.W.S&S. Division, Sambalpur
OIPR-25001/25015/1/25-26/0001

**GOVERNMENT OF ODISHA** No.32001/46/2526
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**KHURDA IRRIGATION DIVISION, KHURDA**
Dist. : Khurda, Odisha-752056, Tel/Fax : 06755-796308, Mail id : eekhurdairrigationdivision@gmail.com
'e'-Procurement Notice No.KHD-05 OF 2025-26, Dtd.31.01.2026
1. Name of the work : 1 (One) no. of Civil Work, 2. Tender Cost : Varies Rs.67.60 Lakhs, 3. Bid Document Cost : Rs.10,000/-, 4. Bid Security : Varies from Rs.67,600/-/-, 5. Class of Contractor : B, 6. Period of Completion : 5 (five) calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 05-01 of 2025-26 | 09.02.2026 at 11.00 A.M. | 23.02.2026 up to 5.00 P.M. | 24.02.2026 at 11.00 A.M. |

8. e-mail Id : eekhurdairrigationdivision@gmail.com
9. Further detail conditions can be seen from the Govt. website www.tendersodisha.gov.in
Sd/- Superintending Engineer
Khurda Irrigation Division, Khurda
OIPR-32001/32078/1/25-26/0021

**OFFICE OF THE NOTIFIED AREA COUNCIL : CHAMPUA**
e-Mail : champuanac@gmail.com
No : 236 Date : 03.02.2026
e-Procurement Notice
No.13001/56/2526 : Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in
1. Tender Reference No. : EOCHAMPUANAC-NO-61/2025-26
2. Tender I.D. No. :
3. Name of the Work : Civil Construction works as mentioned in website
4. No. of works : 02 Nos.
5. Estimated Cost : Rs.2646340.00 to Rs.5602687.00
6. Period of Completion : 120 days
7. Date & Time of Bidding : 04.02.2026 to 16.02.2026 up to 5 P.M.
8. Last date & time for receipt of bids in the portal docuemnts : 16.02.2026 up to 5 P.M.
9. Bids received online shall be opened on dt. : 17.02.2026 at 9.30 A.M.
10. Name and address of the Officer inviting Bid : Executive Officer, Champua NAC
Further details can be seen from the procurement portal i.e. www.tendersodisha.gov.in
Sd./- Executive Office
Champua NAC
OIPR-13001/13157/1/25-26/0001

**OFFICE OF THE MUNICIPALITY, NABARANGPUR**
NABARANGPUR (ODISHA), PIN-764059
E-mail : muncipalityngpr@gmail.com
No.468 Date : 05.02.2026
QUOTATION CALL NOTICE
No.13001/63/2526 : The quotation is invited from the intending registered Agency / Firm/ Suppliers /Manufactures having GSTN clearance certificate, Pan Card & Dealership Certificate etc. for Supplying, Fitting, Fixing & Installation of CCTV and Biometric Attendance Sheet having reputed Brand /Company along with 03 years AMC under Nabarangpur Municipality Office in different locations (SUH, MCC/MRF & FSTP). The bid will be available online from dated. 06.02.2026 at 10.00 A.M to 13.02.2026 at 5.30 P.M. The quotation is to be received by the undersigned on or before 5.00 P.M on dated 18.02.2026 through registered post/ speed Post with (Postal Address: - At- Nabarangpur Municipality, Po/Ps-Nabarangpur, Dist- Nabarangpur and Pin-764059). The rate should be inclusive of all taxes. The quotation will be opened on dt. 19.02.2026 at 11.00 A.M in the office premises in presence of the bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotationer may also contact to the Nabarangpur Municipality Office within the Official working hour (Mobile No. 993790547). Details may also access and quotation details can be downloaded from dated. 06.02.2026 to 13.02.2026 in the website https://www.nawarangpurm.in/ and https://www.nabarangpur.odisha.gov.in/en/tender.
Sd./- Executive Officer
Nabarangpur Municipality
OIPR-13001/13230/1/25-26/0001

**ODISHA STAFF SELECTION COMMISSION**
Unit-II, Bhubaneswar, 751009, Email- ossc.od@nic.in, Tel No. 0674-2392833
No.443/OSSC., Date:- 09.02.2026
Quotation Call Notice
No.9001/6/2526 : Sealed quotations/tenders are invited from interested reputed Travel Agencies/Tour Operators/ Individuals for providing One (1) no. of Petrol/Diesel Driven vehicles, which shall conform to the terms and conditions (Annexure-II) for official use in Odisha Staff Selection Commission, Bhubaneswar on monthly rent basis as given below.
**i. Tiago/Bolt/ Celerio or equivalent: Maximum hiring charges Rs.24,000/- per month (excluding GST) and having fuel efficiency of 17km/ltr.**
1. The vehicle must be in Road Worthy condition, shall not be more than three years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up to date tax payment, GST no. etc. which are mandatory for plying of vehicle.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs.5,000/- shall be deposited by the intending bidder in shape of Account Payee Bank Draft drawn in favour of the Secretary, Odisha Staff Selection Commission, Bhubaneswar and submitted along with the tender as a security deposit. After completion of tender process, the amount will be refunded to unsuccessful bidder.
5. **The monthly rate of hire charge be quoted in the general bid information which be maximum up to Rs.24,000/- (excluding fuel, lubricants & GST).**
6. The vehicle must achieve a fuel efficiency of 17 Kms. Per litre.
7. The details of the make and year of manufacture of the vehicle, registration No. mileage (Kms. Covered per litre) and name of the Driver with Driving License No. and period of validity should be specifically provided in the general bid information to be furnished with the quotation (Annexure-III).
8. **The quotation completed in all respects should reach the undersigned on or before 17.02.2026 by 2 PM and shall be opened on the same day at 04.00 PM in the presence of the bidder or their authorised representative.**
9. The application form of quotation containing General Bid Information & Terms and conditions for Hiring of vehicles etc. will be available in the Commission's Website www.ossc.gov.in which can be downloaded for application.
10. **Petrol BS VI vehicles are preferred as per Government instructions.**
By Order of the Commission
Sd./- Secretary
OIPR-9001/9005/1/25-26/0001

**ODISHA NURSES & MIDWIVES REGISTRATION COUNCIL**
Virtual Inspection for Renewal of NOC in Private Nursing Institutions for the session 2026-27
No.341, dt.09.02.2026
No.10001/36/2526: All the applicants who have applied for Renewal of NOC with duly completed applications for the session 2026-27 are instructed to remain in readiness for virtual inspection. The virtual inspection process will start from 16.02.2026. Detailed instructions regarding virtual inspection will be sent via email.
Sd./-
DMET (O)-cum-Chairman, ONMRC
OIPR-10001/10252/1/25-26/0001

**OFFICE OF THE DEAN & PRINCIPAL**
**SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI**
At-Bhangabari, PO-Uditnarayanpur, Bhawanipatna, Dist-Kalahandi, Pin-766002
Email : bptmedicalcollege@gmail.com, Website : https://srmmch.odisha.gov.in/
No.371 Date : 05.02.2026
CORRIGENDUM FOR EXTENSION OF TIME
No.10001/28/2526 : Incontinuation of Tender Call Notice published for **Supply of Desktop, Printer, Scanner out of State Government Fund vide No.185 dt.15.01.2026** & published in the News Paper "The Dharitri" & "The Odisha Bhaskar" on dates 16.01.2026, the last date for receipt of bid documents has been extended to 17.02.2026 by 05.00 P.M. All other terms and conditions of the said Tender are hereby remaining unchanged. The said Tender document can be downloaded from website https://srmmch.odisha.gov.in & https://dmetodisha.gov.in.

| Schedule Date & Time | Schedule Date & Time |
|---|---|
| Last date of Submission of Bid | Dt.17.02.2026 by 05:00 P.M. (Extended) |
| Opening of Technical Bid | Dt.18.02.2026 at 12:00 P.M. |
| Opening of Financial Bid | To be announced later on after opening of the technical bid. |

Sd./- Dean & Principal
SRM MCH, Bhawanipatna, Kalahandi
OIPR-1001/10229/1/25-26/0018

**OFFICE OF THE MUNICIPAL COUNCIL, BHADRAK**
**BHADRAK**
TENDER CALL NOTICE
(Through E-Procurement)
Tender Reference No. : BM-BDK-07-2025-26
Tender Call Notice No.397/BM/dt.03.02.2026
No.13001/65/2526 Tender ID No.
1. Name of the work : Individual Civil construction works as per DTCN published in the website
2. No. of works put to tender : 50 Nos' individual civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From 10.00 hours of Dt.09.02.26 to 17.00 hours of Dt.18.02.26
6. Mode of deposit towards cost of Bid document & EMD : Online
7. Date and time of opening of bid : 11.00 hours and onwards of Dt.19.02.2026
8. Name and address of the Officer Inviting Bid : Executive Officer, Bhadrak Municipality, Bhadrak
Further details can be seen from the e-procurement portal "https://tendersorissa.gov.in" or "http://tenders.ori.nic.in/nicgep/app"
Sd./- Executive Officer
Bhadrak Municipality
OIPR-13001/13152/1/25-26/0001

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
ଯାନ୍ତ୍ରିକ ବିଭାଜନ, ଭୁବନେଶ୍ୱର-୩
ଇ-ମେଲ୍-smdivisionbbsr@yahoo.com, ଦୂରଭାଷ-୦୬୭୪-୨୫୬୧୮୨୭
**OFFICE OF THE SUPERINTENDING ENGINEER**
**MECHANICAL DIVISION, BHUBANESWAR-3**
Email Id-smdivisionbbsr@yahoo.com, Ph.No.-0674-2561827
No.SEMDB-EST (V)/ 2024-25/________ Date________
TENDER CALL NOTICE NO- 23/V/2025-26 Dated-06.02.2026
No.32001/48/2526: Sealed tenders are invited from interested reputed Travel Agencies/ Tour Operators for providing different type of vehicles with driver for official use of officers in the O/o the EIC, Secha Sadan, Bhubaneswar, DoWR, Odisha on monthly rent basis. The detailed Tender Documents can be downloaded from https://odisha.gov.in or https://dowr.odisha.gov.in.

| | | |
|---|---|---|
| Tender Publication Date | : | 10.02.2026, 11.00 A.M. |
| Tender Submission Start Date | : | 10.02.2026, 11.00 A.M. |
| Tender Submission Closing Date | : | 18.02.2026, 3.00 P.M. |
| Tender Opening Date | : | 18.02.2026, 4.00 P.M. Onwards (in the office chamber of Superintending Engineer, Mechanical Division, Bhubaneswar) |

Sd./- Superintending Engineer,
Mechanical Division, Bhubaneswar
OIPR-32001/32385/1/25-26/0001

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରୁଦ୍ରାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍କଟ୍‌ଲାଣ୍ଡର ବଡ଼ ବିଜୟ

**କୋଲକାତା,୯।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ସୋମବାର ସକାଳେ ଖେଳାଯାଇଥିବା ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ୭୩ ରନର ବ୍ୟବଧାନରେ ଇଟାଲୀକୁ ପରାସ୍ତ କରିଛି। ଏହି ବିଜୟ ସହ ସ୍କଟଲାଣ୍ଡ ଟି୨୦ ବିଶ୍ୱକପ୍ ଲାଗି ୟୁରୋପ କ୍ୱାଲିଫାୟରରେ ଇଟାଲୀଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛି। ସ୍କଟଲାଣ୍ଡ ଦ୍ୱାରା ପ୍ରଦତ୍ତ ୨୦୮ ରନର ଟାର୍ଗେଟର ଜବାବରେ ଇଟାଲୀ ୧୬.୪ ଓଭରରେ ୧୩୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଇଟାଲୀ ଦଳର ଅଧିନାୟକ ୪୨ ବର୍ଷୀୟ ୱେନ ମାଡସେନ ଫିଲ୍ଡିଂ ବେଳେ ଆହତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡକୁ ଜର୍ଜ ମୁନସେ ୫୪ ବଲରେ ୮୪ (୧୩ ଚୌକା ଓ ୨ ଛକା) ଓ ମାଇକେଲ ଜୋନ୍ସ ୩୦ ବଲରେ ୩୭ (୧ ଚୌକା ଓ ୨ ଛକା) ରନ କରି ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ପରେ ବ୍ରେଣ୍ଡନ ମ୍ୟାକମୁଲେନ ୧୮ ବଲରେ ଅପରାଜିତ ୪୧ (୪ ଛକା) ଓ ମାଇକେଲ ଲିସ୍କ ୫ ବଲରେ ୨୨ (୨ ଲେଖାଏ ଚୌକା ଓ ଛକା) ରନର ଅବଦାନ ଯୋଗୁ ସ୍କଟଲାଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୨୦୭ ରନ କରିଥିଲା। ଜବାବରେ ଇଟାଲୀ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୪ ଓଭରରେ ୧୩୪ ରନରେ ଅଲଆଉଟ୍ ହୋଇଥିଲା। କେବଳ ଦୁଇ ଭାଇ ହ୍ୟାରୀ ଓ ବେନ ମାନେଣ୍ଟିଙ୍କୁ ଛାଡ଼ି ଦେଲେ ଅନ୍ୟ କେହି କ୍ରିଜ୍‌ରେ ତିଷ୍ଠି ପାରି ନ ଥିଲେ। ହ୍ୟାରୀ ୨୫ ବଲରେ ୩୭ (୧ ଚୌକା ଓ ୩ ଛକା) ଓ ବେନ ୩୧ ବଲରେ ୫୨ (୫ ଚୌକା ଓ ୧ ଛକା) ରନ କରିବା ସହ ଚତୁର୍ଥ ଉଇକେଟରେ ୭୩ ରନ ଯୋଡ଼ିଥିଲେ। ସ୍କଟଲାଣ୍ଡ ପାଇଁ ୪ ଉଇକେଟ ନେଇଥିବା ଲିସ୍କଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଇଟାଲୀ ୟୁରୋପ କ୍ୱାଲିଫାୟରରେ ସ୍କଟଲାଣ୍ଡକୁ ହରାଇ ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିଲା। ଅନ୍ୟପକ୍ଷରେ ଘଟଣାକ୍ରମେ ବାଂଲାଦେଶ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବା ପରେ ସ୍କଟଲାଣ୍ଡକୁ ଖେଳିବାକୁ ସୁଯୋଗ ମିଳିଥିଲା।



ଉଇକେଟ ନେବାପରେ ମାଇକେଲ ଲିସ୍କଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**ନେଦରଲାଣ୍ଡ ବନାମ ନାମ୍ବିଆ**
ସ୍ଥାନ: ଦିଲ୍ଲୀ,
ସମୟ: ପୂର୍ବାହ୍ନ ୧୧ଟା

**ନ୍ୟୁଜିଲାଣ୍ଡ ବନାମ ୟୁଏଇ**
ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୩ଟା

**ପାକିସ୍ତାନ ବନାମ ୟୁଏସ୍ଏ**
ସ୍ଥାନ: କଲମ୍ବୋ,
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ ଜିଓ ହଟ୍‌ଷ୍ଟାର

# ଗ୍ରେଡ୍-ବି'କୁ ଖସିଲେ କୋହଲି, ରୋହିତ

**ନୂଆଦିଲ୍ଲୀ,୯।୨**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ୨୦୨୫-୨୬ ସିଜନ ଲାଗି ଭାରତୀୟ ସିନିୟର ପୁରୁଷ ଓ ମହିଳା ଦଳର ଖେଳାଳିଙ୍କ ପାଇଁ ବାର୍ଷିକ ଚୁକ୍ତି ଘୋଷଣା କରିଛି। ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇ ସାରିଥିବା ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଗ୍ରେଡ୍-ବି'ରେ ରଖାଯାଇଛି। ପୂର୍ବରୁ ସେମାନେ ଗ୍ରେଡ୍-ଏ+' ରେ ଯଶପ୍ରୀତ ବୁମରା ଓ ରବୀନ୍ଦ୍ର ଜାଡେଜାଙ୍କ ସହ ଥିଲେ। ତେବେ ବିସିସିଆଇ ପକ୍ଷରୁ ଗ୍ରେଡ୍-ଏ+' କାଟେଗୋରିକୁ ହଟାଇ ଦିଆଯାଇଛି।

ବିସିସିଆଇ ସୋମବାର ୩୦ ପୁରୁଷ ଓ ୨୧ ମହିଳା କ୍ରିକେଟରଙ୍କ ଲାଗି କେନ୍ଦ୍ରୀୟ ଚୁକ୍ତି ଘୋଷଣା କରିଛି। ଏହି ଚୁକ୍ତି ଗତ ବର୍ଷ ଅକ୍ଟୋବର ୧ରୁ ଚଳିତ ବର୍ଷ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଚଳିତ ସିଜନରେ ଶୁବମନ ଗିଲ, ପ୍ରିମିୟର ପେସର ବୁମରା, ଭେଟେରାନ ଅଲରାଉଣ୍ଡ ଜାଡେଜାଙ୍କୁ ଗ୍ରେଡ୍-ଏ'ରେ ରଖାଯାଇଛି। ସେହିଭଳି ମହିଳା ବିଭାଗରେ ହରମନପ୍ରୀତ କୌର, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗ୍ସ ଓ ଦୀପ୍ତି ଶର୍ମା ଗ୍ରେଡ୍-ଏ'ରେ ରହିଛନ୍ତି।

### ବିସିସିଆଇ କେନ୍ଦ୍ରୀୟ ଚୁକ୍ତି

**ଗ୍ରେଡ୍-ଏ':** ଶୁବମନ ଗିଲ୍, ଯଶପ୍ରୀତ ବୁମରା, ରବୀନ୍ଦ୍ର ଜାଡେଜା।

**ଗ୍ରେଡ୍-ବି':** ବିରାଟ କୋହଲି, ରୋହିତ ଶର୍ମା, ଲୋକେଶ ରାହୁଲ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା, ଋଷଭ ପନ୍ତ, କୁଲଦୀପ ଯାଦବ, ଜଶସ୍ୱୀ ଜୟସ୍ୱାଲ, ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟାର।

**ଗ୍ରେଡ୍-ସି':** ଅକ୍ଷର ପଟେଲ, ଋତୁରାଜ ଗାଏକ୍ୱାଡ, ତିଲକ ବର୍ମା, ରିଙ୍କୁ ସିଂ, ଶିବମ ଦୁବେ, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଧ୍ରୁବ ଜୁରେଲ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ନୀତୀଶ ରେଡ୍ଡୀ, ଅଭିଷେକ ଶର୍ମା, ସାଇ ସୁଦର୍ଶନ, ରବି ବିଷ୍ଣୋଇ।

# ଜିମ୍ବାୱେ, ଦକ୍ଷିଣ ଆଫ୍ରିକା ବିଜୟୀ

**କଲମ୍ବୋ,୯।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସୋମବାର ଅପରାହ୍ନରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ପେସରଙ୍କ ଘାତକ ବୋଲିଂ ଯୋଗୁ ଜିମ୍ବାୱେ ୮ ଉଇକେଟରେ ଓମାନକୁ ପରାସ୍ତ କରିଛି। ରିଚାର୍ଡ ଏନ୍‌ଗାରାଭା, ବ୍ଲେସିଂ ମୁଜରାବାନୀ ଓ ବ୍ରାଡ ଇାଭନ୍ସଙ୍କ ୩ ଉଇକେଟ ସଫଳତା ଯୋଗୁ ଓମାନ ୧୯.୫ ଓଭରରେ ୧୦୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଜବାବରେ ଜିମ୍ବାୱେ ୧୩.୩ ଓଭରରେ ୨ ଉଇକେଟ ହରାଇ ୧୦୬ ରନ କରି ମ୍ୟାଚ୍ ଜିତି ନେଇଥିଲା। ଅହମଦାବାଦରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଅଧିନାୟକ ଏଡେନ ମାରକ୍ରମଙ୍କ ଅର୍ଦ୍ଧଶତକ ଓ ଲୁଙ୍ଗି ଏନ୍‌ଗିଡିଙ୍କ ଘାତକ ବୋଲିଂ ବଳରେ ଦକ୍ଷିଣ ଆଫ୍ରିକା ୫୭ ରନରେ କାନାଡାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୪ ଉଇକେଟ ହରାଇ ୨୧୩ ରନ କରିଥିଲା। ଯାହାକି ଚଳିତ ଟୁର୍ନାମେଣ୍ଟରେ ସର୍ବାଧିକ ଦଳଗତ ସ୍କୋର। ଜବାବରେ କାନାଡା ୨୦ ଓଭରରେ ୮ ଉଇକେଟ ହରାଇ ୧୫୬ ରନ କରିପାରି ଥିଲା।

# ଖୋର୍ଦ୍ଧା ଦଳଗତ ଚାମ୍ପିୟନ



ଅତିଥିଙ୍କ ଗହଣରେ ସୋମେନ ସେନାପତି, ପ୍ରତିଷ୍ଠା ସିଂ ଓ ଅନ୍ୟମାନେ।

## ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା

## ପ୍ରତିଷ୍ଠା ଷ୍ଟ୍ରଙ୍ଗ୍ ଓମ୍ୟାନ, ସୋମେନ ଷ୍ଟ୍ରଙ୍ଗମ୍ୟାନ୍

**ଭୁବନେଶ୍ୱର, ୯।୨ ( ବିଜୟ ରଣା)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୩ ଦିନ ଧରି ଚାଲିଥିବା ୩୨ତମ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ୨୧ଟି ଜିଲାରୁ ୨୦୦ ପୁରୁଷ ଓ ୬୦ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧାର ସୋମେନ ସେନାପତି ମୋଟ ୬୨୨.୫ କେଜି ଉତ୍ତୋଳନ କରି ଷ୍ଟ୍ରଙ୍ଗମ୍ୟାନ ଆଖ୍ୟା ଅର୍ଜନ କରିଥିବା ବେଳେ ସୁନ୍ଦରଗଡ଼ର ପ୍ରତିଷ୍ଠା ସିଂ ୪୨୨.୫ କେଜିଓଜନ ଉଠାଇ ଷ୍ଟ୍ରଙ୍ଗଓମ୍ୟାନ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ଖୋର୍ଦ୍ଧା ୧୯ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ସହ ଦଳଗତ ଚାମ୍ପିୟନ ହୋଇଥିବାବେଳେ କଟକ (୮ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ ବ୍ରୋଞ୍ଜ) ଏବଂ ସୁନ୍ଦରଗଡ଼ (୭ ସ୍ୱର୍ଣ୍ଣ ଓ ୨ ରୌପ୍ୟ) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ମାର୍ଚ୍ଚ ୨୪ରୁ ୨୮ ପର୍ଯ୍ୟନ୍ତ କର୍ଣ୍ଣାଟକର ମେଙ୍ଗାଲୁରୁଠାରେ ହେବାକୁଥିବା ଜାତୀୟ ସିନିୟର ପ୍ରତିଯୋଗିତାରେ ଭାଗ ନେବେ। ଉଦ୍‌ଯାପନୀ ଉତ୍ସବରେ ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ।

# ଏସୀୟ ଇନ୍‌ଡୋର ଆଥଲେଟିକ୍ସ: କିଟ୍‌କୁ ୩ ପଦକ



ତେଜସ୍ୱିନ ଶଙ୍କର



ତାଜିନ୍ଦରପାଲ ସିଂ ତୁର



ଆନ୍ସି ସୋଜାନ୍ ଏଡାପିଲି

**ଭୁବନେଶ୍ୱର, ୯।୨ (ତପନ ସ୍ୱାଇଁ)**

ଚଳିତ ମାସ ୬ ରୁ ୮ ପର୍ଯ୍ୟନ୍ତ ଚାଇନାର ତିଆନଜିନଠାରେ ଅନୁଷ୍ଠିତ ଦ୍ୱାଦଶ ଏସୀୟ ଇନଡୋର ଆଥଲେଟିକ୍ସ ଚାମ୍ପିୟନସିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପ୍ରତିଯୋଗିତାରେ କିଟ୍ ଆଥଲେଟ୍‌ଙ୍କୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଛି। ସୂଚନାଯୋଗ୍ୟ, ଭାରତୀୟ ଆଥଲେଟିକ୍ସ ଫେଡେରେଶନ ଦ୍ୱାରା ଘୋଷିତ ୧୭ ଜଣିଆ ଭାରତୀୟ ଦଳରେ ୯ ଜଣ ଖେଳାଳି କିଟ ବିଶ୍ୱବିଦ୍ୟାଳୟରୁ ସାମିଲ ହୋଇଥିଲେ। ଆକର୍ଷଣୀୟ ପ୍ରଦର୍ଶନକାରୀଙ୍କ ମଧ୍ୟରେ ତେଜସ୍ୱିନ ଶଙ୍କର ପୁରୁଷ ହେପ୍ଟାଥଲନରେ ୫୯୧୩ ପଏଣ୍ଟ ସଂଗ୍ରହ କରି ନୂତନ ଜାତୀୟ ଇନ୍‌ଡୋର ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ଶଟ୍ ପୁଟରେ ତାଜିନ୍ଦରପାଲ ସିଂ ତୁର ରୌପ୍ୟ ପଦକ ହାସଲ କରିଥିଲେ। ଏହି କିଟ୍ ଛାତ୍ର ୨୦.୦୫ ମିଟର ଥ୍ରୋ କରି ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ସ୍ଥିତି ବଜାୟ ରଖିବାରେ ସମର୍ଥ ହୋଇଥିଲେ। ମହିଳା ବର୍ଗରେ ଆନ୍ସି ସୋଜାନ୍ ଏଡାପିଲି ମହିଳା ଲଙ୍ଗଜମ୍ପରେ ୬.୨୧ ମିଟର ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଭାରତ ମୋଟ ୫ ପଦକ ହାସଲ କରି ଷଷ୍ଠ ସ୍ଥାନରେ ରହିଥିଲା। ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପଦକ ବିଜେତା ଓ ସମଗ୍ର ଭାରତୀୟଦଳକୁ ଅଭିନନ୍ଦନ ଜଣାଇଛନ୍ତି।


## ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ରୁଦ୍ରାଂଶ ଦାଶ (ଇଭାନ)**

ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର

ତୁମ ଛୋଟ ପାଦଚାଲି ଆମ ଘରକୁ ଖୁସିରେ ଭରିଦେଲ,ଏକ ବର୍ଷରେ ତୁମେ, ଆମ ଜୀବନର ସବୁଠାରୁ ସୁନ୍ଦର ଅଂଶ ହେଲ।

ଶୁଭେଚ୍ଛା ସହ- ଜେଜେବାପା, ଜେଜେମା', ଆଇ, ପାପା, ମାମା, ପିଉସା, ମାମାନାନୀ, ଗୁନୁନାନୀ, ମାମୁ, ମାଇଁ, ମଉସା, ମାଉସୀ, ତିତିଲି, ଇଶାନ, ସାଇ, ଶ୍ରଦ୍ଧା, ସୃଷ୍ଟି, ମିଷ୍ଟି, ଯାଶିକା, ଯେଶିଲ, ସାୟାନ

ଧ-୭୬୦୯୩


# ଜମ୍ମୁ କଶ୍ମୀର ପ୍ରଥମ ଥର ସେମିରେ

**ଇନ୍ଦୋର, ୯।୨ (ପି.ଟି.):** ଅକିବ୍ ନବିଙ୍କ ୧୨ ଉଇକେଟ ସଫଳତା ବଳରେ ପୂର୍ବତନ ଚାମ୍ପିୟନ ମଧ୍ୟପ୍ରଦେଶକୁ ୫୬ରନ୍‌ରେ ପରାସ୍ତ କରି ଜମ୍ମୁ କଶ୍ମୀର ପଦାର୍ପଣର ୬୭ ବର୍ଷ ପରେ ପ୍ରଥମ ଥର ରଣଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ୨୯ ବର୍ଷୀୟ ପେସ୍ ବୋଲର ଅକିବଙ୍କ ଏହାଥିଲା କ୍ୟାରିୟର ଶ୍ରେଷ୍ଠ ବୋଲିଂ। କେବଳ ସେତିକି ନୁହେଁ ଏଥିସହିତ ସେ ଖେଳର ସମସ୍ତ ଫର୍ମାଟରେ ମ୍ୟାଚ ବିଜୟୀ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ପୂର୍ବତନ ଚାମ୍ପିୟନ ମଧ୍ୟପ୍ରଦେଶ ୨୯୧ ରନ ଲକ୍ଷ୍ୟକୁ ପିଛା କରି ୨୩୪ ରନରେ ଅଲଆଉଟ ହୋଇଥିଲା। ଜମ୍ମୁ-କଶ୍ମୀର ସେମିରେ ଆନ୍ଧ୍ର ପ୍ରଦେଶ ଓ ବେଙ୍ଗଲ ମଧ୍ୟରେ ଚାଲିଥିବା କ୍ୱାର୍ଟରଫାଇନାଲ ବିଜେତାକୁ ଭେଟିବ।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର: ୧୯୪ ଓ ୭୦. ୩ ଓଭରରେ ୨୪୮। ମଧ୍ୟ ପ୍ରଦେଶ: ୧୫୨ ଓ ୬୮.୩ ଓଭରରେ ୨୩୪/ଅଲଆଉଟ ( ଶୁଭମ ଶର୍ମା-୩୨, ସାରାଂଶ ଜୈନ-୬୪ ; ଅକିବ-୫/୭୦, ଆବିଦ୍ ମୁସ୍ତାକ୍-୩/୪୯)।

# ପ୍ରଶାନ୍ତ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ୧୦ରୁ

**ଭୁବନେଶ୍ୱର, ୯।୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ୧୧ଶ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ବିଜେବି କଲେଜ ପଡ଼ିଆରେ ଅନୁଷ୍ଠିତ ହେବ। ମୋଟ ୮ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ସମ୍ବଲପୁର ବାର୍ ଆସୋସିଏଶନ ଏଥର ପ୍ରଥମଥରଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଖେଳିବ। ୧୩ ତାରିଖରେ ୨ଟି ପ୍ରଦର୍ଶନୀ ମ୍ୟାଚ ଖେଳାଯିବ। ପୂର୍ବାହ୍ନ ୮ଟା ୩୦ରୁ କମିଶନରେଟ ପୋଲିସ ଓ ପ୍ରଶାସନ ଏକାଦଶ ଏବଂ ଅପରାହ୍ନ ୧୨ଟା ୩୦ରୁ ପ୍ରେସ୍ ଏକାଦଶ ଏବଂ ଓଡ଼ିଆ ସିନେ ଷ୍ଟାର୍ସ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ଅଶୋକ କୁମାର ପାତ୍ର ଓ ସମ୍ପାଦକ ସତ୍ୟରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଭାଗ ନେଉଥିବା ୮ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଭୁବନେଶ୍ୱର ବାର୍, ଭୁବନେଶ୍ୱର ରେଡ୍ସ, ପୁରୀ ବାର୍ ଆସୋସିଏଶନ ଓ ବାଲେଶ୍ୱର ବାର୍ ଆସୋସିଏଶନ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ବି'ରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ, ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ, ଢେଙ୍କାନାଳ ଜିଲା ବାର୍ ଆସୋସିଏଶନ ଏବଂ ନବାଗତ ସମ୍ବଲପୁର ବାର୍ ଆସୋସିଏଶନ ରହିଛି। ୧୦ ତାରିଖରେ ଭୁବନେଶ୍ୱର ବାର୍ ଓ ପୁରୀ ବାର୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ୧୪ ତାରିଖ ପୂର୍ବାହ୍ନ ୧୧ଟାରୁ ଫାଇନାଲ ଆରମ୍ଭ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବାର୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୀପ୍ତି ପ୍ରସାଦ ନନ୍ଦ, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଅକ୍ଷୟ କୁମାର ଦାସ, ଓମ୍‌ତତ୍ତ୍ୱବିତ୍, ହରପ୍ରୀୟା ପ୍ରଧାନ, ରଞ୍ଜିତା ଦାସ, ଜୟନ୍ତ ଜେନା, ଆତ୍ମାବଲ୍ଲଭ ମହାନ୍ତି, ସନ୍ତୋଷ ଚୌଧୁରୀ, ସୁମନ ରାଉତରାୟ, କମଳାକାନ୍ତ ରାଉତରାୟ, ନିହାର ରଞ୍ଜନ ସେଠି, ତପନ ବିଶ୍ୱାଳ, ଜିତେନ୍ଦ୍ର ପାତ୍ର, ଜିତେନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାର ଜର୍ସି ଉନ୍ମୋଚନ କରିଥିଲେ।





ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଜର୍ସି ଉନ୍ମୋଚନ କରୁଛନ୍ତି। (ଫଟୋ: ବିକାଶ ନାୟକ)


# Classified Everyday

**0674-2580101, 9692975378**



REAL ESTATE

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

**GENERAL SALE**

**Welding Works Contact for any type of Roof Sheds, Gril Gates, Shutters. 7809525452, 9937507638.** D-3346





All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an Affidavit No.120, dated 02.02.2026 sworn before the Executive Magistrate, Laikera. I, Manoj Kumar Buda, GO No. 005670L AE (CIV) (GREF/ DEFENCE) declare that my daughter's Old name was Lashya her new changed name is Lashya Rani Buda. Henceforth, she shall be known as Lashya Rani Buda for all purposes. D-3344

I, Udayanath Sahoo, S/o- Late Kumar Sahoo resident of Badhi, Mangalpur, P.S.- Pipili, Dist.- Puri, 752104 , Odisha declare by this affidavit No.1330, dtd. 29.01.2026 that now onwards I shall be known as UDYANATH SAHOO for all future purposes. D-3345

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰କସ୍ତୁରୀ ସାହୁ**

ଖଡ଼ଗପ୍ରସାଦ, ଢେଙ୍କାନାଳ

ଅବିର୍ଭାବ : ୦୫।୦୩।୧୯୪୬
ତିରୋଧାନ : ୩୧।୦୧।୨୦୨୬

ଜାତସ୍ୟ ହି ଧ୍ରୁବ ମୃତ୍ୟୁ, ଧ୍ରୁବ ଜନ୍ମ ମୃତସ୍ୟ ଚ...

ଚାହୁଁ ଚାହୁଁ ୧୧ଦିନ ହେଲାଣି। ତୁମେ ଆମମାନଙ୍କୁ ଛାଡ଼ି ଅମୃତଧାମକୁ ଚାଲିଗଲ। ତୁମେ ଆଜି ଆମ ଗହଣରେ ନାହଁ ସତ, କିନ୍ତୁ ଏ ବିରାଟ ଶୂନ୍ୟତା ଭିତରେ ତୁମେ ଭରି ଦେଇଛ ତୁମର ସେଇ ଅମୂଲ୍ୟ ସ୍ମୃତି, ଯାହାକି ଆମ ଜୀବନର ପାଥେୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ : ପୁତ୍ର, ପୁତ୍ରୀ, ପୁତ୍ରବଧୂ ,ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ

ଧ-୩୩୪୨

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ସୁଧାକର ସାହୁ**

ଗୋପନଗର, କାଏମା, ଧର୍ମଶାଳା

ଆବିର୍ଭାବ-୦୧।୦୨।୧୯୬୮
ତିରୋଧାନ- ୩୧।୦୧।୨୦୨୬

ସମୟର କ୍ରୂରତାକୁ ସଭିଙ୍କୁ ସ୍ୱୀକାର କରିବାକୁ ହେବ। ତୁମ ବିୟୋଗ ଆମ ପରିବାରରେ ଏକ ଅପୂରଣୀୟ ସୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ସାନଭାଇ: ପ୍ରଭାତ କୁମାର ସାହୁ, ପୁଅ: ସତ୍ୟଜିତ୍, ଝିଅ: ନିରାଳି ନିହାରିକା, ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ

ଧ-୩୩୪୭


# ଟେକ୍ନିକାଲ ଅଫିସିଆଲ ଓ ଅମ୍ପାୟରଙ୍କ ଟ୍ରେନିଂ ପ୍ରୋଗ୍ରାମ

**ଭୁବନେଶ୍ୱର, ୯।୨ (ତପନ ସ୍ୱାଇଁ)**

ହକି ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଟେକ୍ନିକାଲ ଅଫିସିଆଲ୍ସ ଓ ଅମ୍ପାୟରଙ୍କ ଟ୍ରେନିଂ ଏବଂ ଡେଭ୍‌ଲପ୍‌ମେଣ୍ଟ ପ୍ରୋଗ୍ରାମ ଗତ ୭ ଓ ୮ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଅନ୍ତର୍ଜାତୀୟ ସ୍ତରର ହକି ଅଫିସିଆଲ ବିଶ୍ୱରଞ୍ଜନ ଷଡ଼ଙ୍ଗୀ ଓ ନିଶାନ ଜ୍ୟୋତି ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଗ୍ୟର ୧୭ ଜିଲାରୁ ୧୦୧ଜଣ ଏଥିରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ତଥା ହକି ପ୍ରମୋଶନ କାଉନ୍ସିଲ ଅଫ୍ ଓଡ଼ିଶା ସିଇଓ ବିଜୟ କୁମାର ସ୍ୱାଇଁ, ଆସୋସିଏଶନ ସମ୍ପାଦକ ସନାତନ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ପାଉଲିନା ସୁରିନ, ରୀନାକାନ୍ତି ମିଞ୍ଜ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

# ବାଦ୍ ପଡ଼ିଲା ଓଡ଼ିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ

**କୁଆଲାଲମ୍ପୁର, ୯।୨ (ପି.ଟି.):** ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଏହାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛି। ଇଣ୍ଡିଆ ଓପନ ଏହାର ସୁପର ୭୫୦ ମାନ୍ୟତା ବଜାୟ ରଖିଛି। କିନ୍ତୁ ସୟଦ ମୋଦି ଇଣ୍ଟରନ୍ୟାଶନାଲକୁ ସୁପର ୩୦୦ରୁ ସୁପର ୧୦୦ ଷ୍ଟାଟସ୍‌କୁ ଖସାଇ ଦିଆଯାଇଛି। କ୍ୟାଲେଣ୍ଡରରୁ ବାଦ୍ ପଡ଼ିଥିବା ସୁପର ୧୦୦ ଟୁର୍ନାମେଣ୍ଟଗୁଡ଼ିକ ମଧ୍ୟରେ ଗୁଆହାଟୀ ଏବଂ ୨୦୨୨ରୁ ଆରମ୍ଭ ହୋଇଥିବା ଓଡ଼ିଶା ମାଷ୍ଟର୍ସ ଅନ୍ୟତମ।

# ଜୀବନକୁ କରନ୍ତୁ ସୁଖମୟ

**ଜୀବନ ହସଖୁସିରେ କଟିଯାଉ–କିଏ ବା ନ ଚାହେଁ ? ହେଲେ ସବୁବେଳେ ତାହା ସମ୍ଭବ ହୋଇ ନ ଥାଏ। ଏଥିଲାଗି ଆପଣେଇବାକୁ ପଡ଼ିଥାଏ କେତୋଟି ଉପାୟ। ଆଉ ଯଦି ସେଗୁଡ଼ିକୁ ଠିକ୍ ଭାବରେ ଉପଯୋଗ କରିପାରିଲେ ତେବେ ଆପଣଙ୍କ ଜୀବନ ଖୁସିର ମାହୋଲ ଭିତରେ ରହିବ। ତେବେ ଏକ ସୁଖମୟ ଜୀବନ ପାଇଁ କେଉଁ ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ନଜର ଦେବାକୁ ପଡ଼ିବ ଜାଣନ୍ତୁ ସେ ସମ୍ପର୍କରେ...**



ଧରାପୃଷ୍ଠରେ ମଣିଷଟିଏ ହୋଇ ଜନ୍ମନେବା ନିଶ୍ଚୟ ଭଗବାନଙ୍କ ଆଶୀର୍ବାଦ। ଜୀବନ ହେଉଛି ମୂଲ୍ୟବାନ୍। ନିଜ ଜୀବନ ରଥକୁ ଆଗକୁ ଆଗେଇନେବା ଏତେ ସହଜ ନୁହେଁ। ଏହି ରାସ୍ତା ସୁଖଦୁଃଖରେ ଭରପୂର ଆଉ କଣ୍ଟକିତ ମଧ୍ୟ। ଜୀବନର ଚଲାପଥରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ତାହାକୁ ସମାଧାନକରି ଆମକୁ ଆଗେଇବାକୁ ପଡ଼ିବ। ଆମକୁ ଏଇକଥା ବୁଝି ଜୀବନ ମିଳିଛି, ଏଥିରେ ହତାଶ ଏବଂ ନିରାଶ ଭାବନା ନ ରହୁ। ଏକଥା ଭୁଲନ୍ତୁ ନାହିଁ ସକାଳର ସୂର୍ଯ୍ୟ ଜୀବନରେ ନୂତନ ଭାବନା ନେଇକି ଆସିବ। ଏହି ରାସ୍ତାରେ ଆମର ଜୀବନଶୈଳୀ କିପରି ହେବ, ଯାହା ଫଳରେ ଜୀବନ ସହଜ ଏବଂ ସରଳ ହୋଇଯିବ।

ପ୍ରସିଦ୍ଧ ଲେଖକ ପି.ଭି. ଅକିଲନ ନିଜ ପୁସ୍ତକରେ 'ଚିତ୍ରପ୍ରିୟାରେ' ଲେଖିଛନ୍ତି ନିଜ ଜୀବନର ପ୍ରତିଟି ମୁହୂର୍ତ୍ତ ସୁନ୍ଦର କରିବାକୁ ଚେଷ୍ଟା କରନ୍ତୁ। ଯଦି ସୁନ୍ଦର କରିପାରିଲ ନାହିଁ ତେବେ ଯେମିତି ଅଛି ସେମିତି ରହିବାକୁ ଦିଅ। ଭଗବାନ୍ ଆମକୁ ମାନବ ଜୀବନ ଦେଇଛନ୍ତି । ତେବେ ନିଜକୁ ଅଯଥା ଚିନ୍ତାରେ ବୁଡ଼ାନ୍ତୁ ନାହିଁ, ସମସ୍ୟା ଏବଂ ଚିନ୍ତାଗ୍ରସ୍ତରେ ରୁହନ୍ତୁ ନାହିଁ। ଜୀବନକୁ ଜୀଇଁବାରେ କାନ୍ଦିବା ଦ୍ୱାରା କି ଫାଇଦା। ଆମକୁ ବୁଝିବା ଦରକାର ଯେ ଜୀବନ କେବେ ଏକା ଭଳି ହୋଇ ନ ଥାଏ। ଏଥିରେ ସୁଖ ଦୁଃଖ ଲାଗି ରହିଥାଏ। ଏଥିପାଇଁ ଯେତେବେଳେ ଏ ସଂସାରରେ ଜନ୍ମ ଲାଭ କରିଛନ୍ତି ତେବେ ଜୀବନର ଭରପୂର ଆନନ୍ଦ ନେଇ ସମସ୍ୟା ସଙ୍କଟକୁ ବୁଝିବିଚାରି ସାମ୍ନା କରନ୍ତୁ। ଜୀବନକୁ ସରସ ସୁନ୍ଦର କରିବାକୁ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି...

**ଚିନ୍ତାଠାରୁ ଦୂରେଇ ରୁହନ୍ତୁ :** ଯେତେବେଳେ ଆପଣ ଚିନ୍ତାଗ୍ରସ୍ତ ରହୁଛନ୍ତି ସେତେବେଳେ ପ୍ରକୃତି ନିକଟକୁ ବୁଲିବାକୁ ଯାଆନ୍ତୁ। କୌଣସି ପାର୍କକୁ ଯାଇ ଲକ୍ଷ୍ୟକରନ୍ତୁ ଯେ କୌଣସି ବୃକ୍ଷ ହେଲେ କିପରି ସେ ଖରା,ବର୍ଷା ଏବଂ ଶୀତକୁ ସହି ହସୁଥିବା ପରି ମନେହୁଏ। ଥରେ ଧ୍ୟାନ ସହକାରେ ପ୍ରକୃତିକୁ ନଜର କରନ୍ତୁ।

**ସାଙ୍ଗସାଥୀ ବନାନ୍ତୁ:** ଏକୁଟିଆ ରହିବା ଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି। ନିଜର କେତେଜଣ ସାଙ୍ଗ ସାଥୀ ବନାନ୍ତୁ। ସକାଳ ସନ୍ଧ୍ୟାରେ ଯେତେବେଳେ ପାର୍କକୁ ବୁଲିବାକୁ ଯାଉଛନ୍ତି ସେଠାରେ କେତେଜଣଙ୍କ ସହ ବନ୍ଧୁତା ସୃଷ୍ଟି କରନ୍ତୁ। ଫଳରେ ଆପଣ ଉଭୟଙ୍କ ମଧ୍ୟରେ ସୁଖ ଦୁଃଖ କଥା ଶେୟାର କରନ୍ତୁ। ଏହାଦ୍ୱାରା ତୁମ ମନ ହାଲୁକା ରହିବ।



**ସବୁବେଳେ ସକାରାତ୍ମକ ରୁହନ୍ତୁ:** ସମସ୍ୟା ତ ସମସ୍ତଙ୍କ ଜୀବନରେ ଆସିଥାଏ। କେତେଜଣ ତାକୁ ହସିକି ସାମ୍ନା କରୁଥିବା ବେଳେ ଆଉ କେତେକେ ହଡ଼ବଡ଼ ହୋଇଯାନ୍ତି। ଜୀବନର ନାମ ହିଁ ସଂଘର୍ଷ। କିନ୍ତୁ ସମସ୍ୟାରୁ ବ୍ୟତିବ୍ୟସ୍ତ ହୋଇ ଦୌଡ଼ିବା ଠିକ୍ ନୁହେଁ। ସଂସାରରେ ସବୁ ସମସ୍ୟାର ସମାଧାନ ପାଇଁ ଧୈର୍ଯ୍ୟ, ସାହସ ଏବଂ ବୁଦ୍ଧିମତ୍ତାର ଆବଶ୍ୟକତା ହୋଇଥାଏ।

**ଛୋଟ ଛୋଟ ଖୁସିକୁ ସେଲିବ୍ରେଟ୍ କରନ୍ତୁ :** ଜୀବନଟି ଏକ ନାଆ ସଦୃଶ। କେବେ ସମସ୍ୟାର ବାଦଲ ଆପଣଙ୍କୁ ଘେରିଯିବ ତ କେବେ ମନରେ ନୂଆ ଆଶା ସଞ୍ଚାର ହେବ। ସୁଖ ଏବଂ ଦୁଃଖ ଜୀବନର ଦୁଇଟି ପାର୍ଶ୍ୱ। ଏହାଦ୍ୱାରା ଆପଣଙ୍କୁ ପ୍ରଭାବିତ ହେବାର ଆବଶ୍ୟକତା ନାହିଁ। ଯେତେବେଳେ ସୁଖ ଦୁଃଖ ବି ଆସିବ, ଏହା ସତେ ଯେମିତି ଖରାଛାଇର ଖେଳ। ଆପଣ ଧୈର୍ଯ୍ୟର ସହ ପ୍ରତ୍ୟେକ ସ୍ଥିତିର ସାମ୍ନା କରିବାକୁ ପଡ଼ିବ। ସୁଖରେ ଅଧିକ ଖୁସି ନ ହେବା ଏବଂ ଦୁଃଖ ସମୟରେ ଅଧିକ ଦୁଃଖୀ ହୁଅ ନାହିଁ। ଯାହା ଆପଣଙ୍କ ନିକଟରେ ଅଛି ସେତିକିରେ ଖୁସି ରୁହ। ଆବଶ୍ୟକତାଠାରୁ ଅଧିକ ପାଇବାକୁ ଏତେ ଉତ୍କଣ୍ଠା ରଖନ୍ତୁ ନାହିଁ। ଆଶା ତ ଅସୁମାରୀ। ତେବେ ଏହାକୁ ନିୟନ୍ତ୍ରଣରେ ରଖିଲେ ଜୀବନର ଅସଲ ମଜା ନେଇପାରିବେ। ଯେତିକି ଅଛି ସେତିକିରେ ସନ୍ତୁଷ୍ଟ ରୁହ। ଏହା ହିଁ ହେଉଛି ସୁଖୀ ଜୀବନର ସୂତ୍ର।

**ବ୍ୟସ୍ତ ରୁହ ମସ୍ତ ରୁହ:** କୁହାଯାଏ ବ୍ୟସ୍ତ ରହିଲେ ମସ୍ତ ରହିବ। ଖାଲି ମୁଣ୍ଡ ସୈତାନ୍‌ର ଘର ହୋଇଥାଏ। ନିଜକୁ ସବୁବେଳେ ବ୍ୟସ୍ତ ରଖିବା ଆବଶ୍ୟକ। ଯଦି ଆପଣ ୱାର୍କିଂ, କିଛି ସମୟ ଆପଣଙ୍କ ପାଖରେ ଖାଲି ରହିଥାଏ। ତେବେ ନିଜର ସଉକକୁ ପୂରା କରିପାରିବେ। ଯେମିତିକି ଗୀତ ଶୁଣିବା, ନାଚିବା, ପେଣ୍ଟିଂ କରିପାରିବେ ନ ହେଲେ କିଛି ଲେଖାଲେଖି କରିପାରିବେ। ନ ହେଲେ ପିଲାଙ୍କ ସହ କିଛି ଟାଇମ୍ ସ୍ପେଣ୍ଡ କରନ୍ତୁ। ଏହାଦ୍ୱାରା ଆପଣଙ୍କୁ ଏକ ଅଲଗା ଖୁସି ମିଳିବ।

**ମନକୁ ନିୟନ୍ତ୍ରଣରେ ରଖନ୍ତୁ:** କେବେ କେବେ ଅନ୍ୟର ଲାଟେଷ୍ଟ ଫ୍ୟାଶନର ଡ୍ରେସ୍ ଦେଖି, ସେଇଭଳି ଡ୍ରେସ୍ କିଣିବାକୁ ଭାବିଥିବେ ହେଲେ ପରେ ମନର ସଙ୍କୋଚ ଭାବନା ଆପଣଙ୍କୁ ରୋକିଦେଇପାରେ। ଫଳରେ ଏହାଦ୍ୱାରା ହଇରାଣ ସାମ୍ନା କରିବାକୁ ପଡ଼ିପାରେ। ମନ ଯାହା ଚାହୁଁଛି ତାହା କର। ସବୁବେଳେ ଗୋଟିଏ କଥା ମନେରଖିବ ଯେ ଯାହା କରିବାର ଅଛି ଏହି ଜନ୍ମରେ କରନ୍ତୁ। ନିଜ ଜୀବନକୁ ଭରପୂର ଜିଅଁ ଏବଂ ଖୁସିରେ ରୁହ।



**ଭୁଲିବା ଶିଖନ୍ତୁ :** ଯଦି କେବେ କାହାର ବ୍ୟବହାର ମନକୁ ଆଘାତ ଦେଇଥାଏ ତାକୁ ଭୁଲିବାକୁ ଚେଷ୍ଟାକରନ୍ତୁ। କଥାରେ ଅଛି – କଥା ମାଜିଲେ ମୋଟ। ସେଥିପାଇଁ ପୁରୁଣା କଥାକୁ ଧରି ବସନ୍ତୁ ନାହିଁ। ଏହାଦ୍ୱାରା ମନ ବିଚଳିତ ହୋଇଥାଏ। କେବେ ହୋଇଥିଲା ଏବଂ କ'ଣ ଘଟିଥିଲା ତାକୁ ଯେତେ ସମ୍ଭବ ଭୁଲିଯାନ୍ତୁ।





ଫ୍ୟାଶନ

## ପାୱାର ଡ୍ରେସିଂ

**ୱାର୍କ ପ୍ଲେସ୍‌ରେ ସ୍ମାର୍ଟ ଏବଂ କନ୍‌ଫିଡେଣ୍ଟ ଦେଖାଯିବାକୁ ହେଲେ ନିଜ କାମରେ ପର୍‌ଫେକ୍ଟ ହେବା ନିହାତି ଆବଶ୍ୟକ। ଏଥିସହ ଯଦି ପାୱାର ଡ୍ରେସିଂକୁ ଫଲୋ କରୁଛନ୍ତି ତେବେ ନିଜକୁ ଅଧିକ କନ୍‌ଫିଡେଣ୍ଟ ଅନୁଭବ କରିବେ। ଏଥିପାଇଁ କେତୋଟି ଟିପ୍ସ ଆପଣେଇ ପାରନ୍ତି...**



**ନ୍ୟୁଟ୍ରଲ କଲର୍ସ**
ପାୱାର ଡ୍ରେସିଂ କରିବା ସମୟରେ ବ୍ରାଇଟ୍ କଲର ବଦଳରେ ଗ୍ରେ, ବ୍ରାଉନ୍, ବ୍ଲାକ୍ ମେରୁନ୍ ଏବଂ ରୟାଲ ବ୍ଲୁ ଭଳି ଫ୍ୟୁଜନ୍ କଲରର ଡ୍ରେସ୍ ସିଲେକ୍ଟ କରନ୍ତୁ। ସଲିଡ୍ କଲର ଆପଣଙ୍କ ବ୍ୟକ୍ତିତ୍ୱରେ ଗମ୍ଭୀରତା ଏବଂ ସ୍ଥାୟିତ୍ୱ ଦେଇଥାଏ। ଅନ୍ୟ ପକ୍ଷରେ ହ୍ୱାଇଟ୍, ପିଙ୍କ ଭଳି କଲର ଆପଣଙ୍କୁ ବାଲାନ୍ସ ଲୁକ୍ ଦେବ।

**ପ୍ଲେନ୍ ଡ୍ରେସ୍‌ଅପ୍**
ପାୱାର ଡ୍ରେସିଂରେ ପ୍ରିଣ୍ଟ ଅପେକ୍ଷା ପ୍ଲେନ୍‌କୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଯଦି ଆପଣଙ୍କୁ ପ୍ଲେନ୍ ଡ୍ରେସ୍ ପସନ୍ଦ ନୁହେଁ ତେବେ ପ୍ୟାଣ୍ଟ ସହ ବ୍ଲେଜରରେ ଭର୍ଟିକାଲ୍ ଲାଇନ, ଚେକ୍ ପ୍ରିଣ୍ଟ ଆପଣଙ୍କୁ ଅଧିକ ଫ୍ୟାଶନେବଲ ଦେଖାଯିବେ।

**ସଲିଡ୍ ଫାବ୍ରିକ୍**
ପାୱାର ଡ୍ରେସିଂରେ ଥିନ୍ ଏବଂ ଟ୍ରାନ୍ସପରେଣ୍ଟ ଫାବ୍ରିକ୍ ବିଲ୍‌କୁଲ୍ ବି କ୍ୟାରି କରନ୍ତୁ ନାହିଁ। ଏହା ଅପେକ୍ଷା ଖଦି, କଟନ୍, ସିଲ୍‌କ ଏବଂ ଲିନେନ୍ ଭଳି ଫାବ୍ରିକ୍‌ରେ ପ୍ରସ୍ତୁତ ଡ୍ରେସ୍ ଆପଣଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବ।

**ମିନିମଲ ମେକ୍‌ଅପ୍ ଆସେସରିଜ୍**
ଯଦି ଆପଣ ୱାର୍କ ପ୍ଲେସ୍‌ରେ ଡ୍ରେସ୍ ଚୟନ କରୁଛନ୍ତି ଏଥିପାଇଁ ବହୁ ମେକ୍‌ଅପ୍ ଆସେସରିଜ୍ ବଦଳରେ କମ୍ ମେକ୍‌ଅପ୍ ଆସେସରିଜ୍‌ର ଚୟନ କରନ୍ତୁ। ବଡ଼ ଏବଂ ଲଙ୍ଗ୍ ଇୟର ରିଂ ବଦଳରେ ଛୋଟ ଷ୍ଟଡ୍ ଏବଂ ହାତରେ କ୍ଲାସିକ୍ ଡାୟଲ ଥିବ ରିଷ୍ଟ ୱାଚ୍ କ୍ୟାରି କରିପାରିବେ।

**ଫିଟିଂ ହେବ ଠିକ୍**
ୱାର୍କପ୍ଲେସ୍‌ରେ ଲୁଜ୍, ବିନା ପ୍ରେସ୍ ମୋଡ଼ାମୋଡ଼ି ହୋଇଥିବା ଡ୍ରେସ୍ ବଦଳରେ ଭଲ ଭାବେ ଆଇରନ୍ ହୋଇଥିବା ଫିଟିଂ ଡ୍ରେସ୍ ପିନ୍ଧନ୍ତୁ ଫଳରେ ଆପଣଙ୍କ ପର୍ସନାଲିଟି ଆଟ୍ରାକ୍ଟିଭ୍ ଏବଂ ସ୍ମାର୍ଟ ଦେଖାଯିବେ।

**ଫୁଟ୍‌ୱେର ହେବ ଠିକ୍**
ଆପଣଙ୍କ ୱାର୍କପ୍ଲେସ୍‌ରେ ଆପଣଙ୍କ ଡ୍ରେସ୍ ସହ ଫୁଟ୍‌ୱେର ବି ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ଡ୍ରେସ୍‌କୁ ମାନିଲା ଭଳି ଫୁଟ୍‌ୱେର ଚୟନ କରିବା ଭଲ ।

## ଘରର ଛାତ ଉପରେ ରଖନ୍ତୁନି ଏପରି ଜିନିଷ

**ବାସ୍ତୁଶାସ୍ତ୍ର ଅନୁଯାୟୀ ଘରର ଛାତ ଉପରେ କିଛି ଜିନିଷ ରଖିବା ବର୍ଜିତ। କାହିଁକି ନା ଏହାଦ୍ୱାରା ବାସ୍ତୁଦୋଷ ଲାଗିଥାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ ଅନାବଶ୍ୟକ ସାମଗ୍ରୀ ରଖିବା ଦ୍ୱାରା ଘରେ ନକାରାତ୍ମକ ପ୍ରଭାବ ବଢ଼ିଥାଏ। ଏହାଦ୍ୱାରା ଘରର ଅନ୍ୟ ସଦସ୍ୟଙ୍କ ପ୍ରଭାବ ପଡ଼ିଥାଏ। ଏଥିପାଇଁ ଘରର ଛାତ ଉପରକୁ ସବୁବେଳେ ସଫାସୁତୁରା ରଖିବା ଆବଶ୍ୟକ...**



**ଭାଙ୍ଗିଯାଇଥିବା ବାସନ**
ଘରର ଛାତ ଉପରେ ଭଙ୍ଗା ବାସନ ରଖିବା ଦ୍ୱାରା ଅଶୁଭ ମନାଯାଏ। ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତିର ପ୍ରବେଶ ଘଟେ। ଫଳରେ ଘରେ ରହୁଥିବା ସଦସ୍ୟଙ୍କଠାରେ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ।

**ପୁରୁଣା ଜୋତା**
ଘରର ଛାତ ଉପରେ ପୁରୁଣା ଜୋତା ରଖିବା ଦ୍ୱାରା ଅଶୁଭ ହୋଇଥାଏ। ପୁରୁଣା ଜୋତା ରଖିବା ଦ୍ୱାରା ଘରର ସଦସ୍ୟଙ୍କ ପ୍ରଗତି ଏବଂ ସଫଳତାରେ ବାଧା ଦେଖିବାକୁ ମିଳିଥାଏ।

**କବାଟ**
ଘରର ଛାତ ଉପରେ ଭଙ୍ଗା କବାଟ ରଖିବା ବି ବାସ୍ତୁଦୋଷର କାରଣ ହୋଇଥାଏ। ଏହାଦ୍ୱାରା ଘରେ ସ୍ୱାସ୍ଥ୍ୟ ସମସ୍ୟା ସମୃଦ୍ଧିରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

**କଣ୍ଟାଗଛ**
ଛାତ ଉପରେ କଣ୍ଟା ଜାତୀୟ ଗଛ ରଖିବା ଅଶୁଭ। ଏହାକୁ ରଖିବା ଦ୍ୱାରା ଘର ସଦସ୍ୟଙ୍କ ସମ୍ପର୍କରେ ତିକ୍ତତା ଦେଖିବାକୁ ମିଳିଥାଏ।

ସୌନ୍ଦର୍ଯ୍ୟ

## ମେକ୍‌ଅପ୍ ରିମୁଭ୍ ପାଇଁ

ମେକ୍‌ଅପ୍ ଦୂରକରିବା ପାଇଁ ମୁହଁ ଲାଗି କ୍ଷତିକାରକ ମେକ୍‌ଅପ୍ ରିମୁଭର ହୋଇପାରେ। ଯଦି ଆପଣ ମେକ୍‌ଅପ୍‌କୁ ଠିକ୍ ଭାବେ ଦୂର କରା ନ ଯାଏ ତେବେ ଏହା ଆପଣଙ୍କ ତ୍ୱଚା ଲାଗି କ୍ଷତିକାରକ ହୋଇପାରେ। ଆପଣ ଯଦି ହାର୍ଡ ମେକ୍‌ଅପ୍ ରିମୁଭରର ବ୍ୟବହାର କରୁଥାନ୍ତି, ତେବେ ଏହା ତ୍ୱଚାକୁ ଶୁଷ୍କ ଏବଂ ଡ୍ରାଏ କରିଦେଇପାରେ। ଏହା ବ୍ୟତୀତ ତ୍ୱଚାକୁ ଆପଣ ମେକ୍‌ଅପ୍ ହଟାଇବା ଲାଗି ବହୁତ ରଗଡ଼ିଥାନ୍ତି, ତେବେ ଏହା ତ୍ୱଚାକୁ କ୍ଷତି କରିପାରେ। ଏହାଦ୍ୱାରା ମୁହଁ ଜଳାପୋଡ଼ା ହୋଇଥାଏ ଏବଂ ଲାଲ ଦେଖାଯାଏ। ଏଥିପାଇଁ ସବୁବେଳେ ମୁହଁକୁ ସୁଟ୍ କଲାଭଳି ଉତ୍ପାଦ ବ୍ୟବହାର କରନ୍ତୁ ।




**ମେକ୍‌ଅପ୍ ରିମୁଭର ଚୟନ କରନ୍ତୁ**
ସୁରକ୍ଷିତ ଉପାୟରେ ମେକ୍‌ଅପ୍ ଦୂରକରିବାକୁ ହେଲେ ପ୍ରଥମେ ଭଲ ମେକ୍‌ଅପ୍ ରିମୁଭର ଚୟନ କରନ୍ତୁ। ମେକ୍‌ଅପ୍ ରିମୁଭର ଆପଣଙ୍କ ତ୍ୱଚା ପ୍ରକାର ଅନୁସାରେ ହେବା ଆବଶ୍ୟକ। ଯଦି ଆପଣଙ୍କ ତ୍ୱଚା ଶୁଷ୍କ, ତେବେ ଏକ ମଶ୍ଚରାଇଜର ମେକ୍‌ଅପ୍ ରିମୁଭର ଚୟନ କରନ୍ତୁ। ଯଦି ଆପଣଙ୍କ ତ୍ୱଚା ତେଲିଆ ତେବେ ଏକ ଅଏଲ ଫ୍ରି ରିମୁଭର ଚୟନ କରନ୍ତୁ। ମେକ୍‌ଅପ୍ ରିମୁଭର ସାମଗ୍ରୀରେ ଥିବା ସାମଗ୍ରୀ କ'ଣ ସବୁ ଇନ୍‌ଗ୍ରେଡିଏଣ୍ଟ ରହିଛି ତାହା ସୁନିଶ୍ଚିତ କରନ୍ତୁ ଏହା ତ୍ୱଚା ଲାଗି କେତେଦୂର ସୁରକ୍ଷିତ ତାହା ବ୍ୟବହାର କରିବା ପୂର୍ବରୁ ଦେଖିବା ନିହାତି ଆବଶ୍ୟକ।

**କିପରି ଲଗାଇବେମେକ୍‌ଅପ୍ ରିମୁଭର**
ମେକ୍‌ଅପ୍ ରିମୁଭର ମୁହଁରେ ଲଗାଇବା ପୂର୍ବରୁ ନିଜ ହାତକୁ ଭଲଭାବେ ଧୋଇଦିଅନ୍ତୁ। ମେକ୍‌ଅପ୍ ରିମୁଭରକୁ ଏକ କଟନ୍ ପ୍ୟାଡ୍‌ରେ ଲଗାଇ ତାକୁ ମୁହଁରେ ଲଗାନ୍ତୁ।

**ମେକ୍‌ଅପ୍‌କୁ ଧୀରେ ଧୀରେ ହଟାନ୍ତୁ**
ମେକ୍‌ଅପ୍ ଧୀରେ ଧୀରେ ହଟାନ୍ତୁ। ଫଳରେ ତ୍ୱଚାକୁ ଯେପରି କ୍ଷତିସାଧନ ନ ହେବ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ।

ମେକ୍‌ଅପ୍‌କୁ ହଟାଇବା ପରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ମୁହଁରେ ଯଦି କୌଣସି ମେକ୍‌ଅପ୍ ରହିଯାଉଛି ତ୍ୱଚାକୁ ଧୋଇବା ଲାଗି ନଖ ଉଷୁମ ପାଣି ବ୍ୟବହାର କରନ୍ତୁ।

**ମଶ୍ଚରାଇଜର ଲଗାନ୍ତୁ**
ମେକ୍‌ଅପ୍ ଦୂରକରିବାକୁ ହେଲେ ମଶ୍ଚରାଇଜର ଲଗାନ୍ତୁ। ମଶ୍ଚରାଇଜର ତ୍ୱଚାକୁ ଶୁଷ୍କ ହେବାରୁ ରକ୍ଷା କରିଥାଏ। ଏହାକୁ ଲଗାଇବା ଦ୍ୱାରା ତ୍ୱଚା ଏତେଟା ଡ୍ରାଏ ହୋଇ ନ ଥାଏ।



ଖାଦ୍ୟରୁଚି

## ଟମାଟୋ ଚିପ୍ସ



**ଆବଶ୍ୟକ ସାମଗ୍ରୀ :** ଟମାଟୋ ୩ଟି, ସୁଜି ୨୦୦ଗ୍ରାମ୍, ଅଟା ୨୦୦ ଗ୍ରାମ୍, ଧନିଆ ପାଉଡର ୧ ଚାମଚ, ଚାଟ୍ ମସଲା, ହଳଦୀଗୁଣ୍ଡ ୧ ଚାମଚ, ଲୁଣ, ଶୁଖିଲା ଲଙ୍କାଗୁଣ୍ଡ ଛୋଟ ଚାମଚ, ରିଫାଇନ୍ ତେଲ ୫୦୦ ମିଲି।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଟମାଟୋକୁ କାଟି ତାକୁ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହାପରେ ଏକ ପାତ୍ରରେ ତାକୁ କାଢ଼ି ଦିଅନ୍ତୁ। ଏବେ ଏଥିରେ ସୁଜି, ଅଟା, ହଳଦୀଗୁଣ୍ଡ, ଧନିଆ ପାଉଡର, ଚାଟ୍ ମସଲା, ଲୁଣ ପକାଇ ତାକୁ ଭଲ ଭାବେ ଚକଟି ଦିଅନ୍ତୁ। ଏବେ ଏଥିରୁ ଅଳ୍ପ ନେଇ ଏହାକୁ ପତଳା ଆକାରରେ ବେଲି ନିଅନ୍ତୁ। ବେଲି ସାରିବା ପରେ ଏହାକୁ ଫର୍କ ସାହାଯ୍ୟରେ କଣା କରନ୍ତୁ। ଏବେ ଛୁରି ସାହାଯ୍ୟରେ ସରୁ ସରୁ କାଟି ଉପରକୁ ରଖି ତାକୁ ଟ୍ରାଙ୍ଗେଲ ସେପ୍‌ରେ କାଟନ୍ତୁ। କଡ଼େଇ ତେଲ ଗରମକରି ଏବେ ଏହାକୁ ଛାଣନ୍ତୁ। ଛାଣିବା ପରେ ଏଥିରେ ଚାଟ୍ ମସଲା ପକାଇ ପିଲାଙ୍କୁ ଖାଇବାକୁ ଦିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୦/୨୦୨୬ Bhubaneswar, Tuesday, February 10/ 2026




# ଆଜିଠୁ ରାଉରକେଲାରେ ଏଫ୍ଆଇଏଚ୍ ପ୍ରୋଲିଗ୍



ବିର୍ସା ମୁଣ୍ଡା ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୩ ଦଳର କୋଚ୍ ଓ ଅଧିନାୟକ।

ରାଉରକେଲା,୯।୨(ଦିନେଶ ମିଶ୍ର)

ଏଫ୍ଆଇଏଚ୍ ପ୍ରୋ ଲିଗ୍ ମଙ୍ଗଳବାରଠାରୁ ଛେଣ୍ଡସ୍ଥିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବ। ଏଥିରେ ଘରୋଇ ଭାରତ ସମେତ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା ହେବ। ଏହା ପୂର୍ବରୁ ଷ୍ଟାଡିୟମର ସମ୍ମିଳନୀ କକ୍ଷରେ ୩ ଦଳର ଅଧିନାୟକ ଓ କୋଚ୍‌ଙ୍କୁ ନେଇ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ହକି ପ୍ରୋଲିଗ୍‌ରେ ଭାରତୀୟ ଦଳ ଯୁବ ଓ ଅନୁଭବୀ ଖେଳାଳିଙ୍କୁ ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଅଧିନାୟକ ହରମନପ୍ରୀତ ସିଂ ଏହି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। "ପ୍ରୋଲିଗ୍ ଯୁବ ଖେଳାଳିଙ୍କ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ । ଏଥିରେ ସବୁ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିବାନେଇ ଆଶା ରହିଛି" ବୋଲି ହରମନପ୍ରୀତ କହିଛନ୍ତି। ପୂର୍ବରୁ ଭାରତ ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ହକି ଖେଳି ସାରିଥିବାବେଳେ ଏଠାରେ ଦର୍ଶକମାନଙ୍କ ଭରପୂର ସମର୍ଥନ ରହିବ। ଭାରତୀୟ ଦଳ ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ଏକାଧିକ ସମୟ ଅଭ୍ୟାସ କରିସାରିଥିବା ବେଳେ ଫରୱାର୍ଡ ଖେଳାଳି ଓ ଦଳକୁ ମିଳୁଥିବା ପେନାଲ୍ଟି କର୍ନରର ସଦୁପଯୋଗ କଲେ ଆମ ଦଳ ନିଶ୍ଚିତ ବିଜୟୀ ହେବ ବୋଲି ହରମନପ୍ରୀତ ସିଂ ଆଶା ପ୍ରକାଶ କରିଛନ୍ତି। ସେହିଭଳି ବେଲଜିୟମ ଅଧିନାୟକ ଅର୍ଥର ଭାନ୍

## ଯୁବ ଖେଳାଳିଙ୍କ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ: ହରମନପ୍ରୀତ

ଡୋରେନ ପ୍ରୋଲିଗ୍‌ର ପ୍ରତ୍ୟେକ ମ୍ୟାଚ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ରାଉରକେଲାର ହକି ପ୍ରୋଲିଗ୍ ପାଇଁ ବେଲଜିୟମ୍ ଦଳ ପ୍ରଥମେ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ପହଞ୍ଚି ଏହାର ପାଣିପାଗ ଓ ଆଷ୍ଟ୍ରୋଟ୍ରଫ୍‌କୁ ଯାଞ୍ଚ କରିଥିଲା। ପରେ ସମସ୍ତ ଖେଳାଳି ଏହି ଆଷ୍ଟ୍ରୋଟ୍ରଫ୍‌ରେ ଅଭ୍ୟାସ କରିଥିଲା । ଆମ ଦଳରେ ଫରୱାର୍ଡ ଓ ଡିଫେଣ୍ଡର ଖେଳାଳିମାନେ ଭଲ ଫର୍ମରେ ଥିବାରୁ ପ୍ରୋଲିଗ୍‌ରେ କଡା ଟକ୍କର ହେବ ବୋଲି ଅଧିନାୟକ କହିଛନ୍ତି। ଭାରତୀୟ ଦଳକୁ ଏଠାରେ ଭରପୂର ସମର୍ଥନ ମିଳିବା ସତ୍ତ୍ୱେ ମଧ୍ୟ ଆମ ଦଳ ଏଫ୍ଆଇଏଚ୍ ର୍ୟାଙ୍କିଙ୍ଗ୍‌ରେ ୩ ନମ୍ବର ସ୍ଥାନରେ ଥିବାରୁ କଡ଼ା ଟକ୍କର ଦେବ ବୋଲି ଡୋରେନ କହିଛନ୍ତି। ସେହିଭଳି ଆର୍ଜେଣ୍ଟିନାର ଅଧିନାୟକ ମାଟିଆସ ରେ' ଏହି ପ୍ରୋଲିଗ୍ ତାଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ ବୋଲି କହିଥିଲେ। ଏହି ପ୍ରୋଲିଗ୍‌ରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ଦଳ ଶକ୍ତିଶାଳୀ। ହକିରଗଡ ସୁନ୍ଦରଗଡ ଜିଲାରେ ବହୁ ହକିପ୍ରେମୀ ଥିବାବେଳେ ଆମକୁ ଏଠାରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବାକୁ ଭଲ ଲାଗିବ। ଏଥିସହ ରାଉରକେଲାର ବର୍ତ୍ତମାନ ପାଣିପାଗ ହକି ପାଇଁ ବେଶ୍ ଉପଯୋଗୀ । ଆଗକୁ ହକି ବିଶ୍ୱକପ୍ ଆସୁଥିବାରୁ ଏହି ପ୍ରୋଲିଗ୍ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ଏକ ଶିକ୍ଷଣୀୟ ହେବ ବୋଲି ଆର୍ଜେଣ୍ଟିନା ଅଧିନାୟକ କହିଛନ୍ତି। ଏଠାରେ ପ୍ରୋଲିଗ୍‌ର ପ୍ରଥମ ମ୍ୟାଚ ଆର୍ଜେଣ୍ଟିନା ଦଳ ସହିତ ବେଲଜିୟମ୍ ମଧ୍ୟରେ ସନ୍ଧ୍ୟା ୭ଟାରେ ଆରମ୍ଭ ହେଉଥିବାବେଳେ ବୁଧବାର ଭାରତୀୟ ଦଳ ବେଲଜିୟମ୍ ଦଳକୁ ଭେଟିବ। ଖବରଦାତା ସମ୍ମିଳନୀରେ ଭାରତ କୋଚ୍ କ୍ରେଗ୍ ଫୁଲ୍‌ଟନ୍, ବେଲଜିୟମ୍ କୋଚ୍ ସେନ୍ ମ୍ୟାକ୍‌ଲେଡ୍ ଓ ଆର୍ଜେଣ୍ଟିନା କୋଚ୍ ଲୁକାସ୍‌ରେ ଉପସ୍ଥିତ ଥିଲେ।

# ଭାରତ-ପାକିସ୍ତାନ ମ୍ୟାଚ୍ ହେବ

## ଟି୨୦ ବିଶ୍ୱକପ୍

କରାଚୀ,୯।୨

ଆସନ୍ତା ୧୫ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ବହୁ ପ୍ରତିକ୍ଷିତ ମ୍ୟାଚ୍‌କୁ ନେଇ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ଭାରତ ବିପକ୍ଷ ମ୍ୟାଚ୍‌କୁ ବର୍ଜନ କରିବା ନିଷ୍ପତ୍ତିରୁ ପାକିସ୍ତାନ ସରକାର ସୋମବାର ଓହରି ଯାଇଛନ୍ତି। ସରକାରୀ ସ୍ତରରେ ଶ୍ରୀଲଙ୍କା ଓ ବାଂଲାଦେଶର ଅନୁରୋଧ କ୍ରମେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିବା କୁହାଯାଇଛି।

ପ୍ରଧାନମନ୍ତ୍ରୀ ଶରିଫଙ୍କୁ ଉଭୟ ଶ୍ରୀଲଙ୍କା ଓ ବାଂଲାଦେଶର ରାଷ୍ଟ୍ରମୁଖ୍ୟଙ୍କ ଫୋନ କଲ ଆସିଥିଲା। ସେମାନଙ୍କ ଅନୁରୋଧ କ୍ରମେ ଓ କ୍ରିକେଟ ସ୍ପିରିଟ୍‌କୁ ସୁରକ୍ଷିତ ରଖିବା ଲାଗି ଶରିଫ ମ୍ୟାଚ୍ ବର୍ଜନ ନିଷ୍ପତ୍ତିରୁ ଓହରିବାକୁ ରାଜି ହୋଇଛନ୍ତି। ଏଥିସହିତ ପାକିସ୍ତାନ ସରକାର ଜାତୀୟ କ୍ରିକେଟ ଦଳକୁ ୧୫ ତାରିଖରେ ଭାରତ ବିପକ୍ଷରେ ମ୍ୟାଚ୍ ଖେଳିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ବାଂଲାଦେଶକୁ ଦଣ୍ଡିତ କରାଯିବନି

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି), ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଓ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମଧ୍ୟରେ ଲାହୋରସ୍ଥିତ ଗଦ୍ଦାଫି ଷ୍ଟାଡିୟମରେ ମୁକ୍ତ, ଗଠନମୂଳକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହି ବୈଠକରେ ଚଳିତ ଟି୨୦ ବିଶ୍ୱକପ୍‌ରେ ନ ଖେଳିବା ପାଇଁ ବିସିବି ବିରୋଧରେ ଆର୍ଥିକ, କ୍ରୀଡ଼ା କିମ୍ବା ପ୍ରଶାସନିକ ଭାବେ କୌଣସି ଜରିମାନା କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

ତ୍ରିପାକ୍ଷିକ ବୈଠକରେ ହୋଇଥିବା ଚୁକ୍ତିରେ ବାଂଲାଦେଶକୁ ୨୦୩୧ ଦିନିକିଆ ବିଶ୍ୱକପ୍ ପୂର୍ବରୁ ଏକ ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଏହା ଆଇସିସି ହୋଷ୍ଟିଂ ପ୍ରକ୍ରିୟା ଓ ସମୟସୀମା ଉପରେ ନିର୍ଭର କରେ।

ଆଇସିସି ସିଇଓ ସଂଯୋଗ ଗୁପ୍ତା କହିଛନ୍ତି, ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅନୁପସ୍ଥିତି ଦୁଃଖଦାୟକ। କିନ୍ତୁ ଏହା ଏକ ମୁଖ୍ୟ କ୍ରିକେଟିଂ ଦେଶ ଭାବେ ବାଂଲାଦେଶ ପ୍ରତି ଆଇସିସିର ପ୍ରତିବଦ୍ଧତାକୁ ବଦଳାଇ ପାରିବ ନାହିଁ। ବାଂଲାଦେଶରେ କ୍ରିକେଟର ବିକାଶ ନିଶ୍ଚିତ କରିବା ପାଇଁ ବିସିବି ସମେତ ସମସ୍ତ ଅଂଶୀଦାରଙ୍କ ସହ କାର୍ଯ୍ୟ କରିବାକୁ ଆମେ ପ୍ରାଥମିକତା ଦେବୁ। ସେମାନଙ୍କ ଖେଳାଳି ଓ ଫ୍ୟାନ୍ସଙ୍କୁ ସଶକ୍ତ କରିବା ପାଇଁ ଭବିଷ୍ୟତରେ ସୁଯୋଗ ଦିଆଯିବ।




| Date | Team 1 | Vs | Team 2 | IST |
|---|---|---|---|---|
| 10.2.2026 | Belgium | Vs | Argentina | 19:30 |
| 11.2.2026 | India | Vs | Belgium | 19:30 |
| 12.2.2026 | India | Vs | Argentina | 19:30 |
| 13.2.2026 | Argentina | Vs | Belgium | 19:30 |
| 14.2.2026 | India | Vs | Belgium | 19:30 |
| 15.2.2026 | India | Vs | Argentina | 19:30 |


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ